RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 44 ◆ISSUE-06 ◆TUESDAY ◆30 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୦୬ ◆ମଙ୍ଗଳବାର ◆୩୦ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ହାତୀ ବେଶରେ ଶ୍ରୀଜୀଉ



# ଅଣସର ପିଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି: ଆଜିଠୁ ଗୁପ୍ତ ସେବା

■ ପୁରୀ,୨୯।୬(ସମିସ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡୁ ଜଳରେ ସ୍ନାନ କରିଛନ୍ତି ଚତୁର୍ଦ୍ଧାବିଗ୍ରହ। ସ୍ନାନବେଦୀରେ ପ୍ରତ୍ୟକ୍ଷ ସ୍ନାନ କରିବା ପରେ ଜ୍ୱରରେ ପଡ଼ି ଅଣସର ଘରକୁ ବିଜେ କରିଛନ୍ତି ମହାପ୍ରଭୁ। ମଙ୍ଗଳବାରଠାରୁ ଆରମ୍ଭ ହେବ ମହାପ୍ରଭୁଙ୍କ ଅଣସର ବିଧି। ଉପଶମ ପାଇଁ ଆରମ୍ଭ ହେବ ଉପଚାର। ଶ୍ରୀଅଙ୍ଗ ଲାଗି ସେବକ ଦଇତାପତିମାନେ ଆରମ୍ଭ କରିବେ ଗୁପ୍ତସେବା। ଏହି ସମୟରେ ରତ୍ନସିଂହାସନରେ ଦାରୁବିଗ୍ରହଙ୍କ ଦର୍ଶନ ମିଳିବନି। ଅଣସର ତାଟିରେ ରହି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ପଟିଦିଅଁ। ସୋମବାର ସ୍ନାନବେଦୀରେ ସ୍ନାନ ଏବଂ ବେଶ ନୀତି ସମ୍ପନ୍ନ ପରେ ବିଳମ୍ବିତ ରାତିରେ ଅଣସର ପିଣ୍ଡିକୁ ବାହୁଡ଼ା ବିଜେ କରିଛନ୍ତି ଠାକୁର। ଏହାପରେ କୋଠସୁଆଁସିଆମାନେ ଭିତରକୁ ଯାଇ ଭିତରକାଠ ନିକଟରେ ତାଟି ବାନ୍ଧି ପଟିଦିଅଁଙ୍କୁ ରୁନ୍ଧା ଯିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ଅନନ୍ତ ନାରାୟଣ ରୂପରେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ରୂପେ ଏବଂ ଶ୍ରୀବଳଭଦ୍ର ଅନନ୍ତ ବାସୁଦେବ ଭାବେ ମହାଅଣସର ପଟିରେ ସ୍ଥାନିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ଅନନ୍ତ ନାରାୟଣ, ଅନନ୍ତ ବାସୁଦେବ, ଭୁବନେଶ୍ୱରୀ, ଦୋଳଗୋବିନ୍ଦ, ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମ, କୃଷ୍ଣ ଓ ନୃସିଂହ ଅଣସର ତାଟି ସମ୍ମୁଖରେ ରହି ପୂଜା ପାଇବେ।

ସୋମବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ରତ୍ନବେଦୀରୁ ଓହ୍ଲାଇ ଆସି ସ୍ନାନମଣ୍ଡପରେ ୧୦୮ ଗଡୁ ଅଭିମନ୍ତ୍ରିତ ଜଳରେ ପ୍ରତ୍ୟକ୍ଷ ସ୍ନାନ ପରେ ▶ପୃଷ୍ଠା-୭

## ନିଅଣ୍ଟିଆ ବର୍ଷା; ଶୁଖିଗଲାଣି ଦେଶର ପ୍ରମୁଖ ଜଳଭଣ୍ଡାର

# ଓଡ଼ିଶା ଭଣ୍ଡାରରେ ୧୫% ପାଣି

■ ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଏଥର ଏଲ୍-ନିନୋ ଯୋଗୁଁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ହୋଇପଡ଼ିଛି। କିଛି ଅଞ୍ଚଳକୁ ଛାଡ଼ିଦେଲେ ଦେଶର ପ୍ରାୟ ଅଧିକାଂଶ ସ୍ଥାନରୁ ବର୍ଷା ଗାଏବ ହୋଇଯାଇଛି। ଜୁନ ମାସରେ ଯେତେ ବର୍ଷା ହେବା କଥା, ତାହାର ମାତ୍ର ୪୨ ପ୍ରତିଶତ ହୋଇଛି। ୧୪୬ ବର୍ଷ ଇତିହାସରେ ଏଥର ଜୁନ୍ ମାସ ହେଉଛି ସବୁଠାରୁ ନୈରାଶ୍ୟଜନକ। ବର୍ଷା ନାହିଁ। ଚାଷୀ ଆକାଶକୁ ଚାହିଁ ବସିଛନ୍ତି। ଜଳସେଚନ ତ ଦୂରର କଥା ପିଇବା ପାଣି ପାଇଁ ମଧ୍ୟ ସଙ୍କଟ ଦେଖାଦେଲାଣି। ନିଅଣ୍ଟିଆ ବର୍ଷା ଯୋଗୁଁ ଦେଶର ବଡ଼ ବଡ଼ ଜଳ ଭଣ୍ଡାର ଶୁଖିଗଲାଣି। ପରିସ୍ଥିତି ଏମିତି ହୋଇଛି ଯେ ଓଡ଼ିଶା ସମେତ ଦେଶର ୧୬୬ ବଡ଼ ବଡ଼ ଜଳଭଣ୍ଡାର ମଧ୍ୟରୁ ୯୦ ପ୍ରତିଶତ ଜଳଭଣ୍ଡାରରେ ଜଳଧାରଣ କ୍ଷମତା ଠାରୁ ମାତ୍ର ୨୬ ପ୍ରତିଶତ ଜଳ ରହିଛି। ଉତ୍ତର ପ୍ରଦେଶ ଏବଂ ଉତ୍ତରଖାଣ୍ଡର ଦୁଇଟି ଜଳ ଭଣ୍ଡାରରେ ଆଦୌ ପାଣି ନାହିଁ। କେନ୍ଦ୍ରୀୟ ଜଳ କମିସନ ସୂତ୍ରରୁ ପ୍ରକାଶ ଯେ ଏହି ବଡ଼ ବଡ଼ ୧୬୬ଟି ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୧୮୩.୩୬ ବିସିଏମ୍ (ବିଲିଅନ୍ କ୍ୟୁବିକ୍ ମିଟର) ଥିବା ବେଳେ ଏଥିରେ ମାତ୍ର ୪୮.୪୦ ବିସିଏମ୍ ଜଳ ଗଚ୍ଛିତ ରହିଛି। ଗତ ବର୍ଷ ଏହି ୧୬୬ଟି ▶ପୃଷ୍ଠା-୭

୯୦ ଭାଗ ଜଳଭଣ୍ଡାରରେ ମାତ୍ର ୨୬% ପାଣି

୧୪୬ ବର୍ଷରେ ସବୁଠାରୁ ଖରାପ ସ୍ଥିତି



### ମୌସୁମୀର ବଦମିଜାଜ୍

**୫ ରାଜ୍ୟରେ ପ୍ରବଳ ବର୍ଷା ଆଶଙ୍କା, ୭ ରାଜ୍ୟକୁ ଗ୍ରୀଷ୍ମ ଲହରୀ ଚେତାବନୀ**

■ ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): ଚଳିତ ବର୍ଷ ମୌସୁମୀ ବାୟୁ ଗତ ଜୁନ୍ ୨୪ ତାରିଖ ସୁଦ୍ଧା ଦେଶର ୨୨ଟି ରାଜ୍ୟକୁ ଛୁଇଁ ସାରିଥିବା ବେଳେ ଗତ ୫ ଦିନ ହେବ ଏହାର ଗତି ମନ୍ଥର ହୋଇଯାଇଛି। ଏହି କାରଣରୁ ମଧ୍ୟପ୍ରଦେଶ, ଗୁଜରାଟ ଏବଂ ଉତ୍ତର ପ୍ରଦେଶର ଅନେକ ଅଞ୍ଚଳରେ ମୌସୁମୀ ଆଗକୁ ବଢ଼ିପାରି ନାହିଁ। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁସାରେ, ଆସନ୍ତା ଜୁଲାଇ ୫ ତାରିଖ ସୁଦ୍ଧା ମୌସୁମୀ ବାକି ଥିବା ▶ପୃଷ୍ଠା-୭

## ରାମ ମନ୍ଦିର ଚାନ୍ଦା ଚୋରି: ଓକିଲ ସଂଘର ଧମକ

# ଅଯୋଧ୍ୟା ଛାଡ଼ିବାକୁ ଚମ୍ପତଙ୍କୁ ଚେତାବନୀ


■ ଅଯୋଧ୍ୟା, ୨୯।୬(ଏଜେନ୍ସି): ରାମ ମନ୍ଦିର ଦାନ ଅର୍ଥ ଚୋରି ମାମଲାରେ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ସେମାନଙ୍କ ଛତ୍ରଛାୟାରେ ଅଭିଯୁକ୍ତମାନେ ମନ୍ଦିର ଟଙ୍କା ଓ ଅଳଙ୍କାର ଲୁଟି ଚାଲିଥିବା ବେଳେ ସେମାନଙ୍କ ପ୍ରତି ପ୍ରଶାସନର କୋହଳ ଆଭିମୁଖ୍ୟ ସାଧାରଣ ଜନତାଙ୍କୁ ବିସ୍ମିତ କରିଛି। ବିଶେଷ କରି ଟ୍ରଷ୍ଟ ସଂପାଦକ ଚଂପତ ରାୟଙ୍କ ଭୂମିକା ନେଇ ଏସ୍ଆଇଟି ସନ୍ଦେହ ପ୍ରକଟ କରିଥିବା କୁହାଯାଉଛି। ଚଂପତ ରାୟ ଓ ଅନ୍ୟ ଦୁଇ କର୍ମକର୍ତ୍ତା ନିଜ ପଦରୁ ଇସ୍ତଫା ଦେଇଛନ୍ତି। କିନ୍ତୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଆଇନଜୀବୀମାନେ ବିରକ୍ତି ପ୍ରକାଶ କରିଛନ୍ତି। ତୁରନ୍ତ ଅଯୋଧ୍ୟା ଛାଡ଼ିବା ଲାଗି ସେମାନେ ଚଂପତ ରାୟ, ଅନିଲ ମିଶ୍ର ଏବଂ ଗୋପାଳ ରାଓଙ୍କୁ ଚେତାବନୀ ଦେଇଛନ୍ତି। ଏଥିପାଇଁ ସେମାନଙ୍କୁ ତିନି ଦିନର ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ସେମାନେ ଯଦି ସହର ନ ଛାଡ଼ନ୍ତି, ତେବେ ସମ୍ପୂର୍ଣ୍ଣ ଅଯୋଧ୍ୟାକୁ ଅବରୋଧ କରାଯିବ ଏବଂ ସହର ଭିତରକୁ କାହାକୁ ବି ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ସଂଘ ଚେତାବନୀ ଦେଇଛି।

ଅଯୋଧ୍ୟାର ଫୈଜାବାଦ ବାର୍ ଆସୋସିଏସନ (ଓକିଲ ସଂଘ) ବୈଠକରେ ଆଜି ଏହି ଚେତାବନୀ ଦିଆଯାଇଛି। ଚୋରି ମାମଲାରେ ଗିରଫ ହୋଇଥିବା ୮ ଜଣ ଅଭିଯୁକ୍ତଙ୍କ ପାଇଁ କୋର୍ଟରେ କୌଣସି ଓକିଲ ମାମଲା ଲଢ଼ିବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହି ନିୟମ ଭାଙ୍ଗିଲେ ସମ୍ପୃକ୍ତ ଓକିଲଙ୍କୁ ୫ ଲକ୍ଷ ଟଙ୍କାର ଜରିମାନା ଦେବାକୁ ପଡ଼ିବ। ମନ୍ଦିରର ଦାନ ଅର୍ଥ ଗଣତି କାର୍ଯ୍ୟରେ ନିୟୋଜିତ ଥିବା ୮ ଜଣ କର୍ମଚାରୀଙ୍କୁ ଟଙ୍କା ଚୋରି ଅଭିଯୋଗରେ ଗିରଫ କରାଯାଇ ବିଚାର ବିଭାଗୀୟ ହେପାଜତକୁ ପଠାଯାଇଛି। ଓକିଲ ସଙ୍ଘର ସମ୍ପାଦକ ଶୈଳେନ୍ଦ୍ର ଜୈସୱାଲ କହିଛନ୍ତି ଯେ ଭକ୍ତମାନଙ୍କ ଦାନ ଅର୍ଥ ଚୋରି ହେବା ଦ୍ୱାରା ସମସ୍ତଙ୍କ ଆବେଗ ଆହତ ହୋଇଛି, ସେଥିପାଇଁ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି।

ଇତିମଧ୍ୟରେ ମନ୍ଦିର ଦାନ ବାକ୍ସରୁ ଅର୍ଥ ହେରଫେର୍ ମାମଲାରେ ଏକ ବଡ଼ ତଥା ଚାଞ୍ଚଲ୍ୟକର ଖୁଲାସା ▶ପୃଷ୍ଠା-୭

**ଅଭିଯୁକ୍ତଙ୍କ ପାଇଁ ମାମଲା ଲଢ଼ିବେନି ଆଇନଜୀବୀ**

**ଚୋରି କଥା ଜାଣି ଚୁପ୍ ଥିଲେ ଚମ୍ପତ**



## ପଢ଼ା ବହିରେ ଭୁଲ୍‌ଭଟକା

# ସରକାରରେ ଗଣିତ ଗୋଳମାଳ

## ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କଥାରେ ନାହିଁ ତାଳମେଳ

■ ଭୁବନେଶ୍ୱର, ୨୯।୬ (ସମିସ): ରାଜ୍ୟ ଶାସନରେ କିଏ ବଡ଼ ? ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ? ଏ କଥା ଏବେ ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରୁଛି। ସ୍କୁଲ ବହିରେ ମାଳମାଳ ଭୁଲ ବାହାରିବା ପରେ ଚଳେଇବା ନ୍ୟାୟରେ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାକୁ ଅତି ହାଲୁକା ଭାବରେ ନେଇଥିଲେ। ଶିକ୍ଷକମାନେ ସଂଶୋଧନ କରି ପଢ଼ାଇଦେବେ ବୋଲି କହିଥିଲେ। ମାତ୍ର ଅଭିଯୋଗ ପରେ ଆରମ୍ଭରୁ ମୁଖ୍ୟମନ୍ତ୍ରୀ ଏହାକୁ ଅତି ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ତ୍ରୁଟି ପାଇଁ ୪ ଜଣଙ୍କୁ ନିଲମ୍ବନ କରିବା ସହ ୬ ଜଣଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିଲେ। ଏବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପିଲାଙ୍କଠାରୁ ଫେରସ୍ତ ଅଣାଯାଇ ସେମାନଙ୍କୁ ନୂଆ ବହି ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଘୋଷଣାର ୪ ଦିନ ପରେ ଗଣଶିକ୍ଷାମନ୍ତ୍ରୀ ଶ୍ରୀ ଗଣ୍ଡ ପିଲାଙ୍କଠାରୁ ତ୍ରୁଟିପୂର୍ଣ୍ଣ ବହି ଫେରସ୍ତ ଅଣାଯିବ ନାହିଁ ବୋଲି କହିଛନ୍ତି। ଏହାପରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁସାରେ ପିଲାଙ୍କୁ ନୂଆ ବହି ମିଳିବ ନା ଗଣଶିକ୍ଷାମନ୍ତ୍ରୀଙ୍କ କଥା ଅନୁସାରେ ତ୍ରୁଟି ଥିବା ବହିରେ ପ୍ୟାଚ ପକାଇ ପିଲାମାନେ ପଢ଼ିବେ ତାହାକୁ ନେଇ ଅଭିଭାବକ ଦ୍ୱନ୍ଦ୍ୱରେ ଅଛନ୍ତି।

ଗତ ୨୫ ତାରିଖରେ ଏକ ଇଂରାଜୀ ଗଣମାଧ୍ୟମର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପାଠ୍ୟ ପୁସ୍ତକରେ ତ୍ରୁଟି ଏକ ଷଡ଼ଯନ୍ତ୍ର ବୋଲି କହିଥିଲେ। ଏହାର ଯାଞ୍ଚ କରି ଦୋଷୀଙ୍କୁ ଚିହ୍ନଟ କରାଯିବ ଓ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ଆବଶ୍ୟକସ୍ଥଳେ ସେମାନଙ୍କ ଠାରୁ ବହି ଛପା ବାବଦ ଅର୍ଥ ମଧ୍ୟ ଭରଣା କରାଯିବ। ପିଲାଙ୍କୁ ନିର୍ଭୁଲ ଶିକ୍ଷାଦାନ ପାଇଁ ତ୍ରୁଟି ଥିବା ପୁସ୍ତକକୁ ଫେରସ୍ତ କରାଯିବ ଏବଂ ନୂତନ ପୁସ୍ତକ ମୁଦ୍ରଣ କରି ପିଲାଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ମନ୍ତବ୍ୟ ▶ପୃଷ୍ଠା-୭

**ଫେରାଇ ଅଣାଯିବ ତ୍ରୁଟିପୂର୍ଣ୍ଣ ବହି, ପିଲାଙ୍କୁ ଦିଆଯିବ ନୂଆ: ମୁଖ୍ୟମନ୍ତ୍ରୀ**

**ଶିକ୍ଷକଙ୍କୁ ଯୋଗାଇ ଦିଆଯିବ ସଂଶୋଧିତ ପାଠ୍ୟପୁସ୍ତକ: ଶିକ୍ଷାମନ୍ତ୍ରୀ**

## ଚୌଦ୍ୱାର ଜେଲ୍‌ରେ ନିଶା ଦେଇ କଏଦୀଙ୍କୁ ଯୌନ ଶୋଷଣ!

■ କଟକ, ୨୯।୬ (ସମିସ): ଚୌଦ୍ୱାର ଜେଲ୍‌ରେ ପୁଣି ଏକ କେଲେଙ୍କାରୀ ପଦାକୁ ଆସିଛି। ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଜେଲ୍‌ରେ ଥିବା ଜଣେ କଏଦୀ ୧୮ ବର୍ଷ ବୟସ୍କ ଜଣେ ବିଚାରାଧୀନ ବନ୍ଦୀକୁ ନିଶା ଦେଇ ଅପ୍ରାକୃତିକ ଯୌନ ଶୋଷଣ କରିଥିବା ଅଭିଯୋଗ ହୋଇଛି। ଗତ ୨୧ ତାରିଖରେ ଅସଂଯତ ଅବସ୍ଥାରେ ଥିବା ଏହି ଦୁଇ କଏଦୀଙ୍କୁ ଜେଲ୍‌ର କିଛି କର୍ମଚାରୀ ଧରି କର୍ତ୍ତୃପକ୍ଷଙ୍କ ଜିମା ଦେଇଥିଲେ। ତେବେ ଘଟଣା ସମ୍ପର୍କରେ କୌଣସି ଏତଲା ହୋଇନାହିଁ। ଅନ୍ୟପକ୍ଷରେ, ଚୌଦ୍ୱାର ଥାନାଧିକାରୀ ଅଭିଯୋଗ ସମ୍ପର୍କରେ ଖବର ପାଇ ବନ୍ଦୀ ଓ ଜେଲ୍ କର୍ମଚାରୀଙ୍କୁ ପଚରାଉଚରା କରିଥିବା ଜଣାପଡ଼ିଛି। ଜେଲ୍ କର୍ତ୍ତୃପକ୍ଷ ମଧ୍ୟ ଘଟଣାର ଅନ୍ତରୀଣ ଓ ନିରପେକ୍ଷ ଯାଞ୍ଚ ଚାଲିଥିବା କହିଛନ୍ତି।

ତେବେ ଜେଲ୍ ଭିତରେ ଜଣେ ହତ୍ୟା ଆସାମୀ ପାଖକୁ ନିଶା ସାମଗ୍ରୀ କେମିତି ଗଲା ତାକୁ ନେଇ ପ୍ରଶ୍ନ ଉଠୁଛି। ଜିଲ୍ଲା ବ୍ୟବସ୍ଥା ପାଇଁ ସମୟ ବ୍ୟବଧାନରେ ଏହି ଜେଲ୍‌ର ବିଶୃଙ୍ଖଳା ଲୋକଲୋଚନକୁ ଆସିବା ଏକ ସାଧାରଣ ଘଟଣାରେ ପରିଣତ ହୋଇଛି।

## କେନ୍ଦ୍ର ମନ୍ତ୍ରିମଣ୍ଡଳ ପୁନର୍ଗଠନ

# ୯ ନାମକୁ ନେଇ ଚର୍ଚ୍ଚା

■ ନୂଆଦିଲ୍ଲୀ, ୨୯।୬ (ଏଜେନ୍ସି): କେନ୍ଦ୍ର ସରକାରର ସମ୍ଭାବ୍ୟ କ୍ୟାବିନେଟ୍ ପୁନର୍ଗଠନକୁ ନେଇ ଦିଲ୍ଲୀର ରାଜନୈତିକ ମହଲ ସରଗରମ ହୋଇଛି। ବର୍ତ୍ତମାନର କେତେକ ମନ୍ତ୍ରୀଙ୍କ ବିଭାଗରେ ପରିବର୍ତ୍ତନ ହେବା ସହ ଅନେକ ନୂଆ ମୁହଁକୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ। ଏ ସମ୍ପର୍କରେ ଯଦିଓ କୌଣସି ଆଧିକାରିକ ଘୋଷଣା କରାଯାଇ ନାହିଁ, ତଥାପି ବିଜେପି ଓ ପ୍ରଶାସନିକ ମହଲରେ କିଛି ନାମ ଚର୍ଚ୍ଚାର ପରିଧିରେ ରହିଛି।

ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଓ ବର୍ତ୍ତମାନ ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ (ଦ୍ୱିତୀୟ) ଶକ୍ତିକାନ୍ତ ଦାସଙ୍କ ନାମ ସବୁଠୁ ଚର୍ଚ୍ଚାରେ ରହିଛି। ୧୯୮୦ ବ୍ୟାଚ୍‌ର ତାମିଲନାଡୁ କ୍ୟାଡରର ଏହି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଦେଶର ଅର୍ଥନୀତି ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ ହୋଇଛନ୍ତି। ବିମୁଦ୍ରାୟନ, ଜିଏସ୍‌ଟି ଲାଗୁ ସହ ଆର୍‌ବିଆଇ ଗଭର୍ଣ୍ଣର ଭାବରେ ତାଙ୍କର ଭୂମିକାକୁ ନେଇ ସେ ଚର୍ଚ୍ଚିତ ରହିଛନ୍ତି। ତାଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇ ଅର୍ଥମନ୍ତ୍ରଣାଳୟ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗ ଦିଆଯାଇପାରେ ବୋଲି ଆଲୋଚନା ହେଉଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁରଙ୍କ ନାମ ମଧ୍ୟ ଚର୍ଚ୍ଚାରେ ରହିଛି। ଆସନ୍ତା ହିମାଚଳ ପ୍ରଦେଶ ବିଧାନସଭା ନିର୍ବାଚନକୁ ନଜରରେ ରଖି ତାଙ୍କୁ କ୍ୟାବିନେଟ୍‌ରେ ସାମିଲ କରାଯାଇପାରେ ବୋଲି କୁହାଯାଉଛି। ପୂର୍ବରୁ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିବା ଅନୁରାଗଙ୍କୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିପାରେ ବୋଲି ଆଲୋଚନା ଚାଲିଛି।

ସେହିପରି ମଧ୍ୟପ୍ରଦେଶର ଖଜୁରାହୋ ସାଂସଦ ଭି.ଡି. ଶର୍ମା ମଧ୍ୟ ସମ୍ଭାବ୍ୟ ମନ୍ତ୍ରୀ ଭାବରେ ଚର୍ଚ୍ଚାରେ ଅଛନ୍ତି। ଶ୍ରୀ ଶର୍ମା ମଧ୍ୟପ୍ରଦେଶ ବିଜେପି ସଭାପତି ଥିବାବେଳେ ୨୦୨୪ ଲୋକସଭା ନିର୍ବାଚନରେ ରାଜ୍ୟର ସମସ୍ତ ୨୯ଟି ଆସନ ବିଜେପି ଜିତିଥିଲା। ତାଙ୍କ ସାଂଗଠନିକ ଦକ୍ଷତାକୁ ଦୃଷ୍ଟିରେ ରଖି କେନ୍ଦ୍ରରେ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅବସ୍ଥାପିତ କରାଯାଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସରେ ବିଭାଜନର ନେତୃତ୍ୱ ନେଇଥିବା କାକୋଲି ଘୋଷ ଦସ୍ତିଦାର ଓ ▶ପୃଷ୍ଠା-୭

**ଅରୁଣ ଗୋଭିଲ, ତରୁଣ ଚୁଘ, କାକୋଲି ଘୋଷଙ୍କୁ ମିଳିବ ମନ୍ତ୍ରୀ ପଦ!**

**ପ୍ରହ୍ଲାଦ ଯୋଶୀ ଓ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ମିଳିପାରେ ଅଧିକ ଗୁରୁତ୍ୱ**

# ଲୁହାଛଡ଼ରେ ପିଟିପିଟି ଯୁବକଙ୍କୁ ମାରିଦେଲେ



**ମାଡ଼ରେ ବାପା କୋମାରେ, ଭଉଣୀ ଗୁରୁତର**

**ମୃତକଙ୍କ ବାନ୍ଧବୀଙ୍କୁ ପୁଲିସର ଜେରା**

**୨ ଅଭିଯୁକ୍ତଙ୍କୁ ଉଠାଇ ଆଣି ପଚରାଉଚରା**



■ ଭୁବନେଶ୍ୱର ୨୯।୬ (ସମିସ): କିଛି ଦିନର ବ୍ୟବଧାନ ପରେ ପୁଣି ରକ୍ତରଞ୍ଜିତ ହୋଇଛି ରାଜଧାନୀ। ମୁଖା ପିନ୍ଧା ଦୁର୍ବୃତ୍ତ ଘରେ ପଶି ଯୁବକଙ୍କୁ ପିଟିପିଟି ହତ୍ୟା କରିଛନ୍ତି। ଖାଲି ସେତିକି ନୁହେଁ; ପୁଅକୁ ବଞ୍ଚାଇବାକୁ ଆସି ବାପା ଓ ଭଉଣୀ ମଧ୍ୟ ଆକ୍ରମଣରୁ ବାଦ୍ ପଡ଼ିନାହାନ୍ତି। ବ୍ୟସ୍ତବହୁଳ କୋଳଥିଆ ଛକରେ ଏଭଳି ଘଟଣା ଘଟିଛି। ମୃତକ ହେଉଛନ୍ତି ଗଞ୍ଜାମ ଜିଲ୍ଲା ସୋରଡ଼ାର କୃଷ୍ଣଚନ୍ଦ୍ର ପାଢ଼ୀ (୨୦)। ଆକ୍ରମଣରେ କୃଷ୍ଣଙ୍କ ବାପା ହିମାଂଶୁ ପାଢ଼ୀ ଓ ଭଉଣୀ ତାପସୀ ପାଢ଼ୀ ଗୁରୁତର ହୋଇଛନ୍ତି। ଡିସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ ଚାଲିଥିବା ବେଳେ ଦୁଇ ଜଣଙ୍କୁ ଉଠାଇ ଆଣିଛି ପୁଲିସ। ▶ପୃଷ୍ଠା-୭

## ଥାନାରେ ଥାର୍ଡ ଡିଗ୍ରୀ

# ପୁଲିସ ମାଡ଼ରେ ଯୁବକ ମୃତ!

■ ଖୋର୍ଦ୍ଧା/ବାଣପୁର, ୨୯।୬ (ସମିସ): ପୁଣି ଖାକି ବିରୋଧରେ ଆସିଛି ଆଉ ଏକ ସାଂଘାତିକ ଅଭିଯୋଗ। ଥାନାରେ ପୁଲିସ ମାଡ଼ରେ ଭୀମପୁର ବାଘୁଆ ପଦର ସାହିର ତୋଫାନ ନାୟକ (୩୨) ଡ଼ାକ୍ତରଖାନାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପରିବାର ଲୋକମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୁଲିସ ଏହି ଅଭିଯୋଗକୁ ଖଣ୍ଡନ କରିଛି ଏବଂ ସୁସ୍ଥ ଅବସ୍ଥାରେ ପରିବାରର ଲୋକଙ୍କୁ ତୋଫାନକୁ ହସ୍ତାନ୍ତର କରାଯାଇଥିବା ଖୋର୍ଦ୍ଧା ଏସ୍‌ପି ଗଣମାଧ୍ୟମକୁ କହିଛନ୍ତି।

ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ଗତକାଲି ରାତିରେ ପୁଲିସ ତୋଫାନଙ୍କୁ ଥାନାକୁ ନେଇଥିଲା। ଖବର ପାଇ ସେମାନେ ଥାନାରେ ପହଞ୍ଚିଥିଲେ। ସେଠାରେ ତୋଫାନର ଅବସ୍ଥା ଅତି ଗୁରୁତର ହୋଇଥିଲା। ହେପାଜତରେ ତାକୁ ପୁଲିସ ନିର୍ଯାତନା ଦେବା ସହ ନିସ୍ଥୁକ ମାଡ଼ ମାରିଥିଲା। ତା ଦେହରେ ପୁଲିସ ମାଡ଼ ଦାଗ ବି ରହିଥିଲା। ତୋଫାନ ଅବସ୍ଥା ଗୁରତର ହୋଇଥିବାରୁ ପୁଲିସ ତାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମାତ୍ର ସକାଳୁ ତା ଦେହ ଅତି ଖରାପ ହୋଇ ଯାଇଥିଲା। ତାକୁ ଚିକିତ୍ସା ପାଇଁ ସେମାନେ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ, ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାର ମୃତ୍ୟୁ ଘଟିଥିଲା। ପୁଲିସ ଥାନାରେ ତୋଫାନକୁ ନିସ୍ଥୁକ ପିଟିବା ଦ୍ୱାରା ସେ ଗୁରୁତର ହୋଇ ମୃତ୍ୟୁବରଣ କରିଛନ୍ତି ଓ ଏହି ଘଟଣାରେ ପୁଲିସ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି। ଅନ୍ୟପକ୍ଷରେ ପରିବାର ଲୋକଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଏସ୍‌ପି ପରମାର ସ୍ମିଥ୍ ପର୍ଷୋତମ ଦାସ। ସେ କହିଛନ୍ତି ଯେ ଗତକାଲି ଅପରାହ୍ଣ ପ୍ରାୟ ୪ଟା ୪୩ରେ ପୁଲିସକୁ ସ୍ଥାନୀୟ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଷଦେବ ପ୍ରଧାନ ଫୋନ୍ କରି ଚୋରି ସନ୍ଦେହରେ ଗ୍ରାମବାସୀମାନେ ଜଣେ ବ୍ୟକ୍ତିଙ୍କୁ ଧରିଥିବା ଜଣାଇଥିଲେ। ସେହି ବ୍ୟକ୍ତି ଜଣକ ବାଣପୁର ଥାନା ଅନ୍ତର୍ଗତ ଭୀମପୁର ଗାଁର ତୋଫାନ ବୋଲି ଚିହ୍ନଟ ହୋଇଥିଲା। ସେତେବେଳେ ସେ ମଦ ନିଶାରେ ଏକପ୍ରକାର ଅଚେତ ଅବସ୍ଥାରେ ଥିଲେ। ବାଣପୁର ଥାନାର ଏକ ପିସିଆର ଟିମ୍ ଘଟଣାସ୍ଥଳରେ ପହଁଚି ତାଙ୍କୁ ସନ୍ଧ୍ୟା ୬ଟା ୩୦ ମିନିଟ୍ ସମୟରେ ଥାନାକୁ ଆଣିଥିଲା। ଥାନା ପକ୍ଷରୁ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ରାତି ପ୍ରାୟ ୮ଟାରେ ପରିବାର ଲୋକ ପହଞ୍ଚିଥିଲେ। ଥାନାରେ ତୋଫାନଙ୍କ ପିତାମାତା ▶ପୃଷ୍ଠା-୭



**ପୁଲିସ ବିରୋଧରେ ପରିବାର ଲୋକଙ୍କ ସାଂଘାତିକ ଅଭିଯୋଗ**

**ପରିବାର ସଦସ୍ୟଙ୍କ ଅଭିଯୋଗକୁ ଖଣ୍ଡନ କଲେ ଖୋର୍ଦ୍ଧା ଏସ୍‌ପି**

# ମହାପ୍ରଭୁଙ୍କ ସ୍ନାନଯାତ୍ରା
# ସ୍ନାନ କଲେ; ଗଜାନନ ବେଶରେ ଦର୍ଶନ ଦେଲେ


ଜଗତସିଂହପୁର


ରଘୁନାଥପୁର


ପାରାଦୀପ


କୁଜଙ୍ଗ

ଜଗତସିଂହପୁର,୨୯।୬(ସମିସ)

ଆଜି ସିଦ୍ଧଳସ୍ଥ ଶ୍ରୀବଳଦେବଜିଉ ମନ୍ଦିରରେ ଶ୍ରୀଜିଉମାନଙ୍କୁ ଗୋଟିପହଣ୍ଡି କରାଯାଇ ସ୍ନାନ ମଣ୍ଡପକୁ ନିଆଯାଇଥିଲା। ସ୍ନାନବେଦୀରେ ମନ୍ଦିରର ପୁରୋଧା ଓ ସେବାୟତମାନଙ୍କ ଦ୍ୱାରା ଶ୍ରୀଜିଉମାନଙ୍କୁ ସୁବାସିତ ଜଳରେ ପ୍ରତ୍ୟେକ୍ଷ ସ୍ନାନ କରାଯାଇଥିଲା। ଏଥି ସହିତ ସ୍ନାନବେଦୀରେ ଶ୍ରୀଜିଉମାନଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ଶ୍ରୀଜିଉ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ମହାପ୍ରଭୁଙ୍କୁ ଦର୍ଶନ କରି କୃପାଭିକ୍ଷା କରିଥିଲେ। ଆଗାମୀ ରଥଯାତ୍ରା ଉପଲକ୍ଷେ ବିଭିନ୍ନ ଅଞ୍ଚଳରେ ଥିବା ମଠ ମନ୍ଦିର ଆଦିକୁ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରାର ନିମନ୍ତ୍ରଣ ପଠା ଯାଇଥିଲା।

**ରଘୁନାଥପୁର** : ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଶ୍ରୀଜିଉଙ୍କ ସ୍ନାନ ଉତ୍ସବ ଓ ଗଜାନନ ବେଶ ଆନନ୍ଦ ଉଲ୍ଲାସର ସହ ବୈଦିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ମିତ୍ର ପରିବାରର ଶିବେନ ମିତ୍ର ଓ ଶ୍ରୀଦେବୀ ସରକାରଙ୍କ ତତ୍ତ୍ୱାବଧାନ ତଥା ଗ୍ରାମବାସୀ ଓ ସିଦ୍ଧେଶ୍ୱର ଯୁବକ ସଂଘ ସହଯୋଗରେ ଜଗନ୍ନାଥତୋଳା ବଡ଼ଦାଣ୍ଡରେ ଶ୍ରୀପତିତପାବନଙ୍କୁ ସ୍ନାନ ମଣ୍ଡପକୁ ପହଣ୍ଡିରେ ନିଆଯାଇ ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ପରେ ଗଜାନନ ବେଶରେ ସଜ୍ଜିତ କରାଯାଇ ଧୂପ ଆଳତି କରାଯାଇଥିଲା। ଏହି ଭକ୍ତିମୟ ପରମ୍ପରାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଭକ୍ତ ଏଠାରେ ସମବେତ ହୋଇଥିଲେ। ସନ୍ଧ୍ୟାରେ ସୁମଧୁର ଭଜନ କୀର୍ତ୍ତନରେ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଶେଷରେ ପ୍ରଭୁଙ୍କୁ ଅଣସର ଗୃହକୁ ଅଣା ଯାଇଥିଲା। ସେହିପରି ସିର୍ଲୋ ଗୋମତୀ ଆଶ୍ରମ, ଗୋପାଳପୁର, ଜଇପୁର ହାଟ, ତରିକୁନ୍ଦ, ଜଗନ୍ନାଥପୁର ମଦନମୋହନ ମଠ ଓ ରେଢୁଆ ଠାରେ ଆଧାତ୍ମିକ ଭାବାବେଗରେ ପ୍ରଭୁଙ୍କ ସ୍ନାନ ଉତ୍ସବ ଓ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା।

**ପାରାଦୀପ** : ପାରାଦୀପ ମଧୁବନ ଠାରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ଆଜି ଯଥା ରିତୀନିତି ଅନୁଯାୟୀ ଶ୍ରୀଜିଉଙ୍କର ସ୍ନାନ କାର୍ଯ୍ୟ ସମ୍ପାଦନ ହୋଇଛି। ରୀତିନୀତି ଅନୁସାରେ ସକାଳେ ଶ୍ରୀଜିୟୁମାନଙ୍କର ମଙ୍ଗଳ ଆଳତୀ, ମଇଲମ, ସେନାପଟା ଆଦି ନିତି ସମ୍ପନ୍ନ ହୋଇଥିଲା। ଏହା ପରେ ଶ୍ରୀଜିଉମାନଙ୍କର ଧାଡି ପହଣ୍ଡି ଆରମ୍ଭ ହୋଇଥିଲା। ପହଣ୍ଡି ହୋଇ ଶ୍ରୀଜିଉମାନେ ସ୍ନାନବେଦୀକୁ ଆସିଥିଲେ। ଏହା ପରେ ଜଗନ୍ନାଥ ସମାଜର ଅଧ୍ୟକ୍ଷ ତଥା ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ପହଞ୍ଚିବା ପରେ ପାରମ୍ପରିକ ନିତି ଅନୁଯାୟୀ ପ୍ରଥମେ ଶ୍ରୀଜୀଉମାନଙ୍କ ଉପରେ ସୁବାସିତ ଜଳ ଅର୍ପଣ କରିଥିଲେ। ପରେ ପରେ ମନ୍ଦିର ସେବାୟତମାନେ ଶ୍ରୀଜୀଉମାନଙ୍କ ଉପରେ ଜଳ ଅର୍ପଣ କରି ସ୍ନାନ କାର୍ଯ୍ୟ କରିଥିଲେ। ସ୍ନାନ କାର୍ଯ୍ୟ ସରିବା ପରେ ସ୍ନାନବେଦୀରେ ପୂଜା ହୋମ ସରିବା ପରେ ଗଜାନନ ବେଶ ହୋଇଥିଲା। ସନ୍ଧ୍ୟାରେ ଭକ୍ତି ସଙ୍ଗୀତ ପରିବେଶିତ ହେବା ପରେ ଶ୍ରୀଜୀଉମାନଙ୍କୁ ଅଣସର ଗୃହ ପ୍ରବେଶ କରାଯାଇଥିଲା। ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଟି.ଭେନୁ ଗୋପାଳଙ୍କ ସମେତ ବନ୍ଦରର ବହୁ ଅଧିକାରୀ, ଜଗନ୍ନାଥ ସମାଜର ସଦସ୍ୟମାନେ ଓ ଜଗନାଥପ୍ରେମୀ ଏହି ସ୍ନାନ କାର୍ଯ୍ୟରେ ଯୋଗ ଦେଇଥିଲେ।

**କୁଜଙ୍ଗ**: କୁଜଙ୍ଗ ବ୍ଲକ ପଥୁରିଆ ସ୍ଥିତ ପ୍ରଭୁ ମନବିହାରୀଙ୍କ ସ୍ନାନ ଯାତ୍ରା ନୀତିକାନ୍ତି ସହକାରେ ଅନୁଷ୍ଠିତ ହୋଇଯାଇଛି। ରାଜା ରାଜୁଡ଼ା ଅମଳରୁ ତିନି ଠାକୁର ତିନିଟି ବଡ଼ ମଣିରେ ଝଟକୁ ଥିବା ବେଳେ ସ୍ନାନମଣ୍ଡପକୁ ହରିନାମ ଓ ହୁଳହୁଳିରେ ଅଣାଯାଇଥିଲେ। ପରେ ୧୦୮ ଗରା ଜଳରେ ସ୍ନାନ କରାଯାଇଥିଲା। ଆଉ ଏହାପରେ ମହାପ୍ରଭୁଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ମହାପ୍ରଭୁଙ୍କ ପାଖରେ ଭଜନ ପରିବେଷଣ କରାଯାଇଥିଲା। ତା' ସହ ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁ ମନବିହାରୀ ଠାକୁରଙ୍କୁ ଗଜାନନ ବେଶରେ ଦର୍ଶନ କରିବା ପାଇଁ ସ୍ଥାନୀୟ ଅଞ୍ଚଳ ଲୋକମାନଙ୍କ ଭିଡ଼ ଜମିଥିଲା। ମନବିହାରୀଙ୍କ ପୁରୋହିତ ବିଶ୍ୱନାଥ ପଣ୍ଡା, ଅବସରପ୍ରାପ୍ତ ଆଇଏଏସ ଅଧିକାରୀ କ୍ଷୀତିଶ ମହାପାତ୍ର, ପ୍ରଭୁ ମନବିହାରୀ ବିଶ୍ୱନାଥ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ଡା. ଶରତ ଚନ୍ଦ୍ର ମହାପାତ୍ର, ଅନନ୍ତ ଚରଣ ଦାଶ, ବିଜୟ କୁମାର ରାୟ, ପଦ୍ମନାଭ ଶତପଥୀ, ବିଶିକେଶନ ମହାପାତ୍ର, ସରୋଜ କୁମାର ମହାନ୍ତିଙ୍କ ସହ ରାକେଶ ମହାପାତ୍ର, ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ପୂଜକ ସହଯୋଗ କରିଥିବା ବେଳେ ଟହଲିଆ ଶରତ ଚନ୍ଦ୍ର ସାହୁ, ରମେଶ ମହାପାତ୍ର, ପ୍ରତାପ ଚନ୍ଦ୍ର ମହାପାତ୍ର, ଅରୁଣ କୁମାର ବେହେରା, ସରପଞ୍ଚ ବିପିନ କୁମାର ବିଶ୍ୱାଳ, ବାଲିକଣିର ପୂର୍ବତନ ସରପଞ୍ଚ ରବୀନ୍ଦ୍ର କୁମାର ପଟ୍ଟନାୟକ ପ୍ରମୁଖ ଏହି କାର୍ଯ୍ୟରେ ସହାଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ



ଜଗତସିଂହପୁର,୨୯।୬(ସମିସ): ଜଗତସିଂହପୁର ଜିଲ୍ଲାସ୍ତରୀୟ ବିଂଶତମ ଜାତୀୟ ପରିସଂଖ୍ୟାନ ଦିବସ, ଜିଲ୍ଲା ଯୋଜନା ଏବଂ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ୨୦୦୭ ମସିହାରୁ ଭାରତୀୟ ପରିସଂଖ୍ୟାନର ଜନକ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲନୋବିଶଙ୍କ ଜନ୍ମ ଦିବସ ୨୯ ଜୁନକୁ ଜାତୀୟ ପରିସଂଖ୍ୟାନ ଦିବସ ରୂପେ ପାଳନ କରାଯାଇ ଆସୁଛି। ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ସମ୍ବିତ ରାଉତ ଏଥିରେ ଅଧ୍ୟକ୍ଷତା କରି କିଭଳି ଭାବେ ଜିଲ୍ଲାର ବିଭିନ୍ନ ସାମାଜିକ ତଥା ଅର୍ଥନୈତିକ ତଥ୍ୟ ସୂଚାରୁ ରୂପେ ସଂଗ୍ରହ କରାଯାଇ ଜିଲ୍ଲାରେ ପ୍ରଚଳିତ ବିଭିନ୍ନ ଯୋଜନା ଗୁଡିକୁ ସଠିକ ଢଙ୍ଗରେ କାର୍ଯକାରୀ କରାଯାଇପାରିବ ସେ ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଅତିଥିଭାବେ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ (ପରିସଂଖ୍ୟାନ), ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟ, ଓଡ଼ିଶା ଡ. ଦିଲୀପ ରାୟ ଯୋଗଦେଇ ପ୍ରଫେସର ପ୍ରଶାନ୍ତ ଚନ୍ଦ୍ର ମହାଲନୋବିଶଙ୍କ ପରିସଂଖ୍ୟାନ ଜଗତକୁ ବିଭିନ୍ନ ଯୋଗଦାନ ଉପରେ ଆଲୋଚନା କରିଥିଲେ। ଅନ୍ୟଅତିଥି ଭାବେ ଡ. ବିବେକାନନ୍ଦ ସିଂ, ଅଧ୍ୟକ୍ଷ ବାୟା ଅବଧୂତ କଲେଜ, ତିର୍ତ୍ତୋଲ ଯୋଗଦେଇ ପ୍ରଶାନ୍ତ ଚନ୍ଦ୍ର ମହାଲନୋବିଶଙ୍କ ଜୀବନୀ ଉପରେ ଆଲୋଚନା କରିବା ସହ ସଠିକ୍ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାକୁ ରାମଚନ୍ଦ୍ର ମଲ୍ଲିକ୍, ଉପ-ନିର୍ଦ୍ଦେଶକ (ଯୋଜନା ଏବଂ ପରିସଙ୍ଖ୍ୟାନ), ଜିଲ୍ଲା ଯୋଜନା ଏବଂ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ, ଜଗତସିଂହପୁର ସୁଚାରୁରୂପେ ପରିଚାଳନା କରିଥିଲେ। ପ୍ରମିଳା ସାହୁ, ପରିସଂଖ୍ୟାନ ଅଧିକାରୀ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ସୁଚାରୁରୂପେ ସମ୍ପନ୍ନ କରିବାରେ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ସହଯୋଗ କରିଥିଲେ। ସଭାରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସମେତ ଜିଲ୍ଲା ଯୋଜନା ଏବଂ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର କର୍ମଚାରୀ ମାନେ ଯୋଗ ଦେଇଥିଲେ।

## ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ଜଗତସିଂହପୁର/ଏରସମା,୨୯।୬(ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପରିସ୍ଥ ଅଧିକାରୀ ମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୮୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୦ଟି ଏବଂ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ଟି ଅଭିଯୋଗ ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୫ଟି, ଆବାସ ସମ୍ପର୍କୀୟ ୧୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୧୭ଟି, ପୁଲିସ ସହାୟତା ପାଇବା ପାଇଁ ୧ଟି, ଭତ୍ତା ପାଇବା ପାଇଁ ୫ଟି ଏବଂ ଅନ୍ୟାନ୍ୟ ୧୮ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡିଓ ଏରସମା ଦାଶରଥି ଜେନା, ତହସିଲଦାର ଏରସମା ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା, ଏସଡିପିଓ ତିର୍ତ୍ତୋଲ ଅଜୟ କୁମାର ଦାସ, ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଚାପ୍ଟର ୱାନ କ୍ୟାଫେ ପକ୍ଷରୁ ଚେସ୍ ପ୍ରତିଯୋଗିତା



ଜଗତସିଂହପୁର,୨୯।୬(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ କଲେଜ ଛକଠାରେ ଥିବା ଚାପ୍ଟର ୱାନ୍ କ୍ୟାଫେ ତରଫରୁ କ୍ୟାଫେ ପରିସରରେ ଏକ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଜିଲ୍ଲା ତଥା ଜିଲ୍ଲା ବାହାରେ ପାଠ ପଢୁଥିବା ବହୁ ସଂଖ୍ୟାରେ ଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ର ଆଦିତ୍ୟ ଆର୍ଯ୍ୟନ ପ୍ରଥମ, ବିଜେବି କଲେଜର ଅଂଶୁମାନ ଦେ ଦ୍ୱିତୀୟ ଏବଂ ରାଉରକେଲା ଏନଆଇଟିର ଛାତ୍ର ଶିବବ୍ରତ ଦଳାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତା ପରେ ପୁରସ୍କାର ବିତରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ ବିଜୟ କୁମାର ରଥ, ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା ଏବଂ ପ୍ରତିରକ୍ଷା ଲେଖା ବିଭାଗର ସହାୟକ ଲେଖା ଅଧିକାରୀ ଦୁର୍ଯ୍ୟୋଧନ ବାରିକ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚେସ୍ ଖେଳ ପ୍ରତି ଆଗ୍ରହ ସୃଷ୍ଟି କରିବା ଏଭଳି କାର୍ଯ୍ୟକ୍ରମ ଆୟୋଜନର ମୂଳ ଲକ୍ଷ ବୋଲି ଚାପ୍ଟର ୱାନ କ୍ୟାଫେର ମୁଖ୍ୟ ଇଂ. ବସନ୍ତ କୁମାର ବାରିକ ସୂଚନା ଦେଇଥିଲେ। ପ୍ରତିଯୋଗିତା ପରିଚାଳନାରେ ମେୟର ଟେକ ସୋଲ୍ୟୁସନ ଅନୁଷ୍ଠାନର ପ୍ରଭାସ ମହାନ୍ତି, ଶ୍ରେୟାଂସ ସ୍ୱାଇଁ ଏବଂ ଆର୍ଯ୍ୟ ଅଂଶୁମାନ ପ୍ରମୁଖ ସହାୟତା କରିଥିଲେ।

### ବିଡିଓଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ
## ପୂର୍ବ ଚିହ୍ନିତ ସ୍ଥାନରେ ଜିପିଏଲ୍ଏଫ୍ ଅଫିସ୍ ନିର୍ମାଣ ଦାବି



ରଘୁନାଥପୁର,୨୯।୬(ସମିସ): ରଘୁନାଥପୁର ବ୍ଲକ ଗୁଆଳିପୁର ପଞ୍ଚାୟତ ରାଧାନଗର ସ୍ଥିତ ମଧ୍ୟବର୍ତ୍ତୀ ସ୍ଥାନରେ ଜିପିଏଲ୍ଏଫ (ଗ୍ରାମ ପଞ୍ଚାୟତ ଲେବୁଲ ଫେଡେରେଶନ) ଅଫିସ ବିଲ୍ଡିଙ୍ଗ ନିର୍ମାଣ ନେଇ ଦାବି ଯୋର ଧରିଛି। ସୋମବାର ଉକ୍ତ ପଞ୍ଚାୟତ ୭ଟି ରାଜସ୍ୱ ଗ୍ରାମ ୯୦ ଏସ୍ଏଚଜିର ଦୁଇଶହରୁ ଊର୍ଦ୍ଧ୍ୱ ମହିଳା ବିଡିଓଙ୍କୁ ଭେଟି ଏ ସମ୍ପର୍କରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜିପିଏଲଏଫ ସଭାନେତ୍ରୀ ନିହାରିକା ମାହାଳି କୁହନ୍ତି ଯେ ସମସ୍ତ ମହିଳା ଗ୍ରୁପ ସଦସ୍ୟାଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ପଞ୍ଚାୟତର ମଧ୍ୟବର୍ତ୍ତୀ ସ୍ଥାନ ୧୩୭୫ ପ୍ଲଟରେ ରାଧାନଗର ଠାରେ ଅଫିସ ବିଲଡିଂ ନିର୍ମାଣ ପାଇଁ ଆରଆଇଙ୍କ ପକ୍ଷରୁ ଜାଗା ଚିହ୍ନଟ କରାଯାଇଥିଲା। ୨୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯିବାକୁ ଥିବା କାର୍ଯ୍ୟର ଟେଣ୍ଡର ମଧ୍ୟ ସରିଥିଲା। ମାତ୍ର ଗୋଟିଏ ଗ୍ରାମର କିଛି ଏସ୍ଏଚ୍ଜି ମହିଳା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅଫିସ ବିଲଡିଂ କରିବା ପାଇଁ ବିଡ଼ିଓଙ୍କୁ ଅଭିଯୋଗ କରିଥିଲେ। ଯାହାଫଳରେ ସାମୂହିକ ସ୍ୱାର୍ଥକୁ ଅଣଦେଖା କରାଯାଇ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ କାର୍ଯ୍ୟକୁ ବନ୍ଦ କରାଯାଇଛି। ୧୨୦ ମହିଳା ଗ୍ରୁପରୁ ୯୦ଟି ଗ୍ରୁପ ରାଧାନଗର ଗ୍ରାମରେ ଅଫିସ ବିଲଡିଂ ନିର୍ମାଣ ପାଇଁ ରାଜି ଥିବାବେଳେ କାହା ପ୍ରରୋଚନାରେ ବିଡିଓ ଏପରି ବ୍ୟତିକ୍ରମ କରୁଛନ୍ତି ବୋଲି ସଭାନେତ୍ରୀ ମାହାଳି କ୍ଷୋଭ ପ୍ରକାଶ କରିଛନ୍ତି। ପୂର୍ବ ଚିହ୍ନିତ ରାଧାନଗର ଠାରେ ଯଦି ଅଫିସ ବିଲ୍ଡିଙ୍ଗ କରାନଯାଏ ତାହାଲେ ରାଧାନଗର ସମେତ ବର୍ତ୍ତି କୁର୍ତ୍ତାଙ୍ଗ, କପାଳେସ୍ୱର, ଗୋରଦିଆ, ପାଟେଣିଗାଁ ଓ ଅରଙ୍ଗ ଗ୍ରାମର ଏସ୍ଏଚଜି ମା'ମାନେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ମହିଳା ସଂଘର ସମ୍ପାଦିକା ମନୋରମା ସ୍ୱାଇଁ ଓ ସଭାନେତ୍ରୀ ମାହାଳୀ ଚେତାବନୀ ଦେଇଛନ୍ତି। ବିଡିଓ ବିରଞ୍ଚି ନାରାୟଣ ବେହେରା ମହିଳାଙ୍କ ଠାରୁ ଦାବିପତ୍ର ଗ୍ରହଣ କରି ସେମାନଙ୍କୁ ବୁଝାଇ ସୁଝାଇ ବିଦା କରିଥିଲେ। ବିଡିଓଙ୍କ ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। ଏଥିରେ ସୁଭଦ୍ରା ପାତ୍ର, ଲତିକା ମଲ୍ଲିକ, ମିନିଲତା ବେହେରା, ସବିତା ମଲ୍ଲିକ, ସୁଭଦ୍ରା ପଟ୍ଟନାୟକ, ସବିତା ପାତ୍ର, ଜ୍ୟୋସ୍ନାରାଣୀ ପଟ୍ଟନାୟକ, ଛବି ଖଟୁଆ, କମଳା ପ୍ରଧାନଙ୍କ ସହ ବିଭିନ୍ନ ମହିଳା ଗୋଷ୍ଠୀର ସଭାନେତ୍ରୀ, ସମ୍ପାଦିକା ଓ ମହିଳା ସଦସ୍ୟା ମାନେ ସାମିଲଥିଲେ।

### ବିବାହ ଭୋଜିରେ ଛୁରାମାଡ଼
## ଯୁବକ ମୃତ; ଅଭିଯୁକ୍ତର ଆତ୍ମସମର୍ପଣ

ବାଲିକୁଦା,୨୯।୬(ସମିସ)

ଜଗତସିଂହପୁର ଜିଲ୍ଲାରେ ଏକ ବିବାହ ଭୋଜିକୁ କେନ୍ଦ୍ର କରି ଘଟିଥିବା ଛୁରାମାଡ଼ ଘଟଣାରେ ଗୁରୁତର ଆହତ ଯୁବକ ପ୍ରମୋଦ ଦାସଙ୍କର ସୋମବାର ଭୋର ସମୟରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି।

ସୂଚନା ଅନୁଯାୟୀ, ଜଗତସିଂହପୁର ଥାନା ଅନ୍ତର୍ଗତ ଚାତରା ଗ୍ରାମର କାଳନ୍ଦୀ ଚରଣ ଦାସ ନିଜ ପରିବାର ସହ ବାଲିକୁଦା ଥାନା ଅଧୀନ ଆମ୍ବଶାଳ ପଞ୍ଚାୟତର ନାନ୍କିପଡ଼ା ଗ୍ରାମରେ ସମ୍ପର୍କୀୟ ମହୁଲ ଭୋଇଙ୍କ ଘରେ ଆୟୋଜିତ ବିବାହ ଭୋଜିରେ ଯୋଗଦେବାକୁ ଆସିଥିଲେ। ଭୋଜି ସାରି ଫେରୁଥିବା ସମୟରେ ଗ୍ରାମର ନୃସିଂହ ଚରଣ ଦାସ ବିବାହ ଉତ୍ସବକୁ ଆସିଥିବା କାଳନ୍ଦୀଙ୍କ ପରିବାରର ରୂପାଲୀ ଦାସ ଓ ଲକ୍ଷ୍ମୀପ୍ରିୟା ଦାସଙ୍କୁ ଟଣାଘୋଷରା କରିଥିଲେ। ଏହା ଦେଖି ପ୍ରମୋଦ ଦାସ ସେମାନଙ୍କୁ ଉଦ୍ଧାର କରିବାକୁ ଆଗେଇ ଆସିଥିଲେ। ଏଥିରେ ଉତ୍ତେଜିତ ହୋଇ ନୃସିଂହ ପକେଟରୁ ଏକ ଛୁରୀ ବାହାର କରି ପ୍ରମୋଦଙ୍କ ଛାତିରେ କାଧିକ ଆଘାତ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣ ପରେ ସେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଆହତ ପ୍ରମୋଦଙ୍କୁ ସ୍ଥାନୀୟ ଲୋକ ଓ ପରିବାର ଲୋକଙ୍କ ସହଯୋଗରେ ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପରେ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଏସ୍ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଭୋରରେ ତାଙ୍କର ମୃତ୍ୟୁ ଘଟିଥିଲା।

ଏହି ଘଟଣା ପରେ କାଳନ୍ଦୀ ଚରଣ ଦାସ ବାଲିକୁଦା ଥାନାରେ ଏକ ଲିଖିତ ଏତଲା ଦେଇ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ଅଭିଯୁକ୍ତ ନୃସିଂହ ଚରଣ ଦାସ ମୃତକଙ୍କ ସମ୍ପର୍କୀୟ ଦାଦା ବୋଲି ଜଣାପଡ଼ିଛି। ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି ଯେ, ମୃତଦେହର ବ୍ୟବଚ୍ଛେଦ ପାଇଁ ବ୍ୟବସ୍ଥା କରାଯାଇଛି। ପୁଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଜାରି ରଖିଥିବା ବେଳେ ଫେରାର ଅଭିଯୁକ୍ତ ଜଗତସିଂହପୁର ଥାନାରେ ଆତ୍ମସମର୍ପଣ କରିଥିବା ସୂଚନା ଦେଇଛନ୍ତି।

## ବିବାହ ଭୋଜି ଗଣ୍ଡଗୋଳ ଘଟଣା; ଥାନାରେ ଅଭିଯୋଗ

ବାଲିକୁଦା,୨୯।୬(ସମିସ): ବନ୍ଦର ସାମୁଦ୍ରିକ ଥାନା ଅନ୍ତର୍ଗତ ଫୁଲୁପାଟଣା ଗ୍ରାମରେ ରବିବାର ଏକ ବିବାହ ଭୋଜିକୁ କେନ୍ଦ୍ର କରି ଘଟିଥିବା ଗଣ୍ଡଗୋଳ ଘଟଣାରେ ସୋମବାର ଉଭୟ ପକ୍ଷ ବନ୍ଦର ସାମୁଦ୍ରିକ ଥାନାରେ ପୃଥକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ପୁଲିସ ଉଭୟ ଅଭିଯୋଗକୁ ଆଧାର କରି ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା କାହାକୁ ଗିରଫ କରାଯାଇନାହିଁ। ସୂଚନା ଅନୁଯାୟୀ, ଫୁଲୁପାଟଣା ଗ୍ରାମର ବିପିନ ବେହେରାଙ୍କ ପୁଅଙ୍କ ବିବାହ ଭୋଜି ଚାଲିଥିବା ସମୟରେ ଅତିଥିମାନେ ଖାଦ୍ୟ ଗ୍ରହଣ କରୁଥିଲେ। ଏହି ସମୟରେ ଜଣେ ଯୁବକ ବାଇକ୍ ନେଇ ଭୋଜି ଚାଲିଥିବା ରାସ୍ତା ଦେଇ ଯିବାକୁ ଚେଷ୍ଟା କରିବାରୁ ପ୍ରଥମେ ପାଟିତୁଣ୍ଡ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଉଗ୍ର ରୂପ ଧାରଣ କରି ଦୁଇ ଗୋଷ୍ଠୀ ମଧ୍ୟରେ ମାଡ଼ପିଟରେ ପରିଣତ ହୋଇଥିଲା। ଏଥିରେ ଉଭୟ ପକ୍ଷର ଅନେକ ଲୋକ ଆହତ ହୋଇଥିବା ସୂଚନା ମିଳିଛି। ଖବର ପାଇ ବନ୍ଦର ସାମୁଦ୍ରିକ ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ସହ ଗ୍ରାମରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଥିଲେ। ଗତକାଲି ରାତିଠାରୁ ଗ୍ରାମରେ ଏକ ପ୍ଲାଟୁନ ପୁଲିସ ମୁତୟନ ରହିଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ନେଇ ସତର୍କତା ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଏହାପୂର୍ବରୁ ଗ୍ରାମରେ ମନ୍ଦିର ପ୍ରତିଷ୍ଠାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ସେତେବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଦଣ୍ଡ ପ୍ରକ୍ରିୟା ସଂହିତାର ଧାରା୧୬୩ ଅନୁଯାୟୀ ନିଷେଧାଜ୍ଞା ଜାରି କରାଯାଇଥିଲା। ପୂର୍ବ ବିବାଦର ପ୍ରଭାବ ଏବଂ ବର୍ତ୍ତମାନର ଘଟଣା ମିଶି ଉତ୍ତେଜନା ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକମାନେ କହୁଛନ୍ତି। ଏନେଇ ବନ୍ଦର ସାମୁଦ୍ରିକ ଥାନା ଅଧିକାରୀ ପ୍ରଦୀପ ସେଠୀ କହିଛନ୍ତି ଯେ, ଉଭୟ ପକ୍ଷର ଲିଖିତ ଅଭିଯୋଗକୁ ଗ୍ରହଣ କରି ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି ଏବଂ ତଦନ୍ତ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା କାହାକୁ ଗିରଫ କରାଯାଇନଥିବା ବେଳେ ପ୍ରମାଣ ଆଧାରରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ପୁଲିସ ସୂଚନା ଅନୁଯାୟୀ, ବର୍ତ୍ତମାନ ଗ୍ରାମର ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି ଏବଂ ସ୍ୱାଭାବିକ ଅବସ୍ଥା ଫେରି ଆସୁଛି। କୌଣସି ଅପ୍ରୀତିକର ଘଟଣା ନଘଟିବା ପାଇଁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଜାରି ରହିଛି।

## ଅଠରବାଙ୍କୀ ମାର୍କେଟ ନିକଟରେ ଅଗ୍ନିକାଣ୍ଡ

ପାରାଦୀପ,୨୯।୬(ସମିସ): ଆଜି ଅପରାହ୍ନରେ ଅଠରବାଙ୍କୀ ମେଡିକାଲ ନିକଟ ଗ୍ୟାରେଜ ଲାଇନରେ ଥିବା ଝୁମ୍ପୁଡି ଘରେ ହଠାତ ନିଆଁ ଲାଗି ଯାଇଥିଲା। ଏହି ଅଗ୍ନିକାଣ୍ଡ ସମ୍ପର୍କିତ ସୂଚନା ପାଇବା ପରେ, ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଇନ୍ସପେକ୍ଟର ପର୍ଶୁରାମ ରାଥୋଡ୍ଙ୍କ ନେତୃତ୍ୱରେ ସିଆଇଏସଏଫ୍ ଅଗ୍ନିଶମ ୱିଙ୍ଗର ଟିମ୍ ଏକ ଫାୟାର ଟେଣ୍ଡର ସହିତ ତୁରନ୍ତ ଅଠରବାଙ୍କୀ ପମ୍ପ ହାଉସ ପାଶ୍ୱର୍ରେ ଥିବା ଏହି ଝୁପୁଡ଼ି ଘରେ ପହଞ୍ଚିଥିଲେ। ପ୍ରାଥମିକ ସୂଚନା ଅନୁଯାୟୀ, ଏଲପିଜି ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହେବା ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ନିଆଁକୁ ଆୟତ୍ତ କରି ସମ୍ପୂର୍ଣ୍ଣ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲେ। ତେବେ ଅଗ୍ନିକାଣ୍ଡ ବେଳେ ଘରୁ ସମସ୍ତେ ବାହାରି ଆସିଥିଲେ। ଘରର ଆସବାସ ପତ୍ର ସହ ବହୁ ଜିନିଷ ଜଳି ପାଉଁଶ ହୋଇଯାଇଛି। ନିଆଁ ଦାଉରୁ ସବୁ ଜିନିଷ କୁ ଉଦ୍ଧାର କରାଯାଇ ପାରି ନଥିବା ଜଣାପଡିଛି।

## ବିଭିନ୍ନ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ନୀତି

# ଗଜ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି











ଢେଙ୍କାନାଳ,୨୯ ।୬(ସମିସ): ଢେଙ୍କାନାଳର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ସୋମବାର ଶ୍ରୀଜୀଉଙ୍କ ସ୍ନାନନୀତି ଅନୁଷ୍ଠିତ ହୋଇଛି । ଭୋର ସାଢ଼େ ୪ଟାରୁ ଜୟବିଜୟ ମଙ୍ଗଳ ଆଳତି ପରେ ପହଣ୍ଡି କରାଯାଇ ବଳରାମ, ସୁଭଦ୍ରା, କୃଷ୍ଣ ଓ ଜଗନ୍ନାଥଙ୍କୁ ସ୍ନାନବେଦିକୁ ବିଜେ କରାଯାଇଥିଲା । ପୂଜାର୍ଚ୍ଚନା ପରେ ପଞ୍ଚାମୃତ ଓ ସୁବାସିତ ଜଳରେ ମହାପ୍ରଭୁ ସ୍ନାନ କରିଥିଲେ । ଚନ୍ଦନ ବେଶ ଅନୁଷ୍ଠିତ ହେଇଥିଲା । ବଳରାମ, ସୁଭଦ୍ରା ଓ କୃଷ୍ଣଙ୍କୁ ସୁନା ବେଶ ଏବଂ ଜଗନ୍ନାଥଙ୍କୁ ରୁପା ବେଶ କରାଯାଇଥିଲା । ବଲ୍ଲଭ ଭୋଗ ଲାଗି ହୋଇଥିଲା । ରାତିରେ ମହାପ୍ରଭୁଙ୍କୁ ଅଣସର ପିଣ୍ଡିକୁ ବିଜେ କରାଯାଇଛି । ପୂଜକ ମଳୟ କର, ମନସୁମନ ମିଶ୍ର, ଶ୍ରୀବତ୍ସ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, ବାବାଜୀ ମହାପାତ୍ର, କାହାଳିଆ ଟିକନ ବେହେରା, ଉପଜିଲ୍ଲାପାଳ ପଦ୍ମଲତା ସାହୁ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ଏବଂ ମନ୍ଦିରର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତରେ ସ୍ନାନନୀତି ଅନୁଷ୍ଠିତ ହୋଇଛି ।

ଢେଙ୍କାନାଳ: ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଚଳିତ ବର୍ଷ ରଥଯାତ୍ରା ପାଇଁ ସ୍ଥାନୀୟ ବଳରାମ ମନ୍ଦିରରୁ ଆଜ୍ଞାମାଳ ଅଣାଯାଇ ରଥଗଡ଼ାସ୍ଥିତ ରଥଖଳାରେ ପୂଜା ଅର୍ଚ୍ଚନା କରାଯାଇ ଅଖରେ ଚକ ଲାଗି ହୋଇଛି । ପୂଜକ ମଳୟ କର, ପଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବିଶ୍ୱକର୍ମା ଅଶୋକ ମହାପାତ୍ର, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ ଚକଲାଗି ନୀତି ସମ୍ପନ୍ନ କରାଯାଇଛି ।

**ଢେଙ୍କାନାଳ:** ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ଦଧିବାମନଜୀଉଙ୍କ ମଠ ପ୍ରାଙ୍ଗଣରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେଇଛି । ଠାକୁରଙ୍କୁ ରତ୍ନବେଦିରୁ ସ୍ନାନବେଦିକୁ ଅଣାଯାଇ ସୁବାସିତ ଜଳରେ ସ୍ନାନ କରାଯାଇଥିଲା । ପୂଜକ ଅକ୍ଷୟ କୁମାର ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ । ରାତିରେ ଠାକୁର ଅଣସର ଘରକୁ ବିଜେ କରିଛନ୍ତି ।

**ଢେଙ୍କାନାଳ:** ସ୍ଥାନୀୟ ମୀନାବଜାରସ୍ଥିତ ଦଧିବାମନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେଇଛି । ପ୍ରାତଃରୁ ମଙ୍ଗଳା ଆଳତି କରାଯାଇ ମଇଲମ୍ ଲାଗି ପରେ ରତ୍ନବେଦିରୁ ଠାକୁରଙ୍କୁ ସ୍ନାନବେଦିକୁ ଅଣାଯାଇ ପଞ୍ଚାମୃତ ସହ ସୁବାସିତ ଜଳରେ ସ୍ନାନ କରାଯାଇଥିଲା । ପୂଜକ ଜଗନ୍ନାଥ ତ୍ରିପାଠୀ ପୂଜାର୍ଚ୍ଚନା କରିଥିଲେ । ମଧ୍ୟାହ୍ନରେ ଖେଚୁଡ଼ି, ଡାଲମା, ଖଟା, ଖିରି ଭୋଗ ହୋଇଥିଲା । ରାତିରେ ଠାକୁରଙ୍କ ଅଣସର ବିଜେନୀତି ଅନୁଷ୍ଠିତ ହୋଇଛି ।

**ଖଜୁରିଆକଟା:** ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ନୀଳାଦ୍ରିବିହାରସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ନୀତି ଅନୁଷ୍ଠିତ ହୋଇଛି । ମନ୍ଦିରର ନିତ୍ୟ ପୂଜକ ନରେଶ ତ୍ରିପାଠୀ ପ୍ରାତଃ ପୂଜା କରି ସୂର୍ଯ୍ୟପୂଜା ଓ ଗୋପୂଜା କରିଥିଲେ । ପରେ ରତ୍ନସିଂହାସନରୁ ଶ୍ରୀଜୀଉମାନଙ୍କୁ ଗୋଟି ପହଣ୍ଡି କରାଇ ସ୍ନାନବେଦିରେ ବିଜେ କରାଯାଇଥିଲା । ଶ୍ରୀବଳଭଦ୍ରଙ୍କୁ ୩୩ ଗରା, ଦେବୀ ସୁଭଦ୍ରାଙ୍କୁ ୨୨ ଗରା, ଶ୍ରୀଜଗନ୍ନାଥଙ୍କୁ ୩୫ ଗରା ଓ ଶ୍ରୀସୁଦର୍ଶନଙ୍କୁ ୧୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଠାକୁରଙ୍କ ଗଜ ବେଶ କରାଯାଇଥିଲା । ପ୍ରଭୁଙ୍କ ଗଜବେଶ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

**ଗଁଦିଆ:** ଦେଓଗାଁ ଶ୍ରୀ ଶ୍ରୀ ବଳଦେବଜୀଉଙ୍କର ସ୍ନାନଯାତ୍ରା ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି । ଏଥିସହ ବଳଦେବଜୀଉଙ୍କ ମନ୍ଦିର ପରିସରରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଛି । ସକାଳ ୬ଟାରେ ଶ୍ରୀଜୀଉମାନଙ୍କୁ ଗୋଟି ପହଣ୍ଡି କରାଯାଇ ସ୍ନାନବେଦିକୁ ଅଣାଯାଇଥିଲା । ମନ୍ଦିର ପରିସରରେ ଥିବା ଶ୍ରୀଜଗନ୍ନାଥଙ୍କୁ ସକାଳ ୭ଟା ୩୦ରେ ପହଣ୍ଡି କରାଯାଇ ଦକ୍ଷିଣ ପାର୍ଶ୍ୱରେ ଥିବା ସ୍ନାନ ମଣ୍ଡପରେ ବିଜେ କରାଯାଇଥିଲା । ୧୦୮ ଗରା ଜଳରେ ଶ୍ରୀଜୀଉମାନଙ୍କୁ ସ୍ନାନ କରିବା ପରେ ନୂତନ ବସ୍ତ୍ର ଧାରଣ କରାଯାଇ ଚନ୍ଦନ ଲେପ ଦିଆଯାଇଥିଲା । ଭକ୍ତମାନେ ସ୍ନାନ ମଣ୍ଡପରେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ । ସନ୍ଧ୍ୟା ଆଳତି ପରେ ବିଳମ୍ବିତ ରାତିରେ ଶ୍ରୀଜୀଉମାନଙ୍କୁ ଅଣସର ଘରକୁ ବିଜେ କରାଯାଇଛି । ଦେବୋତ୍ତର ନିରୀକ୍ଷକ ବସନ୍ତ କୁମାର ରଥ, ପୂଜାପଣ୍ଡା ଗୋପୀନାଥ ପଣ୍ଡା, ଦେବୀ ମିଶ୍ର, ଆର୍ତ୍ତତ୍ରାଣ ଦାସଙ୍କ ଦ୍ୱାରା ଶ୍ରୀଜୀଉମାନଙ୍କ ନୀତିକାନ୍ତି ସମ୍ପନ୍ନ ହୋଇଛି ।

**ଗଁଦିଆ:** ଗଁଦିଆ ବ୍ଲକ ମୁକୁନ୍ଦପୁର ଗ୍ରାମସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ଦେବସ୍ନାନ ନୀତି ପାଳିତ ହୋଇଛି । ପୂଜକ ଅଶୋକ କୁମାର ପଣ୍ଡା ଓ କର୍ତ୍ତା ମୋହନ ସାମଲଙ୍କ ସମେତ ମନ୍ଦିର କମିଟି ସଦସ୍ୟ ଧରଣୀଧର ସ୍ୱାଇଁ, କେଶନ ସାମଲ, ଦୁଷ୍ମନ୍ତ ସାମଲ, ଜଳଧର ସାମଲ, ଅଭୟ ସାମଲ, ରାକେଶ ସାମଲ, ପ୍ରିୟବ୍ରତ ବାରିକ ସମସ୍ତ ଧାର୍ମିକ କାର୍ଯ୍ୟ ସମ୍ପାଦନ କରିଥିଲେ । ଶେଷରେ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା ।



## ସ୍ନାନ ପୂର୍ଣ୍ଣିମା ପାଇଁ ଆଲୋଚନାଚକ୍ର

ଢେଙ୍କାନାଳ,୨୯ ।୬(ସମିସ): ସ୍ଥାନୀୟ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ସ୍ନାନ ଉତ୍ସବ ପାଇଁ ଶ୍ରୀ ଜଗନ୍ନାଥ ଚେତନା ସେବା ସମିତି ଓ ସିଦ୍ଧଶ୍ରୀକ୍ଷେତ୍ର ଢେଙ୍କାନାଳ ପରିକ୍ରମା ପରିବାର ପକ୍ଷରୁ ଶ୍ରୀ ଜଗନ୍ନାଥ ଚେତନାରେ ସ୍ନାନ ଉତ୍ସବର ମହାନତା ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଶ୍ରୀ ଜଗନ୍ନାଥ ଚେତନା ସେବା ସମିତି ସଭାପତି ବାବା ସଦାନନ୍ଦ ଦାସ ମହାରାଜ ସଭାପତିତ୍ୱ କରିଥିଲେ । ଜଗତ ଜୀବନ ଜଗତ କଲ୍ୟାଣ ପାଇଁ ମହାପ୍ରଭୁ ମାନବୀୟ ଲୀଳା ପ୍ରକଟ କରୁଛନ୍ତି । ଯାହାର ଆଧାରରେ ଶ୍ରୀ ଜଗନ୍ନାଥ ସାଧାରଣ ମଣିଷ ପରି ତାଙ୍କ ନୀତିକାନ୍ତିକୁ ନିଜ ଦୈନନ୍ଦିନ ପୂଜାବିଧିରେ ସାମିଲ କରିଛନ୍ତି । ତେବେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ପ୍ରତିବିମ୍ବ ସ୍ନାନ କରୁଥିବା ବେଳେ ସ୍ନାନ ପୂର୍ଣ୍ଣିମା ତାଙ୍କ ଜନ୍ମ ଉତ୍ସବରେ ସର୍ବ ସମ୍ମୁଖରେ ସ୍ନାନ କରି ଜଳ, ଜୀବନ ଜଗନ୍ନାଥ ଏକାକାର ହେବାର ଦିନଟିଏ ବୋଲି ମତବ୍ୟକ୍ତ କରିଥିଲେ । ଉପଦେଷ୍ଟା ଆର୍ଯ୍ୟରତ୍ନ ଚକ୍ରଧର ସ୍ନାନ ମହାନତା ମହିମା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ସମ୍ପାଦକ ଅବନୀ ମିଶ୍ର ପରିଚାଳନା କରିଥିଲେ । ବରିଷ୍ଠ ସଦସ୍ୟ ପରେଶ ଚନ୍ଦ୍ର ପଟ୍ଟନାୟକ, କିଶୋର ଚନ୍ଦ୍ର ମିଶ୍ର, ନିର୍ମଳା ମହାପାତ୍ର, ଅଶ୍ୱିନୀ ସାହୁ, ପ୍ରେମାନନ୍ଦ ଶତପଥୀ, ସୁମିତା ରାୟ ପଟ୍ଟନାୟକ, ଶତ୍ରୁଘ୍ନ ମାଟି, ମାନସ ରଞ୍ଜନ ମିଶ୍ର, କମଳ ନନ୍ଦ, ମନୋରମା ସିଂ,



ବସନ୍ତ କୁମାର ସାହୁ, ଶରତ କୁମାର ବେହେରା, ବିନୟ କୁମାର ଖଟୁଆ, ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ, ପୁରୁଷୋତ୍ତମ ନନ୍ଦ, ଡ. ସମୀର ସାହୁ ପ୍ରମୁଖ ଆଲୋଚନାଚକ୍ରରେ ଭାଗନେଇଥିଲେ । ସ୍ନିଗ୍ଧା ନନ୍ଦ, କମଳ ନନ୍ଦ, ମମତା ମିଶ୍ର, ଅକ୍ଷୟ ନାୟକ ପ୍ରମୁଖ ଭଜନ ପରିବେଷଣ କରିଥିଲେ । ଉପଦେଷ୍ଟା ଭାବଗ୍ରାହୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## କାଗଜରେ ପିଏମଶ୍ରୀ ଆଖ୍ୟା, ବାସ୍ତବରେ ଅଭାବର ବିକଳ ଚିତ୍ର

ଭୁବନ,୨୯ ।୬(ସମିସ): ଗଁଦିଆ ହାଇସ୍କୁଲ ପିଏମଶ୍ରୀ ଆଖ୍ୟା ପାଇଛି । ତେବେ ବାସ୍ତବରେ ଏଠି ଅଭାବର ବିକଳ ଚିତ୍ର ଦେଖିବାକୁ ମିଳିଛି । ଏ ନେଇ ବିଦ୍ୟାଳୟ ପରିଚାଳନା ସମିତି, ପୁରାତନ ଛାତ୍ର ସଂସଦ, ପଞ୍ଚସଖା ଶିକ୍ଷା ସେତୁ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ଓଏସଇପିଏ, ପିଏମଶ୍ରୀ ବିଭାଗ, ଜିଲ୍ଲାପାଳ ଓ ଡିଇଓଙ୍କୁ ଇ-ମେଲ୍ ମାଧ୍ୟମରେ ଅଭିଯୋଗ କରାଯାଇଛି । ବକେୟା ଅନୁଦାନ ପ୍ରଦାନ, ୨୦୨୫-୨୬ ଶିକ୍ଷାବର୍ଷରେ ଶେଷ ହୋଇଥିବା ପ୍ରୋଜେକ୍ଟ ଓ ଲାବୋରେଟୋରୀ ଉପକରଣ ବାବଦ ଆସିବାକୁ ଥିବା ସରକାରୀ ପାଣ୍ଠି ପ୍ରଦାନ, ଖାଲି ପଡ଼ିଥିବା ପଦବୀ ତୁରନ୍ତ ପୂରଣ, ୨୦୨୫ ମେ ମାସରୁ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି, ତୁରନ୍ତ ଏହି ପଦବୀ ପୂରଣ, ବିଜ୍ଞାନ ଶିକ୍ଷକ ନିଯୁକ୍ତି, ଡେପୁଟେସନ ନାଁରେ ପ୍ରହସନ ବନ୍ଦ, ନିଯୁକ୍ତ ଶିକ୍ଷୟିତ୍ରୀଙ୍କୁ ଅନ୍ୟ ସ୍କୁଲକୁ ଡେପୁଟେସନରେ ପଠାଇ ଭୁବନର ପିଲାଙ୍କ ଭବିଷ୍ୟତ ସହ ଖେଳାଯାଉଛି, ତୁରନ୍ତ ତାଙ୍କୁ ଏଠାକୁ ପ୍ରତ୍ୟାବର୍ତ୍ତନ କରିବାକୁ ଦାବି କରାଯାଇଛି । ନଚେତ୍ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

## ବଜ୍ରପାତରେ ମହିଳା ଗୁରୁତର

ଭୁବନ,୨୯ ।୬(ସମିସ): ଭୁବନ ବ୍ଲକ କାଇଖାଇ ଗ୍ରାମରେ ବଜ୍ରପାତ ଘଟି ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ଦେହୁରୀ ସାହିର ଜୟନ୍ତୀ ଖଟୁଆ । ରବିବାର ଅପରାହ୍ନରେ ଜୟନ୍ତୀ ଘର ନିକଟରେ ଥିବାବେଳେ ହଠାତ୍ ବଜ୍ରପାତ ଘଟିଥିଲା । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି ।

## ନୃତ୍ୟଶିଳ୍ପୀ ମଧୁସ୍ମିତାଙ୍କ ପରଲୋକ

ଢେଙ୍କାନାଳ,୨୯ ।୬(ସମିସ): ସଦର ବ୍ଲକ ଗୁଣ୍ଡିଚାପଡ଼ା ପଞ୍ଚାୟତ ଡେଙ୍ଗବରେଇ ଗ୍ରାମର ନୃତ୍ୟଶିଳ୍ପୀ ମଧୁସ୍ମିତା ରାଉତ (୨୧)ଙ୍କ ପରଲୋକ ଘଟିଛି । ମଧୁସ୍ମିତା ଆପ୍ଲାଷ୍ଟିକ ଆନିମିଆ ରୋଗରେ ପୀଡ଼ିତ ୨୦୨୫ରେ ଭୁବନେଶ୍ୱର ଏମ୍ସରେ ବୋନ୍ ମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ କରାଇଥିଲେ । ସିମିନଇସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟର ଶେଷବର୍ଷ କଳା ଛାତ୍ରୀ ଥିବା ମଧୁସ୍ମିତା ଜଣେ ପ୍ରତିଭାଶାଳୀ ନୃତ୍ୟଶିଳ୍ପୀ ତଥା ଚିତ୍ରଶିଳ୍ପୀ ଥିଲେ । ଦୀର୍ଘଦିନ ଧରି ରୋଗ ସହ ସଂଘର୍ଷ କରି ସେ ଅନେକଙ୍କ ପାଇଁ ପ୍ରେରଣା ପାଲଟିଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଜବରଦଖଲ ଉଚ୍ଛେଦକୁ ନେଇ ପୌର ଉପାଧ୍ୟକ୍ଷଙ୍କ ନାଁରେ ମାମଲା



ଢେଙ୍କାନାଳ,୨୯ ।୬(ସମିସ): ସ୍ଥାନୀୟ ୱାର୍ଡ ନଂ ୯ ଅନ୍ତର୍ଗତ କୁଟୁଣିଆ ସାହିରେ ଜବର ଦଖଲ ଉଚ୍ଛେଦକୁ ବିରୋଧ କରି ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁରଙ୍କ ନାମରେ ମାମଲା ରୁଜୁକୁ ନେଇ ବିଜେଡି ପକ୍ଷରୁ ଶତାଧିକ ମହିଳା ଓ ପୁରୁଷ ମାନେ ଟାଉନ ଥାନା ଘେରାଉ କରିଥିବା ଜଣାପଡ଼ିଛି । ଗତ ୨୨ ତାରିଖରେ ୱାର୍ଡ ନଂ ୯ ଅନ୍ତର୍ଗତ କୁଟୁଣିଆ ସାହିରେ ପୌରସଂସ୍ଥା ପକ୍ଷରୁ ଜବର ଦଖଲ ଉଚ୍ଛେଦକୁ ନେଇ ସ୍ଥାନୀୟ ଅଞ୍ଚଳବାସିନ୍ଦା ଜେସିବି ମେସିନ ସମ୍ମୁଖରେ ଶୋଇ ରହି ତୀବ୍ର ବିରୋଧ କରିଥିଲେ । ଏହି ବିରୋଧକୁ ପୌରଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର ମଧ୍ୟ ଏହି ବେଆଇନ ଉଚ୍ଛେଦକୁ ତୀବ୍ର ବିରୋଧ କରିଥିଲେ । ଫଳରେ ପୌରସଂସ୍ଥା କର୍ତ୍ତୃପକ୍ଷ, ପ୍ରଶାସନ, ଜବର ଦଖଲ ଉଚ୍ଛେଦ କରିନପାରି ନ ଥିଲେ । ଏହି ଘଟଣାକୁ ନେଇ ପୌର ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସ ପୌରଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁରଙ୍କ ସହିତ କେତେକ ବ୍ୟକ୍ତିଙ୍କ ନାମରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଟାଉନ ପୋଲିସ ମାମଲା ରୁଜୁ କରି ଶ୍ରୀ କୁଅଁରଙ୍କୁ ଥାନାକୁ ଡାକିଥିଲେ । ଶ୍ରୀ କୁଅଁର ଢେଙ୍କାନାଳରେ ନଥିବାରୁ ସୋମବାର ପୂର୍ବାହ୍ନରେ ଟାଉନଥାନାକୁ ଯାଇ ଘଟଣା ସମ୍ପର୍କରେ ବୁଝିଥିଲେ । ସେ ଟାଉନ ଥାନାରେ ପହଞ୍ଚିବା ପୂର୍ବରୁ ଶତାଧିକ ମହିଳା ଓ ପୁରୁଷଙ୍କ ସହିତ ବିଜେଡି କର୍ମୀମାନେ ଏହାକୁ ବିରୋଧ କରି ଥାନା ଘେରାଉ କରିଥିଲେ । ଶ୍ରୀ କୁଅଁରଙ୍କୁ ଗିରଫ କରି କୋର୍ଟକୁ ଚାଲାଣ କରିବା ନିମନ୍ତେ ଜିଦ୍ ଧରି ଥାନା ସମ୍ମୁଖରେ ବସିରହିଥିଲେ । ଏହି ଘଟଣାକୁ ନେଇ ସେଠାରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ଟାଉନ ଥାନା ପୋଲିସ ଅଧିକାରୀ ଧିରେନ କୁମାର ବେହେରା ତଦନ୍ତ ସରି ନଥିବାରୁ ଏବଂ ଅଭିଯୋଗ ଉପରେ ସତ୍ୟତା ଯାଞ୍ଚ ହୋଇନଥିବା ଯୋଗୁଁ ଶ୍ରୀ କୁଅଁରଙ୍କୁ ଗିରଫ କରାଯାଇ ନାହିଁ ବୋଲି ପ୍ରକାଶ କରିଛନ୍ତି । ଏହି ଗିରଫଦାବୀକୁ ନେଇ ବିଜେଡି ବିଜେପି ମଧ୍ୟରେ ଛକାପଞ୍ଝା ଲାଗି ରହିଛି ।

## ଗୋଡ଼ିସାହି ପୋଖରୀ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି

ଢେଙ୍କାନାଳ,୨୯ ।୬(ସମିସ): ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକ ମରୁଆବିଲି ପଞ୍ଚାୟତ ଏକ ଆଦିବାସୀ ଏବଂ ଅନୁନ୍ନତ ଅଞ୍ଚଳ । କେବଳ ହାତ ଗଣତି କେଇଜଣ ଠିକାଦାରଙ୍କୁ ବାଦଦେଲେ ଏହି ଗ୍ରାମ ପଞ୍ଚାୟତରେ ସରକାରୀ ଅନୁଦାନ କେତେ ଏବଂ କେଉଁଠାରେ ଖର୍ଚ୍ଚ କରାଯାଉଛି ତାହାର ହିସାବ କିତାବ କେବଳ ବିଭାଗୀୟ ଅଧିକାରୀ ମାନେ ହିଁ ରଖିଥାନ୍ତି । ଉକ୍ତ ଗ୍ରାମ ପଞ୍ଚାୟତରେ ଆସୁଥିବା ଗୋଡ଼ିସାହି ଗାଁ ମୁଣ୍ଡରେ ଏକ ବହୁ ପୁରାତନ ପୋଖରୀକୁ ଗତ ୩ ମାସ ପୂର୍ବ ୩ ଲକ୍ଷ ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା । ଯାହାକୁ ପଞ୍ଚାୟତ ସମିତି, କଙ୍କଡ଼ାହାଡ଼ର ବିଭାଗ ପକ୍ଷରୁ କରାଯାଇଛି । ତେବେ ଉକ୍ତ ପୁରାତନ ପୋଖରୀର ଗୋଟିଏ ପଟର ୨ କଡରେ କେବଳ ପାହାଚ ନିର୍ମାଣରେ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଫଳକରେ ଉଲ୍ଲେଖ କରାଯାଇଛି । ସଦ୍ୟ ନିର୍ମିତ ସିମେଣ୍ଟ ପାହାଚ ଗୁଡିକ ଅତି ନିମ୍ନ ମାନର ହୋଇଥିବା ସ୍ପଷ୍ଟ ଜାଣୀହେଉଛି । ଅତି ଚତୁରତାର ସହିତ ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାର ମିଳିମିଶି ପୁରୁଣା ପୋଖରୀକୁ ପୋଖରୀ ନିର୍ମାଣ କାର୍ଯ୍ୟ ବୋଲି ଫଳକରେ ଉଲ୍ଲେଖ କରିଛନ୍ତି । ତେବେ ଏହି କାମରେ ଅତି ନିମ୍ନ ମାନର ବାଲି, ଗୋଡି ଏବଂ ସିମେଣ୍ଟ ବ୍ୟବହାର କରାଯାଇଥିବାରୁ ଏହାର ସ୍ଥାଇତ୍ୱ ପ୍ରତି ଗାଁ ଲୋକେ ସନ୍ଦେହ ପ୍ରକଟ କରିଛନ୍ତି । ତେଣୁ ଉକ୍ତ ପୋଖରୀ ନିର୍ମାଣ କାର୍ଯ୍ୟକୁ ପୁନଃ ସମୀକ୍ଷା କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଥିବା ଜଣାପଡ଼ିଛି ।



## ୧ରୁ ରାଜ୍ୟବ୍ୟାପୀ ଡାକ୍ତରଙ୍କ ଆନ୍ଦୋଳନ

### ସେବାବନ୍ଦ ନିଷ୍ପତ୍ତି

ଢେଙ୍କାନାଳ,୨୯ ।୬(ସମିସ): ଢେଙ୍କାନାଳ ଜିଲ୍ଲାରେ ଡାକ୍ତରଙ୍କ ବିଭିନ୍ନ ଦାବି ନେଇ ଆନ୍ଦୋଳନ କରାଯିବ ବୋଲି ଓମ୍ସା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଜୁଲାଇ ୧ ଡାକ୍ତର ଦିବସରୁ ରାଜ୍ୟର ସମସ୍ତ ସରକାରୀ ଡାକ୍ତର ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ବିଭିନ୍ନ ଦାବି ନେଇ ବାରମ୍ବାର ସରକାରଙ୍କୁ ଜଣାଇଥିଲେ ମଧ୍ୟ ଏଥିରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ (ଓମସା) ପକ୍ଷରୁ ସୂଚନା ଦିଆଯାଇଛି । ଏହି ଆନ୍ଦୋଳନ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜୁଲାଇ ୧ରୁ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାରେ ଓପିଡି, ଆଇପିଡି, ଏମର୍ଜେନ୍ସି ସେବା ସହିତ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସେବା ସମେତ ସମସ୍ତ ସ୍ୱାସ୍ଥ୍ୟସେବା ବନ୍ଦ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

## ପ୍ରବଳ ବର୍ଷା; ସିମେଣ୍ଟ ଦୋକାନରେ ପଶିଲା ପାଣି

ଭୁବନ,୨୯ ।୬(ସମିସ): ଭୁବନ ଅଞ୍ଚଳରେ ଗତକାଲି ସନ୍ଧ୍ୟାରେ ପ୍ରବଳ ବର୍ଷା କାରଣରୁ ଉପରମୁଣ୍ଡ ପାଣି ତଳି ଅଞ୍ଚଳକୁ ଖସିବା ସହିତ ସିମେଣ୍ଟ ଦୋକାନରେ ବର୍ଷାପାଣି ପଶି ଲହଡା ଖେଳୁଛି । ଭୁବନ ଏନଏସି ଅନ୍ତର୍ଗତ ଅନିଲ ମହାନ୍ତିଙ୍କ ସିମେଣ୍ଟ ଗୋଦାମରେ ଏପରି ଅବସ୍ଥା ଦେଖିବାକୁ ମିଳିଛି । ପୂର୍ତ୍ତବିଭାଗ ରାସ୍ତା ପାର୍ଶ୍ୱରେ ଥିବା ଏହି ଗୋଦାମରେ ଲକ୍ଷାଧିକ ଟଙ୍କାର ସିମେଣ୍ଟ ନଷ୍ଟ ହୋଇଯାଇଥିବା ଅଭିଯୋଗ ହୋଇଛି । ତେବେ ୪ବର୍ଷ ହେଲା ପୂର୍ତ୍ତବିଭାଗ ଦ୍ୱାରା ନିର୍ମାଣ ହେଉଥିବା ଡ୍ରେନଟି ଅସମ୍ପୂର୍ଣ୍ଣ କାରଣରୁ ଏହି ସମସ୍ୟା ଉପୁଜିଥିବା ମଧ୍ୟ ଅଭିଯୋଗ ହୋଇଛି । ଗୋଦାମରେ ପାଣିପମ୍ପ ଲଗାଇ ବର୍ଷାପାଣି ନିଷ୍କାସନ କରାଯାଉଥିବା ବେଳେ ଯେତିକି ପାଣି ବାହାରୁଛି ସେତିକି ପାଣି ପଶୁଥିବା ଦେଖିବାକୁ ମିଳିଛି । ଏପଟେ ଡ୍ରେନ ଶୃଙ୍ଖଳା ପଡ଼ିଥିବାରୁ ଏହି ଘଟଣାକୁ ନେଇ ଅଞ୍ଚଳବାସୀ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି ।



ଲକ୍ଷାଧିକ ଟଙ୍କାର କ୍ଷତି

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଗଁଦିଆ,୨୯ ।୬(ସମିସ): ଗଁଦିଆ ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ସଂଯୁକ୍ତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଅଞ୍ଚଳର ବହୁ ଜନସାଧାରଣ ନିଜ ସମସ୍ୟା ନେଇ ଅଭିଯୋଗ କରିଥିଲେ । ମୋଟ ୯୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୧୭ ଅଭିଯୋଗର ତତ୍କାଳ ଫଇସଲା କରାଯାଇଛି । ଏହି ଅବସରରେ ଦୁର୍ଗତ ଓ ଆବଶ୍ୟକ କରୁଥିବା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଏବଂ ରେଡକ୍ରସ ପାଣ୍ଠିରୁ ମୋଟ ୩୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଶିବିରରେ ଏସ୍‌ପି ଅଭିନବ ସୋନକର, ଏସଡିପିଓ ରମେଶ ଚନ୍ଦ୍ର ଦୋରା, ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଉପଜିଲ୍ଲାପାଳ ପଦ୍ମଚରଣ ସାହୁ, ସିଡିଏମଓ ସଞ୍ଜୟ କୁମାର ମହାପାତ୍ରଙ୍କ ସମେତ ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଗଁଦିଆ ବିଡିଓ ପବିତ୍ର କୁମାର ବେହେରା ଏବଂ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।



### ● ୧୭ ବର୍ଷରୁ କମ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ

## ଗୋପାଳପୁରକୁ ହରାଇଲା ଭୁବନେଶ୍ୱର କେଭି-୩

ଢେଙ୍କାନାଳ,୨୯ ।୬(ସମିସ): ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଭୁବନେଶ୍ୱର ସଂଭାଗସ୍ତରୀୟ ୧୭ବର୍ଷରୁ କମ୍ ଫୁଟବଲ୍



ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଏଥିରେ ମୋଟ ୬ଟି କେନ୍ଦ୍ରୀୟ ବିଦ୍ୟାଳୟର ୯୦ ପ୍ରତିଯୋଗୀ ଭାଗନେଇଥିଲେ । ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୩ ପ୍ରଥମ, ଗୋପାଳପୁର କେନ୍ଦ୍ରୀୟ ବିଦ୍ୟାଳୟ ଦ୍ୱିତୀୟ ଓ ବନ୍ଧମୁଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟ ତୃତୀୟ ସ୍ଥାନ ହାସଲ କରିଛନ୍ତି । ଫାଇନାଲରେ ଭୁବନେଶ୍ୱର କେଭି-୩ ଗୋପାଳପୁର କେଭିକୁ ପେନାଲଟି ସୁଟ୍‌ରେ ୪-୧ ଗୋଲରେ ପରାସ୍ତ କରିଛି । ଶ୍ରେଷ୍ଠ ୧୪ ଖେଳାଳିଙ୍କୁ ସେମାନଙ୍କ ପ୍ରଦର୍ଶନ ଆଧାରରେ ଚୟନ କରାଯାଇଛି । ଏହି ଖେଳାଳିମାନେ ଆସନ୍ତା ସେପ୍ଟେମ୍ବର ୨୮ରୁ ଡେରାଡୁନରେ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଭୁବନେଶ୍ୱର ସଂଭାଗ ତରଫରୁ ଅଂଶଗ୍ରହଣ କରିବେ । ଉଦଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର କୁମାର ଦାଶ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ଭବିଷ୍ୟତରେ ଉଚ୍ଚକୋଟୀର କ୍ରୀଡ଼ାବିତ ହେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଦିବ୍ୟମୋହନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା ।

### ● ପଞ୍ଚାୟତ କାର୍ଯ୍ୟାଳୟରେ ଆଦିବାସୀଙ୍କ ଧାରଣା

## ସରକାରୀ ଯୋଜନା ଯୋଗାଇଦେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ପରଜଙ୍ଗ,୨୯ ।୬(ସମିସ)

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ଆଖୁଆପାଳ ପଞ୍ଚାୟତ ଅଧିନରେ ଥିବା ଆଦିବାସୀ ପଡା ମାନଙ୍କୁ ଆଜି ପର୍ଯ୍ୟନ୍ତ ଗମନାଗମନ, ବିସୁଦ୍ଧ ପାନୀୟ ଜଳ, ବିଦ୍ୟୁତ ସଂଯୋଗ, ଶିକ୍ଷା ବ୍ୟବସ୍ଥାର ଭିତିଭୂମି, ଜଙ୍ଗଲ ଜମି ପଟ୍ଟା, ବାର୍ଦ୍ଧକ୍ୟ ଭତା ଯୋଗାଇଦେବାରେ ସ୍ଥାନୀୟ ପ୍ରଶାସନ ବିଫଳ ହୋଇପଡ଼ିଛି । ଏନେଇ ସ୍ଥାନୀୟ ଆଦିବାସୀ ବାସିନ୍ଦା ମାନେ ବାରମ୍ବାର ଅଭିଯୋଗ ଶୁଣାଣୀରେ ଅଭିଯୋଗ କରିଆସୁଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନଥିବା ଜଣାପଡ଼ିଛି । ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୬ କିଲୋମିଟର ଦୂରରେ ବଣ ପାହାଡ ଜଙ୍ଗଲ ଘେରା ଥିବା ଆଦିବାସୀ ପଡା ତଥା କେନ୍ଦୁମୁଣ୍ଡା,ମହୁଲ ଡଙ୍ଗା, ମୋହନପଶି, ଝରାପାଳ,ଭେରୁବଣିଆରେ ଶତାଧିକ ଆଦିବାସୀ ପରିବାର ଦୀର୍ଘ ବର୍ଷ ଧରି ବସବାସ କରୁଥିଲେ ମଧ୍ୟ ସରକାରଙ୍କ ମୌଳିକ ସୁବିଧା ଠାରୁ ବହୁ ଦୂରରେ ଅଟକିରହିଛନ୍ତି । ସେହିପରି ଝରାପାଳ, ଭେରୁବଣିଆ ଉଭୟ ବସ୍ତିକୁ ବର୍ଷା ଦିନେ ଗମନାଗମନ ମୁଖ୍ୟ ଗ୍ରାମଠାରୁ ବିଛିନ୍ନ ହୋଇଯାଇଥାଏ । ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ଯାଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ କାଠ ଖୁଣ୍ଟରେ ବିଦ୍ୟୁତ ତାରରେ ସଂଯୋଗ କରି ଆଦିବାସୀ ଉପୋଭକ୍ତା ମାନେ ବିଦ୍ୟୁତ୍ ସଂଯୋଗ କରିଛନ୍ତି । ସେହିପରି ସମସ୍ତ ଆଦିବାସୀ ପଡ଼ାରେ ଆଜି ପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହୋଇପାରି ନାହିଁ ଏବଂ ଥିବା ବିଦ୍ୟାଳୟରେ ପାଚେରୀ ନିର୍ମାଣ ହେଉବା ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନରେ ବିଫଳ ହୋଇପଡ଼ିଛି ସ୍ଥାନୀୟ ପ୍ରଶାସନ । ବ୍ଲକର ଆଖୁଆପାଳ ପଞ୍ଚାୟତ ଆଦିବାସୀ ସମ୍ପ୍ରଦାୟଙ୍କ ନିମନ୍ତେ ସରକାରଙ୍କ ପକ୍ଷରୁ "ଆଭା" ଯୋଜନାରେ ସାମିଲ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ ।

ପୂର୍ବନିର୍ଦ୍ଧାରିତ ଅନୁଯାୟୀ ଆଦିବାସୀ ଚେତନା ସଂଗଠନର ସଭାପତି ଲାଲମୋହନ ମୁର୍ମୁ ଙ୍କ ଆହ୍ୱାନ କ୍ରମେ ଆଖୁଆପାଳ ପଞ୍ଚାୟତର ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ନିଜର ହକ୍ ପାଇଁ ପାରମ୍ପରିକ ପୋଷାକ ଓ ବାଦ୍ୟଯନ୍ତ୍ର ସହିତ ତାରିଣୀ ହୋଟେଲ ଠାରୁ ବିଶାଳ ରାଲିରେ ବାହାରି ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଗଣଧାରଣା ରେ ବସିଥିଲେ । ପରଜଙ୍ଗ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ ଜେନା, ପଞ୍ଚାୟତ କାର୍ଯ୍ୟ ନିର୍ବାହ ଅଧିକାରୀ ପ୍ରତାପ ସାମଲ, ଏଡିଇଓ ନନ୍ଦିନୀ ତରାଇ ଗଣଧାରଣା ସ୍ଥଳରେ ପହଞ୍ଚି ଆଲୋଚନା କରିବା ସହ ଅଧିକାରୀଙ୍କ ଜରିଆରେ ଆଦିବାସୀ ଚେତନା ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ମୌଳିକ ସୁବିଧା ସୁଯୋଗ ଯଥାଶୀଘ୍ର ଯୋଗାଇଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ ।

ଆଗାମୀ ଦିନରେ ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସଂଗଠନ ସଭାପତି ଶ୍ରୀ ମୁର୍ମୁଙ୍କ ସମେତ ସମସ୍ତ ଆଦିବାସୀ ସଦସ୍ୟମାନେ ଚେତାବନୀ ଦେଇଛନ୍ତି ।

# ସରକାରୀ ବେତନ ନେଇ ବେସରକାରୀ ବିଦ୍ୟାଳୟ ପାଇଁ ପ୍ରଚାର

ସୁନାବେଡ଼ା,୨୯।୬ ସମିସ): କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ଜଣେ ଆଞ୍ଚଳିକ ସାଧନ କର୍ମୀଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆସିଛି। ସରକାରୀ ଦରମା ପାଉଥିବା ସତ୍ତ୍ୱେ ସେ ବେସରକାରୀ ବିଦ୍ୟାଳୟର ପ୍ରଚାର କରୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ମିଳିଥିବା ସୂଚନା ଅନୁଯାୟୀ, ମିଗ୍-୩ କ୍ଲଷ୍ଟରର ରତ୍ନପୂର୍ଣ୍ଣା ଦାସ ନିଜ କ୍ଲଷ୍ଟରର ଅଫିସିଆଲ୍ ହ୍ୱାଟସ୍ଆପ୍ ଗ୍ରୁପରେ ସୁନାବେଡ଼ା ୯ ନମ୍ବର ୱାର୍ଡ ଶାନ୍ତିନଗର ସ୍ଥିତ "ସାଇ ସୈନିକ ବିଦ୍ୟାଳୟ'ର ବିଜ୍ଞାପନ ପ୍ରସାର କରୁଛନ୍ତି।

**କାର୍ଯ୍ୟାନୁଷ୍ଠାନ ଦାବି**

ଉକ୍ତ ସ୍ଥାନରେ ପୂର୍ବରୁ ଥିବା ସରକାରୀ ବିଦ୍ୟାଳୟ ବନ୍ଦ ହେବା ପରେ ସେଠାରେ ଏହି ବେସରକାରୀ ବିଦ୍ୟାଳୟଟି ଖୋଲିଥିଲା। ପାଖରେ ସରକାରୀ ବିଦ୍ୟାଳୟ ଥାଇ ମଧ୍ୟ ଏହି ବେସରକାରୀ ବିଦ୍ୟାଳୟକୁ ଏନୋସି କିପରି ମିଳିଲା, ତାହାକୁ ନେଇ ମଧ୍ୟ ସାଧାରଣରେ ପ୍ରଶ୍ନ ଉଠିଛି। ସରକାରୀ ବିଦ୍ୟାଳୟଗୁଡ଼ିକର ମାନ ବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢ଼ାଇବା ପାଇଁ ସରକାର ଅନେକ ଯୋଜନା କରୁଛନ୍ତି। ଏଭଳି ସ୍ଥିତିରେ ଜଣେ ସରକାରୀ ଦାୟିତ୍ୱରେ ଥିବା କର୍ମଚାରୀ ବେସରକାରୀ ବିଦ୍ୟାଳୟର ପ୍ରଚାର କରିବା କେତେଦୂର ଯୁକ୍ତିଯୁକ୍ତ, ତାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିରୁ କୌଣସି ଆର୍ଥିକ ଲାଭ ମିଳୁଥିବା ନେଇ ମଧ୍ୟ ଜନସାଧାରଣ ସନ୍ଦେହ ପ୍ରକଟ କରିଛନ୍ତି। ସରକାରୀ ଶିକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ବଜାୟ ରଖିବା ପାଇଁ ଶିକ୍ଷା ବିଭାଗ ଓ ଜିଲ୍ଲା ପ୍ରଶାସନ ଏହି ଘଟଣାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଜୟପୁର-ମାଲକାନଗିରି ରେଳଧାରଣା ନିର୍ମାଣ ପାଇଁ ଜନଶୁଣାଣି

ଜୟପୁର,୨୯।୬(ସମିସ): ଜୟପୁର-ମାଲାକାନଗିରି ରେଳଧାରଣା ନିର୍ମାଣ ପାଇଁ ଜମି ଅଧିଗ୍ରହଣ ନେଇ ସ୍ଥାନୀୟ ରେଳଧାରଣା ଭୂ-ଅର୍ଜନ ବିଭାଗ କାର୍ଯ୍ୟାଳୟ ଠାରେ ଏକ ଶୁଣାଣି



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଫାମ୍ପୁଣି ସର୍କଲର ଘିଉରୀ ମୌଜାର ୧୨ ଜଣ ଜମି ମାଲିକ ଯୋଗଦେଇ ସେମାନଙ୍କ ଜମିର କାଗଜପତ୍ର, ଆଧାର କାର୍ଡ, ବ୍ୟାଙ୍କ ଜମାଖାତାର ନକଲ ପ୍ରଦାନ କରିଥିଲେ। ଏହି ଶୁଣାଣିରେ ଉପସ୍ଥିତ ଭୂ ଅର୍ଜନ ବିଭାଗ କର୍ମଚାରୀ ସୁବ୍ରତ ପାଣିଗ୍ରାହୀ, ଫାମ୍ପୁଣି ସର୍କଲର ରାଜସ୍ୱ ନିରୀକ୍ଷକ କୈଳାସ ଚାଲାଣ, ସହକାରୀ ରାଜସ୍ୱ ନିରୀକ୍ଷକ ସନ୍ତୋଷ ନିଶଙ୍କ ଉପସ୍ଥିତ ରହି ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ। ପ୍ରାୟ ୧୨ ଜଣ ଜମି ମାଲିକ ସେମାନଙ୍କ ଡଙ୍ଗର କିସମର ଜମି ହରାଉଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଏକର ପିଛା ୪ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରାଯିବ। ସୂଚନାଯୋଗ୍ୟ, ଜୟପୁର ବ୍ଲକର ଫାମ୍ପୁଣି, ସାନକାଉଡି, ଏକମ୍ବା ଏବଂ କୁନ୍ଦୁରା ବ୍ଲକର ଦିଗାପୁର ମୌଜାରେ ଏହି ରେଳ ଧାରଣା ନିର୍ମାଣ ହେଉଥିବା ଯୋଗୁଁ ଏକର ପିଛା ଜମି ଅଧିଗ୍ରହଣ ପାଇଁ ରେଳ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା ଜମିହରା ମାଲିକଙ୍କୁ ପ୍ରଦାନ ନେଇ ଧାର୍ଯ୍ୟ କରାଯାଇଛି। କିନ୍ତୁ ଏହି କ୍ଷତିପୂରଣ ରାଶି କମ ହେଉଥିବା ଯୋଗୁଁ ଜମିହରା ମାଲିକ ମାନେ ବିରୋଧ କରିବା ସହିତ ଏକର ପିଛା ୧କୋଟି ଟଙ୍କା ପ୍ରଦାନ ଦାବି ନେଇ ଦାବି କରୁଛନ୍ତି।

# ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଯୋଗଦାନ



କୋରାପୁଟ,୨୯।୬(ସମିସ): କୋରାପୁଟ ଜିଲ୍ଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ଆଜି ଅଶୋକ ସେନାପତି ଯୋଗ ଦେଇଛନ୍ତି। କାର୍ଯ୍ୟରେ ଯୋଗ ଦେଲା ପରେ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀ ମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବରଙ୍କୁ ସେ ଆଜି ସାକ୍ଷାତ କରିଥିଲେ। ଏଥି ପୂର୍ବରୁ ସେ କେଉଁଝର ଜିଲ୍ଲାର ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ ତୁଲାଇଥିଲେ।

# ଜିଲ୍ଲା ଯୋଜନା କମିଟି ନିର୍ବାଚନ

# ବାଜି ମାରିଲେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀ

କୋରାପୁଟ,୨୯।୬(ସମିସ): କିଛି ଦିନ ପୂର୍ବରୁ ରାଜ୍ୟ ସରକାର ଜିଲ୍ଲା ଯୋଜନା କମିଟି ଅଧକ୍ଷ ନିଯୁକ୍ତ କରିଥଲେ। କୋରାପୁଟର ବିଜେପି ବିଧାୟକ ରଘୁରାମ ମାଛଙ୍କୁ ଜିଲ୍ଲା ଯୋଜନା କମିଟି ଅଧକ୍ଷ ଭାବେ ନିଯୁକ୍ତ କରିଥିଲେ। ଶାସକ ଦଳର ବିଧାୟକ ଅଧକ୍ଷ ପଦରେ ଅବସ୍ଥାପିତ ହେଲେ । କିନ୍ତୁ ସଦ୍ୟ ସମାପ୍ତ ଜିଲ୍ଲା ଯୋଜନା କମିଟି ସଦସ୍ୟ ନିର୍ବାଚନରେ ବିଜୁ ବିଜୁ ଜନତା ଦଳ ଏବଂ ଜାତୀୟ କଂଗ୍ରେସ ଦଳର ପ୍ରାର୍ଥୀ ମାନେ ବାଜି ମାରି ନେଇଛନ୍ତି। ମୋଟ ୧୬ ଟି ଆସନରୁ ବିଜୁ ଜନତା ଦଳ ୧୦ଟିରେ ବିଜୟୀ ହୋଇଥିବା ବେଳେ ୬ଟି ଆସନ କଂଗ୍ରେସ ଖାତାକୁ ଯାଇଛି। ଭାରତୀୟ ଜନତା ପାର୍ଟି କୌଣସି ଆସନ ହାତେଇବାରେ ସକ୍ଷମ ହୋଇ ପାରି



ନାହିଁ। ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଡିପିସି ସଦସ୍ୟ ନିର୍ବାଚନରେ ଅଣ ସଂରକ୍ଷିତ ଆସନରୁ କୋରାପୁଟ ପୌର ପରିଷଦ ୧୨ ନଂ ୱାର୍ଡ ବିଜେଡି କାଉନସିଲର ପ୍ରଫୁଲ୍ଲ ମହାପାତ୍ର, ଜୟପୁର ପୌର ପରିଷଦ ୫ ନଂ ୱାର୍ଡ କାଉନସିଲର ପ୍ରଣବ ପ୍ରକାଶ ନାୟକ, କୋରାପୁଟ ବ୍ଲକ ଜୋନ ୧ ଜିଲ୍ଲା ପରିଷଦ ସଦସ୍ୟ ରଘୁ ଜାନି, ପଟାଙ୍ଗି ବ୍ଲକ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଲାଇଛନ ଖରା,ବୋରିଗୁମ୍ମା ବ୍ଲକ ୧ ନଂ ଜୋନ ସଦସ୍ୟ ପ୍ରସାଦ ବିଡ଼ିକା,୩ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ନୃସିଂହନାଥ ଶତପଥୀ, ଦଶମନ୍ତପୁର ବ୍ଲକ ଜୋନ ୧ ଜିଲ୍ଲା ପରିଷଦ ସଦସ୍ୟ ଧନପତି ସାଉନ୍ତା, ଲମତାପୁଟ ଜୋନ ୨ ଜିଲ୍ଲା ପରିଷଦ ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ପାଙ୍ଗି ନିର୍ବାଚିତ ହୋଇଛନ୍ତି। ସେହିପରି ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟା ତପତି ପଟ୍ଟନାୟକ , ଲଳିତା ସାଉନ୍ତା, ଯଶୋଦା ଖିଲ, ଗୀତା ମାଝୀ, ନମନ୍ତି ଖିଲ, ଅଭିଲାଷୀ ନାୟକ, ରଶ୍ମୀ ରଥ ଏବଂ ଶଶି ରେଖା ପରଜା ସଂରକ୍ଷିତ ଆସନରୁ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ବିଜେଡି ଜିଲ୍ଲା ସଭାପତି ଝିନ୍ନ ହିକକା, କୋରାପୁଟ ପୌର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀ, ମହିଳା ବିଜେଡି ଜିଲ୍ଲା ସଭାନେତ୍ରୀ ପାର୍ବତୀ ମସ୍ତି, କାଉନସିଲର କାଦମ୍ବିନୀ ସେଠୀ, ବ୍ଲକ ବିଜେଡି ସଭାପତି ମଣ୍ଟୁ ବେନିଆ ପ୍ରମୁଖ ନବ ନିର୍ବାଚିତ ସଦସ୍ୟ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ପାପଡାହାଣ୍ଡିରେ ଦେବସ୍ନାନ ପୂର୍ଣ୍ଣିମା

ପାପଡ଼ାହାଣ୍ଡି,୨୯।୬(ସମିସ): ପାପଡ଼ାହାଣ୍ଡି ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ରୀତିନୀତି ଅନୁସାରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ମୁଖ୍ୟ ପୁରୋହିତ ବାଞ୍ଛାନିଧି ନନ୍ଦଙ୍କ ତତ୍ତ୍ୱାବଧାନରେ ସକାଳ ୧୦ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପହଣ୍ଡି କରାଯାଇ ସ୍ନାନ ମଣ୍ଡପରେ ବିଜେ କରାଯାଇଥିଲା। ଏହାପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥିଲା। ଏହି ଅବସରରେ ପ୍ରଶାନ୍ତ ପାତ୍ର ଛେରାପହଁରା କରିଥିଲେ । ପରେ ଗଜାନନ ବେଶରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟା ଆଳତି ପରେ ରାତି ୮ଟାରେ ଚତୁର୍ଦ୍ଧାମୂର୍ତ୍ତଙ୍କୁ ଅଣସର ଘରକୁ ନିଆଯାଇଥିଲା। ଏଥିରେ ଶିବପ୍ରସାଦ ତ୍ରିପାଠୀ, ନୀଳକଣ୍ଠ ତ୍ରିପାଠୀ, ସତ୍ୟନାରାୟଣ ନନ୍ଦ, ସୁବାଷ ଘଣ୍ଟ, ଟିମି ଘଣ୍ଟ, ତପନ ରଥ, ଦିପୁ ଦାସ , ନରସିଂହ ପାଢ଼ୀ, ପଦ୍ମନ ପଣ୍ଡା, ପ୍ରଶାନ୍ତ ପଣ୍ଡା, ସୁବାସ ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

■ **ଅନୁଦାନ ଥାଇ ୨ ବର୍ଷ ହେଲା ହୋଇପାରୁନି ସ୍କୁଲ୍ କୋଠା ନିର୍ମାଣ**

# ଛୋଟ କୋଠରୀରେ ପଢୁଛନ୍ତି ଛାତ୍ରଛାତ୍ରୀ

ତେନ୍ତୁଲିଖୁଣ୍ଟି,୨୯।୬(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ପରଜା ବାରଙ୍ଗପଦର ପଞ୍ଚାୟତ ସଦର ଗ୍ରାମରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀ ଗୃହ ନାହିଁ। ଗୋଟିଏ ଗୋଟିଏ କୋଠରୀରେ ଦୁଇଟି ଲେଖାଏଁ ଶ୍ରେଣୀର ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସମସ୍ୟାକୁ ଦୃଷ୍ଟିରେ ରଖି ସରକାରୀ ଅନୁଦାନ ମଧ୍ୟ ପ୍ରଦାନ ହୋଇଛି । କିନ୍ତୁ ଦୀର୍ଘ ଦୁଇବର୍ଷ ହେବ କାର୍ଯ୍ୟ ଆରମ୍ଭ ହୋଇପାରୁନି । ସୂଚନା ଅନୁଯାଇ ଦୁଇ ନିର୍ଦ୍ଦିଷ୍ଟ ଦଳର କର୍ମୀଙ୍କ ଟଣା ଓଟରା ଯୋଗୁଁ ଏହି କାର୍ଯ୍ୟ ଆରମ୍ଭ ହୋଇପାରୁନଥିବା କୁହାଯାଉଛି । ଏହି ବିଦ୍ୟାଳୟରେ ବାଳବାଟିକାକୁ ମିଶାଇ ୯ଟି ଶ୍ରେଣୀର ଶିକ୍ଷାଦାନ ହେଉଥିବା ବେଳେ ମାତ୍ର ୬ଟି



ଶ୍ରେଣୀ କକ୍ଷ ରହିଛି। ଏହି ବିଦ୍ୟାଳୟର ପ୍ରଥମ ଶ୍ରେଣୀରେ ୨୦ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୧, ତୃତୀୟ ଶ୍ରେଣୀରେ ୩୦, ଚତୁର୍ଥ ଶ୍ରେଣୀରେ ୪୩, ପଞ୍ଚମ ଶ୍ରେଣୀରେ ୨୮, ଷଷ୍ଠ ଶ୍ରେଣୀରେ ୪୪, ସପ୍ତମ ଶ୍ରେଣୀରେ ୧୫, ଅଷ୍ଟମ ଶ୍ରେଣୀରେ ୨୩ ଏବଂ ବାଳ ବଟିକାରେ ୨୧ ଜଣକୁ ମିଶାଇ ମୋଟ ୨୪୫ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଛୋଟ ଛୋଟ କୋଠରୀରେ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ବସି ପାଠ ପଢିବାରେ ସମସ୍ୟା ହେଉଛି। ରାଜନୀତି ଯୋଗୁଁ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁ ନଥିବାରୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। ପ୍ରଶାସନ କାହିଁକି ବିଦ୍ୟାଳୟ ଶ୍ରେଣୀଗୃହ ନିର୍ମାଣ କରିବାରେ ବିଳମ୍ବ କରୁଛି ତାକୁ ନେଇ ମଧ୍ୟ ଅସନ୍ତୋଷ ଦେଖାଦେଇଛି । ସରକାର ଏଥିପ୍ରତି ଦୃଷ୍ଟିଦେଇ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ଦାବି ହେଉଛି।

■ **ବେକେରୀ ସପ୍ଲାୟରଙ୍କୁ ମାଡ଼, ହତ୍ୟା ଧମକ ମାମଲା**

# ଦୁଇ ଯୁବକଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡ

ଉମରକୋଟ ୨୯।୬(ସମିସ): ବକେୟା ଟଙ୍କାକୁ କେନ୍ଦ୍ର କରି ଜଣେ ବେକେରୀ ସପ୍ଲାୟରଙ୍କୁ ମାଡ଼ ମାରିବା ଓ ହତ୍ୟା ଧମକ ଦେବା ଘଟଣାରେ ଉମରକୋଟ ଜେଏମଏଫସି ଅଦାଲତ ସୋମବାର ଦୁଇ ଯୁବକଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜେଏମଏଫସି ଇପ୍ସିତା ଭୋଇ ଜିଆର କେସ୍ ନଂ୬୧/୨୦୨୬, ଉମରକୋଟ ଥାନା କେସ୍ ନଂ୩୯/୨୦୨୬ ର ବିଚାର କରି ଚେଙ୍ଗା ଓରଫ ଅମିତ ହରିଜନ (୧୯) ଏବଂ ଅମିତ ଓରଫ ଗୋବିନ୍ଦ ହରିଜନ (୧୯)ଙ୍କୁ ବିଏନଏସ୍‌ର ଧାରା ୨୯୬, ୩୫୧(୩), ୧୧୫(୨) ସହ ୩(୫) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ସଶ୍ରମ କାରାଦଣ୍ଡ ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁସାରେ, ଗତ ଫେବୃଆରୀ ୩ ତାରିଖରେ ଡୋଙ୍ଗରିଗୁଡ଼ା ନିକଟରେ ମଦ୍ୟପାନ ଅବସ୍ଥାରେ ଉଭୟ ଅଭିଯୁକ୍ତ ବେକେରୀ ସପ୍ଲାୟର ରମେଶ ମଣ୍ଡଳଙ୍କୁ ବକେୟା ଟଙ୍କାକୁ କେନ୍ଦ୍ର କରି ମାଡ଼ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ। ସରକାରୀ ଓକିଲ ଶ୍ରୀକୃଷ୍ଣ ରାୟ ମାମଲା ପରିଚାଳନା କରିଥିଲେ। ସେ ୫ ଜଣ ସାକ୍ଷୀଙ୍କୁ ପରୀକ୍ଷା କରିବା ସହ ଡାକ୍ତରୀ ଓ ଅନ୍ୟାନ୍ୟ ଦଲିଲ ପ୍ରମାଣ ଉପସ୍ଥାପନ କରିଥିଲେ। ପ୍ରମାଣକୁ ଆଧାର କରି ଅଦାଲତ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ବିଏନଏସଏସ୍ ୨୦୨୩ର ଧାରା ୪୬୮ ଅନୁଯାୟୀ ପୂର୍ବରୁ ବିଚାରାଧୀନ ବନ୍ଦୀ ଭାବେ କାରାଗାରରେ କାଟିଥିବା ସମୟକୁ ବାଦ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଟିକିରି ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା

ଟିକିରି, ୨୯।୬(ସମିସ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମହାପ୍ରଭୁଙ୍କ ପବିତ୍ର ସ୍ନାନ ଉତ୍ସବ ପାଳିତ ହୋଇଛି। ରାୟଗଡ଼ା ଜିଲ୍ଲା କାଶିପୁର ବ୍ଲକ୍ ସ୍ଥିତ ଜଗନ୍ନାଥ ମନ୍ଦିର ଓ ଟିକିରି ସଦରରେ ଥିବା ଜଗନ୍ନାଥ ମନ୍ଦିରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ୧୦୮ କଳସ ପବିତ୍ର ଜଳରେ ଶ୍ରୀଜଗନ୍ନାଥ, ବଳଭଦ୍ର ,ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କ ମହାସ୍ନାନ ହୋଇଥିଲା। ଏହି ପବିତ୍ର ଦିନରେ



ମନ୍ଦିରରେ ଭକ୍ତମାନଙ୍କର ବ୍ୟାପକ ସମାଗମ ଦେଖିବାକୁ ମିଳିଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ଶୃଙ୍ଖଳିତ ଭାବେ ଧାଡ଼ିରେ ଠିଆ ହୋଇ ଦର୍ଶନ କରିଥିଲେ । ମନ୍ଦିରର ମୁଖ୍ୟ ପୁରୋହିତ ନିରଞ୍ଜନ ହୋତାଙ୍କ ତତ୍ତ୍ୱାବଧାନରେ ଅଞ୍ଚଳର କୁଳ ପୁରୋହିତ ହରିହର ମିଶ୍ର ମନ୍ତ୍ରପାଠ ଉଚାରଣ କରି ପୂଜାର୍ଚ୍ଚନା କରିଥିଲେ। ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡି ବିଜେ କରି ସ୍ନାନ ମଣ୍ଡପକୁ ନେଇ ୧୦୮ ଗରା ଜଳରେ ସ୍ନାନ କରା ଯାଇଥିଲା। ଏହି କାର୍ଯ୍ୟକ୍ରମକୁ ରଞ୍ଜିତ ମିଶ୍ର, ଅନନ୍ତ ସଡଙ୍ଗୀ, ସୁରେସ ସଡଙ୍ଗୀ, ନିରଞ୍ଜନ ତ୍ରୀପାଠୀ, ଶଙ୍କର ସଡଙ୍ଗୀ, ସିବୁନୁ ସଡଙ୍ଗୀ, ବୁଲୁ ଭାଇ, ସନ୍ତସ ଦାସ ଓ ଅନ୍ୟ ମାନେ ସହୋଯୋଗ କରିଥିଲେ।

# ଗଜାନନ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

ଜୟପୁର,୨୯।୬(ସମିସ): ଜୟପୁର ଜଗନ୍ନାଥ ମନ୍ଦିର ପରିସରର ମହାସ୍ନାନ ମଣ୍ଡପ ଠାରେ ତିନିଠାକୁରଙ୍କ ମହାସ୍ନାନ ଯାତ୍ରା ସୋମବାର ଅନୁଷ୍ଠିତ ହୋଇଥିଲା। ଆଜି ମଧ୍ୟାହ୍ନରେ ଅନ୍ନପ୍ରସାଦ ଭୋଗ ଲାଗି ହେବା ପରେ ତିନିଠାକୁରଙ୍କ ମଙ୍ଗଳ ଆରତି କରାଯାଇଥିଲା। ରତ୍ନସିଂହାସନରେ ତିନିଠାକୁରଙ୍କୁ ତଳକୁ ସେବାୟତ ମାନେ ଓହ୍ଲାଇବା ପରେ ଅପରାହ୍ନ ସାଢେ ୩ଟା ଠାରୁ ତିନି ଠାକୁରଙ୍କ ସାଜସଜ୍ଜା କରାଯାଇ ସ୍ନାନ ମଣ୍ଡପକୁ ସାମନ୍ତରାସାହି ଏବଂ ହେମଗିରି ସାହିର ବ୍ରାହ୍ମଣ ସେବକମାନେ କାନ୍ଧରେ ବୋହି ନେଇଥିଲେ। ସେଠାରେ ମୁଖ୍ୟପୂଜକ ଡମ୍ବରୁପଣ୍ଡା, ସହପୂଜକ ଜଗନ୍ନାଥ ତ୍ରିପାଠୀ ପୂଜାର୍ଚ୍ଚନା ଏବଂ ଆଳତି ପରେ ୧୦୮ କଳସ



ଜଳ, ନଡିଆ ଓ ପଇଡ ପାଣି, ଗାଇ ଦୁଗ୍ଧ ଏବଂ ପଞ୍ଚାମୃତରେ ତିନି ଠାକୁରଙ୍କୁ ମହାସ୍ନାନ କରାଯାଇଥିଲା । ଭଗବାନ ଜଗନ୍ନାଥ ଓ ବଳଭଦ୍ର ସଂଧ୍ୟାରେ ଭକ୍ତମାନଙ୍କୁ ଗଜାନନ ବେଶରେ ଦର୍ଶନ ଦେଇଥିଲେ। ଏହି ଅବସରରେ କିର୍ତ୍ତନ ମଣ୍ଡଳୀଙ୍କ ଗିନି, ଝାଞ୍ଜ, ମୃଦଙ୍ଗ ଏବଂ ମହିଳାଙ୍କ ହୁଳହୁଳିରେ ସାରାମନ୍ଦିର ପ୍ରକମ୍ପିତ ହେଉଥିଲା। ଭକ୍ତଙ୍କ ପ୍ରବଳ ଭୀଡଯୋଗୁଁ ପୁଲିସ ମୃତୟନ ହୋଇଥିଲେ। ଏହିପରି ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜଗନ୍ନାଥମନ୍ଦିର ସମ୍ମୁଖରାସ୍ତାରେ ଦୁଇ ଓ ଚାରି ଚକିଆଯାନ ଯାତାୟାତ ବନ୍ଦ କରାଯାଇଥିଲା । ରାତି ୧୧ ଟା ସମୟରେ ତିନିଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ଅଣସର ଗୃହକୁ ନିଆଯାଇଥିଲା। ପରମ୍ପରା ଅନୁଯାୟୀ ତିନିଠାକୁର ଜ୍ୱରରେ ପୀଡିତ ହେବା ପରେ ତାଙ୍କ ସେବା ଶୃଷୁଶା ପରେ ସ୍ୱାସ୍ଥ୍ୟ ସୁଧାରିବା ପରେ ନେତ୍ର ଉତ୍ସବ ଏବଂ ପ୍ରଭୁ ଜଗନ୍ନାଥଙ୍କ ବିବାହ ପରେ ଗୁଣ୍ଡିଚା ଯାତ୍ରା ଆୟୋଜିତ ହେବ।

# କଂଗ୍ରେସର କର୍ମୀ ସମ୍ମିଳନୀ



ପାପଡାହାଣ୍ଡି ୨୯।୬(ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ଜାମଗୁଡା ଆରଏମସି ପଡିଆ ଠାରେ ଆଜି କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ଶେଖ ୱାଜିର ହୁସେନଙ୍କ ସଭାପତିତ୍ୱରେ ଜିଲ୍ଲା ସଭାପତି ଡ. ଲିପିକା ମାଝୀ ଯୋଗଦେଇଥିଲେ। ଏହି ଅବସରରେ ପ୍ରତ୍ୟେକ ପଞ୍ଚାୟତର ନୂତନ କମିଟି ଗଠନ କରାଯାଇଥିଲା । ଏକ କୋର କମିଟି ଗଠନ କରାଯାଇ ଆଗାମୀ ପଞ୍ଚାୟତ ନିର୍ବାଚନ ନେଇ ରଣ ନୀତି ପ୍ରସ୍ତୁତ କରାଯାଇଥିଲା। ବିଭିନ୍ନ ଦଳୀୟ ଆଲୋଚନା ହୋଇଥିଲା। ପ୍ରତ୍ୟେକ ପଞ୍ଚାୟତର କର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଥିରେ ଭାସ୍କର ବିଷୋୟୀ, ସେକ ଆକବର ହୁସେନ, ବିକାଶ ରାଓ, ଲିଲୁ ରାଓ, ଝାଡେଶ୍ୱର ରାଓ , ପୂର୍ବତନ ସରପଞ୍ଚ ଉଆସୁ ଭତରା ପ୍ରମୁଖ ଯୋଗ ଦେଇଥିଲେ।

● **ବିଦ୍ୟାଳୟ ପଡ଼ିଆରେ ମଦ୍ୟପଙ୍କ ଆଡ୍ଡା**

# ଫାଟକ ନିର୍ମାଣ ପାଇଁ ବିଡିଓଙ୍କୁ ସ୍ମାରକପତ୍ର

ନନ୍ଦପୁର,୨୯।୬ (ସମିସ): ନନ୍ଦପୁର ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ସନ୍ଧ୍ୟା ସମୟରେ ମଦ୍ୟପଙ୍କ ଆ‡ାସ୍ଥଳୀ ପାଲଟୁଥିବା ଅଭିଯୋଗ ହୋଇଛି। ମଦ୍ୟପମାନେ ପଡ଼ିଆରେ ମଦ୍ୟପାନ କରି ଖାଲି ମଦ ବୋତଲ ଫିଙ୍ଗି ଯାଉଥିବା ଅଭିଯୋଗ ନେଇ ସୋମବାର ନନ୍ଦପୁର ସରକାରୀ



ଉଚ୍ଚବିଦ୍ୟାଳୟ ଖେଳ ପଡିଆ ଫାଟକରେ ଗେଟ ନିର୍ମାଣ ନେଇ ନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୂର୍ଗା ପ୍ରସାଦ ଦୋରାଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଗୋରଡା । ସୂଚିତ ଯେ ଦୀର୍ଘ ଦୁଇ ମାସ ପରେ ଗ୍ରୀଷ୍ମ ଛୁଟି ଶେଷ ହୋଇ ବିଦ୍ୟାଳୟ ଖୋଲି ଥିବା ବେଳେ ଛାତ୍ରୀବାସରେ ମଧ ଛାତ୍ରଛାତ୍ରୀ ରହିଲେଣି । ତେବେ ସଞ୍ଜ ନଇଲେ ପଡ଼ିଆରେ ମଦ୍ୟପ ବ୍ୟକ୍ତି ଜମା ହେଉଥିବା ଦେଖିବାକୁ ମିଳୁଛି। ଛାତ୍ରୀମାନେ ମଧ ସୁରକ୍ଷିତ ମଣୁନାହାନ୍ତି। ଖେଳ ପଡିଆ ଫାଟକରେ ଗେଟ ନଥିବା ଯୋଗୁଁ ସନ୍ଧ୍ୟା ହେଲେ ମଦ୍ୟପଙ୍କ ଆ‡ା ଜମୁଛି । ସେପଟେ ବିଦ୍ୟାଳୟର ଖେଳ ପଡ଼ିଆର ଗୋଟିଏ ପାଶ୍ୱର୍ରେ ଛାତ୍ରାବାସ ଏବଂ ଅନ୍ୟ ପାଶ୍ୱର୍ରେ ଉଚ୍ଚ ବିଦ୍ୟାଳୟ ରହିଥିବା ବେଳେ ଖେଳ ପଡିଆ ଫାଟକରେ ଗେଟ ନାହିଁ। ତେଣୁ ତୁରନ୍ତ ପଡ଼ିଆ ଫାଟକରେ ଏକ ସୁରକ୍ଷିତ ଗେଟ୍ ନିର୍ମାଣ କରି ଅନଧିକୃତ ପ୍ରବେଶ ଉପରେ ରୋକ୍ ଲଗାଇବାକୁ ପ୍ରଧାନ ଶିକ୍ଷୟତ୍ରୀ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି। ଏହା ସହିତ ସନ୍ଧ୍ୟା ସମୟରେ ପୁଲିସ ପାଟ୍ରୋଲିଂ ବୃଦ୍ଧି କରି ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

# ଜନଶୁଣାଣିରେ ବିଳମ୍ବରେ ପହଞ୍ଚିଲେ ବିଡିଓ, ଜନ ଅସନ୍ତୋଷ




କୁନ୍ଦୁରା,୨୯।୬(ସମିସ): ପଞ୍ଚାୟତିରାଜ ବ୍ୟବସ୍ଥା ଗ୍ରାମାଞ୍ଚଳର ବିକାଶ ପାଇଁ ଏକ ମୁଖ୍ୟ ମାଧ୍ୟମ ଅଟେ। ଏହା ଦ୍ୱାରା ସରକାରୀ ଯୋଜନା ସିଧାସଳଖ ତୃଣମୂଳ ସ୍ତରରେ ପହଞ୍ଚିପାରୁଛି। ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଚାଲିଛି । ଏଥିରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଆପତ୍ତି ଓ ଅଭିଯୋଗ ଗ୍ରହଣ କରି ସମସ୍ୟା ସମାଧାନ କରୁଛନ୍ତି। କିନ୍ତୁ କୁନ୍ଦୁରା ବ୍ଲକରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଖୁଲମଖୁଲା ଉଲ୍ଲଙ୍ଘନ କରାଯାଉଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଜ ଇଛା ମୁତାବକ ଜନଶୁଣାଣି ତଥା ଜନ ସଚେତନ କାର୍ଯ୍ୟକ୍ରମକୁ ଆସୁଛନ୍ତି ଏବଂ ଯାଉଛନ୍ତି । ଏଭଳି ଚିତ୍ର ଆଜି କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି । ଲିମା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ ସକାଳ ଦଶଟା ଠାରୁ ଦିନ ୧ଟା ପର୍ଯ୍ୟନ୍ତ ଲୋକେ ଅପେକ୍ଷା କରି ନୟାନ୍ତ ହୋଇ ପଡିଥିଲେ। ପଞ୍ଚାୟତର ବିଭିନ୍ନ ଗାଁ ଗହଳିର ସମସ୍ୟା ଜଣାଇବା ପାଇଁ ଅସଥିବା ୩୦ରୁ ଅଧିକ ଲୋକେ ବିଡ଼ିଓଙ୍କ ମନମାନିକୁ ନେଇ ଅସନ୍ତୋଷ ପ୍ରକାଶ କଲେ। ଲୋକଙ୍କ ଅସନ୍ତୋଷ ଖବର ପାଇ ଦିନ ୧ଟାରେ ସମୟରେ ଗୋଷ୍ଠୀ ଉନ୍ନୟନ ଆଧିକାରୀ ପି ମନସ୍ୱିତା ଜନଶୁଣାଣିରେ ପହଞ୍ଚିଥିଲେ। ମୋଟ ଦଶଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଦୁଇଟି ଏବଂ ଗୋଷ୍ଠୀଗତ ୮ଟି ଅଭିଯୋଗ ଶୁଣିଥିଲେ। କିନ୍ତୁ ସାଧାରଣ ଜନତା ସେମାନଙ୍କର ବିଭିନ୍ନ ସମସ୍ୟା ସିଧାସଳଖ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇବା ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବା ଏକ ପ୍ରକାର ଅଧିକାରଙ୍କ ଦାୟିତ୍ୱ ହୀନତା ବୋଲି ଦର୍ଶାଉଥିବା ଲୋକେ କହିଛନ୍ତି। ଅଗାମୀ ଦିନରେ ଯଦି ଏଭଳି ଅବହେଳା ହୁଏ, ତେବେ ଲିମାରେ ପଞ୍ଚାୟତ ଜନ ଶୁଣାଣିକୁ ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି ପଞ୍ଚାୟତବାସୀ। ଏନେଇ ବିଡ଼ିଓଙ୍କୁ ପଚାରିବାରୁ ସେ ବିଳମ୍ବ ଘଟଣାକୁ ସ୍ୱୀକାର କରିଛନ୍ତି ଏବଂ ୩ ଦିନ ଧରି ବ୍ଲକ କାର୍ଯ୍ୟାଳୟ ଛୁଟି ଥିଲା। ଆଜି ସୋମବାର ହେତୁ କାର୍ଯ୍ୟାଳୟରେ ବିଳମ୍ବ ହେଲା ବୋଲି କହିଛନ୍ତି।

# ବୋରିଗୁମ୍ମା ବନବିଭାଗର ଚଢ଼ଉ

# ଲକ୍ଷାଧିକ ଟଙ୍କାର ସାଗୁଆନ କାଠ ଜବତ; ଜଣେ ଗିରଫ

କୋରାପୁଟ/ବୋରିଗୁମ୍ମା,୨୯।୬(ସମିସ): ବୋରିଗୁମ୍ମା ବନାଞ୍ଚଳରେ ବନ ବିଭାଗର ରାତ୍ରିକାଳୀନ ପାଟ୍ରୋଲିଂ ବେଳେ ମିଳିଛି ବଡ଼ ସଫଳତା। ବେଆଇନ ଭାବେ ସାଗୁଆନ କାଠ ଚାଲାଣ କରୁଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ଲକ୍ଷାଧିକ ଟଙ୍କାର କାଠ ଓ ଏକ ପିକଅପ୍ ଗାଡ଼ି ଜବତ କରାଯାଇଛି। ରବିବାର ରାତିରେ ବି. ସିଂହପୁର ସେକ୍ସନ ଅଧୀନ ରଣସପୁର ଗାଁ ନିକଟରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ବେଳେ ମୁଣ୍ଡାଗଡ଼ ଗାଁର ସୋମାରୁ ପୂଜାରୀଙ୍କୁ ବେଆଇନ ବନଜାତ ଦ୍ରବ୍ୟ ପରିବହନ ଅଭିଯୋଗରେ ଗିରଫ କରାଯାଇଛି। ତାଙ୍କ ନିକଟରୁ ଏକ ଆଶୋକ ଲେଲ୍ୟାଣ୍ଡ "ବଡ଼ା ଦୋସ୍ତ' ପିକଅପ୍ ଗାଡ଼ି, ୪୨ଟି ସାଗୁଆନ ପଟା, ୭ଟି ସାଗୁଆନ ସାଇଜ କାଠ ଏବଂ ପ୍ରାୟ ଏକ କ୍ୱିଣ୍ଟାଲ ଜାଳେଣି କାଠ ଜବତ କରାଯାଇଛି। ଜବତ ସାମଗ୍ରୀର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ଡିଏଫଓ ଜୟପୁରଙ୍କ ନିର୍ଦ୍ଦେଶକ୍ରମେ ଏସିଏଫ୍ ଅମିତ କୁମାର ନାୟକ ଓ ବୋରିଗୁମ୍ମା ରେଞ୍ଜର ଡମ୍ବରୁଧର ଗମାଙ୍ଗୋଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ ଜାରି ରହିଥିବା ବେଳେ ବୋରିଗୁମ୍ମା ବନାଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂକୁ ଆହୁରି କଡ଼ାକଡ଼ି କରାଯାଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।



ଭିନ୍ନ ପରମ୍ପରା

# ସ୍ନାନ ପୂର୍ଣ୍ଣିମାରେ ରଥଯାତ୍ରା, ଦିନକ ପରେ ବାହୁଡ଼ା

ବାରିପଦା/ବଡ଼ସାହି, ୨୯ ।୬(ସମିସ)





ନିଆରା ପରମ୍ପରାରେ ହେଉଛି ରଥଯାତ୍ରା । ସ୍ନାନ ପୂର୍ଣ୍ଣିମାରେ ରଥଯାତ୍ରା ହେଉଥିବାବେଳେ ଦିନକ ପରେ ବାହୁଡ଼ା ଯାତ୍ରା ହେଉଛି । ଏଭଳି ନିଆରା ପରମ୍ପରା ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର ଶିମିଳିପାଳ ପାଦଦେଶରେ ଥିବା ଗୁଡିଆଲବନ୍ଧ ଗ୍ରାମରେ ଦେଖିବାକୁ ମିଳିଥାଏ । ପୂର୍ବବର୍ଷମାନଙ୍କ ପରି ଚଳିତ ବର୍ଷ ମଧ୍ୟ ସୋମବାର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ ।

ଏହା ରଥଯାତ୍ରା ପରମ୍ପରାର ବ୍ୟତିକ୍ରମ । ଶ୍ରୀକ୍ଷେତ୍ରଠାରୁ ଆରମ୍ଭ କରି ସର୍ବତ୍ର ଦେବସ୍ନାନ ପୂର୍ଣ୍ଣିମାରେ ତିନି ଦିଅଁ ମହାସ୍ନାନ ପରେ ଅସୁସ୍ଥ (ଜ୍ୱର) କାରଣରୁ ଅଣସରରେ ରହିଥା'ନ୍ତି । ନବଯୌବନ ଦର୍ଶନର ପରଦିନ ରଥଯାତ୍ରା ପର୍ବ ଆରମ୍ଭ ହୋଇ ୯ ଦିନରେ ବାହୁଡା ଯାତ୍ରା ସମ୍ପନ୍ନ ହୋଇଥାଏ । ମାତ୍ର ଏଠାରେ ଏକ ସ୍ୱତନ୍ତ୍ର ପରମ୍ପରା ବହନ କରି ପ୍ରତିବର୍ଷ ଦେବସ୍ନାନ ପୂର୍ଣ୍ଣିମା ଦିନ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି । ପ୍ରତିକୂଳ ପାଗ ସ୍ୱତ୍ତେ ଭକ୍ତଙ୍କ ଭିଡ଼ ମଧ୍ୟରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ବା ମଠର ନୀତିରେ ଦେବସ୍ନାନ ପରେ ତିନି ଠାକୁର ଗୋଟିଏ ରଥରେ ସନ୍ଧ୍ୟାରେ ଯାତ୍ରା କରି ଗାଁ ମୁଣ୍ଡରେ ଥିବା ମାଉସୀବାଡି ଗ୍ରାମ ଦେବତୀ ସିନ୍ଦୁରଗୌରା ଠାକୁରାଣୀଙ୍କ ପୀଠରେ ପହଞ୍ଚିଛନ୍ତି । ସେଠାରେ ତିନି ଠାକୁର ରଥ ଉପରେ ଗୋଟିଏ ରାତି ରହିବା ପରେ ଗୁରୁବାର ମନ୍ଦିରକୁ ବାହୁଡ଼ି ପୂର୍ବ ପରି ପୂଜା ପାଇବେ । ସମସ୍ତ "କ୍ଷେତ୍ର'ରେ ଦିଅଁମାନେ ଅଣସର ଘରେ ରହି ସେମାନେ ପଟିଦିଅଁରେ ବିଷ୍ଣୁ, ମହେଶ୍ୱର ଓ ଶକ୍ତି ରୂପରେ ପୂଜା ପାଉଥିବାବେଳେ ଏହି ଗ୍ରାମର ଜଗନ୍ନାଥ ମନ୍ଦିରରେ ତିନି ଠାକୁର ନିଜ ନିଜ ରୂପରେ ପୂଜା ପାଆନ୍ତି । ଫଳରେ ସ୍ନାନ ପୂର୍ଣ୍ଣିମୀ ଦିନଠାରୁ ନବଯୌବନ ଦର୍ଶନ ପର୍ଯ୍ୟନ୍ତ ଏଠାରେ ଭକ୍ତଙ୍କ ଭିଡ଼ ଲାଗି ରହିଥାଏ ।

ଏଠାରେ ଅନ୍ୟଏକ ବିଶେଷତ୍ୱ ରହିଛି ଯେ, ଦୀର୍ଘ ୩୯ ବର୍ଷ ମଧ୍ୟରେ ଭକ୍ତମାନେ ତିନି ଠାକୁରଙ୍କୁ ନବକଳେବର ରୂପରେ ଦେଖିବାକୁ ପାଇନାହାନ୍ତି । ମଠ ମହନ୍ତ ଯୋଗେନ୍ଦ୍ରଜୀଙ୍କ ସୂଚନା ଅନୁଯାୟୀ ୧୯୮୬ ଏପ୍ରିଲ ୧୦ ତାରିଖରେ ଚାଲି ଚାଲି ଶ୍ରୀକ୍ଷେତ୍ର ପୁରୀକୁ ରଥଯାତ୍ରା ଦେଖିବା ପାଇଁ ଯିବା ବାଟରେ ଦେଖିଥିବା ସ୍ୱପ୍ନାଦେଶ ଅନୁଯାୟୀ ସେ ତିନି ଦିଅଁଙ୍କୁ ସେହି ଗ୍ରାମରେ ପ୍ରତିଷ୍ଠା କରି ପୂଜା କରିଆସୁଛନ୍ତି । ମହାପ୍ରଭୁଙ୍କ ନିର୍ଦ୍ଦେଶରେ ଏଭଳି ପରମ୍ପରା ଚାଲି ଆସିଛି ବୋଲି ସେ କହନ୍ତି । ତେବେ କରୋନା କଟକଣା ପାଇଁ ୨୦୨୦ରେ ରଥ ୧୦ ହାତ ଗଡ଼ିଥିବାବେଳେ ୨୦୨୧ରେ ରଥଯାତ୍ରା ବନ୍ଦ ରହିଥିଲା । ପରେ ରଥଯାତ୍ରା ଜାରି ରହିଛି । କୌଣସି ସରକାରୀ ସହାୟତାକୁ ମିଳୁନଥିବାବେଳେ ଗ୍ରାମବାସୀଙ୍କ ନିଜସ୍ୱ ପ୍ରଚେଷ୍ଟାରେ ରଥଯାତ୍ରା କରିଆସୁଛନ୍ତି । ଜଗନ୍ନାଥ ସଂସ୍କୃତିରେ ଏହା ଏକ ସ୍ୱତନ୍ତ୍ର ପରମ୍ପରା ବହନ କରିଥିଲେ ହେଁ ରଥଯାତ୍ରା ଦେଖିବା ପାଇଁ ଶିମିଳିପାଳ ପାଦଦେଶରେ ଥିବା ଗ୍ରାମରୁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା । ଏହି ସମାଗମ ଭଗବାନଙ୍କ ଲୀଳାକୁ ପ୍ରମାଣିତ କରୁଛି । ତେବେ ପ୍ରଚାର ପ୍ରସାର ଅଭାବରୁ ବଣମଲ୍ଲୀ ବଣରେ ଝଡ଼ି ପଡ଼ିବା ଭଳି ଜଗନ୍ନାଥଙ୍କର ଏହି ସ୍ୱତନ୍ତ୍ର ପରମ୍ପରା ପ୍ରଶାସନ ନିକଟରେ ପହଞ୍ଚିନାହିଁ ।

# ସାଇକଲ ଆରୋହୀଙ୍କୁ ଧକ୍କା ଦେଇ ୧୫ ଫୁଟ ତଳକୁ ଖସିଲା କାର୍

**ବେତନଟୀ, ୨୯।୬(ସମିସ):** ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନମ୍ବର ଜାତୀୟ ରାଜପଥର ପଦ୍ମନାଭପୁର ଛକ ନିକଟରେ ଶନିବାର ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏକ ଦ୍ରୁତଗାମୀ କାର୍ ଜଣେ ସାଇକଲ ଆରୋହୀଙ୍କୁ ପଛରୁ ଧକ୍କା ଦେବା ପରେ ନିୟନ୍ତ୍ରଣ ହରାଇ ରାଜପଥ ପାର୍ଶ୍ୱରେ ଥିବା ପାଖାପାଖି ୧୫ ଫୁଟ ଗଭୀର ଖାଲକୁ ଖସି ପଡ଼ିଛି । ଦୁର୍ଘଟଣାରେ ସାଇକଲ ଆରୋହୀଙ୍କ ସମେତ କାର୍‌ରେ ଥିବା ସମସ୍ତ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ସାଇକଲ ଆରୋହୀ ଜଣକ ଶନିବାର ଡାହିବାଡ଼ି ହାଟ ସାରି ଘରକୁ ଫେରୁଥିବା ସମୟରେ ଏହି ଘଟଣାଟି ଘଟିଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ଆହତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା । ବୈଶିଙ୍ଗା ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ପରିଚାଳନା କରିଥିଲା । ଏ ପର୍ଯ୍ୟନ୍ତ ଆହତଙ୍କ ପରିଚୟ ସମ୍ପର୍କରେ ସୂଚନା ମିଳିନଥିବା ପୁଲିସ ପକ୍ଷରୁ ଜଣାପଡ଼ିଛି ।

ଆଗ ଚକ ଫାଟିବାରୁ ଦୁର୍ଘଟଣା

# ତାରାକୋଟି ଛକରେ ଜଳିଗଲା କୋଇଲା ଟ୍ରେଲର



**ବେତନଟୀ, ୨୯।୬(ସମିସ):** ୧୮ନଂ ଜାତୀୟ ରାଜପଥର ବେତନଟୀ ଥାନା ଅନ୍ତର୍ଗତ ତାରାକୋଟି ଛକ ନିକଟରେ ଆଜି ଏକ କୋଇଲା ବୋଝେଇ ଟ୍ରେଲର ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଯାଇଛି । ଆଗ ଚକ ଫାଟିବା ଯୋଗୁଁ ଗାଡ଼ିଟି ନିୟନ୍ତ୍ରଣ ହରାଇ ରାସ୍ତା ପାଶ୍ୱର୍ରେ ଥିବା ଏକ ପୋଲରେ ଧକ୍କା ହୋଇଥିଲା । ଦୁର୍ଘଟଣା ପରେ ଗାଡ଼ିରେ ନିଆଁ ଲାଗିଥିଲେ ମଧ୍ୟ ଡ୍ରାଇଭର ଓ ହେଲପର ସୁରକ୍ଷିତ ରହିଛନ୍ତି ଓ କାହାରି ଜୀବନ ହାନି ହୋଇନାହିଁ । ଏକ୧୬ ଚକିଆ ଟ୍ରେଲର ଧାମରା ବନ୍ଦରରୁ କୋଇଲା ବୋଝେଇ କରି ଝାଡ଼ଖଣ୍ଡ ଅଭିମୁଖେ ଯାଉଥିଲା । ତାରାକୋଟି ଛକ ନିକଟରେ ହଠାତ୍ ଗାଡ଼ିର ସମ୍ମୁଖ ଚକ ଫାଟିଯିବାରୁ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ । ଗାଡ଼ିଟି ରାଜପଥ ପାଶ୍ୱର୍ରେ ଥିବା ଏକ ପୋଲରେ ପିଟି ହୋଇଥିଲା । ଧକ୍କା ହେବା ପରେ ଗାଡ଼ିର କ୍ୟାବିନ୍ ଓ ଚକରେ ନିଆଁ ଲାଗିଯାଇଥିଲା । ଫଳରେ ରାସ୍ତାର ଦୁଇପାଶ୍ୱର୍ରେ ଯାତାୟାତ ବନ୍ଦ ହୋଇ ଗାଡ଼ି ଅଟକି ରହିଥିଲା । ସ୍ଥାନୀୟ ଲୋକଙ୍କ ସୂଚନା ଆଧାରରେ ବେତନଟୀ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚିଥିଲେ । ଅଗ୍ନିଶମ କର୍ମଚାରୀ ବିଶେଷ କେମିକାଲ୍ ଫୋମ୍ ଓ ପାଣି ସ୍ପ୍ରେ କରି ନିଆଁକୁ ଆୟତ୍ତ କରିଥିଲେ । ଗାଡ଼ିର ମାଲିକ ତଥା ଡ୍ରାଇଭର ତାପସ ମାଇତି ଓ ହେଲପର ଦୀପକ ଖଟୁଆ ଦୁର୍ଘଟଣା ସମୟରେ ହିଁ ଗାଡ଼ିରୁ ବାହାରି ଆସିଥିବାରୁ ଉଭୟେ ସୁରକ୍ଷିତ ଅଛନ୍ତି ବୋଲି ପୁଲିସ ପକ୍ଷରୁ ଜଣାପଡ଼ିଛି ।

# ସ୍ତ୍ରୀ-ଝିଅଙ୍କୁ ହତ୍ୟା କରିଥିବା ସ୍ୱୀକାର କଲା ସ୍ୱାମୀ

**ଠାକୁରମୁଣ୍ଡା/ମହୁଲଡିହା,୨୯।୬ (ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ମହୁଲଡ଼ିହା ଥାନା ଅନ୍ତର୍ଗତ ମୁକ୍ତାଝରି ଗ୍ରାମରେ ଗତ ଶନିବାର ଦିନ ଘର ଭିତରେ ମା ଓ ଝିଅଙ୍କୁ ବିଭତ୍ସ ହତ୍ୟାକାଣ୍ଡ ଘଟଣାରେ ସ୍ତ୍ରୀ ଓ ଝିଅକୁ ହତ୍ୟା କରିଥିବା ନେଇ ସ୍ୱାମୀ ପୁଲିସ ନିକଟରେ ସ୍ୱୀକାର କରିଛି । ପୋଲିସ ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଚୈତନ୍ୟ ଟୁଡୁକୁ ଗିରଫ କରିଛି । ମୃତ ମହିଳାଙ୍କ ଭାଇ ଫୁଲଶାଳ ମୁର୍ମୁଙ୍କ ଅଭିଯୋଗ କ୍ରମେ ପୁଲିସ ୧୦୨/୨୬ରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି ।

# ୭୧୩୯ ଶିଶୁଙ୍କୁ ଦିଆଗଲା ପୋଲିଓ ବୁନ୍ଦା



**କରଞ୍ଜିଆ, ୨୯।୬(ସମିସ):** ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ କରଞ୍ଜିଆ ଏନ୍ଏସି ଓ ବ୍ଲକ୍ ଅଞ୍ଚଳରେ ଜାତୀୟ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ କରାଯାଇଛି । କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଚିକିତ୍ସାଳୟ ପ୍ରବନ୍ଧକ ଲିପ୍ସା ରାଜନନ୍ଦିନୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ତଥା ଭାରପ୍ରାପ୍ତ ଅଧିକ୍ଷକ ଡା. କ୍ଷୀରେନ୍ଦ୍ର ନାଥ ପତି ଉଦ୍‌ଘାଟନ କରିଥିଲେ । କରଞ୍ଜିଆ ଏନ୍ଏସିର ୧୫ଟି ୱାର୍ଡକୁ ନେଇ ଗଠିତ ୯ଟି ପୋଲିଓ ବୁଥ୍‌ରେ ଏଏନ୍ଏମ୍, ଆଶାକର୍ମୀ ଓ ଅଙ୍ଗନବାଡ଼ି କର୍ମୀଙ୍କ ସହଯୋଗରେ ୧,୯୦୨ ଜଣ ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରାଯାଇଥିଲା । ଯେଉଁ ଶିଶୁମାନେ ପ୍ରଥମ ଦିନ ଟିକା ନେଇପାରିନଥିଲେ, ସେମାନଙ୍କୁ ପରବର୍ତ୍ତୀ ଦୁଇ ଦିନ ଘରକୁ ଘର ବୁଲି ପୋଲିଓ ଟିକା ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଏଏନ୍ଏମ୍ ତୃପ୍ତି ବେହେରା, କରିଶ୍ମା ସି. ଓ ଆଶାକର୍ମୀ ସକ୍ରିୟ ଭାବେ ଯୋଗ ଦେଇଥିଲେ । କରଞ୍ଜିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଚଳିତ ଜାତୀୟ ପୋଲିଓ କାର୍ଯ୍ୟକ୍ରମରେ ୭,୧୩୯ ଜଣ ଶିଶୁଙ୍କୁ ପୋଲିଓ ଟିକାକରଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଶୁଭାରମ୍ଭ ଦିନରେ ୯୨.୫୨ ପ୍ରତିଶତ ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି ।

# ବାରିପଦାରେ ଜଙ୍ଗଲ ଜମି ପଟ୍ଟା ବଣ୍ଟନ



**ବାରିପଦା, ୨୯ ।୬(ସମିସ):** ବାରିପଦା ତହସିଲ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲେପ୍ରୋସି କଲୋନୀର ଦୀର୍ଘ ଦିନରୁ ବଞ୍ଚିତ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ସିରୋନାମା ବଣ୍ଟନ କରାଯାଇଛି । ମୁଖ୍ୟଅତିଥି ଭାବେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ହିତାଧିକାରୀଙ୍କୁ ପଟ୍ଟା ହସ୍ତାନ୍ତର କରିଛନ୍ତି । ଲେପ୍ରୋସି କଲୋନୀର ସମୁଦାୟ ୨୭ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଦୀର୍ଘ ପ୍ରତୀକ୍ଷିତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯିବା ସହିତ ୪୯ ଜଣଙ୍କୁ ସିରୋନାମା ମଧ୍ୟ ଦିଆଯାଇଛି । ପୂର୍ବରୁ ପଟ୍ଟା ନଥିବା ହେତୁ ଏହି ଲୋକମାନେ ଜାଗା ଥାଇ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇପାରୁ ନ ଥିଲେ । ଏବେ ପଟ୍ଟା ପାଇଥିବା ସମସ୍ତ ୨୭ ଜଣ ହିତାଧିକାରୀଙ୍କୁ ଖୁବ୍‌ଶୀଘ୍ର ପିଏମ୍ ଆବାସ ଯୋଜନାରେ ସାମିଲ କରାଯାଇ ଗୃହ ଯୋଗାଇ ଦିଆଯିବ । ଏହାସହ ସେହି ଅଞ୍ଚଳରେ ରାସ୍ତାଘାଟ, ସ୍ୱଚ୍ଛ ଶୌଚାଳୟର ନିର୍ମାଣ ଓ ନବୀକରଣ ସହ ଅନ୍ୟାନ୍ୟ ମୌଳିକ ଆବଶ୍ୟକତା ପୂରଣ ପାଇଁ ସରକାର ସମସ୍ତ ବ୍ୟବସ୍ଥା କରୁଛନ୍ତି ବୋଲି ଡା ମହାପାତ୍ର କହିଛନ୍ତି । ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ ଉପସ୍ଥିତ ରହି ହିତାଧିକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଜଙ୍ଗଲବାସୀଙ୍କ କଲ୍ୟାଣ ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ସଭାପତିତ୍ୱ କରିଥିଲେ । ବାରିପଦା ତହସିଲଦାର ସପନ କୁମାର ସାହୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଜଙ୍ଗଲ ଜମି ଅଧିକାର ପ୍ରଦାନ ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ । ଅତିରିକ୍ତ ତହସିଲଦାର ସଦାନନ୍ଦ ଡେଲକି ଓ ଭରତ ଚନ୍ଦ୍ର ପାତ୍ର ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଉପସ୍ଥିତ ଥିଲେ । ବହୁ ସଂଖ୍ୟକ ହିତାଧିକାରୀ, ସ୍ଥାନୀୟ ଜନପ୍ରତିନିଧି ଓ ରାଜସ୍ୱ ବିଭାଗର ଅଧିକାରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

**୨୭ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ଓ ୪୯ ଜଣଙ୍କୁ ଜଙ୍ଗଲ ଜମି ଶିରୋନାମା ପ୍ରଦାନ**

ଗୋପବନ୍ଧୁ ଭବନରେ ସନ୍ଥ ଦିବସ

# 'ଶୁଷ୍କ ଉତ୍ସବ କର୍ମ ପୁଞ୍ଜିର ପୁଣ୍ୟ ନୁହେଁ'

**ବାରିପଦା, ୨୯ ।୬(ସମିସ):** ଗାନ୍ଧିଜୀ କହୁଥିଲେ ମୋ ଘର ଚାରିପଟେ ଧର୍ମର ପ୍ରାଚୀର ଉଠୁ ଆପତ୍ତି ନାହିଁ, କିନ୍ତୁ ମୋ ଘର ଦେଇ ସର୍ବଧର୍ମର ମହକ ବାସ୍ନାୟିତ କରୁ । ସେହି ମର୍ମରେ ସଦ୍‌ଭାବନା ସମିତିର ୫୬୫ତମ ମାସିକ ସନ୍ଥ ଦିବସ ସ୍ଥାନୀୟ ଗୋପବନ୍ଧୁ ଭବନରେ ଦେବସ୍ନାନ ପୂର୍ଣ୍ଣିମା ତିଥିରେ ପାଳିତ ହୋଇଯାଇଛି । କୋଷାଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ 'ଜୀବନରେ କର୍ତ୍ତବ୍ୟ ପାଶୋରୀ ମଉଜ ମଜଲିସର ଶୁଷ୍କ ଉତ୍ସବ କର୍ମ ପୁଞ୍ଜିର ପୁଣ୍ୟ ନୁହେଁ' ପ୍ରସଙ୍ଗ ରଖାଯାଇଥିଲା । ସଭା ପ୍ରାରମ୍ଭରେ ଏ ମାସରେ ଭୂମିଷ୍ଠ ସନ୍ଥ କବୀର ଓ ଜ୍ଞାନଦେବଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା । ଏହି ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ, ପତ୍ରକାର, ସମାଜସେବୀ କବି ବିଷ୍ଣୁ ଶତପଥୀ, ସମ୍ମାନିତ ଅତିଥି ଭାବେ ଏମପିସି ସ୍ୱୟଂଶାସିତ



ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ ଝରଣା ବେହେରା ଯୋଗ ଦେଇଥିଲେ । ଡ ଶଶୀଧର ବିଶ୍ୱାଳ, ଭାଗ୍ୟଧର ନନ୍ଦ, ପଞ୍ଚାନନ ବେହେରା, ଡ କୁଞ୍ଜବନ ପୃଷ୍ଟି, କୈବଲ୍ୟ ମହାପାତ୍ର, ରାଜେନ୍ଦ୍ର ସାମଲ, ଅଶୋକ ପଲେଇ, ଶିବଶଙ୍କର ଗିରି ଓ ନନ୍ଦ ମହାପାତ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଓ ସଦସ୍ୟ ସାମ୍ବାଦିକ ମନୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ

**ବାରିପଦା,୨୯ ।୬(ସମିସ):** ଜିଲ୍ଲାସ୍ତରୀୟ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ପାଳିତ ହୋଇଛି । ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ ପରିସଂଖ୍ୟାନ ଶାଖା ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ନିର୍ଦ୍ଦେଶକ ସବ୍ୟସାଚି ଦତ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ପରିସଂଖ୍ୟାନ କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶିକା ଶୁଭସ୍ମିତା ଦାସ ଅଧ୍ୟକ୍ଷତା କରିଥିଲେ । ଭାରତୀୟ ପରିସଂଖ୍ୟାନର ଜନକ ତଥା ବିଶ୍ୱବିଖ୍ୟାତ ପରିସଂଖ୍ୟାନବିତ ପ୍ରଶାନ୍ତ ଚନ୍ଦ୍ର ମହଲନୋବିସଙ୍କ ଜୟନ୍ତୀ ଅବସରରେ ପ୍ରତିବର୍ଷ ଜୁନ ୨୯ ତାରିଖରେ ଏହି ଦିବସ ପାଳିତ ହୋଇଥାଏ । ଚଳିତ ବର୍ଷ ପାଇଁ ଏହି ଦିବସର ବିଷୟବସ୍ତୁ 'ପ୍ରଶାସନିକ ତଥ୍ୟର ସମ୍ଭାବନାକୁ ଉନ୍ମୁକ୍ତ କରିବା' ଉପରେ ଆଲୋଚନା ହୋଇଥିଲା । ଏହି ଦିବସ ଉଦଯାପନୀ କାର୍ଯ୍ୟକ୍ରମରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଡ କବିତା କୁମାରୀ ସାହୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ କ୍ଷେତ୍ରରେ ପରିସଂଖ୍ୟାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଦିବସ ପ୍ରତି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ଆୟୋଜନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନମାନଙ୍କୁ ପ୍ରଚାର କରାଯାଇଥିଲା ଓ ସରକାରୀ ଯୋଜନା ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ ଓ ଶିକ୍ଷାନୁଷ୍ଠାନମାନଙ୍କର ପ୍ରମୁଖ ଯୋଗଦେଇଥିଲେ ।

ଡମ ସମାଜର ବାରମ୍ବାର ଦାବି ସତ୍ତ୍ୱେ ମିଳୁନି ସଂସ୍କୃତି ଭବନ

# ସଂସ୍କୃତି ଭବନ ନିମନ୍ତେ ଏସ୍‌ଡିସି ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ



**ବାରିପଦା, ୨୯ ।୬(ସମିସ):** ସରକାରଙ୍କ ନିକଟରେ ବାରମ୍ବାର ଦାବି ସତ୍ତ୍ୱେ ଡମ ସମାଜକୁ ଉପେକ୍ଷା କରି ସଂସ୍କୃତି ଭବନ ପ୍ରଦାନ କରୁନାହାଁନ୍ତି । ଅନ୍ୟ ଜନଜାତି ଭବନ ନିର୍ମାଣ ନିମନ୍ତେ ଟେଣ୍ଡର ଆହ୍ୱାନ ହୋଇଛି । କିନ୍ତୁ ଡମ ଜନଜାତିକୁ ଉପେକ୍ଷା ନେଇ ଡମ ସମାଜ ପକ୍ଷରୁ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି) ଅଧ୍ୟକ୍ଷ ଡା ବୁଢାନ ମୁର୍ମୁଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି । ରାଜ୍ୟ ଡମ ସମାଜ ବିକାଶ ଟ୍ରଷ୍ଟର ରାଜ୍ୟ ସଭାପତି କରମଚାନ୍ଦ କାଳନ୍ଦୀ ଦାବିପତ୍ର ପ୍ରଦାନ କରିଛନ୍ତି । ମୟୂରଭଞ୍ଜ ଜିଲ୍ଲା ଡମ ସମାଜ ବିକାଶ ନିମନ୍ତେ ସରକାରୀ ଯୋଜନା କିଛି ନାହିଁ । ଉକ୍ତ ଅନୁସୂଚିତ ବର୍ଗ ଜନଜାତି ଲୋକେ ବାଉଁଶ କାରିଗର ଓ ବାଦ୍ୟକାର ଅଟନ୍ତି । ଏଥିସହିତ ବାଉଁଶ ତିଆରି ବିଭିନ୍ନ ସାମଗ୍ରୀ କୁଲା, ପାଚିଆ, ଟୁପା, ଟୁଙ୍କି ଆଦି ତିଆରି କରି ନିଜର ପରିବାର ଭରଣପୋଷଣ କରନ୍ତି । ନିଜସ୍ୱ ଘରଡ଼ିହ ବ୍ୟତୀତ କୌଣସି ଜମି ଜାଗା ନାହିଁ । ପ୍ରବଳ ଖରା, ବର୍ଷା, ଶୀତ ଦିନରେ ଘର ଓ ନିଜସ୍ୱ ଜାଗା ଅଧିକ ନ ଥିବା ଯୋଗୁଁ ଜୀବିକା କାର୍ଯ୍ୟ କରିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବାହାଘର, ବ୍ରତଘର, ପୂଜା ଆଦି ସାମାଜିକ କର୍ମ ସମୟରେ ତାଙ୍କର ପାରମ୍ପାରିକ ବାଦ୍ୟ ଢୋଲ, ମହୁରୀ ଆଦି ବାଦ୍ୟ ମଧ୍ୟ ଘୋର ଅଭାବରେ ରଖିପାରୁନାହାନ୍ତି ।

ଏ ସମ୍ପର୍କରେ ପୂର୍ବରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ବାବଦରେ ଲିଖିତ ଭାବେ ଜଣାଇଥିଲେ । ଉକ୍ତ ଲେଖାର ଚିଠି ରାଷ୍ଟ୍ରପତି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କଠାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି ଆସିଥିଲା । ଆଦିବାସୀମାନଙ୍କୁ ଆଇଟିଡିଏ, ବାରିପଦା ଜରିଆରେ ଟେଣ୍ଡର ମାଧ୍ୟମରେ ବିଭିନ୍ନ ବ୍ଲକ୍‌କୁ ଆଦିବାସୀ ଭବନ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ଉକ୍ତ ଡମ ସମାଜ ପାଇଁ କୌଣସି ଭବନ ବ୍ୟବସ୍ଥା ହେଲାନାହିଁ । ନିକଟରେ ଅନ୍ୟ ଜନଜାତିଙ୍କ ନିମନ୍ତେ ଭବନ ନିର୍ମାଣ ନିମନ୍ତେ ଆଇଟିଡିଏ ବାରିପଦା ପକ୍ଷରୁ ଟେଣ୍ଡର ଆହ୍ୱାନ ହୋଇଛି । କିନ୍ତୁ ଡମମାନଙ୍କୁ ଉପେକ୍ଷା କରାଯାଇଛି । ଯାହାକୁ ନେଇ ଉପରୋକ୍ତ ଆକର୍ଷଣ କରାଯାଇଛି । ବାରିପଦାର ପୂର୍ଣ୍ଣଚନ୍ଦ୍ରପୁର, ବଡ଼ସାହିର ଗୋବରାଶୋଳ, ସାରସକଣାର ପାନ୍ଧଡ଼ା, ଶ୍ୟାମାଖୁଣ୍ଟାର ଦୁଧିଆଶୋଳ, ବିଶୋଇର ବଡ଼ପୁରୁଣାପାଣି, ଜାମଦାର କାଣ୍ଡଶୋର, ରାଇରଙ୍ଗପୁରର ନାଗଭଣ୍ଡରେ ଅନୁସୂଚିତ ଜାତି ସଂସ୍କୃତି ଭବନ ନିର୍ମାଣ ନିମନ୍ତେ ଦାବି କରିଛନ୍ତି । ଫଳରେ ଡମ୍ ସମାଜର ଉନ୍ନତି ସାଧିତ ହୋଇପାରିବ । ଦାବିପତ୍ର ପ୍ରଦାନ ସମୟରେ ଶ୍ରୀ କାଳନ୍ଦୀଙ୍କ ସହିତ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ବିଶ୍ୱରଞ୍ଜନ ବାଗ, ଶିବଶଙ୍କର ବାଗ ଓ ଅନନ୍ତ ବାଗ ପ୍ରମୁଖ ସାମିଲ ଥିଲେ ।

ବାରେହିପାଣିରେ ଜନଅଭିଯୋଗ ଶୁଣାଣି ଶିବିର

# ୯୯ଟି ଅଭିଯୋଗର ଶୁଣାଣିକଲେ ପ୍ରଶାସନ



**କରଞ୍ଜିଆ/ଯଶିପୁର, ୨୯ ।୬(ସମିସ):** ପଞ୍ଚପୀଢ଼ ଉପଖଣ୍ଡ ଅନ୍ତର୍ଗତ ବାରେହିପାଣି ପଞ୍ଚାୟତରେ ସୋମବାର ଅନୁଷ୍ଠିତ ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ମୋଟ ୯୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୪୯ଟି ବ୍ୟକ୍ତିଗତ ଓ ୫୦ଟି ଗ୍ରାମ ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା । ଉକ୍ତ ଶିବିରରେ ଜିଲ୍ଲାପାଳ ଓ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିଥିଲେ । ୨ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ପାଇଁ କୌଣସି ଆବେଦନ ମିଳି ନ ଥିଲା । ଅନ୍ୟପକ୍ଷରେ ରେଡକ୍ରସ ପାଣ୍ଠିରୁ ଦୁଇ ଜଣ ହିତାଧିକାରୀଙ୍କୁ ୫,୦୦୦ ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଉପଲବ୍ଧ ତାଲିକା ଅନୁଯାୟୀ ଜେମ୍ବ ହାସଦା (ଗୋପୀନାଥପୁର, ଜଶିପୁର) ଓ ସେଲାଏ ପୂର୍ତ୍ତି (ବାରସିଆ, ବାରେହିପାଣି)ଙ୍କୁ ଏହି ସହାୟତା ରାଶି ପ୍ରଦାନ କରାଯାଇଥିଲା । ଜନସାଧାରଣଙ୍କ ଅଭିଯୋଗର ଶୀଘ୍ର ସମାଧାନ ଓ ପ୍ରଶାସନକୁ ଲୋକଙ୍କ ନିକଟତର କରିବା ଉଦ୍ଦେଶ୍ୟରେ ଏଭଳି ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଆୟୋଜନ କରାଯାଉଛି ।

ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟଭାର ଗ୍ରହଣ

# 'ଆଇନଶୃଙ୍ଖଳା ପରିସ୍ଥିତି ଅଧିକ ସୁଦୃଢ଼ କରିବାକୁ ପ୍ରାଥମିକତା ଦେବି'

ରାଇରଙ୍ଗପୁର, ୨୯ ।୬(ସମିସ)



ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲାର ପ୍ରଥମ ନବନିଯୁକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର ଔପଚାରିକ ଭାବେ ତାଙ୍କ ଦାୟିତ୍ୱ ଗ୍ରହଣ କରିବା ପରେ ଆଜି ରାଇରଙ୍ଗପୁରସ୍ଥ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷତା କରିଥିଲେ । ଏ ଅବସରରେ ସେ କହିଥିଲେ, ରାଇରଙ୍ଗପୁର ହେଉଛି ରାଷ୍ଟ୍ରପତିଙ୍କ ଜନ୍ମମାଟି ଓ ନୂତନ ପୁଲିସ ଜିଲ୍ଲା ଗଠନ କ୍ରମେ ଜିଲ୍ଲାରେ ପ୍ରଥମ ଅଧୀକ୍ଷକ ଭାବେ ଅବସ୍ଥାପିତ ତାଙ୍କ ପାଇଁ ଏକ ସୌଭାଗ୍ୟ । ନୂତନ ପୁଲିସ ଜିଲ୍ଲା ଗଠନ ହେତୁ ଏ ଅଞ୍ଚଳର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଲୋକମାନଙ୍କ ଅନେକ କିଛି ଆଶା ଆକାଂକ୍ଷା ରହିଥିବ । ଏହାକୁ ଦୃଷ୍ଟିରୁ ରଖି ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ଅଧିକ ସୁଦୃଢ଼ କରିବାକୁ ପ୍ରାଥମିକତା ଦେବା ସହିତ ସେଥିପ୍ରତି ସେ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ । ସେ ଆହୁରି କହିଥିଲେ ଯେ, ଅପରାଧ ନିୟନ୍ତ୍ରଣ, ମହିଳା ଓ ଶିଶୁ ସୁରକ୍ଷା, ସଡ଼କ ସୁରକ୍ଷା, ସାଇବର ଅପରାଧ ରୋକିବା ଓ ଜନସାଧାରଣଙ୍କ ସହ ପୁଲିସର ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ରହିବ । ଜନସାଧାରଣଙ୍କ ସହଯୋଗ ବିନା ଆଇନଶୃଙ୍ଖଳା ବଜାୟ ରଖିବା ସମ୍ଭବ ନୁହେଁ ବୋଲି ସେ ମତ ପ୍ରକାଶ କରିଥିଲେ । ଏଥିସହ ଥାନା ସ୍ତରରେ ଲୋକଙ୍କ ଅଭିଯୋଗର ତୁରନ୍ତ ସମାଧାନ, ଏକ ସ୍ୱଚ୍ଛ ଓ ଦାୟିତ୍ୱବାନ ପୁଲିସ ବ୍ୟବସ୍ଥା ଗଠନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସମସ୍ତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଟିମ୍‌ୱର୍କରେ କାମ କରି ଜନସାଧାରଣଙ୍କ ବିଶ୍ୱାସ ଭାଜନ ହେବା ପାଇଁ ଆହ୍ୱାନ ଦେଇଥିଲେ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସାଧାରଣଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ତଥା ସମାଜରେ ସୁଶାସନ ପ୍ରତିଷ୍ଠା ଦିଗରେ ଗଣମାଧ୍ୟମ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିବା ସହ ଗଣମାଧ୍ୟମ ପ୍ରତିନିଧିଙ୍କୁ ନିରପେକ୍ଷ ଓ ସଠିକ୍ ସୂଚନା ପ୍ରସାରଣ କରିବା ସହ ପୁଲିସକୁ ଗଠନମୂଳକ ସହଯୋଗ କରିବାକୁ ଶ୍ରୀ ପାତ୍ର ଅନୁରୋଧ କରିଥିଲେ ।

ଏ ଅବସରରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବ ବିନିମୟ କରିଥିଲେ । ଆଜିର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକାରୀ ଯଦୁନାଥ ଜେନା, ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଶ୍ରୀମତୀ ମମତା ସାହୁ, ରାଇରଙ୍ଗପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ବୀରେନ୍ଦ୍ର କୁମାର ସେନାପତି, କରଞ୍ଜିଆ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶ୍ରୀ ନବ ନାୟକ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ପ୍ରମୁଖଙ୍କ ସମେତ କାର୍ଯ୍ୟାଳୟର ବିଭିନ୍ନ ପଦାଧିକାରୀ, କର୍ମଚାରୀବୃନ୍ଦ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ।

# ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀଜିଉଙ୍କ ହାତୀବେଶ



**କେନ୍ଦୁଝର,୨୯।୬(ସମିସ):** କେନ୍ଦୁଝରର ରାଷ୍ଟ୍ରଦେବତା ଶ୍ରୀଶ୍ରୀ ବଳଦେବଜିଉ, ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଓ ଶକ୍ତିର ପ୍ରତୀକ ସୁଦର୍ଶନଙ୍କର ପବିତ୍ର ଦେବସ୍ନାନ ନୀତି ଜ୍ୟେଷ୍ଠ ଶୁକ୍ଲପକ୍ଷ, ସୋମବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଅବକାଶ, ଲୁଗାଲାଗି, ୫ଟାରେ ସୂର୍ଯ୍ୟପୂଜା ଓ ପୂଜାନିତୀ ସମ୍ପନ୍ନ ହେବାପରେ ୫.୨୦ମିନିଟ୍ ସମୟରେ ବେଢ଼ା ଦେବତା ପୂଜା, ସକାଳ ୬ଟା ସମୟରେ ଲୁଗାଲାଗି ଓ ପରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ରତ୍ନ ସିଂହାସନରୁ ପୂର୍ବାହ୍ନ ୮.୫୦ମିନିଟ ସମୟରେ ବିଭିନ୍ନ ବ୍ରାହ୍ମଣ ଶାସନମାନଙ୍କରୁ ଆସିଥିବା ପହଣ୍ଡିଆ ସେବକମାନଙ୍କ ଦ୍ୱାରା ଧାଡି ପହଣ୍ଡି କରାଯାଇ ଦେବସ୍ନାନ ମଣ୍ଡପକୁ ନିଆଯାଇଥିଲା। ସ୍ନାନମଣ୍ଡପରେ ଲୁଗାଲାଗି, ଚନ୍ଦନଲାଗି, ହାତୀବେଶ ହେବା ସହ ବୃହତ ମଙ୍ଗଳାରୋପଣ ଓ ରାଜାଙ୍କ ଦ୍ୱାରା ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା। ସେଠାରେ ମନ୍ଦିର ପରିସରରେ ଥିବା କୂଅରୁ ସୁଶୀତଳ ଜଳ ଅଣାଯାଇ ଶ୍ରୀଜୀଉମାନଙ୍କର ସ୍ନାନ ନୀତି ସଂପନ୍ନ କରାଯାଇଥିଲା। କେନ୍ଦୁଝର ରାଜାସାହେବ ଧନଞ୍ଜୟ ନାରାୟଣ ଭଞ୍ଜଦେଓ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ବ୍ରହ୍ମା ଗଙ୍ଗାଧର ମିଶ୍ର, ସେବାୟତ ସୁବ୍ରତ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିବାବେଳେ ପୂଜକ ସୁଜିତ କୁମାର ଦାଶ, ପଦ୍ମନାଭ ନନ୍ଦ, ଦେବଦତ୍ତ ପତି, ଈଶ୍ୱର ତ୍ରିପାଠୀ ଏବଂ ଅନ୍ୟାନ୍ୟ ସେବକମାନେ ନୀତି ସଂପାଦନ କରିଥିଲେ। ଦେବୋତ୍ତର ତଥା କେନ୍ଦୁଝର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଭୁବନେଶ୍ୱର ମହାପାତ୍ର, ଜନ୍ମେଜୟ ଶତପଥି, ଦେବୋତ୍ତର ସୁପରଭାଇଜର ପଞ୍ଚାନନ ସାହୁ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ। ସନ୍ଧ୍ୟାରେ ଶ୍ରୀଜିଉମାନଙ୍କୁ ଅଣସର ଘରକୁ ନିଆଯାଇଥିଲା। ପୁଲିସ ତରଫରୁ ଏସ୍‌ପି ନିତିନ କୁଶଲକର, ଏସ୍‌ଡିପିଓ ସୁଦର୍ଶନ ଗଙ୍ଗୋଇ, ଟାଉନ ଥାନା ଇନ୍ସପେକ୍ଟର ଶ୍ରୀକାନ୍ତ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସେହିପରି କେନ୍ଦୁଝରର ଆଦିଶକ୍ତି ପୀଠ ସିଦ୍ଧମଠଠାରେ ଏକକ ସିଦ୍ଧ ଜଗନ୍ନାଥଙ୍କର ଦେବସ୍ନାନ ନୀତି ଅନୁଷ୍ଠିତ ହୋଇଛି।

**ଆନନ୍ଦପୁର:** ଘସିପୁରା ବ୍ଲକ୍ ତରୁଆଁ ଗ୍ରାମର ଦଧିବାମନଜିଉ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏଥିରେ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଛି। ପୂର୍ବାହ୍ନରେ ମନ୍ଦିର ପରିସରସ୍ଥ ସ୍ନାନମଣ୍ଡପକୁ



ଦଧିବାମନଜିଉଙ୍କୁ ପହଣ୍ଡିରେ ବିଜେ କରାଯାଇଥିଲା। ସକାଳୁ ପାରମ୍ପରିକ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବାବେଳେ ଦଧିବାମନଜିଉଙ୍କୁ ପହଣ୍ଡି କରାଯାଇ ସ୍ନାନମଣ୍ଡପକୁ ଅଣାଯାଇଥିଲା। ମଧ୍ୟାହ୍ନରେ ବିଶେଷ ସ୍ନାନନୀତି ଓ କଳସ ଲାଗି ଅନୁଷ୍ଠିତ ହୋଇଥିଲା। ମନ୍ଦିର କମିଟି ସେବକ ରାଜା ପ୍ରାଣକୃଷ୍ଣ ଭଞ୍ଜ, ଶରତ କୁମାର ରାଉତ, ମାୟାଧର ମଲ୍ଲିକ, ନାରାୟଣ ରାଉତ, ଗଙ୍ଗାଧର ସାମଲ, ବିଶ୍ୱନାଥ ନାୟକ, ମନୋରମା ମହାରଣା, ପୂଜକ ଶଙ୍କର୍ଷଣ ପାଢ଼ୀ, ବିଷ୍ଣୁ ପ୍ରସାଦ ପାଢ଼ୀ, ଚନ୍ଦ୍ରମଣି



ପାଢ଼ୀଙ୍କ ସହ ପରିଚାଳନା କମିଟି ଏବଂ ଗ୍ରାମବାସୀ ନୀତିକାନ୍ତି ଅନୁଯାୟୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଆନନ୍ଦପୁର:** ଆନନ୍ଦପୁର ଉପଖଣ୍ଡର ଆରାଧ୍ୟ ଦେବ ଶ୍ରୀଦଧିବାମନଜିଉଙ୍କ ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସ୍ନାନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପୂର୍ବରୁ ଠାକୁରଙ୍କ ମନ୍ଦିର ପରିସରରେ ରୁକ୍ମଣୀ ବିବାହ ହେବା ପରେ ରବିବାରରେ ଅଧିବାସ ହୋଇ ଥିଲା। ଆଜି ସକାଳୁ ମଙ୍ଗଳ ଆଳତି ଓ ପୂଜାଅର୍ଚ୍ଚନା ପରେ ପରେ ଶ୍ରୀଜିଉଙ୍କର ଧାଡ଼ିପହଣ୍ଡିରେ ସ୍ନାନ ମଣ୍ଡପ ବିଜେ କରାଯାଇ ପୂଜର୍ଚ୍ଚନା ପରେ ସୁବାସିତ ଜଳରେ ଚତୁର୍ଦ୍ଧା ମୂର୍ତ୍ତି ଙ୍କ ସ୍ନାନ କାର୍ଯ୍ୟ ସମାପନ ହୋଇଥିଲା। ଅପରାହ୍ଣରେ ପ୍ରଭୁଙ୍କ ସୁସଜ୍ଜିତ ଗଜ ବେଶ କରାଯାଇ ଶ୍ରଦ୍ଧାଳୁ ଭକ୍ତ ଦର୍ଶନ ନିମନ୍ତେ ସ୍ନାନ ମଣ୍ଡପରେ ଅବସ୍ଥାନ କରାଯାଇ ଥିଲା। କାର୍ଯ୍ୟକ୍ରମରେ ରାଜ ପୁରୋହିତ ଶରତ ମିଶ୍ର, ସୁଆର ବିଶ୍ୱନାଥ ପାତ୍ର, ଶଙ୍କର୍ଷଣ ମିଶ୍ର, ଦୁଆରୀ କୃଷ୍ଣଚନ୍ଦ୍ର ସାହୁ, ଜୟୀ ସାହୁ, ଶରତ ମହାରଣା, ଅମୂଲ୍ୟ ବେଜ୍, ରଜ ଜ୍ୟୋତିଷ ଶ୍ୟାମ ସୁନ୍ଦର ନାହାକ, ଉପ ଜିଲ୍ଲାପାଳ ନୀଳ ମାଧବ ସୁନା, ଅତିରିକ୍ତ ଉପ ଜିଲ୍ଲପାଳ ତପନ କୁମାର ପ୍ରଧାନ, ମନ୍ଦିର ପରିଚାଳକ ସୁରେନ୍ଦ୍ର କୁମାର ମିଶ୍ର, ଚର୍ଚ୍ଚକାର ଜୟକୁମାର ମହାପାତ୍ର, କମିଟି ସଦସ୍ୟ ଉମାକାନ୍ତ ନାୟକ, ଉମେଶ ପାଢ଼ୀ, ସୁଶୀଲ କୁମାର ହୋତା, ନିରାକାର ଦଳେଇ, ଦିଲ୍ଲୀପ କୁମାର ସିଂ, ନିରଞ୍ଜନ ସାହୁଙ୍କ ସମେତ ବହୁ ଭକ୍ତ ଏଥି ସହଯୋଗ କରିଥିଲେ। ସେହିପରି ଆନନ୍ଦପୁର ଉପଖଣ୍ଡର ବଞ୍ଚୋ, ଡେଙ୍ଗା, ଶାଳବଣି , ଫକୀରପୁର, ହାଟଡିହି, ବୀରଗୋବିନ୍ଦପୁର, କୋଡ଼ପଡ଼ା, ଜେଶଦୁରାପାଳ, ବସନ୍ତପୁରା, ଶାଳପଡ଼ା ଆଦି ଅଞ୍ଚଳରେ ରହି ଥିବା ଜଗନ୍ନାଥ ମନ୍ଦିର ମାନଙ୍କରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି।

**ତୁରୁମୁଙ୍ଗା।** : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମଲ୍ଲିପଷି ସ୍ଥିତ ଦାରୁବ୍ରହ୍ମ ପ୍ରତିଷ୍ଠା ସଂସ୍ଥାନ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଭକ୍ତିମୟ ପରିବେଶରେ ଦେବସ୍ନାନ ମହୋତ୍ସବ ପାଳିତ ହୋଇଛି। ପୁଣ୍ୟତୋୟା ବୈତରଣୀ ନଦୀର ଅନୁସୂୟା ଘାଟରୁ ଶୋଭାଯାତ୍ରାରେ ୧୦୮ କଳସ ଜଳ ଆଣି ମହାପ୍ରଭୁଙ୍କ ମହାସ୍ନାନ ନୀତି ବୈଦିକ ରୀତିନୀତି ଅନୁଯାୟୀ ସମ୍ପନ୍ନ କରାଯାଇଥିଲା।ଏହି ପବିତ୍ର ନୀତିରେ ପୂଜକ କୁଳମଣି ଷଡ଼ଙ୍ଗୀ, କର୍ତ୍ତା ପାର୍ଥ ସାରଥି ବେଜ ଓ ଦୀପ୍ତିମୟୀ ବାରିକ ସଂକଳ୍ପ କାର୍ଯ୍ୟରେ ସହଯୋଗ କରିଥିଲେ। ପହଣ୍ଡି ପରିଚାଳକ ରାଜା ରବିନାରାୟଣ ସିଂହ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ସଭାପତି ସୁରେଶ ଚନ୍ଦ୍ର ନାଏକ, ଉପସଭାପତି ବିଶ୍ୱାସ ବାବୁ, ସମ୍ପାଦକ ଅର୍ଜୁନ ଚରଣ ମହାନ୍ତ, ସହ-ସମ୍ପାଦକ ଜତନ କୁମାର ରଣା, କୋଷାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ନାଏକଙ୍କ ସମେତ ସେବାୟତ ସୁଦର୍ଶନ ନାଏକ, ପୁରୁଷୋତ୍ତମ ମହାନ୍ତ, ସନାତନ ନାଏକ, ନିରାକାର ଦାଶ, ସୁଦାମ ଦାଶ, ସହଯୋଗୀ ଜଳଧର ରଣା, ଯଦୁମଣି ରଣା, ଦୁର୍ଯ୍ୟୋଧନ ମହାନ୍ତ, ବୈରାଗୀ ରଣା,



ଚନ୍ଦ୍ରମଣି ନାଏକ ଓ ଅନାଦି ଚରଣ ମହାନ୍ତ ପ୍ରମୁଖ ଦେବସ୍ନାନ ନୀତିକୁ ସୁଚାରୁରୂପେ ସମ୍ପନ୍ନ କରିଥିଲେ। ଏହି ଦାରୁବ୍ରହ୍ମ ପ୍ରତିଷ୍ଠା ସଂସ୍ଥାନ ମଲ୍ଲୀପଷି ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କ ସ୍ୱୀକୃତିପ୍ରାପ୍ତ ହୋଇଥିବାରୁ ଏହାର ଧାର୍ମିକ ମହତ୍ତ୍ୱ ଅଧିକ ରହିଛି। ଦେବସ୍ନାନ ମହୋତ୍ସବରେ ବହୁ ସଂଖ୍ୟକ ଭକ୍ତ ଯୋଗଦେଇ ମହାପ୍ରଭୁଙ୍କ ଦିବ୍ୟ ସ୍ନାନ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ସମଗ୍ର ପରିବେଶ ଭଜନ, କୀର୍ତ୍ତନ, ଶଙ୍ଖଧ୍ୱନି ଓ ହରିବୋଲରେ ଆଧ୍ୟାତ୍ମିକମୟ ହୋଇଉଠିଥିଲା।

## ମହୁଲ ଗଛରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ତୁରୁମୁଙ୍ଗା,୨୯।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା କେନ୍ଦୁଯୋଡ଼ା ଗ୍ରାମର ଏକ ଜଙ୍ଗଲରେ ମହୁଲ ଗଛରୁ ସୋମବାର ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଗ୍ରାମର ରାଜେଶ ମାଝୀଙ୍କ ପତ୍ନୀ ଫୁଲବତୀ ମାଝୀ (୨୦)। ଫୁଲବତୀ ଶନିବାର ଦିନ ଠାରୁ ଘରୁ କୁଆଡ଼େ ଚାଲି ଯାଇ ନିଖୋଜ ଥିଲେ। ସୋମବାର ସକାଳେ ସେହି ଗ୍ରାମର କିଛି ମହିଳା ଗାଁ ପାଖ ଜଙ୍ଗଲକୁ ଯାଇଥିବା ବେଳେ ମହୁଲ ଗଛରେ ଫୁଲବତୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ପରେ ପାଟଣା ଥାନାକୁ ମଧ୍ୟ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପାଟଣା ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବାଇକ୍ ଦୁର୍ଘଟଣାରେ ୨ ଗୁରୁତର



ତୁରୁମୁଙ୍ଗା,୨୯।୬(ସମିସ): କେନ୍ଦୁଝର ଜିଲ୍ଲା କେନ୍ଦେଇପଶି ରାଜନଗର ରାସ୍ତାର ଡେଣୁଆଁ ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଦୁଇଜଣ ହେଲେ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଖୁଣ୍ଟାପଡା ଗ୍ରାମର ଭଦ୍ରୁ ନାଏକଙ୍କ ପୁଅ ଚିତ୍ତରଞ୍ଜନ ନାଏକ (୩୩) ଓ ଅନ୍ୟ ଜଣଙ୍କ ହେଉଛନ୍ତି ସେହି ଗ୍ରାମର ନବୀନ ଚରଣ ମହାନ୍ତଙ୍କ ପୁଅ ବିଦ୍ୟାଧର ମହାନ୍ତ (୩୦)। ସୋମବାର ଅପରାହ୍ଣରେ ବିଦ୍ୟାଧର ମହାନ୍ତ, ଚିତ୍ତରଞ୍ଜନ ନାଏକ, ଦୁହେଁ ଗୋଟିଏ ବାଇକ୍‌ରେ ଖୁଣ୍ଟାପଡ଼ାରୁ ଡେଣୁଆଁ ଗ୍ରାମକୁ ଯାଉଥିବା ସମୟରେ ଡେଣୁଆଁ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାହାଫଳରେ ଦୁଇଜଣ ବାଇକ୍‌ରୁ ଛିଟିକି ପଡ଼ିଯାଇଥିଲେ। ସ୍ଥାନୀୟ ଲୋକମାନେ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିତ୍ତରଞ୍ଜନ ଅଧିକ ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି। ବିଦ୍ୟାଧର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

## ସାଂସଦଙ୍କ ଆନନ୍ଦପୁର ଡାକ୍ତରଖାନା ପରିଦର୍ଶନ



ଆନନ୍ଦପୁର,୨୯।୬(ସମିସ): କେନ୍ଦୁଝର ସାଂସଦ ଅନନ୍ତ ନାୟକ ଆଜି ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ କରି ସ୍ୱାସ୍ଥ୍ୟସେବାର ଅନୁଧ୍ୟାନ କରିଛନ୍ତି। ପରିଦର୍ଶନ କାଳରେ ପୂର୍ବତନ ଗୟଳ ମୁଣ୍ଡା ନଗର ମଣ୍ଡଳ ବିଜେପି ସଭାପତି ସ୍ୱର୍ଗତ ହେମନ୍ତ କୁମାର ମହାନ୍ତଙ୍କ ପତ୍ନୀ ଅସୁସ୍ଥ ଥିବା ଖବର ପାଇ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଓ ବିଜେପି ନେତା ରାମଚନ୍ଦ୍ର ସାହୁ ମଳୟ କୁମାର ମିଶ୍ର ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

## ଯୋଗ୍ୟ ପରିବାରକୁ ମିଳୁନି 'ଆବାସ'; ବିଡିଓଙ୍କୁ ଦାବିପତ୍ର



ତୁରୁମୁଙ୍ଗା,୨୯।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକରେ ଯୋଗ୍ୟ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁ ନଥିବା ଅଭିଯୋଗ ହୋଇଛି। ବୁଢ଼ୀକାପୁଡ଼ି, ମଲ୍ଲିପଶି ଚେମଣା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଉପଯୁକ୍ତ ହିତାଧିକାରୀଙ୍କୁ ଘର ମିଳୁ ନଥିବା ଅଭିଯୋଗ ଆଣି ସୋମବାର ପାଟଣା ବିଡିଓ ମାନସ ଦଣ୍ଡପାଟଙ୍କ ନିକଟରେ ଅଭିଯୋଗ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ପୁରନ୍ଦରପୁର ଗ୍ରାମର ବଉଳ ମହାନ୍ତ, ଲଡୁ ମହାନ୍ତ, ପୂର୍ଣ୍ଣମୀ ମହାନ୍ତ, ଜେମାମଣି ମହାନ୍ତ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ପଞ୍ଚାୟତରେ ଥିଲାବାଲାଙ୍କୁ ଗୃହ ମିଳୁଥିବା ବେଳେ ଯୋଗ୍ୟ ହିତାଧିକାରୀମାନଙ୍କୁ ଘର ମିଳୁ ନାହିଁ। ପୁରନ୍ଦରପୁର ଗ୍ରାମରେ ବଡ଼ ବଡ଼ କୋଠା ଥିବା ଲୋକ ଏବଂ ଧନୀ ଶ୍ରେଣୀର ଲୋକଙ୍କୁ ଗୃହ ମିଳୁଛି। ଆମେ ଗରିବ ଶ୍ରେଣୀର ହୋଇଥିବାବେଳେ ଆମକୁ ପଞ୍ଚାୟତ କର୍ତ୍ତୃପକ୍ଷ ଅବହେଳା କରୁଥିବା ଅଭିଯୋଗ କରିଛନ୍ତି। ସେହିପରି ଚେମଣା ଓ ମଲ୍ଲିପଶି ପଞ୍ଚାୟତରେ ମଧ୍ୟ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀ ବାଦ୍ ପଡ଼ିଥିବା ଅଭିଯୋଗ ଆଣି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ହିତାଧିକାରୀ।

## 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ



ତୁରୁମୁଙ୍ଗା,୨୯।୬(ସମିସ): ସୋମବାର ଚମ୍ପୁଆ ବ୍ଲକ୍ ଜଜପଶି ପଞ୍ଚାୟତରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନୀଲ କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକଙ୍କ ପ୍ରତିନିଧି ଅଖିଳ ଚନ୍ଦ୍ର ନାଏକଙ୍କ ଚମ୍ପୁଆ ବ୍ଲକ୍ ପ୍ରତିନିଧି ଭାବଗ୍ରାହୀ ମହାନ୍ତ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ହିତକାରୀ ଯୋଜନା ଉପରେ କହିବା ସହ ସରକାରୀ ଯୋଜନାର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପଞ୍ଚାୟତ ସଭାପତି ଅଜିତ ତ୍ରିପାଠୀ, ଜ୍ୟୋତିପୁର ମଣ୍ଡଳ ଉପସଭାପତି ଡେଭିଡ ମହାନ୍ତ, ପଞ୍ଚାୟତ ଉପସଭାପତି ସୋମନାଥ କର, ପୂର୍ବତନ ଶକ୍ତିକେନ୍ଦ୍ର ପ୍ରମୁଖ ପବିତ୍ର ମହାନ୍ତ ଯୋଗଦେଇଥିଲେ। ବିଭିନ୍ନ ଲାଇନ ବିଭାଗ କର୍ମଚାରୀ ଉପସ୍ଥିତ ରହିବା ସହ ବିଭାଗୀୟ ଷ୍ଟଲ ଦ୍ୱାରା ଲୋକଙ୍କୁ ସରକାରୀ ଯୋଜନାର ଅବଗତ କାରାଯାଇ ଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ମହାନ୍ତ ୯ ଜଣ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା ଯୋଜନାର କାର୍ଡ ଓ ୩ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୋୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏଡିଇଓ ଗଗନ ପଲେଇଙ୍କ ସମେତ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଧାନମନ୍ତ୍ରୀ ସଡ଼କରେ ଖଣିଜପାଣ୍ଠି ଅର୍ଥ ବିନିଯୋଗ ନେଇ ଗ୍ରାମବାସୀଙ୍କ ବିରୋଧ



**ଆନନ୍ଦପୁର,୨୯।୬(ସମିସ):** ପ୍ରଧାନମନ୍ତ୍ରୀ ସଡ଼କରେ ଜିଲ୍ଲା ଖଣିଜ ପାଣ୍ଠି ଅର୍ଥ ବିନିଯୋଗ କରାଯିବା ଘଟଣାକୁ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ଏହି ବିବାଦକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ମରେଇଗାଁ ପଞ୍ଚାୟତ ଅନ୍ତର୍ଗତ ବନ୍ତଳା ଗ୍ରାମର ରାସ୍ତାକାର୍ଯ୍ୟକୁ ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଜମ୍ବୀରା ଗ୍ରାମଠାରୁ ସିଲନ୍ଦୀ ଭାୟା ବନ୍ତଳା ରାସ୍ତା ନିର୍ମାଣ ପାଇଁ ଅଟକଳ ରାଶି ପ୍ରାୟ ୨କୋଟି ୫୪ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହି ଅନୁଦାନରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟ ଚାଲିଥିବା ବେଳେ ରାସ୍ତାର ଅପର ପାଶ୍ୱର୍ରୁ ଜିଲ୍ଲା ଖଣିଜ ପାଣ୍ଠି ଅର୍ଥ ରାଶିରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଅଞ୍ଚଳବାସୀଙ୍କୁ ଚକିତ କରିଛି। ପ୍ରଧାନମନ୍ତ୍ରୀ ରାସ୍ତା ଉପରେ ଆଉ ଏକ କାର୍ଯ୍ୟାଦେଶ କିପରି ଦିଆଗଲା ସେ ନେଇ ଗ୍ରାମବାସୀ ପ୍ରତିବାଦ କରିଛନ୍ତି।

## ଚାକିରି ଦେବାକୁ କହି ଠକେଇ; ଜଣେ ଗିରଫ



କେନ୍ଦୁଝର,୨୯।୬(ସମିସ): କେନ୍ଦୁଝର ସଦର ପୁଲିସ ଚାକିରି ଦେବା ନାମରେ ଲକ୍ଷ ଲକ୍ଷ ଟଙ୍କାର ଠକେଇର ପର୍ଦ୍ଦାଫାଶ କରିଥିବାବେଳେ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଅଭିଯୁକ୍ତ ସମୀର କୁମାର ବର୍ମନଙ୍କ ସହ ଜଡ଼ିତ ଏକ ବଡ଼ ଚାକିରି ଠକେଇ ମାମଲାର ପର୍ଦ୍ଦାଫାସ କରିଛି। ଯାହାଙ୍କ ନାମରେ କଟକ ଜିଲ୍ଲା କିଶୋର ନଗରର ସାନ୍ତରାପୁର ଗ୍ରାମର ସ/ଓ- ଲେଫ୍ଟନାଣ୍ଟ ସରୋଜ କୁମାର ବର୍ମନ ଅଭିଯୋଗ କରିଛନ୍ତି ଯେ ସେ ରାଜ୍ୟ ସଚିବାଳୟରେ ସ୍ୱାସ୍ଥ୍ୟ ବିଭାଗର ଜଣେ କର୍ମଚାରୀ ଭାବରେ ନିଜକୁ ମିଥ୍ୟା ପରିଚୟ ଦେଇ ଏବଂ ତାଙ୍କ ପ୍ରଭାବ ବଳରେ ସରକାରୀ ଚାକିରି ଯୋଗାଇବାର ପ୍ରତିଶ୍ରୁତି ଦେଇ ଅନେକ ଚାକିରି ଆଶାୟୀଙ୍କୁ ଠକିଥିଲେ। ତଦନ୍ତ ସମୟରେ, ଏହା ଜଣାପଡ଼ିଥିଲା ଯେ ଅଭିଯୁକ୍ତ ଅଭିଯୋଗକାରୀ ଏବଂ ଅନ୍ୟ ନଅ ଜଣଙ୍କୁ ବିଭିନ୍ନ ସରକାରୀ ପ୍ରତିଷ୍ଠାନରେ ନିଯୁକ୍ତି ପ୍ରଦାନ କରିବାର ମିଥ୍ୟା ପ୍ରତିଶ୍ରୁତି ଦେଇ ୨୩ ଲକ୍ଷ ୯୭ ହଜାର ଟଙ୍କା ନେଇଥିଲେ। ସେ କିଛି ପ୍ରାର୍ଥୀଙ୍କ ନାମରେ ନକଲି ନିଯୁକ୍ତି ପତ୍ର ମଧ୍ୟ ଜାରି କରିଥିବା ଅଭିଯୋଗ ହୋଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

## ବିପଦସଂକୁଳ ଅବସ୍ଥାରେ ଶୁଖିଲା ଗଛ; ଅଘଟଣ ଆଶଙ୍କା



କେନ୍ଦୁଝର,୨୯।୬(ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ଦିନ ହେବ ଏକ ଶୁଖିଲା ଗଛ ବିପଦ ସଙ୍କୁଳ ଅବସ୍ଥାରେ ଠିଆ ହୋଇ ରହିଛି। ପ୍ରତିଦିନ ଏହି ବାଟ ଦେଇ ଗଛ ନିକଟରେ ଶତାଧିକ ସାଧାରଣ ଲୋକ ନିଜର ବ୍ୟାଙ୍କ କାମ ହେଉ କିମ୍ବା ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଯାତାୟାତ କରୁଛନ୍ତି। ଗଛ ମୂଳ ଅତ୍ୟନ୍ତ ଦୁର୍ବଳ ଥିବାରୁ ଯେ କୌଣସି ମୁହୂର୍ତ୍ତରେ ଭାଙ୍ଗି ପଡ଼ିବାର ଆଶଙ୍କା ଥିବାରୁ ଏହା ସାଧାରଣ ଜନତାଙ୍କ ଜୀବନ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ଦୁଃଖର ବିଷୟ, ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଥିଲେ ସୁଦ୍ଧା ବ୍ଲକ ପ୍ରଶାସନର କାହାରି ନଜର ଏଥିପ୍ରତି ପଡୁନାହିଁ କିମ୍ବା ସେମାନେ ଦେଖି ମଧ୍ୟ ନଦେଖିଲା ଭଳି ରହୁଛନ୍ତି।କୌଣସି ଅପ୍ରୀତିକର ପରିସ୍ଥିତି କିମ୍ବା ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ବାଂଶପାଳ ବ୍ଲକ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏହି ଶୁଖିଲା ଗଛକୁ ହଟାଇବା ପାଇଁ ବ୍ୟବସ୍ଥା କରି ଧନଜୀବନର ସୁରକ୍ଷା କରିବାକୁ ସାଧାରଣ ରେ ମତପୋଷଣ ହେଉଛି।

**ଅଗମ୍ୟ ଆଦିବାସୀ ଇଲାକାରେ ଜଳ କଷ୍ଟ**

## ଛଅମାସ ହେଲା 'ବସୁଧା'ରୁ ପାଣି ବନ୍ଦ

ଆନନ୍ଦପୁର,୨୯।୬(ସମିସ)

'ବସୁଧା' ଯୋଜନାରେ ଘରେ ଘରେ ସ୍ୱଚ୍ଛ ପାନୀୟଜଳ ଯୋଗାଣ ପାଇଁ ସରକାର ବ୍ୟବସ୍ଥା କରିଛନ୍ତି। ତେବେ ତୃଣମୂଳ ସ୍ତରରେ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିପାରୁନି। ଏଭିଳ ବ୍ୟତିକ୍ରମ ଦେଖିବାକୁ ମିଳିଛି ଆନନ୍ଦପୁର ବ୍ଲକ୍‌ର ଉପାନ୍ତ ଆଦିବାସୀ ଇଲାକା ଅଞ୍ଚଳ ମନୋହରପୁରରେ। ଫଳରେ ସ୍ଥାନୀୟ କେନ୍ଦୁ ସାହିର ଲୋକେ ପିଇବା ପାଣିପାଇଁ ହନ୍ତସନ୍ତ ହେଉଛନ୍ତି। କେନ୍ଦୁ ସାହିରେ ୪୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ପ୍ରାୟ ସମସ୍ତେ ଆଦିବାସୀ ଶ୍ରେଣୀର ଏବଂ କାମଧନ୍ଦା କରି ପରିବାର ଚଳାଇଥାନ୍ତି।



"ବସୁଧା' ଯୋଜନାରେ ସାହିକୁ ପାନୀୟଜଳ ଯୋଗାଣ ନେଇ ପାଇପ୍ ବିଛା ଯିବା ସହ ୪ଟି ଷ୍ଟାଣ୍ଡପୋଷ୍ଟ ଲଗାଯାଇଛି। ଯୋଜନାର ଶୁଭାରମ୍ଭ ବେଳେ ପାଇପ୍‌ରେ ପାଣି ଆସୁଥିଲା। ଦୀର୍ଘ ଦିନର ସମସ୍ୟା ଦୂର ହେଲା ବୋଲି ଲୋକେ ଖୁସି ହୋଇଥିଲେ। ବର୍ତ୍ତମାନ ୬ମାସ ହେଲା ଜଳ ଯୋଗାଣ ବନ୍ଦ ରହିଛି। ଲୋକେ ବାଧହୋଇ ଦୁଇଟି ନଳକୂପରୁ ପାଣି ସଂଗ୍ରହ କରୁଛନ୍ତି। ଅନେକ ସମୟରେ ନଳକୂପରୁ ଗୋଳିଆ ପାଣି ବାହାରୁଥିବାରୁ ପାନୀୟ ଉପଯୋଗୀ ହେଉନି ଯଥେଷ୍ଟ ପାଣି ମଧ୍ୟ ବାହାରୁନି। ପିଇବା ପାଣି ସଂଗ୍ରହ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ସାହିର ସଲମା ହେମ୍ବ୍ରମ, ବାସନ୍ତୀ ହେମ୍ବ୍ରମ, ସିନିଙ୍ଗ ହେମ୍ବ୍ରମ, ବାଲ୍ଲୀ ହେମ୍ବ୍ରମ, ମଇନି ହେମ୍ବ୍ରମ ପ୍ରମୁଖ କହିଛନ୍ତି। ଅଭିଯୋଗ କଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି।

## ଶିକ୍ଷକ ନିଯୁକ୍ତି ଦାବିରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା




ଆନନ୍ଦପୁର,୨୯।୬(ସମିସ): ଶିକ୍ଷକ ନିଯୁକ୍ତି ଦାବି କରି ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ ଛାତ୍ରଛାତ୍ରୀ ଓ ଅଭିଭାବକ। ପ୍ରତିଶ୍ରୁତି ମିଳିବା ପରେ ଧାରଣା ହଟିଥିଲା। ଏଭଳି ଘଟଣା ଦେଖିବାକୁ ମିଳିଛି। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଖଲଣା ତଳସାହି ପ୍ରାଥମିକ ବିଦ୍ୟାଳୟରେ। ସୁଚନା ଅନୁସାରେ ଏହି ବିଦ୍ୟାଳୟରେ ଶିଶୁ ବାଟିକାରୁ ଓ ୫ମ ଶ୍ରେଣୀ ପାଇଁ ୫୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଢୁଥିବାବେଳେ ପାଠପଢ଼ା ପାଇଁ ଏକମାତ୍ର ଶିକ୍ଷୟିତ୍ରୀ ହିଁ ଭରସା। ବିଦ୍ୟାଳୟରେ ଶିକ୍ଷକ ନଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଛାତ୍ରଛାତ୍ରୀ ପାଠ ପଢ଼ାରୁ ବଞ୍ଚିତ ହେଉଛନ୍ତି। ଶିକ୍ଷକ ପଦ ପୂରଣ ପାଇଁ ଏସ୍‌ଏମସି କମିଟି ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କ ପକ୍ଷରୁ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରିଥିବାବେଳେ ଦାବି ପୂରଣ ହୋଇନାହିଁ। ଏ ନେଇ ସ୍ଥାନୀୟ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରି ବିଦ୍ୟାଳୟରେ ତାଲା ପକାଇଥିଲେ। ଛାତ୍ରଛାତ୍ରୀ ଓ ଅଭିଭାବକମାନେ ବସି ଆନ୍ଦୋଳନ କରିଥିଲେ। ଘଟଣା ସମ୍ପର୍କରେ ଅବଗତ ହେବା ପରେ ଘସିପୁରା ବିଇଓ ଏହି ବିଦ୍ୟାଳୟରୁ ଡେପୁଟେସନ୍‌ରେ ଯାଇଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ପୁନଃ ଅବସ୍ଥାପିତ କରିବା ପରେ ଦିନ ସାଢ଼େ ୧୨ଟା ବେଳକୁ ଅବରୋଧ ହଟିଥିବା ଜଣାପଡ଼ିଛି।







# ମହାପ୍ରଭୁଙ୍କୁ ଗଜାନନ ବେଶରେ ଦର୍ଶନ କଲେ ଶ୍ରଦ୍ଧାଳୁ



ଦୋଳମୁଣ୍ଡାଇ



ମହମଦିଆ ବଜାର



ଜଗନ୍ନାଥବଲ୍ଲଭ

**କଟକ,୨୯ ।୬(ସମିସ)**

ସହରର ପ୍ରତ୍ୟେକ ଜଗନ୍ନାଥ ମନ୍ଦିରଗୁଡ଼ିକରେ ଆଜି ପ୍ରବଳ ଭକ୍ତ ସମାଗମ ହୋଇଥିଲା। ବେଦଧ୍ୱନି ପୂର୍ବକ ୧୦୮ କଳସୀ ଜଳରେ ମହାପ୍ରଭୁଙ୍କ ସହିତ ବଳଭଦ୍ର, ସୁଭଦ୍ରା, ସୁଦର୍ଶନଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ କରାଯାଇ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ସାଧାରଣତଃ କଟକ ସହରରେ ଥିବା ଜଗନ୍ନାଥ ମନ୍ଦିରରେ ବର୍ଷକୁ ଥରେ ଶ୍ରୀ ଜଗନ୍ନାଥ ଭାଇଭଉଣୀଙ୍କ ସହିତ ଜଳସ୍ନାନ କରିଥାଆନ୍ତି। ଅନ୍ୟ ସମୟରେ ତାଙ୍କୁ ମନ୍ତ୍ରସ୍ନାନ କରାଯାଏ। ଏହି ଦିନକୁ ମହାପ୍ରଭୁଙ୍କ ଜନ୍ମଦିନ ରୂପେ ପାଳନ କରାଯାଏ। ଏହା ରଥଯାତ୍ରା ପୂର୍ବରୁ ପାଳିତ ହେଉଥିବା ଏକ ପୂଜାବିଧି। ତଦ୍‌ନୁସାରେ ସହରର ଚାନ୍ଦିନୀଚୌକ, ଦୋଳମୁଣ୍ଡାଇ, ଯୋବ୍ରା ନୂଆସାହି, ତୁଳସୀପୁର ମଠସାହି ଏବଂ ପିଠାପୁର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା କରାଯାଇଥାଏ। ଏହି ମନ୍ଦିର ଗୁଡ଼ିକରେ ଆଜି ଦେବସ୍ନାନ ପୂର୍ଣ୍ଣମୀ ଅବସରରେ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଛି। ଗତକାଲି ମହାପ୍ରଭୁଙ୍କ କବାଟଫିଟା, ପାହାନ୍ତିଆ ଅବକାଶ, ଗୋପାଳବଲ୍ଲଭ, ସକାଳଧୂପ, ଦ୍ୱିପ୍ରହର ଧୂପ ଆଦି କରାଯାଇ ସ୍ୱଳ୍ପ ସମୟ ପାଇଁ ପହୁଡ଼ କରାଯାଇଥିଲା। ଅନ୍ୟାନ୍ୟ ପୂଜା କରାଯାଇଥିଲା। ଆଜି ଭୋର ସମୟରୁ ବିଭିନ୍ନ ନୀତିକାନ୍ତି ଆରମ୍ଭ ହୋଇଥିଲା।

ମିଳିଥିବା ସୂଚନା ଅନୁସାରେ, ଚାନ୍ଦିନୀଚୌକ ଜଗନ୍ନାଥ ମହାପ୍ରଭୁଙ୍କ ଗଜାନନ ବେଶ ଦେଖିବାକୁ ସକାଳ ୭ଟାରୁ ଭକ୍ତଙ୍କ ସମାଗମ ଲାଗି ରହିଥିଲା। ପୂର୍ବ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁସାରେ ଦଇତାପତି ନିଯୋଗ ସେବାୟତମାନେ ରତ୍ନ ସିଂହାସନରୁ ସକାଳ ୭ ଘଟିକା ସମୟରେ ୩ଠାକୁରଙ୍କୁ ଧାଡି ପହଣ୍ଡିରେ ଆଣି ମନ୍ଦିର ପରିସରରେ ନବ ନିର୍ମିତ ଦେବସ୍ନାନ ମଣ୍ଡପରେ ବିଜେ କରାଇଥିଲେ। ସେଠାରେ ଯଥାବିଧି ପୂଜାର୍ଚ୍ଚନା ସହିତ ୧୦୮ ଗରା ସୁବାସିତ ଜଳରେ ମହାପ୍ରଭୁଙ୍କ ସ୍ନାନବିଧି ସମ୍ପନ୍ନ ହୋଇଥିଲା। ଏହା ପରେ ମହାପ୍ରଭୁଙ୍କ ଦେବ-ଦୁର୍ଲ୍ଲଭ ଗଜାନନ ବେଶ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ମା' ଭଗବତୀ ପୂଜା ସଂକୀର୍ତ୍ତନ ସମିତିର ଯୁବ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ଜନଗହଳିକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ରାତି ୯ଟା ବାଣରୋଷଣୀ ମଧ୍ୟରେ ମହାପ୍ରଭୁଙ୍କୁ ସ୍ନାନବେଦୀରୁ ଗୋଟି ପହଣ୍ଡିରେ ଆଣି ଅଣସର ଘରେ ଅବସ୍ଥାପିତ କରାଯାଇଥିଲା। ଏହି



ଚାନ୍ଦିନୀଚୌକ

ସ୍ନାନଯାତ୍ରା ଉତ୍ସବକୁ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର କର୍ମକର୍ତ୍ତା ଏହି ସ୍ନାନଯାତ୍ରାକୁ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା ସମିତି କର୍ମକର୍ତ୍ତା ଯୁଧିଷ୍ଠିର ସିଂହ, ଭିକାରୀ ଦାସ, ପ୍ରତାପକିଶୋର ସିଂହ, ବିଜୟ ବେହେରା, ଆଇନଜୀବୀ ବିଶ୍ୱନାଥ ଦାସ, ପ୍ରଦୀପ ସିଂହ, କେ. ଭାସ୍କର ରାଓ, ବିଜୟ ଦଳେଇ, ଦିଲ୍ଲୀପ ପ୍ରଧାନ, ଅଜୟ ଦାସ, ରମେଶ ବେହେରା, ମଦନ ବେହେରା, ଅସିତ ମହାନ୍ତି, ଶଶୀକାନ୍ତ ହୋତା, ବିଜୟ ପ୍ରଧାନ, ଆନନ୍ଦ ଦାସ, ଲୋକନାଥ ଦାସ, ଶେଷଦେବ ମହାରଣା, ସତ୍ୟପ୍ରକାଶ ଦାସ, କୃଷ୍ଣଚନ୍ଦ୍ର ମହାପାତ୍ର, ସୋମନାଥ ବେହେରା ଓ ସୁକାନ୍ତ ଦାସଙ୍କ ସମେତ ଦଇତାପତି ସେବାୟତ ନିଯୋଗର ସମସ୍ତ ସଦସ୍ୟମାନେ ଏହି ଉତ୍ସବକୁ ପରିଚାଳନା କରିଥିଲେ।

ସେହିପରି ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଗଜାନନ ବେଶ ଦେଖିବାକୁ ଆଜି ପ୍ରବଳ ଭକ୍ତ ସମାଗମ ହୋଇଥିଲା। ଦିନ ୧୦ଟାରେ ପହଣ୍ଡି କରାଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନମଣ୍ଡପକୁ ଅଣାଯାଇଥିଲା। ଦିନ ୧୧ଟାରେ ସ୍ନାନ କରାଯିବା ପରେ ଗଜାନନ ବେଶ କରାଯାଇଥିଲା। ଏ ସମ୍ପର୍କରେ ମୁଖ୍ୟ ପୂଜକଙ୍କୁ ପଚାରିବାରୁ ସେ କୁହନ୍ତି, ଆଜି ମହାପ୍ରଭୁଙ୍କର ଏହି ମହାନ ଉତ୍ସବ ପାଳନ କରୁଛୁ। ଅଭିମନ୍ତ୍ରିତ ହୋଇଥିବା ଜଳରେ ଗୋରଚନା, ଦେବଦାରୁ, ମୁଥା, ହରିତାଳ, ବାହାଡା, ଆମଳକୀ, ସଞ୍ଜିତ, ତାମ୍ରପର୍ଣ୍ଣୀ, ସୋମପର୍ଣ୍ଣୀ ଓ ଲୋଧା ମିଶ୍ରମ କରାଯାଇ ସୁବାସିତ ଜଳରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କୁ ସ୍ନାନ କରାଯାଇଥିଲା। ସେହିପରି ଯୋବ୍ରା ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀଜୀଉମାନଙ୍କ ସୁବାସିତ ଜଳରେ ସ୍ନାନ କରିବା ପାଇଁ ମହାନ ନଦୀ ମହାନଦୀରୁ ପାଣି ବ୍ରାହ୍ମ ମୁହୂର୍ତ୍ତରେ ଆଣିବା ପରେ ମନ୍ଦିର ସେବକ ଜୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସଭାପତି ଶୁଭେନ୍ଦୁ ମହାନ୍ତି,ଅଧିକାରୀ କାଶୀନାଥ ନାୟକ, ମହନ୍ତ ଶିବେନ୍ଦ୍ର ନାୟକ, ଶୁଭମ୍ ପଟ୍ଟନାୟକ, ଦେବାଶିଷ ବେହେରା, ଜଗନ୍ନାଥ୍ ନାୟକ, ଶଙ୍କର ନାୟକ, ପରୀକ୍ଷିତ ନାଏକ, ଅଜିତ ସ୍ୱାଇଁ, ଶୁଭମ୍ ନାୟକ, ଅଜିତ ସ୍ୱାଇଁ, ଦାଶରଥି ନାୟକ,ରମେଶ ମହାରଣା, ଲକ୍ଷ୍ମଣ ନାୟକ, ଅଚ୍ୟୁତାନନ୍ଦ ପଣ୍ଡା, ସମ୍ପାଦକ ଅମ୍ବିକା ପ୍ରସାଦ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନ୍ଦିରରୁ ସ୍ନାନ ମଣ୍ଡପକୁ ଗୋଟି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି ବାହାରିଥିଲେ। ମହାପ୍ରଭୁଙ୍କ ଏହି ପବିତ୍ର ସ୍ନାନଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତ ସପରିବାର ଯୋଗଦେଇ ଆଶୀର୍ବାଦ ଲାଭ କରିଥିଲେ। ଚତୁର୍ଦ୍ଧାମୂର୍ତ୍ତିଙ୍କ ଗଜାନନ ବେଶ ସମାପନ ପରେ ଅନୁଷ୍ଠାନର ପୂଜକ ବିଜୟ ପଣ୍ଡା ମହାଆଳତୀ କରିଥଲେ। ପୋପରଡା ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ନାନ

- **ସ୍ନାନମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ୧୦୮ କଳସୀରେ କରାଗଲା ସ୍ନାନ**
- **ଚାନ୍ଦିନୀଚୌକ, ଦୋଳମୁଣ୍ଡାଇ, ରାଣୀହାଟ ଜଗନ୍ନାଥ ମନ୍ଦିରରେ ଭକ୍ତଙ୍କ ସମାବେଶ**

ପୂର୍ଣ୍ଣିମା ଅବସରରେ ୨୨ଦିଗଭାଗ ସଂକୀର୍ତ୍ତନମଣ୍ଡଳୀ ଦ୍ୱାରା ଓଡିଶୀ ସଂକୀର୍ତ୍ତନ ପରିବେଷଣ କରାଯାଇ ଥିଲା।ଏଥିରେ ଚାଉଳିଆଗଞ୍ଜ,ସାର୍ତ୍ତୋଳ,ଦରଖାପାଟଣା,ବଳଭଦ୍ରପୁର ,କମଳପୁର, ପୋପରଡା ଜନାର୍ଦ୍ଦନ ସଂକୀର୍ତ୍ତନ ମଣ୍ଡଳୀ ଓ ପୋପରଡା ଗୋପୀନାଥ ମଣ୍ଡଳୀ ସଂକୀର୍ତ୍ତନ ମଣ୍ଡଳୀ ଆଦି ଭାଗନେଇ ମହୋତ୍ସବ କୁ ଭକ୍ତି ଭାବମୟ କରିଥିଲେ। ୨୨ଦିଗଭାଗର ସର୍ବାଧିକାରୀ ସୁବାଷ ଚନ୍ଦ୍ର ସାହୁ ଓ ପୋପରଡା ର ଅଧିକାରୀ ଦେବେନ୍ଦ୍ର ସ୍ୱାଇଁ ଓ କାଶୀନାଥ ଜେନାଙ୍କ ସହ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ସନ୍ତୋଷ ଜେନା, ଧିରେନ୍ଦ୍ର ସାହୁ,ମଳୟ ରାଉଳ, ଐଶ୍ୱର୍ଯ୍ୟ ଜେନା, ରାଜେଶ ସ୍ୱାଇଁ, ପ୍ରଦୀପ୍ତଜେନା, ସୁଧିର ବେହେରା, ଅଶୋକ ଜେନାଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ସୁରେଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପଟେ ସହରର ରାଣୀହାଟ ଜଗନ୍ନାଥ ମନ୍ଦିର, ଯୋବ୍ରା ନୂଆସାହି ଜଗନ୍ନାଥ ମନ୍ଦିର, ମଠସାହି ଜଗନ୍ନାଥ ମନ୍ଦିର, ପିଠାପୁର ଜଗନ୍ନାଥ ମନ୍ଦିର ଯଥା ରୀନିନୀତି ଅନୁସାରେ ଏହି ପବିତ୍ର ଉତ୍ସବ ପାଳିତ ହୋଇଯାଇଛି।



ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଚାଉଳିଆଗଞ୍ଜ ଥଟାରିସାହିସ୍ଥିତ ପ୍ରଣବ ମନ୍ଦିରରେ ଶ୍ରୀଜିଉଙ୍କ ଗଜାନନ ବେଶ

## କ୍ଷୁଆର୍ଟପାଟଣା ବସ୍ତିରେ ସ୍ୱଚ୍ଛତା ଅଭିଯାନ




**କଟକ,୨୯ ।୬(ସମିସ):** କଟକର କ୍ଷୁଆର୍ଟ ପାଟଣା ବସ୍ତିରେ ଦିବ୍ୟ ଶକ୍ତି ଚ୍ୟାରିଟେବଲ୍? ଟ୍ରଷ୍ଟର ସମ୍ପାଦିକା ମିନତୀ ଶତପଥୀଙ୍କ ଉଦ୍ୟମରେ ଏକ ସ୍ୱଚ୍ଛତା ଓ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି। ଏହି ଅବସରରେ ବସ୍ତି ପରିସର ସଫେଇ ସହ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ସଚେତନତାର ବାର୍ତ୍ତା ପ୍ରଚାର କରାଯାଇଥିଲା। ଟ୍ରଷ୍ଟର ସଦସ୍ୟ ଶୁଭ୍ରାଂଶୁ ମିଶ୍ର, ଜନସନ ଦାସ, ସୋନାଲି ସାହୁ, ରାଜେଶ ସାମଲ, ମୋନାଲି ସାହୁ, ଅଭି ସାମଲ, ବନ୍ଧନ ପ୍ରଧାନ, ମମତା ପ୍ରଧାନ, ବେବି ନାୟକ, ଓମ ପ୍ରଧାନ, ଅନିଲ ସାମଲ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ



**କଟକ,୨୯ ।୬(ସମିସ):** ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ପକ୍ଷରୁ ଆଜି ୨୦ତମ ଜାତୀୟ ପରିସଂଖ୍ୟାନ ଦିବସ ଉପଲକ୍ଷେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡଃ ଦିବ୍ୟଲୋଚନ ମହାନ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପରିସଂଖ୍ୟାନର ଜନକ ଡଃ ପ୍ରଶାନ୍ତ ଚନ୍ଦ୍ର ମହାଲାନୋବିସଙ୍କ ଭାରତର ପରିସଂଖ୍ୟାନ କ୍ଷେତ୍ରରେ ଅବଦାନ ଓ ଐତିହାସିକ ଭୂମିକା ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ଡଃ କୈଳାଶଚନ୍ଦ୍ର ପାଣି, ଡଃ ବିଜ୍ଞାନାନନ୍ଦ ମହାନ୍ତି, କେନ୍ଦ୍ରାଞ୍ଚଳ (ପରିସଂଖ୍ୟାନ) ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସରୋଜ ସେଠୀ, ଶୈଳବାଳା ମହିଳା ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ମମତାରାଣୀ ସାହୁ, ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସଂଖ୍ୟାନ ପ୍ରାଧାପିକା ଅର୍ଚ୍ଚନା ପାଣିଗ୍ରାହୀ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶ ସଭା ପରିଚାଳନା କରିଥିଲେ।

## ଓଜେସି ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



**କଟକ,୨୯ ।୬(ସମିସ):** ଓଡ଼ିଶା ଜନତା କଂଗ୍ରେସ(ଓଜେସି)ର ନୂତନ କଟକ ନଗର ସଭାପତି ଭାବେ ଗିରିବାଳା ବେହେରା ଏବଂ କଟକ ଜିଲ୍ଲା ସଭାପତି ଭାବେ ଅନିଲ ବେଉରା ଓ ରାଜ୍ୟ ସଂପାଦକ ଦୀପକ କୁମାର ପରିଡାଙ୍କୁ ଆଜି ଦଳ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଯୋଗଦେଇ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ। ଏଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଥିବାରୁ ସେମାନେ ରାଜ୍ୟ ସଭାପତି ମହମ୍ମଦ ମୋକିମଙ୍କୁ ସାଧୁବାଦ ଓ ଗଭୀର ଧନ୍ୟବାଦ ଜଣାଇବା ସହ ସମସ୍ତଙ୍କ ସହଯୋଗରେ ଏହି ଦାୟିତ୍ୱକୁ ଅତ୍ୟନ୍ତ ସୁଚାରୁରୂପେ ନିର୍ବାହ କରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ୨୫ ନଂ ୱାର୍ଡରେ ବିଧାୟିକାଙ୍କ ଜନସଂପର୍କ ପଦଯାତ୍ରା

**କଟକ,୨୯ ।୬(ସମିସ):** କଟକ ମହାନଗର ନିଗମ ଅଞ୍ଚଳର ୨୫ ନମ୍ବର ୱାର୍ଡରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଦୁଇ ଦିନ ଧରି ଜନ ସଂପର୍କ ପଦଯାତ୍ରା କରିଛନ୍ତି। ବିଧାୟିକା ୱାର୍ଡର ବିଭିନ୍ନ ସାହି ପରିକ୍ରମା କରିବା ସହ ସ୍ଥାନୀୟ ମୁରବି, ଯୁବକ ଓ ମହିଳାଙ୍କୁ ସାକ୍ଷାତ କରି ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ୱାର୍ଡର ରାସ୍ତାଘାଟର ଶୋଚନୀୟ ଅବସ୍ଥା, ପରିମଳ ବ୍ୟବସ୍ଥା ଏବଂ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ନେଇ ଲୋକେ ବହୁ ଅଭିଯୋଗ କରିଥିଲେ। ଜନସାଧାରଣଙ୍କ ଏହି ସବୁ ସମସ୍ୟାଗୁଡ଼ିକୁ ବେଶ୍ ଗମ୍ଭୀରତାର ସହ ଶୁଣିବା ପରେ ବିଧାୟିକା ଏହାର ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପଦଯାତ୍ରାରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ସାମିଲ ହୋଇ ସ୍ଥାନୀୟ ଅଞ୍ଚଳର ବିକାଶ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ପଦଯାତ୍ରା କମିଟି ଅଧ୍ୟକ୍ଷ ବିରେନ୍ଦ୍ର ଦାସ, ଶରତଚନ୍ଦ୍ର ଶେଠୀ, ସଦାବ ସଲାମ, ଇସରତ ଜାହାନ, ସନ୍ତୋଷ ପାତ୍ର, କର୍ନଲ ସତାର, ରାକେଶ ମହାରଣା, ମହେଶ ରାୟ ଉପସ୍ଥିତ ଥିଲେ।



## ସୁଜାତାଙ୍କୁ ଭେଟିଲେ ସିଏମ୍‌ସି କର୍ପୋରେଟର ଓ ଦଳୀୟ ନେତା



**କଟକ,୨୯।୬(ସମିସ):** ସିଏମ୍‌ସିର ମେୟର ସୁବାସ ସିଂଙ୍କ ନେତୃତ୍ୱରେ କର୍ପୋରେଟର୍‌ମାନେ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ସୁଜାତା ରାଉତଙ୍କୁ ଭେଟିଛନ୍ତି। ଓଡ଼ିଶା ମହିଳାଙ୍କୁ ସଶକ୍ତ କରିବା, ମିଶନ ଶକ୍ତିରେ ଏକକୋଟି ମା ଓ ଝିଅ ମାନଙ୍କୁ ସଂଗଠିତ କରି ଜାତିସଂଘର ଦୃଷ୍ଟି ଆକର୍ଷଣ କରିବା ଓ ୨୪ ବର୍ଷ ଜଣେ ପ୍ରଶାସନିକ ସେବା ଯୋଗେଇ ନବୀନ ପଟ୍ଟନାୟକଙ୍କ ପ୍ରେରଣାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସୁଜାତାଙ୍କୁ ମେୟର ଓ କର୍ପୋରେଟର ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧିତ ସମୟରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବିଜେଡି ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂ, କର୍ପୋରେଟର୍ ଏ. ଶ୍ରୀଦେବୀ, ପ୍ରଦୀପ କୁମାର ସାହୁ, ଚନ୍ଦନ ଜେନା, ପୁଷ୍ପିତା ମହାନ୍ତି, ପ୍ରଦୀପ କୁମାର ରାଉତ, ବନଲତା ପ୍ରଧାନ, ରୀତାଞ୍ଜାଳି ବେହେରା, ମମତା ନାୟକ, ନାମିତା ବାରିକ, ଆରତୀ ସାହୁ, ଦୀପାଞ୍ଜଳି ସିଂହ, ବସନ୍ତ ବେହେରା, ଲକ୍ଷ୍ମୀପ୍ରିୟା ବେହେରା,ମହାମଦ ଇଫତକାର ଆଲାମ, କୁରେଷା ନୁର, ଅରୁଣଦ୍ଧତି କର, ସତ୍ୟରାମ ସାହୁ, ଇତିଶ୍ରୀ ଦାସ, ବନଲତା ପ୍ରଧାନ, ପ୍ରିୟମ୍ବଦା ମହାନ୍ତି ରବିନାରାୟ ସାହୁ, କେ ଯେ ଆଫ୍ରିନ୍, ପୂର୍ଣମା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ଗତବର୍ଷର ବହିରେ ଶିକ୍ଷାଦାନ ଦାବି; ଦସ୍ତଖତ ଅଭିଯାନ




**କଟକ,୨୯ ।୬(ସମିସ):** ବିଜ୍ଞାନସମ୍ମତ ଓ ଯୁକ୍ତିଭିତ୍ତିକ ବିଷୟବସ୍ତୁ ଥାଇ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଗତବର୍ଷର ବହିରେ ଶିକ୍ଷାଦାନ କରିବା ଦାବିରେ ଏଆଇଡିଏସଓ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ କଲେଜ ଛକ ରେଭେନସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀ, ଶିକ୍ଷାବିତ, ବୁଦ୍ଧିଜୀବୀ ଓ ଅଭିଭାବକଙ୍କୁ ନେଇ ଦସ୍ତଖତ ସଂଗ୍ରହ ଅଭିଯାନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣ ଶିକ୍ଷାମନ୍ତ୍ରୀଙ୍କ ସମେତ ପାଠ୍ୟପୁସ୍ତକ ବିଭ୍ରାଟରେ ସଂପୃକ୍ତ ସମସ୍ତ ଅଧିକାରୀଙ୍କୁ କଠୋର ଶାସ୍ତି ପ୍ରଦାନ କରିବା, ଜାତୀୟ ଶିକ୍ଷା ନୀତି ୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ପାଇଁ ଦାବି କରାଯାଇଛି। ଏହି ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ରବି ରାୟ ଏକାଡେମୀର ସମ୍ପାଦକ ସମାଜସେବୀ ଇଂ କ୍ଷୀରୋଦଚନ୍ଦ୍ର ମହାପାତ୍ର ଏବଂ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ମହେନ୍ଦ୍ର କାୟସ୍ଥ। କଟକର ବିଭିନ୍ନ ସାହିର ଅଭିଭାବକ ପ୍ରଶାନ୍ତ ନାଏକ, କୃଷ୍ଣପ୍ରିୟା ଜେନା, ପ୍ରଦୀପ ଦାସ, ମୋହନ ଦାସ ଏଆଇଡିଏସଓ ଉପସଭାପତି ଭାଗ୍ୟରବି ଦାସ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ବିନୋଦ ସେଠୀ ସାମିଲ ହୋଇଥିଲେ। ପରିଚାଳନା କରିଥିଲେ ଏଆଇଡିଏସଓ ଜିଲ୍ଲା ସଭାପତି ଇଶା ଧର, ଶିବାନୀ ସାହୁ, ତରୁଣସେନ ନାୟକ, ଶୁଭସ୍ମିତା ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ସରୋଜ ମାନସିଂହ, ସତ୍ୟବ୍ରତ ମୁଦୁଲି।

## ଓଡ଼ିଶା ଜୈବ ବିବିଧତା ବୋର୍ଡ ପକ୍ଷରୁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ତିଗିରିଆ, ୨୯।୬ (ସମିସ):** ତିଗିରିଆ ବ୍ଲକର ସମ୍ମିଳନୀ କକ୍ଷରେ ବନଖଣ୍ଡ ସ୍ତରର ଜୈବବିବିଧତା ସଂପର୍କିତ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯଇଛି। ତିଗିରିଆ ବିଡିଓ ସଂଗ୍ରାମ କେଶରୀ ଭୋଳ, ଓଡିଶା ଜୈବବିବିଧତା ବୋର୍ଡର ବନଖଣ୍ଡ ଅଧିକାରୀ ଶିଶିର ମିଶ୍ର, ଏବିଡିଓ ଯାଜ୍ଞସେନୀ ଗୋଛାୟତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଶା ଜୈବବିବିଧତା ବୋର୍ଡର ଅଣୁଜୀବ ବିଜ୍ଞାନୀ ତଥା ସଂଯୋଜକ ଡ. ଶୁଭ୍ରାଂଶୁ କୁମାର ନାୟକ, ଜୈବ ବିବିଧତାର ସୁରକ୍ଷା ଓ ପରିଚାଳନା କ୍ଷେତ୍ରରେ ବିଏମସିର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ସହଯୋଗ କରିଥିଲା। ବୋର୍ଡର ସଂଯୋଜକ ଡା. ନାୟକ, ଉଦ୍ଭିଦ ବିଜ୍ଞାନୀ ଡା. ପ୍ରଭାତ ଦାସ, ବନ୍ୟଜୀବ ବିଶେଷଜ୍ଞ ଶିବପ୍ରସାଦ ପରିଡା ବିଭିନ୍ନ ପରାମର୍ଶ ଦେଇଥିଲେ। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି କୋଷାଧ୍ୟକ୍ଷ ଶ୍ୟାସୁନ୍ଦର ଦାସ, ସଂଯୋଜକ ପ୍ରିୟବ୍ରତ ବେହେରା, ବିଏମସି ସଂଗଠନର ଦକ୍ଷତା ବୃଦ୍ଧିର ଜ୍ଞାନ ଆହରଣ ରକ୍ଷା ନେଇ ପରାମର୍ଶ ପ୍ରଦାନ କରିଥିଲେ। ସମିତିର ଲିକୁନ ପ୍ରଧାନ, ବିନୟ ସାହୁ, ଚନ୍ଦନ ସାହୁ ଓଡିଶା ଜୈବବିବିଧତା ବୋର୍ଡର ଚିତ୍ତରଂଜନ ନାୟକ ଏବଂ ୧୦ଟି ଜୈବବିବିଧତା ପରିଚାଳନା ସମିତିର ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କ ସମେତ ୭୦ ଜଣ ସଭ୍ୟ ଓ ସଭ୍ୟା ଅଂଶଗ୍ରହଣ କରିଥିଲେ।

## ମର୍କତନଗର ଲିଜ୍ ହୋଲ୍‌ଡ ପ୍ଲଟ୍‌କୁ ଫ୍ରିହୋଲ୍‌ଡ ଦାବି

**କଟକ,୨୯ ।୬(ସମିସ):** ମର୍କତନଗରର ଲିଜ ହୋଲଡ ଜମିକୁ ଫ୍ରି ହୋଲଡ କରିବା ପାଇଁ ଦୀର୍ଘ ଦିନ ଧରି ଦାବି ହୋଇଆସୁଥିଲେ ମଧ୍ୟ ଏହା ଏବେ ବି ସରକାରଙ୍କ ଅନୁମୋଦନ ଅପେକ୍ଷାରେ ରହିଛି। ସେକ୍ଟର-୬ ଅନ୍ତେବାସୀଙ୍କ ପକ୍ଷରୁ ଆଇନଜୀବୀ ଗଦାଧର ସାହୁଙ୍କ ନେତୃତ୍ୱରେ ଏକ ଦଶଜଣିଆ ପ୍ରତିନିଧିମଣ୍ଡଳୀ ସିଡ଼ିଏର ଲିଜ ହୋଲଡ଼ ପ୍ଲଟଗୁଡ଼ିକୁ ଫ୍ରି ହୋଲଡ଼ କରିବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଟକ ସଦର ତହସିଲଦାର ସିଡ଼ିଏ ଅଞ୍ଚଳର ୩୭ ଏକର ୯୭୪ଡ଼ିସିମିଲ ଲିଜ ହୋଲଡ଼ ଜାଗାକୁ ଫ୍ରି ହୋଲଡ଼ କରିବା ପାଇଁ କଟକ ଜିଲ୍ଲାପାଳଙ୍କୁ ତାଙ୍କ ପତ୍ରରେ ଅନୁମୋଦନ ପାଇଁ ନିବେଦନ କରିଥିଲେ। କଟକ ଜିଲ୍ଲାପାଳ ,ଆରଡିସି ଉକ୍ତ ଲିଜ ହୋଲଡ଼ ଜମିକୁ ଫ୍ରି ହୋଲଡ଼ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁମୋଦନ ପାଇଁ ନିବେଦନ କରିଛନ୍ତି। ସିଡ଼ିଏ ଲିଜ ହୋଲଡ଼ ପ୍ଲଟ ଗୁଡ଼ିକ ଫ୍ରି ହୋଲଡ଼ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ ଅପେକ୍ଷାରେ ରହିଛି ବୋଲି ଜଣାପଡ଼ିଛି। ଦାବିପତ୍ର ପ୍ରଦାନ ବେଳେ ଏହି ପ୍ରତିନିଧି ମଣ୍ଡଳିରେ ମାନସ ରଞ୍ଜନ ପଟ୍ଟନାୟକ, ସଂଜୟ କୁମାର ଦେଓ, ବସନ୍ତ କୁମାର ଧଳ, ଡ଼ଃ ସଂଜିତ କୁମାର ପଟ୍ଟନାୟକ, ସୁବ୍ରତ କୁମାର ସିହ୍ନା , ଅଭୟ କୁମାର ଲେଙ୍କା, ଜଟେଶ୍ୱର ସେଠୀ, ରମଣ ବାଗେଡ଼ିଆ ଓ ଶ୍ରୀକାନ୍ତ ପରିଡ଼ା ଯୋଗ ଦେଇଥିଲେ।



# ସୁବାସିତ ଜଳରେ ସ୍ନାନ କଲେ ମହାପ୍ରଭୁ









**କଯାଁଗୋଲା,୨୯।୬(ସମିସ)**

ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତ ନାରୀଗାଁ ସ୍ଥିତ ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ସୋମବାର ମହାପ୍ରଭୁଙ୍କ ପବିତ୍ର ଦେବସ୍ନାନ ପର୍ବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ରାଜାଙ୍କ ନିର୍ଦ୍ଦେଶ କ୍ରମେ ପୂଜା ପଣ୍ଡା ଓ ପଢ଼ିଆରୀମାନେ ତିନି ଠାକୁରଙ୍କୁ ରତ୍ନବେଦୀରୁ ପହଣ୍ଡିରେ ସ୍ନାନ ମଣ୍ଡପକୁ ବିଜେ କରାଇଥିଲେ। ମନ୍ଦିର ମୁଖ୍ୟ ପୂଜକ ରମାକାନ୍ତ ଦାସଙ୍କ ଦ୍ୱାରା ଅଗୁରୁ, ଚନ୍ଦନ ଓ କର୍ପୁର ମିଶ୍ରିତ ସୁବାସିତ ୧୦୮ ଗରା ଜଳରେ ତିନି ଠାକୁରଙ୍କୁ ସ୍ନାନ କରାଯାଇଥିଲା। ସ୍ନାନ ପରେ ଠାକୁରଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି କରାଯାଇ ବଲ୍ଲଭ ଭୋଗ ଲାଗି ହୋଇଥିଲା। ଅବକାଶ ନୀତି ପରେ ମହାପ୍ରଭୁଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ଏହି ପବିତ୍ର ଉତ୍ସବରେ ଚନ୍ଦନ ଶ୍ରୀକ୍ଷେତ୍ର ସଭାପତି ଅକ୍ଷୟ କୁମାର ଧଳ, ସମ୍ପାଦକ ଘନଶ୍ୟାମ ରାୟଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ। ଶତାଧିକ ଭକ୍ତଙ୍କ ସମାଗମରେ ମନ୍ଦିର ପରିସର ଭକ୍ତିମୟ ହୋଇଉଠିଥିଲା।

**ମଙ୍ଗଳପୁର:** ଦଶରଥପୁର ବ୍ଲକ କଯାଁ ପଞ୍ଚାୟତ ଦୁବକଣ ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶ୍ରୀଜିଉମାନଙ୍କୁ ଘଣ୍ଟ ଘଣ୍ଟା ଶଙ୍ଖ ଧ୍ୱନିରେ ବ୍ରାହ୍ମଣମାନଙ୍କ ମନ୍ତ୍ର ପାଠରେ ରତ୍ନବେଦୀରୁ ସ୍ନାନ ମଣ୍ଡପକୁ ଅଣା ଯାଇଥିଲା। ଏହାପରେ ଶ୍ରୀଜିଉମାନଙ୍କୁ କ୍ଷୀର, ପଇଡ଼ ଓ ଗଙ୍ଗା ଜଳ ଦ୍ୱାରା ମହାସ୍ନାନ କରାଯାଇଥିଲା। ପରେ ୩ ଠାକୁରଙ୍କୁ ନୂତନ ବସ୍ତ୍ର ପିନ୍ଧାଯାଇ ଫୁଲ ହାରରେ ସଜା ଯାଇଥିଲା। ଏହାପରେ ରୀତିନୀତି ଅନୁଯାଇ ହୋମଯଜ୍ଞ ଓ ପୂଜା କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ଶେଷରେ ଭୋଗ ଲାଗି ହେବାପରେ ପୁଣି ଶ୍ରୀଜିଉମାନଙ୍କୁ ଅଣସର ଘରକୁ ନିଆଯାଇଥିଲା। ପୂଜା କାର୍ଯ୍ୟରେ ବ୍ରାହ୍ମଣ ବିରଞ୍ଚି ନାରାୟଣ ଦାସ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିନୋଦ କୁମାର ପଣ୍ଡା, ବ୍ରଜକିଶୋର ପଣ୍ଡା, ବିରଞ୍ଚି ନାରାୟଣ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ଅଜୟ କୁମାର ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

**ସୁକିନ୍ଦା:** ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସୁକିନ୍ଦା ଜଗନ୍ନାଥ ମନ୍ଦିର ସ୍ନାନମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତୀଙ୍କ ମହାସ୍ନାନ ସମ୍ପର୍ଣ୍ଣ ହେବା ପରେ ଗଜାନନ ବେଶ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ। ଆଜି ସକାଳୁ ମନ୍ଦିର ପୂଜାପଣ୍ଡାଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା ପରେ ବ୍ରାହ୍ମଣ ସେବାୟତମାନେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରତ୍ନ ସିଂହାସନରୁ ସ୍ନାନ ମଣ୍ଡପକୁ ନେଇଥିଲେ। ସେଠାରେ ପ୍ରଭୁଙ୍କ ମହାସ୍ନାନ ସମ୍ପର୍ଣ୍ଣ ହେବା ପରେ ପ୍ରଭୁଙ୍କ ଗଜାନନ ବେଶ ଅନୁଷ୍ଠିତ ହୋଇଛି। ବର୍ଷରେ ଥରେ ମାତ୍ର ଏହି ବେଶ ଦର୍ଶନ କରିବାର ସୁଯୋଗ ମିଳିଥାଏ ସେଥିପାଇଁ ମନ୍ଦିର ପରିସରରେ ଶହଶହ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା। ଆଜି ସନ୍ଧ୍ୟାରେ ପ୍ରଭୁ ଅଣସରକୁ ଯିବେ। ଆସନ୍ତା ୧୪ ତାରିଖ ନେତ୍ର ଉତ୍ସବରେ ଭକ୍ତ ନବଯୌବନ ଦର୍ଶନ କରିବାର ସୁଯୋଗ ପାଇବେ। ଏହି ମନ୍ଦିରର ପରିଚାଳନା ସରକାରଙ୍କ ଦେବୋତ୍ତର ବିଭାଗ ହାତରେ ଥିବାରୁ ସ୍ଥାନୀୟ ଦେବୋତ୍ତର ବିଭାଗ ମୁଖ୍ୟ ତଥା ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଛି।

**ଦାନଗଦି:** ଯାଜପୁର ଜିଲ୍ଲା ମାଣତୀରା ଜଗନ୍ନାଥ ମନ୍ଦିର, ଯଖପୁରା ଜଗନ୍ନାଥ ମନ୍ଦିର, ଦାନଗଦି ଜଗନ୍ନାଥ ମନ୍ଦିର, ଡୁବୁରୀ ଜଗନ୍ନାଥ ମନ୍ଦିର ଏବଂ ଟମକା ଜଗନ୍ନାଥ ମନ୍ଦିରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ସ୍ନାନମଣ୍ଡପକୁ ପହଣ୍ଡିରେ ଆଣାଯାଇଥିଲା। ପରେ ପୂଜକ ମାୟାଧର ହୋତା ଓ ଅକ୍ଷୟ କୁମାର ହୋତା ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ମହାପ୍ରଭୁଙ୍କ ପବିତ୍ର ସ୍ନାନ ନୀତି ସମ୍ପନ୍ନ କରିଥିଲେ। ଏହି ଧାର୍ମିକ କାର୍ଯ୍ୟକ୍ରମରେ ମନ୍ଦିର କମିଟିର ବରିଷ୍ଠ ସଦସ୍ୟ ଇଂ. ସୌମ୍ୟରଞ୍ଜନ ମହାପାତ୍ର ଓ ତାଙ୍କ ପତ୍ନୀ ରାଜଲକ୍ଷ୍ମୀ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଶତାଧିକ ଭକ୍ତ ସ୍ନାନ ମଣ୍ଡପରେ ପ୍ରଭୁଙ୍କ ଦିବ୍ୟ ଦର୍ଶନ କରିଥିଲେ।

**ପାଣିକୋଇଲି:** ଆଜି ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ପୁରପଲ୍ଲୀରେ ସବୁଠି ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ପାଣିକୋଇଲି, ଚାନ୍ଦପୁର, ନୂଆପଦା, ଓଚିନ୍ଦା, ସୋତି ଆଦି ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା ପାଳିତ ହୋଇଛି। ମହାପ୍ରଭୁଙ୍କୁ ମହାସ୍ନାନ କରାଯାଇ ସ୍ନାନ ମଣ୍ଡପକୁ ନିଆଯାଇଥିଲା। ଭକ୍ତ ଓ ଦର୍ଶକଙ୍କ ମଧ୍ୟରେ ଶଙ୍ଖ ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହେଉଥିଲା ସମଗ୍ର ଅଞ୍ଚଳ। ପାଣିକୋଇଲି ମହାବୀର କଲୋନୀରେ ରାମଚନ୍ଦ୍ର ପାଢିଙ୍କ ତତ୍ତ୍ୱାବଧାନରେ ମହାରାଜା ସନ୍ତୋଷ କୁମାର ବେହେରା ସ୍ନାନ କାର୍ଯ୍ୟ ସମାପନ କରିଥିଲେ। ସେହିପରି ଚାନ୍ଦପୁରରେ ଜଗନ୍ନାଥ କ୍ଲବ ଆନୁକୂଲ୍ୟରେ ମେଘନାଦ ପଣ୍ଡା ଓ ପଣ୍ଡିତ ସନ୍ତୋଷ ପଣ୍ଡା ପୂଜାଭାର ତୁଲାଇଥିବା ବେଳେ ମହାରାଜା ପ୍ରକାଶ ଚନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ବ୍ରଜ ସ୍ୱାଇଁ, ମନ୍ମଥ ପଣ୍ଡା, ପ୍ରଶାନ୍ତ ମହାରଣା, କାହ୍ନୁ ମହାରଣା, ନାରାୟଣ ମହାରଣା,ରାଜେନ୍ଦ୍ର ମହାରଣା, ଅଜିତ ରାଉତ, ବଟକୃଷ୍ଣ ସ୍ୱାଇଁ, ପ୍ରଦୀପ ପଣ୍ଡା, ଅଜୟ ପରିଡା, ବବିତା ମହାରଣା, ସୋନାଲି ରାଉତ, ମନପ୍ରା ପଣ୍ଡା, ମାମାଲି ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଧର୍ମଶାଳା:** ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଥିବା ସ୍ନାନ ମଣ୍ଡପରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ରତ୍ନବେଦୀରୁ ମହାପ୍ରଭୁଙ୍କୁ ପହଣ୍ଡି କରି ସ୍ନାନମଣ୍ଡପକୁ ଅଣାଯାଇଥିଲା। ଶଙ୍ଖ ହୁଳହୁଳି ଓ ସଂକୀର୍ତ୍ତନରେ ମନ୍ଦିର ପରିସର ଉତ୍ସବ ମୁଖର ହୋଇ ଉଠିଥିଲା। ମନ୍ଦିର ପୂଜକ ଶଶିକାନ୍ତ ଆଚାର୍ଯ୍ୟ ସମେତ ପ୍ରଫୁଲ୍ଲ ଶର, ନିରଞ୍ଜନ ପାଣିଗ୍ରାହୀ, ବୀର କିଶୋର ପାଢି, କାହ୍ନୁ ଚରଣ ଦାଶ ଓ ଦେବବ୍ରତ ପାଢି ପ୍ରମୁଖ ବ୍ରାହ୍ମଣମାନେ ବେଦମନ୍ତ୍ର ପାଠ କରିବା ସହ ୧୦୮ ମାଠିଆରେ ପାଣି ନେଇ ମହାପ୍ରଭୁଙ୍କ ସ୍ନାନ କରିଥିଲେ। ପରେ ଠାକୁରଙ୍କୁ ହାତୀ ବେଶ କରାଯାଇ ଅଣସର ଘରେ ରଖାଯାଇଥିଲା। ସ୍ନାନପୂର୍ଣ୍ଣିମାରେ ଠାକୁରଙ୍କୁ ଦର୍ଶନ କରିବା ସହ ହାତୀବେଶ ଦେଖିବା ଲାଗି ମନ୍ଦିର ପରିସରରେ ହଜାର ହଜାର ସଂଖ୍ୟାରେ ଭକ୍ତମାନଙ୍କ ଭିଡ ଲାଗିଥିଲା। ଠାକୁରଙ୍କ ସମସ୍ତ କାର୍ଯ୍ୟକୁ ମନ୍ଦିର କମିଟିର କାର୍ଯ୍ୟକାରୀ ସଭାପତି କଳ୍ପତରୁ ସାହୁ, ବରିଷ୍ଠ ସଦସ୍ୟ ପ୍ରସନ୍ନ ବରାଳ, ସମ୍ପାଦକ ମନୋଜ ରଣା, କୋଷାଧ୍ୟକ୍ଷ ଅଭୟ ରାଉତ, ସୁନିଲ କୁମାର ରାଉତରାୟ, ଚୟରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିବା ବେଳେ ଡ. ବିଜୟ କୁମାର ଶତପଥୀ, ସମାଜସେବୀ ମିନତୀ ସାହୁ, ଜିଲ୍ଲାପରିଷଦ ସଦସ୍ୟ ଜଳଧର ମହାନ୍ତି, ଅଜାମ୍ବର ସାହୁ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ।

**ଯଖପୁରା:** ଦାନଗଦି ବ୍ଲକ ଅନ୍ତର୍ଗତ ଯଖପୁରା ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜିଉଙ୍କ ଦର୍ଶନ ପାଇଁ ମନ୍ଦିରରେ ଭକ୍ତମାନଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ପରମ୍ପରା ଅନୁଯାୟୀ, ଆଜି ସକାଳୁ ସକାଳୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରୀତିନୀତି ଅନୁଯାୟୀ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା। ସେବକମାନଙ୍କ ଦ୍ୱାରା ୧୦୮ କଳସର ଜଳରେ ମହାପ୍ରଭୁଙ୍କୁ ମହାସ୍ନାନ କରାଯାଇଥିଲା। ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଏହି ଅପୂର୍ବ ଓ ଦିବ୍ୟ ସ୍ନାନ ନୀତି ଦେଖିବାକୁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ସ୍ନାନ ପରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ଗଜାନନ ବେଶ ଅନୁଷ୍ଠିତ ହୋଇଥିଲା।

## ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇବାକୁ ଦାବି

**ଯାଜପୁର,୨୯।୬(ସମିସ):** ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ବର୍ତ୍ତମାନ ଯାଏ ଆସିଥିବା ତ୍ରୁଟି କେବଳ ବନାନଗତ, ବ୍ୟାକରଣଗତ ନୁହେଁ, ଏଥିରେ ବହୁ ଗୁରୁତର ତଥ୍ୟଗତ ଏବଂ ମୌଳିକ ଧାରଣାଗତ ତ୍ରୁଟି ରହିଛି। ଏହା ଛଡ଼ା ବହୁ ଅବୈଜ୍ଞାନିକ ବିଷୟବସ୍ତୁ ମଧ୍ୟ ସ୍ଥାନିତ ହୋଇଛି। ଏପରିକି ଯୋଗାଇ ଦିଆଯାଇଥିବା ସଂଶୋଧିତ ପୁସ୍ତିକା ମଧ୍ୟରେ ବି ବହୁ ଭୁଲ ରହିଛି। ଏହି ବିକୃତ ପାଠ୍ୟପୁସ୍ତକ ଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନୂତନ ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇଦେବାକୁ ଏସ୍ୟୁସିଆଇ (କମ୍ୟୁନିଷ୍ଟ) ଯାଜପୁର ଜିଲ୍ଲା କମିଟି ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଜିଲ୍ଲା ସମ୍ପାଦକ ତଥା ରାଜ୍ୟ କମିଟି ସଭ୍ୟ ସୁରେନ୍ଦ୍ର ମଲ୍ଲିକ, ରାଜ୍ୟ କମିଟି ସଭ୍ୟ କ୍ଷୀରୋଦ କର, ନୃସିଂହ ପଣ୍ଡା, ଜିଲ୍ଲା କମିଟି ସଦସ୍ୟା ସୁଲୋଚନା ପ୍ରଧାନ, ସଂଗଠିକା ସଂଯୁକ୍ତା ନାୟକ, ରାଜଶ୍ରୀ ମହାନ୍ତି, ସରୋଜ ମହାପାତ୍ର, ଶିକ୍ଷକ ନେତା ବିଷ୍ଣୁଚରଣ ବେହେରା, ଆଡଭୋକେଟ୍ ସୁରେଶ ଦାସ ଆଦିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଯାଜପୁର ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଶିକ୍ଷକ ଆନ୍ଦୋଳନରେ ବଡ଼ଚଣାରୁ ୧୫୦

**ବଡଚଣା,୨୯।୬(ସମିସ):** ବିଭିନ୍ନ ଦାବି ନେଇ ଆଜି ଭୁବନେଶ୍ୱର ଗାନ୍ଧୀ ମଇଦାନ ଠାରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ବିଶାଳ ସମାବେଶରେ ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦେଇ ଆନ୍ଦୋଳନକୁ ଜୋରଦାର କରିଛନ୍ତି। ଏହି ସମାବେଶ ବଡଚଣାରୁ ୧୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଥିଲେ। ରାଜ୍ୟ ଓଷ୍ଟା ଯୁଗ୍ମ ସଂପାଦକ ବ୍ରଜ କିଶୋର ବିଶ୍ୱାଳ, ବଡଚଣା ବ୍ଲକ୍ ଓଷ୍ଟାର ସଭାପତି ସୁଭାଷ ଚନ୍ଦ୍ର ମହାପାତ୍ର, ସମ୍ପାଦକ ସତ୍ୟବାଦୀ ପଣ୍ଡା, ଉପସଭାପତି ନିଝୁମ ମହାନ୍ତି, ଯୁଗ୍ମ ସଂପାଦକ ନିର୍ମଳ ଚନ୍ଦ୍ର ଦଳେଇ, ଉପଦେଷ୍ଟା ଦୟାନିଧି ସାମଲ, ଲକ୍ଷ୍ମୀଧର ରାଉତ, ଅବଦୁଲ୍ କଲାମ୍ ବକ୍ସ, ରଞ୍ଜନ କୁମାର ପଣ୍ଡା ପ୍ରସନ୍ନ କୁମାର ପୃଷ୍ଟି ପ୍ରମୁଖଙ୍କ ନେତୃତ୍ୱରେ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ।

## କରୁଣାକର ମେଧା ବୃତ୍ତି ସମ୍ବର୍ଦ୍ଧନା



**ସିଂହପୁର,୨୯।୬(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା କୃପାସିନ୍ଧୁ ଉଚ୍ଚ ବିଦ୍ୟାପୀଠ ପରିସରରେ କରୁଣାକର ମେଧାବୃତ୍ତି ପ୍ରତିଷ୍ଠାନ ପକ୍ଷରୁ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆଜି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବିସିଜେ ହାଇସ୍କୁଲର ଛାତ୍ର ରୁପେଶ ବାରିକ, ଛାତ୍ରୀ ସୁପ୍ରିୟା ସାମଲ ଓ କୃପାସିନ୍ଧୁ ଉଚ୍ଚ ବିଦ୍ୟାପୀଠର ଛାତ୍ରୀ ମାନିକ୍ରୀଷ୍ଣା ସାମଲ, ସ୍ମିତାଞ୍ଜଳି ସାମଲଙ୍କୁ ପ୍ରମାଣପତ୍ର ସହିତ ୧୦ ହଜାର ଟଙ୍କା ଦିଆଯାଇଥିଲା। ସମ୍ବର୍ଦ୍ଧନା ସଭାରେ ପ୍ରତିଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି ବିଷ୍ଣୁଚରଣ ଭୂୟାଁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଉପଜିଲ୍ଲାପାଳ ଗଗନ ବିହାରୀ ସାହୁ, ପ୍ରାକ୍ତନ ପ୍ରଧାନଶିକ୍ଷକ ବନ ବିହାରି ଧଳ, ଅକ୍ଷୟ କୁମାର ସାମଲ, ଗୁରୁଚରଣ ଥାଟୋଇ, ବ୍ରହ୍ମାନନ୍ଦ ମଲ୍ଲିକ, ରାଜକିଶୋର ନାୟକ, ବିଦ୍ୟାଧର ବିଶ୍ୱାଳ, ଅଭୟ କୁମାର ବିଶ୍ୱାଳ, ଜ୍ଞାନରଞ୍ଜନ ଜେନା, ପ୍ରଧାନଶିକ୍ଷକ ଧୀରେନ୍ଦ୍ର ନାରାୟଣ ଦାଶ, ମୁକ୍ତେଶ୍ୱର ଜେନା, ଅକ୍ଷୟ କୁମାର ନାୟକ, ଦିଲିପ କୁମାର ରାଉତ, ଅକ୍ରୁର ଚରଣ ବିଶ୍ୱାଳ, ରୁଦ୍ରାକ୍ଷ ଭୂଷଣ ମିଶ୍ର, ଅନାମ ଚରଣ ଆରୁଖ, ପ୍ରଧାନ ଶିକ୍ଷକ ଅଜିତ କୁମାର ଓଝା, ହରେକୃଷ୍ଣ କାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଦୀନବନ୍ଧୁ ସାହୁ କାର୍ଯକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସଂସ୍କୃତ ଶିକ୍ଷକ ଦିଲ୍ଲୀପ କୁମାର ଦାଶ ଧନ୍ୟବାଦ୍ ଅର୍ପଣ କରିଥିଲେ। ଉଭୟ ଅନୁଷ୍ଠାନର ଶିକ୍ଷକ , ଶିକ୍ଷୟତ୍ରୀ, ଶିକ୍ଷା କର୍ମୀ ଯୋଗ ଦାନ କରିଥିଲେ।

## ଡୁବୁରୀ କଂଗ୍ରେସର ସାଂଗଠନିକ ବୈଠକ



**ସୁକିନ୍ଦା,୨୯।୬(ସମିସ):** ଡୁବୁରୀ ସ୍ଥିତ କପିଳେଶ୍ୱର ମନ୍ଦିର ପରିସରରେ କଂଗ୍ରେସର ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଶରତ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳୀୟ କର୍ମୀ ମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଦଳୀୟ ସ୍ଥିତିକୁ ଅଧିକରୁ ଅଧିକ ମଜବୁତ୍ କରିବା ପାଇଁ ରଣକୌଶଳ ପ୍ରସ୍ତୁତ କରିଛନ୍ତି। ରାଜ୍ୟରେ ଶାସକ ବିଜେପି ସରକାର ସାଧାରଣ ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତି ଆଜି ମିଛରେ ପରିଣତ ହୋଇଥିବା ବେଳେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ପ୍ରତିଫଳନ ହେବବୋଲି ଶରତ ରାଉତ ମତବ୍ୟକ୍ତ କରିଥିଲେ। ସବୁ ସମୟରେ ସାଧାରଣ ଲୋକଙ୍କ ସହ ରହି ସେମାନଙ୍କ ଦୁଃଖ ସୁଖର ସାଥୀ ହେବାକୁ ଉପସ୍ଥିତ କର୍ମୀ ମାନଙ୍କୁ ପରାମର୍ଶ ଦେଇଥିଲେ। ମଳୟ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ବ୍ଲକ ସଭାପତି ମଦନମୋହନ ଖୁଣ୍ଟିଆ, ମହେନ୍ଦ୍ର ଦାସ, ସତ୍ୟପ୍ରିୟ ଦେଓ, ପିସିସି ସଭ୍ୟ ଜନ୍ମଜୟ ବଳସାମନ୍ତ,ସମ୍ପାଦିକା ସ୍ୱର୍ଣ୍ଣଲତା ବାନରା, ସ୍ୱପ୍ନା ବେହୁରା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ ମିଶ୍ରଙ୍କ ସମେତ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

### ଷ୍ଟ୍ରିଟ୍‌ଲାଇଟ୍ ଦୁର୍ନୀତି ଅଭିଯୋଗ

## ବିଞ୍ଝାରପୁରର ୬ ପଞ୍ଚାୟତରେ ଭିଜିଲାନ୍ସ ଖୋଳତାଡ଼

**ବିଞ୍ଝାରପୁର,୨୯।୬(ସମିସ):** ବିଞ୍ଝାରପୁର ବ୍ଲକରେ ହୋଇଥିବା ବିଦ୍ୟୁତ ଷ୍ଟ୍ରିଟ୍‌ଲାଇଟ୍ କାର୍ଯ୍ୟରେ ଅନିୟମିତତା ଓ ଦୁର୍ନୀତି ଅଭିଯୋଗର ତଦନ୍ତ ପୁଣି ଜୋରଦାର ହୋଇଛି। ଗତ ଗୁରୁବାର ଏହି ତଦନ୍ତ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ଛୁଟି ଯୋଗୁଁ ତଦନ୍ତ ବନ୍ଦ ରହିଥିବା ବେଳେ ସୋମବାର ପୁଣି ତଦନ୍ତ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହି ପର୍ଯ୍ୟାୟରେ ଭିଜିଲାନ୍ସ ଟିମ୍ ଶାସନ୍ଦା, ଅରେଇ, ଘଣ୍ଟିଆଳି, ବିଞ୍ଝାରପୁର, ସୟଦପୁର ଓ କଏଣା ରଘୁନାଥପୁର ପଞ୍ଚାୟତରେ ଖୋଳତାଡ଼ କରିଛନ୍ତି। ତଦନ୍ତକାରୀ ଦଳ ସମ୍ପୃକ୍ତ ପଞ୍ଚାୟତଗୁଡ଼ିକରେ ସ୍ଥାପିତ ଷ୍ଟ୍ରିଟ୍‌ଲାଇଟର ବାସ୍ତବ ସ୍ଥିତି, କାର୍ଯ୍ୟର ଗୁଣବତ୍ତା, ଖର୍ଚ୍ଚ ହୋଇଥିବା ସରକାରୀ ଅର୍ଥ ଏବଂ ସମ୍ପୃକ୍ତ ଦସ୍ତାବିଜର ଯାଞ୍ଚ କରିଥିଲେ। ଏହି ତଦନ୍ତକାରୀ ଦଳରେ ବାଲେଶ୍ୱର ଭିଜିଲାନ୍ସ ଡିଏସ୍‌ପି ପ୍ରଦୀପ ସାମଲ, ଏସ୍‌ଆଇ ହେମନ୍ତ ସାମଲ, ବିଦ୍ୟୁତ ବିଭାଗର ଉପଖଣ୍ଡ ଯନ୍ତ୍ରୀ ସରୋଜ କୁମାର ବେହୁରିଆ ଏବଂ ବିଞ୍ଝାରପୁର ବ୍ଲକର ବରିଷ୍ଠ ରାଜସ୍ୱ ଅଧିକାରୀ ସୁରେନ୍ଦ୍ର ସାହୁ ସାମିଲ ଥିଲେ। ଦଳ ବିଭିନ୍ନ ସ୍ଥାନ ପରିଦର୍ଶନ କରି ସମ୍ପୃକ୍ତ ତଥ୍ୟ ଓ ଦସ୍ତାବିଜ ସଂଗ୍ରହ କରିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ମାମଲାରେ ଭିଜିଲାନ୍ସ ପୂର୍ବରୁ ସମ୍ପୃକ୍ତ ଠିକାଦାର ଧରଣୀଧର ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ, ଏବେ ଘଟଣାର ଅଧିକ ତଥ୍ୟ ଓ ଅନ୍ୟ ସମ୍ପୃକ୍ତଙ୍କ ଭୂମିକାକୁ ନେଇ ତଦନ୍ତ ଜାରି ରହିଛି। ଭିଜିଲାନ୍ସ ତଦନ୍ତ ଶେଷ ହେବା ପରେ ପ୍ରକୃତ ସ୍ଥିତି ସ୍ପଷ୍ଟ ହେବ ଏବଂ ଦୁର୍ନୀତି ପ୍ରମାଣିତ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

## ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଚଣ୍ଡିଖୋଲ କଲେଜ ସମ୍ମୁଖରେ ଧାରଣା

**ବଡ଼ଚଣା,୨୯।୬(ସମିସ)**



ଗତ ହୋଲି ଦିନ ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ମଦମାଂସର ଆସର ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ବିଳମ୍ବ କାରଣକୁ ନେଇ ବଡ଼ଚଣା ଯୁବ ଛାତ୍ର ଜନତା ଦଳ ପକ୍ଷରୁ କଲେଜ ସମ୍ମୁଖରେ ଧାରଣଶ ଦିଆଯାଇଛି।

ଏ ସମ୍ପର୍କରେ ପୂର୍ବରୁ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ପରିଚାଳନା କମିଟିର ସଭାପତି ତଥା ଯାଜପୁର ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଗତ ୨୯/୫ରେ ଅତିରିକ୍ତ ଜିଲ୍ଲାପାଳ କଲେଜର ଅଧ୍ୟକ୍ଷ, କର୍ମଚାରୀ ଓ ଏଥିରେ ସମ୍ପୃକ୍ତ ଥିବା ବ୍ୟକ୍ତି ବିଶେଷଙ୍କୁ ନିଜ କାର୍ଯ୍ୟାଳୟକୁ ଡକାଇ ଘଟଣାର ସତ୍ୟାସତ୍ୟ ପଚାରି ବୁଝିଥିଲେ। କଲେଜର ଅଧ୍ୟକ୍ଷ ଘଟଣା ସତ୍ୟ ବୋଲି ମାନିଥିଲେ। ମାତ୍ର ଏହାଭିତରେ ଏକ ମାସ ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତ ମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ଏହାର ପ୍ରତିବାଦରେ ଆଜି ବଡ଼ଚଣା ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ କଲେଜର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ଦିଆଯାଇଥିଲା।

ପ୍ରକାଶ ଥାଉକି କଲେଜର ଜୈନିକ କ୍ଲର୍କ, କଲେଜର କେତେକ କର୍ମଚାରୀ ଓ ଜଣେ ରାତି ଜଗୁଆଳି କଲେଜର ନିଷିଦ୍ଧାଞ୍ଚଳ କକ୍ଷରେ ପ୍ରବେଶ କରି ମଦ ମାଂସ ଭୋଜି କରି ଖାଇବାର ଦୃଶ୍ୟ ସିସି କ୍ୟାମେରାରେ କୈଦ୍ ହୋଇଥିଲା। ଯାହା ପରବର୍ତ୍ତୀ ସମୟରେ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେବା ପରେ କଲେଜ ଗୌରବରେ ଅଞ୍ଚ ଆଣିଥିଲା। ମାତ୍ର ତଦନ୍ତ ପରେ ଘଟଣା ସତ୍ୟ ହୋଇଥିଲେ ମଧ ଅଭିଯୁକ୍ତ ମାନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନାହିଁ। ଏହାର ପ୍ରତିବାଦରେ ଆଜି ବିଜୁ ଯୁବ ଜନତା ଦଳର ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଧାରଣାର ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜ୍‌ନାରାୟଣ ମହାପାତ୍ର ଯୋଗଦେଇଥିଲେ। ଆଗାମୀ ଦୁଇ ଦିନ ମଧ୍ୟରେ ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବା ସହିତ ରାଜରାସ୍ତାକୁ ଦଳ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଛାତ୍ର ବିଜେଡି ସଭାପତି ସଭାପତି ସଞ୍ଜୟ କୁମାର ବେହେରା, ବ୍ଲକ୍ ବିଜେଡି ସଭାପତି ତାପସ ରାୟ, ଯୋନ୍ ସଭାପତି ଧୂଳେଶ୍ୱର ଦାସ, ଜିଲ୍ଲା ସଂପାଦକ ସଂଜୟ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ସାମଲ, ପ୍ରକାଶ କୁମାର ପ୍ରଧାନ, ଆଶିଷ ରଞ୍ଜନ ଚୌଧୁରୀ, ନିରଞ୍ଜନ ବିଶ୍ୱାଳ, ବିବେକ ରଞ୍ଜନ ସୁବୁଦ୍ଧି, ସମିତି ସଭ୍ୟ ସଂଜୟ କୁମାର ବେହେରା, ନାରାୟଣ ଚନ୍ଦ୍ର ମୁଦୁଲି, ସୁଲତାନ ସୈଫୁଲା, ପ୍ରମୁଖ ଯୋଗଦେଇ ଚଣ୍ଡିଖୋଲ କଲେଜରେ ଚାଲୁଥିବା ଅନ୍ୟାୟ, ଅନୀତି, ଓ ଦୁର୍ନୀତିର କଡ଼ା ସମାଲୋଚନା କରିଥିଲେ। ଦାବି ପୂରଣ ନ ହେବା ଯାଏ ଏହି ଧାରଣା ଚାଲୁ ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

### ଶୈଳଶ୍ରୀକ୍ଷେତ୍ର ସମେତ ବିଭିନ୍ନ ସ୍ଥାନରେ ସ୍ନାନ ଉତ୍ସବ

# ଗଜାନନ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ













ଅନୁଗୋଳ,୨୯ ।୬(ସମିସ):

ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ସୋମବାର ଜୈଷ୍ଠ ପୂର୍ଣ୍ଣିମା ତିଥିରେ ପରମ୍ପରା ମୁତାବକ ପାଳିତ ହୋଇଛି ଶ୍ରୀବିଗ୍ରହଙ୍କ ସ୍ନାନ ଉତ୍ସବ। ୧୦୮ ଗରା ସୁବାସିତ ଜଳରେ ଦିବ୍ୟସ୍ନାନ କରିଛନ୍ତି ଚତୁର୍ଦ୍ଧାମୂର୍ତ୍ତି। ସୋମବାର ଭୋର ୪ଟାରୁ ଶ୍ରୀଜିଉଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ସକାଳ ୬ଟାରେ ମଙ୍ଗଳାର୍ପଣ ହୋଇ ୭ଟାରେ ପହଣ୍ଡି ଆରମ୍ଭ ହୋଇଥିଲା। ବଳଭଦ୍ର ଠାକୁରଙ୍କୁ ପଦ୍ମଚରଣ ପ୍ରଧାନ, ମା' ସୁଭଦ୍ରାଙ୍କୁ ସନ୍ତୋଷ କୁମାର ଦାସ, ମହାପ୍ରଭୁ ଜଗନ୍ନାଥଙ୍କୁ ଅଭୟ ତ୍ରିପାଠୀ ଓ ସୁଦର୍ଶନଙ୍କୁ କଳ୍ପତରୁ ପ୍ରଧାନ ରତ୍ନସିଂହାସନରୁ ଧାଡ଼ି ପହଣ୍ଡିରେ ସ୍ନାନ ମଣ୍ଡପକୁ ଆଣିଥିଲେ। ସ୍ନାନ ମଣ୍ଡପରେ ଅନ୍ୟାନ୍ୟ ନୀତିକାନ୍ତି ପରେ ଦିବ୍ୟସ୍ନାନ କରାଯାଇଥିଲା। ପରେ ଆକର୍ଷଣୀୟ ହାତୀ ବେଶ ବା ଗଜାନନ ବେଶରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସଜ୍ଜିତ କରାଯାଇଥିଲା। ମନ୍ଦିର ସେବାୟତ ସୁନା କୂଅରୁ ୧୦୮ ଗରା ଜଳ ସଂଗ୍ରହ କରି ମୁଖ୍ୟପୂଜକ ମନୋଜ କରଙ୍କ ସମେତ ବିନୋଦ କର, ରାଜୀବ ଦ୍ୱିବେଦୀ, ମାନସ ଓ ଜଗୁ ପ୍ରମୁଖ ଚନ୍ଦନ କର୍ପୂର ଦେଇ ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ କରିଥିଲେ। ମନ୍ଦିର ଉପସଭାପତି ତଥା ଅନୁଗୋଳ ଏସ୍‌ପି ରାହୁଲ ଜୈନ ଶ୍ରୀଜୀଉଙ୍କ ପହଣ୍ଡି ବିଜେରେ ଛେରାପହଁରା ନୀତି ସମ୍ପନ୍ନ କରିଥିଲେ। ମନ୍ଦିର ପରିଚାଳନା କମିଟି ସାଧାରଣ ସମ୍ପାଦକ ହେମନ୍ତ ଦାସ, ଉପସଭାପତି ଭବାନୀ ଶଙ୍କର ମିଶ୍ର, ସହସମ୍ପାଦକ ଆନନ୍ଦଚନ୍ଦ୍ର ମହାପାତ୍ର, କାର୍ଯ୍ୟାଳୟ ସମ୍ପାଦକ ସପ୍ତର୍ଷି ଦାସ, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଶ୍ରୀଜୀଉଙ୍କ ଦିବ୍ୟସ୍ନାନ ସମୟରେ ଉପସ୍ଥିତ ରହି ତମାମ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। ସନ୍ଧ୍ୟା ୬ଟାରୁ ୯ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସାହାଣମେଳା ଗଜାନନ ଦର୍ଶନ ପରେ ବିଳମ୍ବିତ ରାତିରେ ଅଣସର ଘରେ ବିଜେ କରିଥିଲେ।

**ଅନୁଗୋଳ:** ଅନୁଗୋଳ ଜିନ୍ଦଲ ନଗରସ୍ଥିତ ଦେବଭୂମି ଶ୍ରୀଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂରତିଙ୍କ ପବିତ୍ର ଦେବସ୍ନାନ ନୀତି ଅନୁଷ୍ଠିତ ହୋଇଛି। ଏହି ଅବସରରେ ଓପି ଜିନ୍ଦଲ ଗୋଷ୍ଠୀର ଚେୟାରପର୍ସନ୍ ଏମେରିଟସ୍ ସାବିତ୍ରୀ ଜିନ୍ଦଲ ଏବଂ ମନ୍ଦିରର ଆଦ୍ୟ ସେବିକା ତଥା ଜିନ୍ଦଲ ଫାଉଣ୍ଡେସନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ ଉପସ୍ଥିତ ରହି ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସହ ସେବାର୍ଚ୍ଚନା କରିଥିଲେ। 'ଜୟ ଜଗନ୍ନାଥ' ଧ୍ୱନି ଏବଂ ଘଣ୍ଟଘଣ୍ଟାର ତାଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ମନ୍ଦିରର ପ୍ରମୁଖ ସେବକମାନେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରମ୍ପରା ଅନୁଯାୟୀ ରୀତିନୀତି ସମ୍ପାଦନ କରିଥିଲେ।

ପ୍ରାତଃ ୫ଟାରେ ଦ୍ୱାରଫିଟା, ମଙ୍ଗଳ ଆଳତି, ଶ୍ରୀକର୍ପୂର ଲାଗି, ମଙ୍ଗଳାର୍ପଣ ନୀତି, ପୁଷ୍ପାଞ୍ଜଳି ଏବଂ ସର୍ବାଙ୍ଗ ନୀତି ସହ ଦିନର ଧାର୍ମିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପରେ ଧାଡ଼ି ପହଣ୍ଡିରେ ଶ୍ରୀଜୀଉମାନଙ୍କୁ ସ୍ନାନମଣ୍ଡପକୁ ବିଜେ କରାଯାଇଥିଲା। ପବିତ୍ର ଜଳରେ ଦିବ୍ୟସ୍ନାନ ସମ୍ପନ୍ନ ହୋଇଥିଲା। ପରେ ଶ୍ରୀଜୀଉମାନଙ୍କୁ ହାତୀ ବେଶରେ ସଜ୍ଜିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ର ଗଣେଶ ସ୍ୱରୂପ ହାତୀ ବେଶ ଧାରଣ କରିଥିବାବେଳେ ଦେବୀ ସୁଭଦ୍ରା ଆକର୍ଷଣୀୟ ''ପଦ୍ମ' ବେଶରେ ସୁସଜ୍ଜିତ ହୋଇଥିଲେ। ଏହି ଦିବ୍ୟ ବେଶ ଦର୍ଶନ କରି ଶ୍ରଦ୍ଧାଳୁମାନେ ଆତ୍ମବିଭୋର ହୋଇଥିଲେ। ସନ୍ଧ୍ୟାରେ ଅଣସର ପହଣ୍ଡି ନୀତି ଅନୁଷ୍ଠିତ ହୋଇଥିଲା। ପରେ ମହାପ୍ରଭୁମାନେ ଅଣସର ଘରକୁ ବିଜେ କରିଥିଲେ। ଏଠାରେ ଆଗାମୀ ଚଉଦ ଦିନ ପର୍ଯ୍ୟନ୍ତ ଗୁପ୍ତ ବାସରେ ରହିବେ। ପରେ ନେତ୍ରୋତ୍ସବ ଅବସରରେ ଭକ୍ତମାନେ ପୁନର୍ବାର ଶ୍ରୀଜୀଉମାନଙ୍କ ଦର୍ଶନ ଲାଭ କରିବେ। ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ।

**ନାଲକୋ ନଗର:** ନାଲକୋ ନଗର ଦିବ୍ୟଶ୍ୱେତକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ସୋମବାର ଶ୍ରୀବିଗ୍ରହଙ୍କ ସ୍ନାନନୀତି ଅନୁଷ୍ଠିତ ହୋଇଛି। ୧୦୮ ଗରା ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତି ଦିବ୍ୟ ସ୍ନାନ କରିଥିଲେ। ଭୋର ସାଢ଼େ ୪ଟାରୁ ଶ୍ରୀଜିଉଙ୍କ ନୀତିକାନ୍ତି ଆରମ୍ଭ ହୋଇଥିଲା। ସକାଳ ୬ଟାରେ ମଙ୍ଗଳାର୍ପଣ ହୋଇ ୬ଟା ୪୫ରେ ଧାଡ଼ି ପହଣ୍ଡିରେ ଶ୍ରୀଜୀଉମାନଙ୍କୁ ରତ୍ନସିଂହାସନରୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ସ୍ନାନମଣ୍ଡପରେ ମଙ୍ଗଳଆଳତି ଓ ଅବକାଶ ନୀତି ଶେଷ ହୋଇଥିଲା। ସ୍ନାନ ମଣ୍ଡପରେ ଠାକୁରମାନଙ୍କୁ ଦିବ୍ୟସ୍ନାନ କରାଇବା ପରେ ହାତୀବେଶରେ ସଜ୍ଜିତ ହୋଇଥିଲେ। ରାତି ୧୧ଟାରେ ମହାପ୍ରଭୁଙ୍କୁ ଅଣସର ଘରେ ବିଜେ କରାଯାଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ମାରୁତି ମଣ୍ଡପରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

**ତାଳଚେର:** ବହୁ ପରାତନ ତାଳଚେର ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମାରେ ମହାପ୍ରଭୁଙ୍କ ସ୍ନାନନୀତି ଅନୁଷ୍ଠିତ ହୋଇଛି। ବ୍ରାହ୍ମଣୀନଦୀରୁ ୧୦୮ ଜଳ ଅଣାଯାଇ ଠାକୁରଙ୍କୁ ସ୍ନାନ କରାଯାଇଥିଲା। ତାଳଚେର ରାଜା ବିଜେନ୍ଦ୍ର ଚନ୍ଦ୍ର ଦେବ ଓ ମନ୍ଦିର ରାଜ ପୁରୋହିତ ପଙ୍କଜ ଲୋଚନ ପତିଙ୍କ ଉପସ୍ଥିତିରେ ତିନି ଦିଅଙ୍କୁ ରୀତିନୀତି ଅନୁସାରେ ପୂଜାପାଠ କରାଯାଇ ସ୍ନାନ କରାଯାଇଥିଲା। ମନ୍ଦିର କମିଟି ସଭ୍ୟ ଓ ସେବାୟତମାନଙ୍କ ଉପସ୍ଥିତିରେ ସମସ୍ତ ନୀତି ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଛି।




**କିଶୋରନଗର:** କିଶୋରନଗର ବ୍ଲକ ଘୋଷର ଜଗନ୍ନାଥ ମନ୍ଦିରରେ ତିନି ଠାକୁରଙ୍କ ଦେବସ୍ନାନ ନୀତି ଅନୁଷ୍ଠିତ ହୋଇଛି। ତିନି ଠାକୁରଙ୍କୁ ମନ୍ଦିର ପରିସରରୁ ସ୍ନାନ ମଣ୍ଡପକୁ ପହଣ୍ଡିରେ ଅଣାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ସେବାୟତ ରବିନାରାୟଣ ଶତପଥୀ, ବିକନ ପଣ୍ଡା, ଚନ୍ଦନ ପଣ୍ଡା, କ୍ଷେତ୍ରପାଳ ଦାଶ, ଲପୁ ଦାଶ, ଜିତୁ ପଣ୍ଡା ଠାକୁରଙ୍କୁ ସ୍ନାନ କରାଇ ପୂଜାର୍ଚ୍ଚନା କରିଥିଲେ।

## ୬୬୨ ବର୍ଗ ଶିକ୍ଷକ, କର୍ମଚାରୀ ସଂଘ ବୈଠକ



ଅନୁଗୋଳ,୨୯ ।୬(ସମିସ): ଅନୁଗୋଳ ଜିଲ୍ଲା ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରବିବାର ଜିଲ୍ଲା ୬୬୨ ବର୍ଗ ଶିକ୍ଷକ କର୍ମଚାରୀ ସଂଘର ବୈଠକ ସଂଘ ସଭାପତି ପ୍ରଭାତ କୁମାର ସିହ୍ନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ୧୮ଟି +୨ ଓ +୩ ମହାବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ଅଧ୍ୟାପକ ଯୋଗଦେଇଥିଲେ। ଜିଲ୍ଲା ସମ୍ପାଦକ ତଥା ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟ ସଭା ପରିଚାଳନା କରିଥିଲେ। ସଭାରେ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ କ୍ଷେତ୍ରରେ ସରକାରଙ୍କ ଟାଳଟୁଳ ନୀତି ବିରୋଧରେ ଉପସ୍ଥିତ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ସରକାର ତୁରନ୍ତ ଦାବି ପୂରଣ ନ କଲେ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସମସ୍ତ ସଦସ୍ୟ ଚେତାବନୀ ଦେଇଛନ୍ତି। ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ସରକାରଙ୍କୁ ଉଚିତ ଜବାବ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଂଘର ରାଜ୍ୟ ସଂଯୋଜକ ଇନ୍ଦ୍ରମଣି ସାହୁ, ଉପସଭାପତି ପ୍ରବୀଣ କୁମାର ସାହୁ, କୋଷାଧ୍ୟକ୍ଷ ବୈରାଗୀ ଚରଣ ମହାରଣା, ଜଗବନ୍ଧୁ ସାହୁ, ଦିଲୀପ ବିଶ୍ୱାଳ, ଦିଗମ୍ବର ବିଶ୍ୱାଳ, ମନୋଜ କୁମାର ସ୍ୱାଇଁ, ପଦ୍ମଚରଣ ସାହୁ, ରଶ୍ମିରେଖା ଲେଙ୍କା, ଦମୟନ୍ତୀ ଷଡ଼ଙ୍ଗୀ, ବଳରାମ ପ୍ରଧାନ, ଭଗବାନ ସାହୁ, ତରୁଣ କୁମାର ପଣ୍ଡା, ଅନୀଲ କୁମାର ମିଶ୍ର ଉପସ୍ଥିତ ଥିଲେ। ସାନ୍ଧ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମାଝୀ ବୈଠକ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ପରୋଲୋକ



ଜଗନ୍ନାଥପୁର,୨୯ ।୬(ସମିସ): ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ପୁରୁଣାକୋଟ ପଞ୍ଚାୟତର ପୂର୍ବତନ ସରପଞ୍ଚ ବ୍ରଜବନ୍ଧୁ ସାହୁଙ୍କର ୮୬ ବର୍ଷ ବୟସରେ ପରଲୋକ ହୋଇଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ହେତୁ ତାଙ୍କ ମୃତ୍ୟୁ ହେଇଥିବା ଜଣାପଡ଼ିଛି। ସେ କଂଗ୍ରେସର ଜଣେ ଦୃଢ଼ ସଂଗଠକ ଥିଲେ। ଜଣେ ପରୋପକାରୀ ବ୍ୟକ୍ତି ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ, ନାତି ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଉତ୍କଳ ଗୋପାଳ ସମାଜର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ



ଅନୁଗୋଳ,୨୯ ।୬(ସମିସ): ଶୈଳଶ୍ରୀକ୍ଷେତ୍ରସ୍ଥିତ ରାଧାକୃଷ୍ଣ ମନ୍ଦିରରେ ରବିବାର ଉତ୍କଳ ଗୋପାଳ ସମାଜ ଅନୁଗୋଳ ଜିଲ୍ଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉତ୍କଳ ଗୋପାଳ ସମାଜର ରାଜ୍ୟ ସଭାପତି ପ୍ରତାପଚନ୍ଦ୍ର ପରିଡ଼ା, ରାଜ୍ୟ ସମ୍ପାଦକ ବିଦ୍ୟାଧର ଭୂତିଆ, ଜିଲ୍ଲା ସଭାପତି ଚରଣ ବେହେରା ଯୋଗଦେଇଥିଲେ। ସଂଘ ପକ୍ଷରୁ ହୋଇଥିବା ବିଗତ ଦିନ କାର୍ଯ୍ୟ ତଦାରଖ କରାଯାଇଥିଲା ଏବଂ ଆଗାମୀ ଦିନରେ ଆହୁରି ଉନ୍ନତୀମୂଳକ କାର୍ଯ୍ୟ କରାଯିବା ବିଷୟରେ ଏଜେଣ୍ଡା ପ୍ରସ୍ତୁତ କରି ତାହାର ରୂପରେଖ ପ୍ରସ୍ତୁତ କରାଯାଇଥିଲା। ଅନୁଗୋଳ ଜିଲ୍ଲାର ସମସ୍ତ ୮ ବ୍ଲକରେ ଉତ୍କଳ ଗୋପାଳ ସମାଜ ସଂଗଠନ ମଜବୁତ୍ କରି ଗୋପାଳ ଏକତା ବଜାୟ ରଖି ଐତିହ୍ୟ ସଂସ୍କୃତି ପରମ୍ପରାକୁ ଅକ୍ଷୁଣ୍ଣ ରଖାଯିବାକୁ ମଧ୍ୟ ଖସଡ଼ା ପ୍ରସ୍ତୁତ ହୋଇଥିଲା। ବୈଠକରେ ଉତ୍କଳ ଗୋପାଳ ସମାଜର ଜିଲ୍ଲା ମୁଖ୍ୟ ସଂଗଠକ ପପୁ ବେହେରା, ଜିଲ୍ଲା ଉପସଭାପତି କମଳ ଲୋଚନ ନାୟକ, ଜିଲ୍ଲା ଉପଦେଷ୍ଟା ଦୟାନିଧି ବେହେରା, ବଣ୍ଠରପାଳ ବ୍ଲକ ସଭାପତି କୃତିବାସ ଭୂତିଆ, ବ୍ଲକ ସମ୍ପାଦକ ବଳରାମ ବେହେରାଙ୍କ ସମେତ ପଦନ କିଶୋର ଭୂତିଆ, ସୁମନ୍ତ ବେହେରା, ଜିଲ୍ଲା ମିଡିଆ ସେଲ ଅଧ୍ୟକ୍ଷ, ରଣଜିତ୍ ଅଦାବର୍, ଧନେଶ୍ୱର ବେହେରା ପ୍ରମୁଖ ଯୋଗଦେଇଥିଲେ।

## କଣ୍ଢେଇକୁଳିଆ ପଞ୍ଚାୟତରେ ଜନଶୁଣାଣି

କିଶୋରନଗର,୨୯ ।୬(ସମିସ): କିଶୋରନଗର ବ୍ଲକ କଣ୍ଢେଇକୁଳିଆ ପଞ୍ଚାୟତରେ ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶୁଭକାନ୍ତ



ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତାହାର ସମାଧାନ କରିଥିଲେ। ସ୍ଥାନୀୟ ସରପଞ୍ଚ ନୟନୀ ମାଟିଆରି, ବିଏସଏସଓ ଝସକେତନ ସାହୁ, ବିପିସି (ଓଏଲଏମ୍) ସୁଜିତ ପ୍ରଧାନ, ଡିଇଓ (ଆରସିଏମ୍) ସରୋଜ ପ୍ରଧାନ, ବିପିସି (ଆରଏଚ୍) ସୌମ୍ୟରଞ୍ଜନ ପ୍ରଧାନ, ଆରଡବ୍ଲ୍ୟୁଏସଏସ୍ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ଥାନାରୁ ନ୍ୟାୟ ନ ମିଳିବାରୁ ଏସ୍‌ପିଙ୍କୁ ଅଭିଯୋଗ

## ଆତ୍ମାହୁତି ଚେତାବନୀ ଦେଲେ ମହିଳା

କଣିହାଁ,୨୯ ।୬(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଥାନା ପ୍ରୋଜେକ୍ଟ ଅଞ୍ଚଳରେ ଜଣେ ମହିଳାଙ୍କୁ ସର୍ବସାଧାରଣ ସ୍ଥାନରେ ମାଡ଼ ମରାଯାଇଥିବା ଅଭିଯୋଗରେ ନୂଆମୋଡ଼ ଆସିଛି। ଥାନାରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନ୍ୟାୟ ମିଳି ନ ଥିବାରୁ ପୀଡ଼ିତା ମୀନା ନାଏକ ଅନୁଗୋଳ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତୁରନ୍ତ ନ୍ୟାୟ ନ ମିଳିଲେ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଲିଖିତ ଚେତାବନୀ ଦେଇଥିବା ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଅଭିଯୋଗ ଅନୁସାରେ, ରେଙ୍ଗାଳି ପଞ୍ଚାୟତ ପ୍ରୋଜେକ୍ଟ ଅଞ୍ଚଳର ମୀନା ନାଏକଙ୍କ ବିବାହ ମିଥୁନ ନାଏକଙ୍କ ସହ ହୋଇଥିଲା। ସେମାନଙ୍କର ଦୁଇ ପୁଅ ଅଛନ୍ତି। ତେବେ ପ୍ରାୟ ୧୨ ବର୍ଷ ପୂର୍ବେ ମିଥୁନ ଦ୍ୱିତୀୟ ବିବାହ କରିଥିବା ଅଭିଯୋଗ ରହିଛି। ଦୀର୍ଘଦିନ ଧରି ଉଭୟ ପରିବାର ସହ ସମ୍ପର୍କ ରଖି ଚଳିଆସୁଥିବା ବେଳେ ଦ୍ୱିତୀୟ ସ୍ତ୍ରୀଙ୍କ ପୁତୁରା ଉମାକାନ୍ତ ନାଏକ ଓରଫ ସଞ୍ଜି ମୀନାଙ୍କ ଚରିତ୍ରକୁ ନେଇ ମିଥୁନଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ମୀନା ସଞ୍ଜିଙ୍କୁ ପଚରାଉଚରା କରିବା ବେଳେ ସର୍ବସାଧାରଣ ରାସ୍ତାରେ ତାଙ୍କୁ ମାଡ଼ ମରାଯିବା ସହ ମରଣାନ୍ତକ ଆକ୍ରମଣ କରାଯାଇଥିବା ମୀନା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମୀନା ରେଙ୍ଗାଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି ପଦକ୍ଷେପ ନେଇ ନ ଥିବା ସେ ଅଭିଯୋଗ କରିଛନ୍ତି। ନ୍ୟାୟ ନ ପାଇଁ ଶେଷରେ ସେ ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତୁରନ୍ତ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ମୀନାଙ୍କ କହିବା ଅନୁଯାୟୀ, ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ରେଙ୍ଗାଳି ଥାନା ପକ୍ଷରୁ ଦୁଇଦିନ ମଧ୍ୟରେ ଉଚିତ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ଗଭୀର ମାନସିକ ଚାପରେ ରହିଛନ୍ତି। ତୁରନ୍ତ ନ୍ୟାୟ ନ ମିଳିଲେ ମଙ୍ଗଳବାର ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ସେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରେଙ୍ଗାଳି ଥାନା ଆଇଆଇସି ଚଞ୍ଚଳା ନାୟକଙ୍କ ପ୍ରତିକ୍ରିୟା ନେବା ପାଇଁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ରିସିଭ୍ କରି ନ ଥିଲେ।

## ପାଲଭିଡ଼ାକୁ ଟଙ୍କାକୁ କେନ୍ଦ୍ରକରି ଖଣିରେ ବିବାଦ

ତାଳଚେର,୨୯ ।୬(ସମିସ): ତାଳଚେର ବ୍ଲକ୍ ସୋଲଡ଼ା ଗ୍ରାମର କିଛି ମୁଷ୍ଟିମେୟ ଲୋକ ଖଣି ଭିତରେ ଅବୈଧ ପ୍ରବେଶ କରି ବଳରାମ କୋଇଲା ଟ୍ରକ ମାଲିକଙ୍କଠାରୁ ବେଆଇନ ଚାନ୍ଦା ଆଦାୟ ନେଇ ଖଣିରେ ଦୀର୍ଘଦିନଠୁ ବିବାଦ ଲାଗି ରହିଥିବା ବେଳେ ପାଲଭିଡ଼ାକୁ କେନ୍ଦ୍ରକରି ଟ୍ରକ୍ ମାଲିକ ସଂଘର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ପୁଣି ମୁଣ୍ଡ ଟେକିଛି। ଟ୍ରକ୍ ମାଲିକ ସଂଘ ଓ ସୋଲଡ଼ା ଗ୍ରାମର ସମ୍ପୃକ୍ତ ମୁଷ୍ଟିମେୟ ଗୋଷ୍ଠୀ ମଧ୍ୟରେ ପାଲାଭିଡ଼ା ଟଙ୍କାକୁ ନେଇ ବିବାଦ ଲାଗି ରହିଥିବାରୁ ବାରମ୍ବାର କୋଇଲା ଉତ୍ତୋଳନ ଓ ପରିବହନ ବନ୍ଦ ରହିଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପୁଲିସ ଉପସ୍ଥିତିରେ ବୈଠକ ହୋଇଥିଲେ ମଧ୍ୟ ଏହାର ସମାଧାନ ହୋଇପାରିନାହିଁ। ପାଲଭିଡ଼ା ବାବଦ ଟ୍ରକ୍ ପିଛା ୩୮୦ ଟଙ୍କା ଆଦାୟ କରୁଥିବାରୁ ଏହାକୁ ବିରୋଧ ହୋଇଆସୁଛି। ଗତ ମାସ ୯ ତାରିଖ ଗଣ୍ଡଗୋଳ ଓ ମାରପିଟ୍ ହେବାରୁ ଗୋପାଳପ୍ରସାଦ ଥାନାରେ ଏ ନେଇ ଦୁଇଟି ମାମଲା ରୁଜୁ ହୋଇଥିଲା। ବିବାଦ ଥମି ନ ଥିବାରୁ ପ୍ରଶାସନ ପକ୍ଷରୁ ଦୁଇ ମାସ ପାଇଁ ବିଏନ୍‌ଏସର ୧୬୩ ଧାରା ଜାରି କରାଯାଇଥିବା ଉପଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ସୂଚନା ଦେଇଛନ୍ତି। ତେବେ ବିଭିନ୍ନ ଖଣିରେ ଏଭଳି ବେଆଇନ ଚାନ୍ଦା ଉପରେ କେବେ ରୋକ୍ ଲାଗିବ ତାକୁ ନେଇ ପ୍ରଶ୍ନ ଉଠିଛି।

## ହାଇୱା ଧକ୍କାରେ ବାଇକ୍ ଆରୋହୀ ଗୁରୁତର

କଣିହାଁ,୨୯ ।୬(ସମିସ): ଅନୁଗୋଳ ଜିଲ୍ଲା ଏନଟିପିସି ଥାନା ଅନ୍ତର୍ଗତ ତେଲିସିଙ୍ଗା ଛକ ନିକଟରେ ସୋମବାର ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଦ୍ରୁତଗାମୀ ହାଇୱା ସାମ୍ନାରୁ ଆସୁଥିବା ବାଇକ୍‌କୁ ଧକ୍କା ଦେଇ ଚାପିଦେବାରୁ ବାଇକ୍‌ଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି। କଣିହାଁ ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତଙ୍କୁ ଉଦ୍ଧାର କରି କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆହତ ଯୁବକ ହେଲେ ହିନ୍ଦୋଳ ଅଞ୍ଚଳର ସୌମ୍ୟଶ୍ରୀ ବେହେରା। କଣିହାଁ ଡାକ୍ତରଖାନାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ହାଇୱା ଓ ବାଇକ୍ ଜବତ କରି ତଦନ୍ତ ଆରମ୍ଭ କରିଛି।



## ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି




ଅନୁଗୋଳ,୨୯ ।୬(ସମିସ): ଜିଲ୍ଲା କାର୍ଯ୍ୟାଳୟରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୫୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୫ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିଲା। ୬ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୫ ହଜାର ଟଙ୍କା ଓ ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ, ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ।

### ● ଦେଶୀ ବନ୍ଧୁକ ତିଆରି କାରଖାନାରେ ଚଢ଼ଉ

## ୨ ଗିରଫ, ଯନ୍ତ୍ରପାତି ସହ ଚୋରାକାଠ ଜବତ



ଅନୁଗୋଳ,୨୯ ।୬(ସମିସ): ଅନୁଗୋଳ ବନଖଣ୍ଡ ଜରପଡ଼ା ବନାଞ୍ଚଳ ଦୁର୍ଗାପୁର ଗ୍ରାମରେ ବନବିଭାଗ ଅତର୍କିତ ଚଢ଼ଉ କରି ଦେଶୀ ବନ୍ଧୁକ ତିଆରି କାରଖାନା ଠାବ କରିବା ସହ ଦୁଇ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଦୁର୍ଗାପୁର ଗ୍ରାମର ଅଭୟ ନାଏକ ଓ ମଳୟ ନାଏକ। ବେଆଇନ ବନ୍ଧୁକ ତିଆରି କାରଖାନା ଓ ଚୋରା କାଠ ଗୋଦାମ ଥିବା ସୂଚନା ପାଇ ସୋମବାର ସକାଳେ ବନ ବିଭାଗ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଦେଶୀ ବନ୍ଧୁକ ତିଆରି ପାଇଁ ବ୍ୟବହୃତ ବିଭିନ୍ନ ସାମଗ୍ରୀ, ୨ ବନ୍ଧୁକ ବ୍ୟାରେଲ, ୨ଟି ଗଜବାଡ଼ି, ଗୋଟିଏ ଅଧାଗଢ଼ା ବନ୍ଧୁକ ଫ୍ରେମ୍, ଗୋଟିଏ ବନ୍ଧୁକ, ବାରୁଦ, ପଟାସ, ୨୩ଟି ସିସା ଗୁଳି, ବନ୍ଧୁକ ପ୍ରସ୍ତୁତିରେ ବ୍ୟବହୃତ ହେଉଥିବା ବିଭିନ୍ନ କାଠ ସରଞ୍ଜାମ ଓ ଅନ୍ୟାନ୍ୟ ଯନ୍ତ୍ରପାତି, ଶାଗୁଆନ ପଟା ଓ ସାଇଜ୍ କାଠ, ଶାଳ ସାଇଜ୍ କାଠ, ଗଛକଟା ମେସିନ୍ ଆଦି ଆଦି ଜବତ ହୋଇଛି। ଅଭିଯୁକ୍ତମାନେ ବେଆଇନ କାଠ ପ୍ରକ୍ରିୟାକରଣ ଏବଂ କାଠ ଆସବାବପତ୍ର (ଫର୍ନିଚର) ତିଆରି କାର୍ଯ୍ୟରେ ମଧ୍ୟ ସମ୍ପୃକ୍ତ ଥିବା ତଦନ୍ତ ବେଳେ ଜଣାପଡ଼ିଛି।

# ଡେରଙ୍ଗ ଫାଣ୍ଡିରେ ବର୍ଷେରୁ ଅଧିକ ସମୟ ଧରି ସ୍ଥାୟୀ ଅଧିକାରୀ ନାହାନ୍ତି

କଣିହାଁ,୨୯ ।୬(ସମିସ):

ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅଧୀନ ଡେରଙ୍ଗ ଫାଣ୍ଡିରେ ବର୍ଷେରୁ ଅଧିକ ସମୟ ଧରି ସ୍ଥାୟୀ ଫାଣ୍ଡି ଅଧିକାରୀ ନ ଥିବାରୁ ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଫାଣ୍ଡି ଅଧୀନରେ ଡେରଙ୍ଗ ସମେତ ପ୍ରାୟ ୧୨ ଗ୍ରାମ ରହିଛି। ଦିନକୁ ଦିନ ଅଞ୍ଚଳର ଗୁରୁତ୍ୱ ବଢୁଥିଲେ ମଧ୍ୟ ସ୍ଥାୟୀ ଅଧିକାରୀ ନ ଥିବାରୁ ଜନଅସନ୍ତୋଷ ପ୍ରକାଶ ପାଇଛି।

ଶିଳ୍ପାଞ୍ଚଳ ଭାବେ ଏହି ଅଞ୍ଚଳର ଗୁରୁତ୍ୱ ବୃଦ୍ଧି ପାଉଥିବାବେଳେ ପୁଲିସ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ଅନୁଭୂତ ହେଉଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାତ୍ରିକାଳୀନ



ପେଟ୍ରୋଲିଂ ନିୟମିତ ନ ହେବାରୁ ଚୋରି, ବାଲି ଓ ମାଟି ଚୋରାଚାଲାଣ, ମଦକ କାରବାର ଏବଂ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ସେମାନେ ଅଭିଯୋଗ କରିଛନ୍ତି। ବିଭିନ୍ନ ଘଟଣା ବୃଦ୍ଧି ପାଉଥିବାରୁ ସାଧାରଣ ଲୋକ ନିଜ ସୁରକ୍ଷାକୁ ନେଇ ଚିନ୍ତା ପ୍ରକାଶ କରୁଛନ୍ତି। ଅଞ୍ଚଳବାସୀଙ୍କ ମତରେ, ଫାଣ୍ଡିରେ ସ୍ଥାୟୀ ଅଧିକାରୀ ନିଯୁକ୍ତ ହେଲେ ଅପରାଧ ନିୟନ୍ତ୍ରଣ,

### ଆଇନଶୃଙ୍ଖଳା ନେଇ ଅସନ୍ତୋଷ

ନିୟମିତ ପେଟ୍ରୋଲିଂ, ବେଆଇନ କାରବାର ଉପରେ କଡ଼ା ନଜରଦାରି ଓ ସାଧାରଣ ଲୋକଙ୍କ ସମସ୍ୟାର ଦ୍ରୁତ ସମାଧାନ ସମ୍ଭବ ହେବ। ତେଣୁ ଅନୁଗୋଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ତୁରନ୍ତ ଡେରଙ୍ଗ ଫାଣ୍ଡିରେ ଜଣେ ସ୍ଥାୟୀ ଫାଣ୍ଡି ଅଧିକାରୀ ନିଯୁକ୍ତି ସହ ପୁଲିସ ପେଟ୍ରୋଲିଂ ବୃଦ୍ଧି କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିଛନ୍ତି।

ଏ ସମ୍ପର୍କରେ କଣିହାଁ ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇ କହିଛନ୍ତି ଯେ ପୂର୍ବତନ ଫାଣ୍ଡି ଅଧିକାରୀ ବିଷ୍ଣୁ ସାହୁଙ୍କ ଅବସର ଗ୍ରହଣ ଏବଂ କିଛି ପୁଲିସ ଅଧିକାରୀଙ୍କ ବଦଳି ପରେ ମାନବସମ୍ବଳ ଅଭାବ ଯୋଗୁଁ ଏପର୍ଯ୍ୟନ୍ତ ସ୍ଥାୟୀ ଅଧିକାରୀ ନିଯୁକ୍ତ କରାଯାଇପାରିନାହିଁ। ବର୍ତ୍ତମାନ କଣିହାଁ ଥାନା ଏସ୍‌ଆଇ ଜ୍ଞାନରଞ୍ଜନ ବେହେରା ଡେପୁଟେସନରେ ଫାଣ୍ଡି ଦାୟିତ୍ୱରେ ଅଛନ୍ତି। ଦୁଇଜଣ କନଷ୍ଟେବଲଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି। ଭବିଷ୍ୟତରେ ପର୍ଯ୍ୟାପ୍ତ ଅଧିକାରୀ ଉପଲବ୍ଧ ହେଲେ ଡେରଙ୍ଗ ଫାଣ୍ଡିରେ ସ୍ଥାୟୀ ଅଧିକାରୀଙ୍କୁ ଥଇଥାନ କରାଯିବ। ସେହିପରି କଣିହାଁ ଥାନା ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ ନିୟମିତ ଭାବେ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।



## ପୁଣି ଆତଙ୍କ ଖେଳାଇଲା ଦଧି

# ମୂଳା ପଡ଼ିଆରେ ଯୁବକଙ୍କୁ ଗୋଡ଼ାଇ ହାଣିଲା

ଭୁବନେଶ୍ୱର, ୨୯।୬ (ସମିସ)



- ନିକଟରେ ଗିରଫ ହୋଇ ଜାମିନ୍ ପାଇଥିଲା
- ସୋସିଆଲ ମିଡିଆରେ ଭିଡ଼ି ଛାଡ଼ିଥିଲେ ସହଯୋଗୀ

ରାଜଧାନୀରେ ପୁଣି ଆତଙ୍କ ଖେଳାଇଛି ଦଧି। ବ୍ରାଉନସୁଗର କାରବାରକୁ ନେଇ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ହାଣିଛି। ପୁରୁଣା ଭୁବନେଶ୍ୱର ମୂଳା ପଡ଼ିଆରେ ଏଭଳି ଘଟଣା ଘଟିଥିବା ବେଳେ ସନ୍ଦୀପ ସମର୍ଥା ଆହତ ହୋଇଛନ୍ତି। ସନ୍ଦୀପଙ୍କ ଭାଇ ସଞ୍ଜୀବ ଏନେଇ ଅଭିଯୋଗ ହେବାପରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ।

ଅଭିଯୋଗ ଅନୁଯାୟୀ, ଗତକାଲି ରାତି ପ୍ରାୟ ୧୧ଟା ୩୫ ସମୟରେ ଜମ୍ୱେଶ୍ୱର ପାଟଣାର ସନ୍ଦୀପ ଘରକୁ ଫେରୁଥିଲେ। ସେ ମୂଳା ପଡ଼ିଆ ଅତିକ୍ରମ କରୁଥିବା ବେଳେ ଦଧି ଓ ତାର ସହଯୋଗୀମାନେ ଦୁଇଟି କାରରେ ଆସି ତାଙ୍କୁ ଅଟକାଇଥିଲେ। ସନ୍ଦୀପ କିଛି ବୁଝିବା ଆଗରୁ ଅଭିଯୁକ୍ତମାନେ ତାଙ୍କୁ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ କରିଥିଲେ। ସନ୍ଦୀପ ଆକ୍ରମଣରୁ ବର୍ତ୍ତିବା ପାଇଁ ଦୌଡୁଥିବା ବେଳେ ଦଧି ଓ ସହଯୋଗୀମାନେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଖଣ୍ଡା ଚୋଟରେ ସନ୍ଦୀପଙ୍କ ହାତ, ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଥିଲା। ସେ ତଳେ ପଡ଼ିଯିବା ପରେ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ। ଖବରପାଇ ସନ୍ଦୀପଙ୍କ ଭାଇ ସଞ୍ଜୀବ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଆଜି ସଞ୍ଜୀବଙ୍କ ଅଭିଯୋଗ ଆଧାରରେ ଶ୍ରୀ ଲିଙ୍ଗରାଜ ଥାନା ପୁଲିସ ମାମଲା ରୁଜୁ କରିଛି।

ବ୍ରାଉନସୁଗର କାରବାରକୁ ନେଇ ହଣାକଟା ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବ୍ରାଉନସୁଗର ବାବଦ ଟଙ୍କାକୁ ନେଇ ସନ୍ଦୀପ ଓ ଦଧିର ସହଯୋଗୀ ମଧ୍ୟରେ ପ୍ରଥମେ ପାଟିତୁଣ୍ଡ ହୋଇଥିଲା। ଦୁଇ ଜଣ ପରସ୍ପରକୁ ଗାଳିଗୁଲଜ କରିବା ସହ ହାତାହାତି ହୋଇଥିଲେ। ସନ୍ଦୀପ ସହ ଗଣ୍ଡଗୋଳ ପରେ ସହଯୋଗୀ ଜଣକ ଫୋନ୍ କରି ଦଧିକୁ ଘଟଣା ବିଷୟରେ ଜଣାଇଥିଲା। କିଛି ସମୟପରେ ଦଧି ଓ ସହଯୋଗୀମାନେ ପହଞ୍ଚି ସନ୍ଦୀପଙ୍କୁ ଖଣ୍ଡାରେ ହାଣି ଥିଲେ।

ସେପଟେ ଦଧିବାମନ ଜେନା ଓରଫ୍ ଦଧି ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ହତ୍ୟା ଉଦ୍ୟମ, ମାଡ଼ ମାରି ଲୁଟ୍, ଆର୍ମ୍ସ ଆକ୍ଟ ଓ ବିସ୍ଫୋରକ ଦ୍ରବ୍ୟ ଆଇନ ଭଳି ୮ଟି ସାଙ୍ଘାତିକ ମାମଲା ରହିଛି। ଗତ ୧୦ ତାରିଖ ସକାଳେ ଅଭିଜିତ ସାହୁ ଇନ୍ଦିରା ମଇଦାନ ନିକଟରେ ସ୍କୁଟିରେ ଯାଉଥିଲେ। ସେହି ସମୟରେ ଦଧି ଏକ କାରକୁ ବେପରୁଆ ଓ ବିପଦଜନକ ଭାବରେ ଚଳାଇ ବିପରୀତ ଦିଗରୁ ଆସି ତାଙ୍କ ସହ ଧକ୍କା ହେବାରୁ ଅଳ୍ପକେ ବର୍ତ୍ତିଯାଇଥିଲା। ଅଭିଜିତ ଗାଡ଼ିଟିକୁ ଅଟକାଇ ପ୍ରତିବାଦ କରିବାରୁ ଦଧି ଓ ସହଯୋଗୀ ମିଶି ଲାଠି ଓ ହକି ଷ୍ଟିକରେ ତାଙ୍କ ମୁଣ୍ଡ, ହାତ ଓ ଗୋଡ଼କୁ ଆକ୍ରମଣ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଅଭିଯୋଗ ପାଇବା ପରେ ନୂଆପଲ୍ଲୀ ଥାନା ପୁଲିସ ଦଧିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଦଫା ଏତେ କୋହଳ ଥିଲା ଯେ, ମାତ୍ର କେଇ ଘଣ୍ଟା ମଧ୍ୟରେ ଦଧିକୁ ଜାମିନ୍ ମିଳି ଯାଇଥିଲା। ଏମିତିକି ଜେଲ୍ ମଧ୍ୟ ଯିବାକୁ ପଡ଼ିନଥିଲା। ଜାମିନ୍ ମିଳିବା ପରେ ସହଯୋଗୀମାନେ ସାମାଜିକ ଗଣମାଧ୍ୟମରେ ଦଧିର ଭିଡିଓ ପୋଷ୍ଟ କରି ସେଲିବ୍ରେସନ୍ କରିଥିଲେ। ପୁଲିସର କୋହଳ ମନୋଭାବ ଅପରାଧିଙ୍କୁ ବାରମ୍ବାର ଅପରାଧ ଘଟାଇବାକୁ ସୁଯୋଗ ଦେଉଥିବା ବେଳେ ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଛି।

## ପୁରୁଣା ଫଟୋ | ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୯।୬(ସମିସ): ମନ୍ଦିରମାନଙ୍କର ସମୂହ ହେଉଛି ରାଜଧାନୀ ଭୁବନେଶ୍ୱର। ଏଠାରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଯାହା ବର୍ତ୍ତମାନ ପିଢି ପାଇଁ ଐତିହ୍ୟ କୀର୍ତ୍ତିରାଜିର ମୂକସାକ୍ଷୀ। ଯେଉଁ ସମୟରେ ରାଜଧାନୀ ଭୁବନେଶ୍ୱରରେ ଛୁଇଁନଥିଲା ପରିବର୍ତ୍ତନର ସୁଅ ନା ଉନ୍ନତିକରଣ। ସରଳ ଜୀବନଯାପନ କରୁଥିବା ମଣିଷଙ୍କ କୋଳାହଳ ଭିତରେ ସିମୀତ ଥିଲା ଏହି ସହର। ଗାଡି ମଟର, ବଡ ବଡ ବିଲ୍ଡିଂ ବଦଳରେ ଏଠାରେ ଚାଲିଥିଲା ଶଗଡ଼ ଏବଂ ମୁଣ୍ଡ ଗୁଞ୍ଜିବାକୁ ଥିଲା ମାଟି ଛପର ଘର। ରାଜଧାନୀର ସର୍ବପ୍ରାଚୀନ ଲିଙ୍ଗରାଜ ମନ୍ଦିର ସମେତ ସାଇତା ହୋଇ ରହିଛି ଅନେକ ଶତାବ୍ଦୀ ପୁରାତନ ମନ୍ଦିର। ଯାହାକି ସେସମୟରୁ ପର୍ଯ୍ୟଟନର କେନ୍ଦ୍ରବିନ୍ଦୁ ସାଜି ଆସିଛି।

ସାମଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା ଏହି ଦୃଶ୍ୟଟି ହେଉଛି ଲିଙ୍ଗରାଜ ମନ୍ଦିର ଏବଂ ଆଖପାଖ ଛୋଟ ବଡ ମନ୍ଦିରର ଉପରି ଭାଗର ଦୃଶ୍ୟ। ଏହି ଫଟୋଟି ମନ୍ଦିରର ଅନେକ ବର୍ଷ ପୁରୁଣା ଚିତ୍ର। ଯେଉଁଥିରେ ପୁରୁଣା ସମୟରେ କିପରି ଦେଖାଯାଉଥିଲା ଲିଙ୍ଗରାଜ ମନ୍ଦିର ତାହା ପରିଲକ୍ଷିତ ହେଉଛି। ଏହା ସହିତ ମନ୍ଦିର ଭିତର ଓ ବାହାର ପାର୍ଶ୍ୱରେ ଥିବା ଛୋଟ ବଡ ମନ୍ଦିର ମଧ୍ୟ ଦେଖିବାକୁ ମିଳୁଛି। କେବଳ ସେତିକି ନୁହଁ, ସେ ସମୟରେ କିପରି ପରିବେଶ ସବୁଜ ଏବଂ ଆଖପାଖରେ ଚାଳ ଛପର ଘରର ସଂଖ୍ୟା ଅଧିକ ଅଛି ତାହା ମଧ୍ୟ ଦୃଶ୍ୟମାନ ହେଉଛି।

# ଡକାୟତି ଯୋଜନା ପଣ୍ଡ; ୪ ଗିରଫ



ଭୁବନେଶ୍ୱର, ୨୯।୬ (ସମିସ): ଭୁବନେଶ୍ୱରରେ ଏକ ବଡ଼ ଡକାୟତି ଯୋଜନାକୁ ପଣ୍ଡ କରିବା ସହ କରି କ୍ୟାପିଟାଲ୍ ପୁଲିସ୍ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ୨୮ ଓ ୨୯ ତାରିଖ ରାତିରେ କଂଗ୍ରେସ୍ ଭବନ୍ ପଛରେ ଥିବା ଏକ ପରିତ୍ୟକ୍ତ ସରକାରୀ କ୍ୱାର୍ଟର୍ସ ପାଖରୁ ଏହି ଅଭିଯାନ ଚଳାଇ ପୁଲିସ୍ ସଫଳତା ପାଇଛି। ଅଭିଯୁକ୍ତମାନେ ରେଳ ଷ୍ଟେସନ୍ ଅଞ୍ଚଳରୁ ଏକାକୀ ଯାତ୍ରୀ ଓ ଯାତାୟାତ କରୁଥିବା ଲୋକଙ୍କୁ ଲକ୍ଷ୍ୟ କରି ଡକାୟତି ଯୋଜନା କରୁଥିବା ପୁଲିସ୍ ଜାଣିବାକୁ ପାଇଥିଲା। ଚଢାଉରେ ସିଲୁ ନାୟକ, ଭବାନୀ ଶଙ୍କର ମହାପାତ୍ର ଓରଫ୍ ବନା, କଳିଆ ଦାସ୍ ଓରଫ୍ ଲୋକନାଥ ଦାସ୍ ଏବଂ ବାପି ନାୟକଙ୍କୁ ପୁଲିସ୍ ବାନ୍ଧିଛି। ଅନ୍ୟ ଜଣେ ଅଭିଯୁକ୍ତ ସଞ୍ଜୟ ପ୍ରଧାନ୍ ଅନ୍ଧାର ସୁଯୋଗ ନେଇ ଖସିଯାଇଥିବା କ୍ୟାପିଟାଲ ଥାନା ପୁଲିସ୍ କହିଛି। ଘଟଣାସ୍ଥଳରୁ ଖଣ୍ଡା, ଛୁରୀ, ବ୍ଲେଡ୍, ୪ଟି କଳା ମାସ୍କ, ଲଙ୍କା ଗୁଣ୍ଡ, ତିନୋଟି ମଦ ବୋତଲ ଏବଂ ଡିସ୍ପୋଜେବଲ୍ ଗ୍ଲାସ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ଅସ୍ତ୍ରଶସ୍ତ୍ର ଦେଖାଇ ଲୋକଙ୍କୁ ଭୟଭିତ କରିବା ସହ ତାଙ୍କଠାରୁ ଟଙ୍କା, ଫୋନ୍, ସୁନା ଏବଂ ଅନ୍ୟାନ୍ୟ ମୂଲ୍ୟବାନ୍ ସାମଗ୍ରୀ ଲୁଟିବାର ଯୋଜନା କରିଥିବା ପଚରାଉଚରାରୁ ଜଣାପଡ଼ିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଖସିଯାଇଥିବା ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ୍ ଘନଘନ ଚଢାଉ କରୁଥିବା କହିଛି। ଗିରଫ ଅଭିଯୁକ୍ତଙ୍କର ପୂର୍ବ ଅପରାଧିକ ରେକର୍ଡ୍ ରହିଛି। ସିଲୁ ନାୟକଙ୍କ ବିରୋଧରେ ୫ଟି ମାମଲା ଥିବାବେଳେ ଭବାନୀ ବିରୋଧରେ ୮ଟି କଳିଆ ବିରୋଧରେ ଗୋଟିଏ ମାମଲା ରହିଛି ଏବଂ ବାପିର ପୂର୍ବ ଅପରାଧିକ ମାମଲା ରେକର୍ଡ ଯାଞ୍ଚ ଚାଲିଛି।

# ବାହାଘର ଭୋଜି ବେଳେ ଫାଟିଲା ଗ୍ୟାସ ଟାଙ୍କି



ଭୁବନେଶ୍ୱର, ୨୯।୬ (ସମିସ): ମୈତ୍ରୀବିହାର ଥାନା ଅଧୀନ ସାଲିଆସାହି ଆଦିବାସୀ ଗାଁରେ ଗ୍ୟାସ୍ ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟିଛି। ବାହାଘର ଭୋଜି ଚାଲୁଥିଲା ବେଳେ ଏଭଳି ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ୩ ବଖରା ଝୁମ୍ପୁଡ଼ି ଘର ଜଳି ପାଉଁସ ହୋଇଯାଇଛି। ଚନ୍ଦ୍ରଶେଖରପୁର ଦମକଳ ଓ ସ୍ଥାନୀୟ ଥାନା ପୁଲିସ ସହାୟତାରେ ନିଆଁକୁ ଆୟତ କରାଯାଇଛି। ଘଟଣାଅନୁଯାୟୀ ଆଦିବାସୀ ଗାଁରେ ଏକ ବିବାହ ଭୋଜି ଚାଲିଥିବା ବେଳେ ଗୋଟିଏ ଘର ଭିତରେ ବଡ଼ ଗ୍ୟାସ୍ ଚୁଲା ସହାୟତାରେ ରନ୍ଧା ରନ୍ଧିହେଉଥିଲା। ଏହି ସମୟରେ ଗ୍ୟାସ୍ ପାଇପ୍ ମୁହଁରୁ ଗ୍ୟାସ୍ ଲିକ୍ ହୋଇ ପରେ ଟାଙ୍କି ଫାଟିଥିଲା। ନିକଟରେ ଚୁଲା ଥିବାରୁ ନିଆଁ ଝୁମ୍ପୁଡ଼ି ଘରକୁ ବ୍ୟାପିଯାଇଥିଲା। ଘର ଭିତରେ ଥିବା ସମସ୍ତ ଅସବାପତ୍ର ପୋଡ଼ି ଯାଇଛି।

# ଝାରପଡ଼ା ଜେଲ୍‌ରେ କଏଦୀ ମୃତ

- ଡକାୟତି ପାଇଁ ଡାକ୍ତର ଦମ୍ପତିଙ୍କୁ ହତ୍ୟା କରିଥିଲେ
- ଆଜୀବନ ଦଣ୍ଡାଦେଶ ପରେ ସଜା କାଟୁଥିଲା
- ଏବେବି ଜେଲରେ ଅଛନ୍ତି ଦ୍ୱିତୀୟ ପତ୍ନୀ

ଭୁବନେଶ୍ୱର, ୨୯।୬ (ସମିସ): ଝାରପଡ଼ା ଜେଲରେ ସଜା କାଟୁଥିବା କଏଦୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି କନ୍ଧମାଳ ଜିଲ୍ଲା ଜି ଉଦୟଗିରି ଥାନା ସୁଜେଳି ଗାଁର ଜୀବନ ଓରଫ୍ ଯବାନ ନାୟକ (୫୫)। ସେ ଡାକ୍ତର ଦମ୍ପତି ଡକାୟତି ଓ ହତ୍ୟା ଘଟଣାରେ ସଜା କାଟୁଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ପୁଲିସ ସୂଚନାନୁସାରେ, ଯବାନ କିଛି ମାସ ପୂର୍ବରୁ ଟିବି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଏହାସହିତ ତାଙ୍କର ସିଓପିଡି (ଫୁସଫୁସ ସମ୍ବନ୍ଧୀୟ) ରୋଗ ମଧ୍ୟ ରହିଥିଲା। ଗତ ଫେବୃଆରୀ ମାସରେ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ଯବାନଙ୍କୁ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ୨୦ ଦିନ ଧରି ଆଇସିୟୁରେ ଚିକିତ୍ସିତ ହେବାପରେ ପୁଣି ଜେଲକୁ ଫେରିଥିଲେ। ସବୁଦିନ ଭଳି ଗତକାଲି ରାତିରେ ମଧ୍ୟ ଯବାନ ଖାଇପିଇ ଶୋଇଥିଲେ। ସକାଳୁ ଅନ୍ୟ ଅନ୍ତେବାସୀମାନେ ଉଠି ସାରିଥିଲେ ମଧ୍ୟ ଯବାନଙ୍କ ନିଦ ଭାଙ୍ଗି ନଥିଲା। ଅନ୍ତେବାସୀ ଓ ଜେଲ୍ କର୍ତ୍ତୁପକ୍ଷ ଡାକିଥିଲେ ମଧ୍ୟ ଯବାନ ନିଦରୁ ଉଠି ନଥିଲେ। ସାଙ୍ଗେ ସାଙ୍ଗେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଲକ୍ଷ୍ମୀସାଗର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଡାକ୍ତର ଦମ୍ପତି ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ଓ ତାଙ୍କ ପତ୍ନୀ ସୁଷମା ମିଶ୍ର ଶୈଳଶ୍ରୀବିହାର ଅଞ୍ଚଳରେ ରହୁଥିବା ବେଳେ ଟିକିନା ଓରଫ୍ ଶୁଭଦ୍ରା ଜେନା ତାଙ୍କ ଘରେ ଘରୋଇ ସହାୟିକା ଭାବେ କାମ କରୁଥିଲା। ୨୦୧୫ ମସିହା ନଭେମ୍ବର ୧୫ ତାରିଖ ଦିନ ସୁଷମାଙ୍କ ଜନ୍ମଦିନ ଥିବାବେଳେ ଦମ୍ପତି ମନ୍ଦିର ଯାଇ ଘରକୁ ଫେରିଥିଲେ। ପୂର୍ବ ଯୋଜନା ମୁତାବକ ଶୁଭଦ୍ରା ତା'ର ସ୍ୱାମୀ ଯବାନ, ଏମଡି କମଲ ଖାନ୍ ଓ ତା'ର ପତ୍ନୀ ଫୁଲଶରୀ ବେହେରା ଏବଂ କିଶୋର ଚନ୍ଦ୍ର ବେହେରା ଛପି ରହିଥିଲେ। ଡାକ୍ତର ପ୍ରଫୁଲ୍ଲଙ୍କ ହାତଗୋଡ଼ ବାନ୍ଧି ତଣ୍ଟି ଚିପି ହତ୍ୟା କରିଥିବା ବେଳେ ସୁଷମାଙ୍କ ମୁଣ୍ଡ ଓ ବେକକୁ ହାଣି ହତ୍ୟା କରିଥିଲେ। ୨୦୨୪ ମାର୍ଚ୍ଚ ମାସରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ କୋର୍ଟ ୫ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ସେବେଠାରୁ ୫ ଜଣ ଯାକ ଜେଲରେ ଥିବା ବେଳେ ଆଜି ଯବାନଙ୍କର ମୃତ୍ୟୁ ଘଟିଛି। ଯବାନର ଦ୍ୱିତୀୟ ପତ୍ନୀ ଶୁଭଦ୍ରା ସମେତ ଅନ୍ୟ ୩ ଜଣ ଅଭିଯୁକ୍ତ ଜେଲରେ ଅଛନ୍ତି।

# ହାଇଟେକ୍ ମେଡିକାଲ୍ ସମ୍ମୁଖରେ ବିଏମ୍‌ସି ଡମ୍ପିଂୟାର୍ଡକୁ ବିରୋଧ



ଭୁବନେଶ୍ୱର, ୨୯।୬(ସମିସ): ପାଣ୍ଡରା ନିକଟସ୍ଥ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ସମ୍ମୁଖନର ବିଏମ୍‌ସିର ଡମ୍ପିଂୟାର୍ଡ କୁ ମେଡିକାଲ କଲେଜ ଛାତ୍ରଛାତ୍ରୀ, କର୍ମଚାରୀଙ୍କ ସମେତ ସ୍ଥାନୀୟଲୋକେ ବିରୋଧ କରିଛନ୍ତି। ପ୍ରତିଦିନ ଟ୍ରକ ଟ୍ରକ ଆବର୍ଜନା ମେଡିକାଲ ସମ୍ମୁଖରେ ଗଦା କରୁଛି ବିଏମସି। ଫଳରେ ପାଣ୍ଡରା ଗାଁ ସମେତ ସ୍ଥାନୀୟ ଆପାର୍ଟମେଣ୍ଟ ରେ ରହୁଥିବା ଲୋକେ ଦୁର୍ଗନ୍ଧରେ ପଦାକୁ ବାହାରି ପାରୁ ନାହାନ୍ତି। ଏହାସହ ରାସ୍ତାକଡ଼ରେ ଗଦା ହୋଇଥିବା ଆବର୍ଜନା ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହେଉଛି। ତେବେ ମେଡିକାଲ ଏବଂ ସ୍ଥାନୀୟ ଲୋକଙ୍କ ରହିବା ସ୍ଥାନକୁ ବିଏମସି ସଫା ରଖିବା କଥା। କିନ୍ତୁ ଏଠାରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଥିବା ଅଭିଯୋଗ ହୋଇଛି। ଏବାବଦରେ ବିଏମସି କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ବି ତାହାର ସମାଧାନ ହେଉନଥିବାରୁ ସ୍ଥାନୀୟ ଲୋକଙ୍କ ସମେତ ମେଡିକାଲ କଲେଜ ଛାତ୍ରଛାତ୍ରୀ ହାତରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତୁରନ୍ତ ଏଠାରୁ ଆବର୍ଜନା ହଟାଇବା ସହ ଅଞ୍ଚଳକୁ ପରିଷ୍କାର ରଖିବା ଏବଂ ଅଞ୍ଚଳରେ କିପରି ସୁସ୍ଥ ପରିବେଶ ସୃଷ୍ଟି କରାଯାଇ ପାରିବ ସେଥିପ୍ରତି ବିଏମସି ଗୁରୁତ୍ୱ ଦେବାକୁ ଦାବୀ ହୋଇଛି। ଏସମ୍ପର୍କରେ ବିଏମସି କମିଶନରଙ୍କୁ ଅବଗତ କରାଯାଇଥିବା ବେଳେ ତୁରନ୍ତ ସମାଧାନ କରାନଗଲେ ସ୍ଥାନୀୟ ଲୋକେ ଓ ବିଦ୍ୟାର୍ଥୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଦୟଣା ଯୋଗାଇଲା ଶ୍ରୀକ୍ଷେତ୍ର ଦୟଣା ସେବା ଟ୍ରଷ୍ଟ

ଭୁବନେଶ୍ୱର, ୨୯।୬(ସମିସ):ଚଳିତ ସ୍ନାନଯାତ୍ରା ଅବସରରେ ଶ୍ରୀକ୍ଷେତ୍ର ଦୟଣା ସେବା ଟ୍ରଷ୍ଟ ତରଫରୁ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମହାପ୍ରଭୁଙ୍କ ପ୍ରତି ଚୂଳ ସେବା, ଟାହିଆ ସେବା ପାଇଁ ୪ ଗୋଟି ଗ୍ରାମକୁ (ପୁରୁଷୋତ୍ତମ ବଲ୍ଲଭ, ଜଗନ୍ନାଥ ବଲ୍ଲଭ, ମଧୁବନ ବାଲିଆ ଏବଂ ଶିଉଳି ଜୋଟା) ପର୍ଯ୍ୟାପ୍ତ ପରିମାଣରେ ବିଭିନ୍ନ କିସମର ଫୁଲ, ଦୟଣା ଆଦି ଯୋଗାଇ ଦିଆଯାଇଛି। ଏହାସହ ମହାପ୍ରଭୁଙ୍କ ଟାହିଆ ପାଇଁ ମଧ୍ୟ ଦୟଣାଏ ବିଭିନ୍ନ ପ୍ରକାରର ଫୁଲ ଆଦି ଯୋଗାଇ ଦିଆଯାଇଛି। ସେହିପରି ଅନୁଷ୍ଠାନ ତରଫରୁ ସଦସ୍ୟମାନେ ମହାପ୍ରଭୁଙ୍କ ଏହି ଅନନ୍ୟ ସେବା ଓ ମାଳଗୁନ୍ଥା କାର୍ଯ୍ୟରେ ନିୟୋଜିତ ହୋଇ ସମ୍ପାଦନ କରିଥିଲେ। ଅନୁଷ୍ଠାନର ସମସ୍ତ ସଦସ୍ୟଙ୍କ ସମେତ ଦୂର ଦୁରାନ୍ତରୁ ଭକ୍ତମାନେ ତାଙ୍କ ପ୍ରିୟ କାଳିଆ ଠାକୁରଙ୍କ ସେବା ନିମିତ୍ତ ଅମୋଣିହା ଦ୍ରବ୍ୟାଦି ଶ୍ରୀକ୍ଷେତ୍ର ମାଟିକୁ ପଠାଇଛନ୍ତି।

# ନାରାୟଣ ସେବା ଫାଉଣ୍ଡେସନର ନବମ ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର, ୨୯।୬(ସମିସ):ପବିତ୍ର ମହାପ୍ରଭୁଙ୍କ ସ୍ନାନପୂର୍ଣ୍ଣିମା ଅବସରରେ ସାମାଜିକ ସଂଗଠନ ନାରାୟଣ ସେବା ଫାଉଣ୍ଡେସନର ନବମ ସ୍ୱନକ୍ଷତ୍ର ଉତ୍ସବ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା, ସମାଜସେବୀ ସୀତାଂଶୁ ଶେଖର ମହାରଣାଙ୍କ ପୌରୋହିତ୍ୟ ଓ ସଭାପତି ଶିବ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଗଠନର ବରିଷ୍ଠ ସଦସ୍ୟ ସ୍ୱର୍ଗତ ବ୍ରଜବନ୍ଧୁ ପରିଡ଼ାଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଉଦ୍‌ଘାଟକ ଭାବେ ବିଶିଷ୍ଟ ଭାଷାବିତ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ସଂସ୍କୃତି ପୁରୁଷ ତଥା ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ଆଜୀବନ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, କଳିଙ୍ଗ ଆଖଡ଼ା ପାଇକ ସଂଗଠନର ଖୋର୍ଦ୍ଧା ଜିଲ୍ଲା ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନର ବିଭିନ୍ନ ସାମାଜିକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଡ. ଜୟଶ୍ରୀବାଳା ମଲ୍ଲିକ, ପୁଜ୍ୟପୂଜା ପାଇଁ କାମଦେବ ମହାପାତ୍ର, ପଶୁପ୍ରେମୀ ସମାଜସେବୀ ସନ୍ତୋଷ ମଲ୍ଲିକ, ମୁଗୁପୁର ସମାଚାର କାର୍ଯ୍ୟକାରୀ ସଭାପତି ତଥା ସମାଜସେବୀ ସୁରେନ୍ଦ୍ର କୁମାର ସାହୁ, ଚିକିତ୍ସା କ୍ଷେତ୍ରରେ ଡ. କାଳନ୍ଦୀ ସେଠୀ, ସାମ୍ବାଦିକତା କ୍ଷେତ୍ରରେ ମଦନ ମୋହନ ପାଢ଼ୀ, ଫୋଟୋ ସାମ୍ବାଦିକ ସନ୍ତୋଷ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ୫ ଜଣ ବିଦ୍ୟାର୍ଥୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଅରବିନ୍ଦ ତ୍ରିପାଠୀ ସ୍ୱାଗତଭାଷଣ ଦେଇଥିବା ବେଳେ ଶେଷରେ ସମାଜସେବୀ ଜଳନ୍ଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



# 'ନୃତ୍ୟ ମୋହିନୀ ଜାତୀୟ ନୃତ୍ୟ ଉତ୍ସବ-୨୦୨୬'

- ନୃତ୍ୟ ଗୁରୁ ମୁକ୍ତିଲତା ପାଲଙ୍କୁ 'ନୃତ୍ୟ ମୋହିନୀ ଜୀବନବ୍ୟାପୀ ସମ୍ମାନ' ପ୍ରଦାନ

ଭୁବନେଶ୍ୱର, ୨୯।୬(ସମିସ): ସାଇ ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ 'ନୃତ୍ୟ ମୋହିନୀ ଜାତୀୟ ପୃତ୍ୟ ଉତ୍ସବ-୨୦୨୬' ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶୀ ଗବେଷଣା କେନ୍ଦ୍ରରେ ଆୟୋଜିତକ ଏହି କାର୍ଯ୍ୟକ୍ରମକୁ ଦୁରଦର୍ଶୀର ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ, ଅଭିନେତ୍ରୀ ରଶ୍ମିତା ପାଣିଗ୍ରାହୀ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ କ୍ଷଣପ୍ରଭା ପରିଡ଼ା, ଗୁରୁ ଶୁଭେନ୍ଦୁ କୁମାର ଦାଶ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ 'ନୃତ୍ୟ ମୋହିନୀ ଯୁବ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶେଷଦେବ ସଂଯୋଜନା କରିଥିଲେ।




ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ମେୟର ସୁଲୋଚନା ଦାସ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପୂର୍ବତନ ଓଡ଼ିଶୀ ସଙ୍ଗୀତ ଅଧ୍ୟାପକ ଗୁରୁ ପ୍ରଦୀପ କୁମାର ଦାସ, ଓଡ଼ିଶୀ ନୃତ୍ୟ ଗବେଷକ ଡ. ମନୋଜ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ନିମନ୍ତେ ନୃତ୍ୟ ଗୁରୁ ମୁକ୍ତିଲତା ପାଲଙ୍କୁ 'ନୃତ୍ୟ ମୋହିନୀ ଜୀବନବ୍ୟାପୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ ଅଧ୍ୟାପିକା ଡ. ସବିତା ହୋତା, ଡ. ଗିରିଶ ରଞ୍ଜନ ସାହୁ, ଡ. ରଘୁନାଥ ମଣ୍ଡଳ ଓ ବ୍ରହ୍ମାନନ୍ଦ ମଙ୍ଗରାଜଙ୍କୁ 'ସାଇ ଆଣାଧନା ସଂସ୍କୃତି ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ଏହାପରେ ଶୁଭେନ୍ଦୁ କୁମାର ଦାସ ଏକକ ନୃତ୍ୟ ପରିବେଷଣ କରିଥିବା ବେଳେ ସୁନୟନା ଚାରିଟେବୁଲ ଟ୍ରଷ୍ଟ ଏବଂ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଦଳଗତ ଓଡ଼ିଶୀ ନୃତ୍ୟ ପରିବେଶେ କରାଯାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନ ସଭାପତି ଅମୂଲ୍ୟ କୁମାର ଦାସ, ସମ୍ପାଦକା ଓ ନିର୍ଦ୍ଦେଶିକା ଗୁରୁ ପ୍ରଜ୍ଞା ପଟ୍ଟନାୟକ ପରିଚାଳନା କରିଥିଲେ।





# ସ୍ନାନବେଦୀରୁ ଅଣସର ଘରକୁ ଗଲେ ମହାପ୍ରଭୁ

## ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଲେ ଶ୍ରୀଜୀଉ



ଭୁବନେଶ୍ୱର, ୨୯।୬(ସମିସ):ଭକ୍ତଙ୍କ ଗହଣରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ରାଜଧାନୀରେ ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକ୍ଷେତ୍ର ପୁରୀର ରୀତିନୀତି ଅନୁସାରେ ବିଭିନ୍ନ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ଉତ୍ସବ ପାଳନ କରାଯାଇଛି। ଇସ୍କନ ମନ୍ଦିରରେ ଭୋର ୪ଟାରେ ମଙ୍ଗଳ ଆଳତି କରାଯିବା ପରେ ଠାକୁରଙ୍କର ମଇଲମ ନୀତି କରାଯାଇଥିଲା। ଏହାପରେ ସ୍ନାନ କରାଯିବା ପରେ ଶ୍ରୀଜୀଉଙ୍କ ଦର୍ଶନ କରିଥିଲେ ଭକ୍ତ। ସ୍ନାନବେଦୀରେ ଶ୍ରୀଜୀଉଙ୍କ ଦର୍ଶନ କରି ଭାବବିହ୍ୱଳ ହୋଇଥିଲେ ଭକ୍ତ। ଏହାପରେ ବଲ୍ଲଭ ଭୋଗ ଲାଗି ହୋଇଥିଲା। ଗୁରୁପୂଜା ପରେ ସକାଳ ୯ଟା୩୦ରେ ଶ୍ରୀବଳଦେବ, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଘଣ୍ଟାଘଣ୍ଟା ଓ ଚାମର ଲାଗି କରାଯାଇ ପ୍ରଭୁଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା। ୧୦ଟା ୩୦ରେ ବିଭିନ୍ନ ତୀର୍ଥ କ୍ଷେତ୍ରରୁ ଅଣାଯାଇଥିବା ୧୦୮ କଳସୀର ପବିତ୍ର ଜଳରେ ଶ୍ରୀଜୀଉଙ୍କୁ ସ୍ନାନାଭିଷେକ କରାଯାଇଥିଲା। ସାଢେ ୯ଟାରୁ ପହଣ୍ଡି ବିଜେ ଆରମ୍ଭ ହୋଇ ସାଢେ ୧୧ଟା ସୁଦ୍ଧା ଶେଷ ହୋଇଥିଲା। ଘିଅ, ମହୁ ଓ ଦୁଗ୍ଧ ସହିତ ଏହି ଜଳରେ ମହାପ୍ରଭୁଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ଶୃଙ୍ଗାର କରାଯାଇ ଶ୍ରୀଜିଉଙ୍କ ପାଖରେ ଗଜାନନ ବେଶ କରାଯାଇଥିଲା। ଦିନ ୧ଟାରେ ଆରତୀ କରାଯିବା ପରେ ୧.୪୫ରେ ଭକ୍ତମାନଙ୍କୁ ସ୍ନାନଯାତ୍ରାର ପ୍ରସାଦ ବିତରଣ କରାଯାଇଥିଲା। ସନ୍ଧ୍ୟା ସାଢ଼େ ୬ଟାରେ ଶ୍ରୀଜୀଉଙ୍କ ପାଖରେ ସନ୍ଧ୍ୟା ଆଳତି କରାଯାଇ ରାତ୍ର ୯ଟାରେ ଶ୍ରୀଜୀଉମାନେ ସ୍ନାନ ମଣ୍ଡପରୁ ଅଣସର ଗୃହକୁ ପ୍ରତ୍ୟାବର୍ତ୍ତନ କରାଯାଇଛି। ଏହି ଅବସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ବାଣୀକ୍ଷେତ୍ରରେ ଭକ୍ତଙ୍କ ସମାଗମ

କିସ୍ ଶ୍ରୀବାଣୀକ୍ଷେତ୍ରରେ ରୀତିନୀତି ଅନୁସାରେ ଭକ୍ତଙ୍କ ଗହଣରେ ଶ୍ରୀଜୀଉଙ୍କର ଦେବସ୍ନାନ କରାଯାଇଥିଲା। ସକାଳୁ ମହାପ୍ରଭୁଙ୍କ ମଙ୍ଗଳ ଆଳତୀ କରାଯାଇଥିଲା। ପରେ ଅବକାଶ ମଇଲମ କରାଯିବାପରେ ସେବାୟତଙ୍କ ଦ୍ୱାରା ୧୦୮ ମାଠିଆ ପାଣି ସୁନା କୂଅରୁ ଅଣାଯାଇ ଠାକୁରଙ୍କୁ ସ୍ନାନ କରାଯାଇଥିଲା। ଦଇତା ପତିଙ୍କ ଦ୍ୱାରା ଦାଣ୍ଡପୂଜା ଓ ପଥଶୋଧନ କରାଯାଇଥିଲା। ଏହାପରେ ଛେରାପହଁରା କରାଯାଇ ତିନି ଠାକୁରଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ଗୋଟି ଭୋଗ ଏବଂ ମହାପ୍ରସାଦ ଲାଗିପରେ ମହାପ୍ରଭୁଙ୍କୁ ଗଜାନନ ବେଶରେ ଦେଇଥିଲେ ସେବାୟତ। ଏହାସହିତ ସନ୍ଧ୍ୟା ପୂଜା ସନ୍ଧ୍ୟା ଆଳତି କରାଯାଇ ପୁରୀ ଶ୍ରୀମନ୍ଦିରର ସମସ୍ତ ରୀତିନୀତି ଅନୁଯାୟୀ ମହାପ୍ରଭୁଙ୍କର ସମସ୍ତ ରୀତିନୀତି କରାଯାଇଥିଲା।

### ନାଭି ମୁମ୍ବାଇରେ ଶ୍ରୀଜିଉଙ୍କ ସ୍ନାନଯାତ୍ରା



ଭୁବନେଶ୍ୱର, ୨୯।୬(ସମିସ):ନାଭି ମୁମ୍ବାଇର ଖରଘର ସେକ୍ଟର-୩, ବାଲାଜି ଆଙ୍ଗନସ୍ଥିତ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ଜୟ ଜଗନ୍ନାଥ ଲୋକ ତରଣ ଟ୍ରଷ୍ଟ ପକ୍ଷରୁ ମନ୍ଦିରର ସ୍ନାନ ମଣ୍ଡପକୁ ଶ୍ରୀ ଜିଉଙ୍କୁ ଅଣାଯିବା ପରେ ୧୦୮ ତିର୍ଥ ଜଳରେ ସ୍ନାନ କରାଯାଇଥିଲା। ଏହାପରେ ହାତୀ ବେଶ କରାଯାଇଥିଲା। ପରେ ଆଳତୀ ଓ ପୂଜା କରାଯିବା ସହ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶେଷରେ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ଟ୍ରଷ୍ଟର ସଦସ୍ୟ ଓ ସେବକମାନଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ସ୍ୱାମୀ ଅଭେଦେଶାନନ୍ଦ ୱେଲଫାୟାର ସମିତିର ସଭ୍ୟ ସଭ୍ୟ ସହଯୋଗ କରିଥିଲେ।

### ସୁନ୍ଦରପଦାରେ ପତିତପାବନ ଦେବଙ୍କ ହାତୀ ବେଶ

ପ୍ରତିବର୍ଷ ଭଳି ଚଳିତ ବର୍ଷ ଯଯାତି କେଶରୀଙ୍କ ସ୍ଥାପିତ ପତିତପାବନ ଦେବଙ୍କ ଅବକାଶ ମଙ୍ଗଳ ଆଳତୀ ନିତିକାନ୍ତି କରାଯାଇଥିଲା। ପରେ ଘଣ୍ଟୁଆଙ୍କ ଘଣ୍ଟ ନାଦ ନଗର ପରିକ୍ରମା କରି ତେଲିଙ୍ଗି ବାଜା ଶ୍ରୀଜୀଉଙ୍କ ଆସ୍ଥାନ ନିକଟରେ ବାଜି ଉଠୁଥିଲା। ଏହାପରେ ଖୁଣ୍ଟିଆ ସେବକଙ୍କ ଦ୍ୱାରା ଭୋଗ ଆଳତି କରାଯିବା ପରେ ବ୍ରାହ୍ମଣମାନେ ଏକତ୍ରିତ ହୋଇ ଶ୍ରୀ ଜୀଉଙ୍କୁ ସ୍ନାନ ମଣ୍ଡପକୁ ନେଇଥିଲେ। ସ୍ନାନ ମଣ୍ଡପରେ ପଦ୍ମ, ତୁଳସୀ, ମଲ୍ଲୀ ଇତ୍ୟାଦିରେ ଶ୍ରୀଜୀଉଙ୍କୁ ବେଶ କରାଯାଇଥିଲା ଓ ହରି ହରଙ୍କ ଭେଟ ଆଳତୀ କରାଯାଇ ହାତୀବେଶରେ ସଜାଇଥିଲେ। ସେହିପରି ସନ୍ଧ୍ୟା ଆଳତୀ କରାଯାଇ ଭଜନ ସମାରୋହ ହୋଇଥିଲା। ପରେ ପତିତ ପାବନ ଦେବଙ୍କୁ ସ୍ନାନ ମଣ୍ଡପରୁ ମନ୍ଦିର ଭିତରକୁ ନିଆଯାଇଥିଲା।

### ଲକ୍ଷ୍ମୀସାଗରରେ ଶ୍ରୀ ଶ୍ରୀ ପତିତପାବନଙ୍କ ସ୍ନାନଯାତ୍ରା



ଲକ୍ଷ୍ମୀସାଗର ଶ୍ରୀ ଶ୍ରୀ ପତିତପାବନ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ସମ୍ପନ୍ନ ହୋଇଛି। ବୈଦିକ ରୀତିନୀତି ଅନୁସାରେ ଅଗଣିତ ଶ୍ରଦ୍ଧାଳୁମାନଙ୍କ ଗହଣରେ ଶଙ୍ଖ, ଘଣ୍ଟ, ମର୍ଦ୍ଦଳ ଓ ହୁଳହୁଳି ନିଦାନରେ ରତ୍ନ ସିଂହାସନରୁ ସ୍ନାନ ମଣ୍ଡପକୁ ଅଣାଯାଇ ଶ୍ରୀ ଶ୍ରୀ ପତିତପାବନ ମହାପ୍ରଭୁଙ୍କ ସ୍ନାନ ସମ୍ପନ୍ନ କରାଯାଇଛି। ସ୍ନାନ ପରେ ମହାପ୍ରଭୁ ଅଣସର ଘରେ ରହିବା ପର୍ଯ୍ୟନ୍ତ ମଲମ ଓ ଚିକିତ୍ସା ନିର୍ଦ୍ଧାରିତ ନର୍ଘଣ୍ଟ ଅନୁସାରେ କରାଯିବାର ବ୍ୟବସ୍ଥା ହୋଇଛି। ସୁସ୍ଥ ହୋଇ ମହାପ୍ରଭୁ ଶ୍ରୀଶ୍ରୀ ପତିତପାବନ ଦେବ ରତ୍ନ ସିଂହାସନରେ ବିଜେ କରିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ମୁଖମଣ୍ଡଳ ଦର୍ଶନ କରିପାରିବେ ବୋଲି ଶ୍ରୀ ଶ୍ରୀ ପତିତପାବନ ମନ୍ଦିର ଟ୍ରଷ୍ଟ ବୋର୍ଡ଼ କମିଟିର ମୁଖ୍ୟ ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

### ୟୁନିଟ ୫ ଜଗନ୍ନାଥ ମନ୍ଦିରରେ ସ୍ନାନୋତ୍ସବ



**ସନ୍ଧ୍ୟାରେ ଭଜନ ସହ ଗଜବେଶ ଦର୍ଶନ କଲେ ଶ୍ରଦ୍ଧାଳୁ**

ମହାପ୍ରଭୁ ଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଶୁଭାରମ୍ଭ ପର୍ବ ବା ଦେବସ୍ନାନ ପୂର୍ଣ୍ଣମାରେ ସୋମବାର ୟୁନିଟ ୫ ଜଗନ୍ନାଥ ମନ୍ଦିରରେ ସମସ୍ତ ରୀତିନୀତି ଅନୁଯାଇ ସ୍ନାନୋତ୍ସବ ପାଳିତ ହୋଇଛି। ପ୍ରାତଃରୁ ସ୍ନାନ ପୂର୍ଣମା ବିଧି ଅନୁଯାଇ ମଙ୍ଗଳ ଆଳତୀ, ମଇଲମ ଆଦି ରୀତିନୀତି ଅନୁଷ୍ଠିତ ହୋଇଥିଲା। ବିଗ୍ରହ ମାନଙ୍କୁ ପହଣ୍ଡିରେ ଅଣାଯାଇ ସ୍ନାନବେଦୀରେ ବସାଯାଇଥିଲା। ୧୦୮ କଳସୀରେ ବିଭିନ୍ନ ପୂଜା ସାମଗ୍ରୀ ମିଶ୍ରିତ ସୁବାସିତ ଜଳରେ ଶ୍ରୀଜୀଉ ମାନଙ୍କୁ ସ୍ନାନ କରାଯାଇଥିଲା। ପରେ ହସ୍ତୀ ବେଶରେ ବିଗ୍ରହମାନଙ୍କୁ ସୁସଜ୍ଜିତ କରାଯାଇଥିଲା। ଦିନ ତମାମ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ମହାପ୍ରଭୁଙ୍କୁ ଦିବ୍ୟ ଦର୍ଶନ କରି କୃପାଲାଭ କରିଥିଲେ। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଶେଷରେ ମନ୍ଦିର କମିଟି ତରଫରୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ବି କରାଯାଇଥିଲା।

### ଶୈଳଶ୍ରୀବିହାର ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା



ଶୈଳଶ୍ରୀବିହାର ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ମହାସମାରୋହରେ ପାଳିତ ହୋଇଯାଇଛି। ଗଜାନନ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଆଜି ପ୍ରାତଃ ୫ ଘଟିକା ସମୟରେ ମଙ୍ଗଳ ଆଳତୀ ହୋଇ ମଇଲମ, ଅବକାଶ, ସକାଳ ଆଳତୀ, ଖେଚୁଡି ଭୋଗ ଲାଗି ହେବା ପରେ ତିନି ଠାକୁରଙ୍କୁ ପହଣ୍ଡି କରି ମନ୍ଦିରରୁ ସ୍ନାନ ମଣ୍ଡପକୁ ନିଆଯାଇଥିଲା। ସେଠାରେ ପୂଜକମାନେ ତିନି ଠାକୁରଙ୍କୁ ସୁବାସିତ ଜଳରେ ଦିବ୍ୟସ୍ନାନ କରାଇ ଗଜାନନ ବେଶରେ ସୁସଜ୍ଜିତ କରିଥିଲେ। ସ୍ଥାନୀୟ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଭକ୍ତ ଦିବ୍ୟ ଦର୍ଶନ କରିଥିଲେ। ସନ୍ଧ୍ୟା ଆଳତୀ ସରିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ରାତି ସାଢେ ୯ ଟାରେ ରାତ୍ରି ଧୂପ ଅନୁଷ୍ଠିତ ହୋଇ ମହାପ୍ରଭୁ ଅଣସର ବିଜେ କରିଥିଲେ। ସେହିପରି ୟୁନିଟ୍-୫ ଜଗନ୍ନାଥ ମନ୍ଦିର, ୟୁନିଟ୍-୮ ଶ୍ରୀଜଗନ୍ନାଥ ମନ୍ଦିର, ଆର୍‌ସିଏମ୍ ଜଗନ୍ନାଥ ମନ୍ଦିର, ପଟିଆ ଜଗନ୍ନାଥ ମନ୍ଦିର, କୋଳଥିଆ, ଭିଏସଏସନଗର ଭୁବନେଶ୍ୱରୀ ମନ୍ଦିର ସମେତ ସହରର ରାଜଧାନୀର ବିଭିନ୍ନ ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା କରାଯାଇଥିଲା।

# ଭୁବନେଶ୍ୱର ବ୍ଲକରେ ମିଳିତ ଜନ ଶୁଣାଣି



ଭୁବନେଶ୍ୱର, ୨୯।୬(ସମିସ): ଭୁବନେଶ୍ୱର ବ୍ଲକ କାର୍ଯ୍ୟାଳୟ ପରିସରରେ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଖୋରଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମିଳିତ ଜଣାଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଉପରେ ଶୁଣାଣି କରାଯାଇଛି। ଏଥିରେ ଦାଖଲ ହୋଇଥିବା ୩୫ଟି ଅଭିଯୋଗ ମଧ୍ୟରୁ ୨୫ଟି ବ୍ୟକ୍ତିଗତ ଥିବାବେଳେ ୧୦ଟି ଅଭିଯୋଗ ସାମୟିକ ରହିଥିଲା। ଏଥମଧ୍ୟରୁ ୫ଟି ଅଭିଯୋଗକୁ ତତ୍କାଳ ସମାଧାନ କରାଯାଇଥିଲା। ଏତଦବ୍ୟତୀତ ସମସ୍ତ ଅଭିଯୋଗଗୁଡିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ଅମୃତ ଋତୁରାଜ ନିର୍ଦ୍ଦେଶ ଦେଇଛନ୍ତି। ଜନସାଧାରଣ ମାନଙ୍କୁ ସେବା ଯୋଗାଇ ଦେବା ଉପରେ ଅଧିକାରୀ ମାନେ ଗୁରୁତ୍ୱାରୋପ କରିଥିଲେ। ମିଳିତ ଜନଶୁଣାଣି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଭୁବନେଶ୍ୱର ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ, ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ତହସିଲଦାର ଜୟନ୍ତ କୁମାର ଜୟସିଂହ, ବିଡ଼ିଓ ଦେବୀ ପ୍ରସାଦ ମହାନ୍ତି, ଅନ୍ୟ ବରିଷ୍ଠ ଅଧିକାରୀ, ସ୍ଥାନୀୟଜନପ୍ରତିନିଧିଓଅନ୍ୟସମସ୍ତ ବିଭାଗୀୟଅଧିକାରୀ ପ୍ରମୁଖଉପସ୍ଥିତ ଥିଲେ।

# 'ନୃତ୍ୟ ବିଳାସ-୨୦୨୬'

**ଝଲସିଲା ଭାରତୀୟ ଶାସ୍ତ୍ରୀୟ ଓ ଲୋକନୃତ୍ୟର ବର୍ଣ୍ଣିଳ ପରମ୍ପରା**

ଭୁବନେଶ୍ୱର, ୨୯।୬(ସମିସ): ଓଡ଼ିଶୀ ନୃତ୍ୟ ଗୁରୁ ଶ୍ରୀମତୀ ନମିତା ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ ବାର୍ଷିକ ନୃତ୍ୟ ଉତ୍ସବ 'ନୃତ୍ୟବିଳାସ-୨୦୨୬' ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଛି। ଭାରତୀୟ ଶାସ୍ତ୍ରୀୟ ଓ ଲୋକନୃତ୍ୟର ସମୃଦ୍ଧ ପରମ୍ପରାକୁ ନୂତନ ପିଢ଼ି ମଧ୍ୟରେ ପ୍ରସାରିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଉତ୍ସବ ଦର୍ଶକମାନଙ୍କ ମନକୁ ବିମୋହିତ କରିଥିଲା। ଓଡ଼ିଶୀ ନୃତ୍ୟଶିଳ୍ପୀ ସ୍ନେହପ୍ରଭା ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମର୍ଦ୍ଦଳ ବାଦକ ଗୁରୁ ସଚ୍ଚିଦାନନ୍ଦ ଦାସ, ଓଡ଼ିଶୀ ନୃତ୍ୟଗୁରୁ ସୁଜାତା ମିଶ୍ର ଏବଂ ଓଡ଼ିଶା ଇସ୍ପାତ ଓ ଖଣି ବିଭାଗର ପୂର୍ବତନ ଅତିରିକ୍ତ ସଚିବ ଅରୁଣ ବେହେରା ଉପସ୍ଥିତ ରହିଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ ହୋଇଥିଲା। ପରେ ପରେ ସର୍ବପ୍ରଥମେ 'ମଙ୍ଗଳାଚରଣ ଓ ବାଚସ୍ପତି ପଲ୍ଲବୀ' ପରିବେଷଣରୁ ଆରମ୍ଭ ହୋଇଥିଲା। ଶ୍ରୀ ଡ୍ୟାନ୍ସ ଏକାଡେମୀର ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଏବଂ ସମ୍ପାଦିକା ନମିତା ରାୟଙ୍କ ନେତୃତ୍ୱରେ ଉତ୍ସବଟି ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡ଼. ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିବାବେଳେ ଶେଷରେ ଏକାଡେମୀର କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ରାୟ ଧନ୍ୟବାଦ ଦେଇଥିଲେ।



# ଇଶା ଭାଷ୍ୟମ୍ ନୃତ୍ୟ ଏକାଡେମୀର ପ୍ରଥମ ବାର୍ଷିକ ଉତ୍ସବ




ଭୁବନେଶ୍ୱର, ୨୯।୬(ସମିସ): ଇଶା ଭାଷ୍ୟମ୍ ନାଟ୍ୟ ଏକାଡେମୀର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ପରିପେକ୍ଷୀରେ ଇଶା ଭାଷ୍ୟମ୍ ନୃତ୍ୟ ଏକାଡେମୀ ଏବଂ କନ୍ୟା ଅନମୋଲର ମିଳିତ ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ଓ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମର ମୂଳ ଉଦେଶ୍ୟ ନାରୀ ସଶକ୍ତିକରଣ, କନ୍ୟା ସନ୍ତାନଙ୍କ ସମ୍ମାନ, ସ୍ୱାଭିମାନ ଏବଂ ଶିକ୍ଷାର ଗୁରୁତ୍ୱ ସହିତ ଓଡିଶୀ ନୃତ୍ୟର ସମୃଦ୍ଧି ଓ ପରମ୍ପରାକୁ ସମାଜରେ ଉପସ୍ଥାପନା କରିବା। ସୋମବାର ଏକାଡେମୀ ପକ୍ଷରୁ ଓଡିଶୀ ଗୁରୁ ସ୍ୱର୍ଣ୍ଣପ୍ରଭା ସାହୁଙ୍କୁ ପ୍ରଥମ ଭାଷ୍ୟମ୍ ନୃତ୍ୟ ସମ୍ମାନ ପ୍ରଦାନ କରାଯାଇଛି। ସନ୍ଧ୍ୟାରେ ଅତିଥି ଭାବେ ସାଂସଦ ସୁଲତା ଦେଓ, ସକାଳ ଖବରକାଗଜର ପ୍ରକାଶକ ଅମିତ କୁମାର ମଲ୍ଲିକ, ଏବଂ କନ୍ୟା ଅନମୋଲର ପ୍ରତିଷ୍ଠାତା ସରୋଜ କୁମାର ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏକାଡେମୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସନ୍ଧ୍ୟାରେ ଓଡିଶୀ ପରିବେଷଣ ହୋଇଥିଲା। ଶେଷରେ ବିଦିଶା ପ୍ରିୟଦର୍ଶନୀ ଧନ୍ୟବାଦ ଦେଇଥିଲେ।

# ୩୦ତମ ଜାତୀୟ ମହାବୀର ସମ୍ମାନ ପାଇଁ ଓଡ଼ିଶାରୁ ନାମାଙ୍କନପତ୍ର ଆମନ୍ତ୍ରଣ

ଭୁବନେଶ୍ୱର, ୨୯।୬(ସମିସ): ଭଗବାନ ମହାବୀର ଫାଉଣ୍ଡେଶନ ଏହାର ପ୍ରତିଷ୍ଠିତ ଜାତୀୟ ମହାବୀର ସମ୍ମାନର ୩୦ତମ ସଂସ୍କରଣ ପାଇଁ ନାମାଙ୍କନ ଆମନ୍ତ୍ରଣ କରିଛି। ଭାରତର ଏହି ସବୁଠାରୁ ପ୍ରତିଷ୍ଠିତ ସମ୍ମାନ ମହାନ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡିକର ନିସ୍ୱାର୍ଥପର ସେବାକୁ ସ୍ୱୀକୃତି ପ୍ରଦାନ କରୁଛି ଯେଉଁମାନଙ୍କର କାର୍ଯ୍ୟ ଅହିଂସା ଓ ଶାକାହାରବାଦ, ଶିକ୍ଷା, ଔଷଧ ଏବଂ ସମୁଦାୟ ଓ ସମାଜ ସେବା କ୍ଷେତ୍ରରେ ଜୀବନ ଓ ସମୁଦାୟଗୁଡିକ ପରିବର୍ତ୍ତନକରିଛି। ପ୍ରତ୍ୟେକ ଆୱାର୍ଡରେ ୧୦ ଲକ୍ଷ ଟଙ୍କାର ନଗଦ ପୁରସ୍କାର ସହିତ ଏକ ପ୍ରମାଣପତ୍ର ଓ ଏକ ସ୍ମାରକୀ ରହିଛି। ଏହି ଆୱାର୍ଡ ପାଇଁ ନାମାଙ୍କନ ଜୁଲାଇ ୩୧ ତାରିଖ ୨୦୨୬ ପର୍ଯ୍ୟନ୍ତ ଖୋଲା ରହିଛି। ଭାରତର ପୂର୍ବତନ ମୁଖ୍ୟ ବିଚାରପତି ଏମ.ଏନ. ଭେଙ୍କଟଚାଲିଆଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିଷ୍ଠିତ ଜୁରୀ ଦ୍ୱାରା ଏହି ସମ୍ମାନ ପାଇଁ ଯୋଗ୍ୟ ବ୍ୟକ୍ତି ଓ ଅନୁଷ୍ଠାନକୁ ଚୟନ କରାଯିବ, ଯାହା ଏକ ଜଟିଳ ଓ ବିଶ୍ୱସନୀୟ ମୂଲ୍ୟାଙ୍କନ ପ୍ରକ୍ରିୟା ସୁନିଶ୍ଚିତ କରିବ।

# ଜୁଲାଇ ୨୯ରେ ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ରୌପ୍ୟ ଜୟନ୍ତୀ



ଭୁବନେଶ୍ୱର, ୨୯।୬(ସମିସ): ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ଆସନ୍ତା ଜୁଲାଇ ୨୯ ତାରିଖରେ ଜୟଦେବ ଭବନରେ ଆୟୋଜିତ ହେବାକୁ ଥିବା ରୌପ୍ୟ ଜୟନ୍ତୀ ଉପଲକ୍ଷେ ବୟନିକା କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟକାରିଣୀ ସଭା ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଡ. ସରୋଜ କାନ୍ତ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରୌପ୍ୟ ଜୟନ୍ତୀ ମହୋତ୍ସବକୁ ରାଜ୍ୟସ୍ତରୀୟ ଗରିମା ଓ ଶୃଙ୍ଖଳା ସହିତ ଆୟୋଜନ କରିବା ପାଇଁ ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ସମୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମର ସୁପରିଚାଳନା, ଅତିଥି ଅଭ୍ୟର୍ଥନା, ସ୍ମରଣିକା ପ୍ରକାଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଏବଂ କର୍ମଚାରୀଙ୍କ ସର୍ବାଧିକ ଅଂଶଗ୍ରହଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏହି ଐତିହାସିକ ରୌପ୍ୟ ଜୟନ୍ତୀ ମହୋତ୍ସବରେ ରାଜ୍ୟର ସମସ୍ତ ନିଗମ, ସ୍ୱୟଂଶାସିତ ଓ ସମବାୟ ସଂସ୍ଥାର କର୍ମଚାରୀମାନଙ୍କର ଯୋଗଦାନ ସହ ମହାସଂଘର ୨୫ ବର୍ଷର ସଂଘର୍ଷ, ସଫଳତା, ଏକତା ଓ ଗୌରବମୟ ଯାତ୍ରାକୁ ସ୍ମରଣୀୟ କରାଯିବ ବୋଲି ସଭାରେ ସୂଚନା ଦିଆଯାଇଛି। ସଭାରେ ମହାସଂଘର ଉପଦେଷ୍ଟା ମୁକ୍ତିକାନ୍ତ ମହାପାତ୍ର, ନଟବର ଆଚାର୍ଯ୍ୟ, ପ୍ରଫୁଲ୍ଲ କୁମାର ଦାସ, ମହାସଚିବ ପ୍ରଭାତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ।

# ରଥପାଇଁ ମିଳୁନାହାନ୍ତି କାରିଗର

**ବଢୁଛି ରଥ ସଂଖ୍ୟା, କମୁଛନ୍ତି ମହାରଣା ସେବକ**

ଭୁବନେଶ୍ୱର, ୨୯।୬(ସମିସ): ବଢେଇ କୁଳ ଭାବ ଆଉ ଭକ୍ତିର ସହକାରେ ଲାଗିଛନ୍ତି ରଥଗଢ଼ା କାମରେ। ନିର୍ଦ୍ଧାରିତ ସମୟ ପୂର୍ବରୁ କିଭଳି ରଥକାମ ସରିବ ଏବଂ ଶ୍ରୀଜୀଉମାନେ ରଥାରୁଢ଼ ହୋଇ ଘୋଷଯାତ୍ରାରେ ବାହାରିବେ। ହେଲେ ବର୍ତ୍ତମାନ ସମୟରେ ରଥଯାତ୍ରା ଏବଂ ରଥର ପରିମାଣ ଯେତିକି ବଢୁଛି ପ୍ରକାରନ୍ତେ ରଥ କାରିଗରଙ୍କ ସଂଖ୍ୟା କ୍ରମେ ହ୍ରାସ ପାଇବାରେ ଲାଗିଛନ୍ତି। ଫଳରେ ଆୟୋଜକମାନଙ୍କୁ ଏବେ ଜିଲ୍ଲା ବାହାରରୁ କାରିଗରଙ୍କ ଉପରେ ନିର୍ଭର କରିବାକୁ ପଡୁଛି।

ମହାପ୍ରଭୁଙ୍କ ପାଇଁ ନିଜକୁ ସମର୍ପି ଦେଇ କାରିଗରମାନେ ପିଢ଼ି ପରେ ପିଢ଼ି ଏଇ ସେବାରେ ନିୟୋଜିତ ଅଛନ୍ତି। ଯେଉଁ ରଥରେ ବସି ଦାରୁଦିଅଁ ଭକ୍ତଙ୍କୁ ଦିଅନ୍ତି ଦର୍ଶନ। ଦିନ ଗଡ଼ିବା ସହ ରଥ ଗଢା ମଧ୍ୟ ଆଗେଇ ଚାଲିଛି। କାମରେ ନିମଗ୍ନ କାରିଗର ଗଢି ଚାଲିଛି ଭାବର ରଥ। ସେହିପରି ରାଜଧାନୀରେ ମଧ ବିଭିନ୍ନ ସ୍ଥାନରେ ରଥ ପ୍ରସ୍ତୁତି ଆଗେଇ ଚାଲିଛି। ନୂଆପଲ୍ଲୀ ଇସ୍କନ ମନ୍ଦିର, ଖଣ୍ଡଗିରିର ଧର୍ମ ବିହାରସ୍ଥିତ ଜଗନ୍ନାଥ ମନ୍ଦିର, ଆରସିଏମ ଜଗନ୍ନାଥ ମନ୍ଦିର, ପୁରୁଣା ଭୁବନେଶ୍ୱର ଜଗନ୍ନାଥ ମନ୍ଦିର ଏବଂ ଆଖପାଖରେ ଥିବା ଅନ୍ୟ ଛୋଟ ବଡ ଜଗନ୍ନାଥ ମନ୍ଦିରରେ ମଧ୍ୟ ରଥ ପ୍ରସ୍ତୁତି ହେଉଛି। ପ୍ରତି ରଥ ନିକଟରେ ୮ ରୁ ୧୦ ଜଣ ଲେଖାଏଁ କାରିଗର କାମରେ ଲାଗିଛନ୍ତି। ଏମାନେ ମୁଖ୍ୟତଃ ପୁରୁଣା ଭୁବନେଶ୍ୱର ଏବଂ ଆଇଗିଣିଆ, ବରମୁଣ୍ଡା ଏବଂ ଏକ ନମ୍ବର ବଢେଇ ସାହିରେ କିଛି କାରିଗର ରହିଛନ୍ତି। ଯେଉଁମାନେ ପିଢି ପର ପିଢି ଧରି ରଥ କାର୍ଯ୍ୟରେ ନିଜକୁ ସମର୍ପିବା ସହ ଏହି ପ୍ରଥାକୁ ବଜାୟ ରଖିଛନ୍ତି। ଏହି କାମକୁ ନିଜ ଜୀବିକା କରିଥିବା ପୁରୁଣା ଭୁବନେଶ୍ୱରର ଜଣେ କାରଗିର ପ୍ରକାଶ ମହାରଣା କୁହନ୍ତି, ଏହି କାମରେ ଆନନ୍ଦ ମିଳେ। ପ୍ରାପ୍ୟ ଯେତିକି ମିଳୁ ନା କାହିଁକି ରଥ କାମରେ ହେଳା କରାଯାଏନି। ନିଜ ଅନୁଭୂତିରୁ ସିଏ କୁହନ୍ତି ୧୫ ବର୍ଷ ତଳେ ରାଜଧାନୀରେ ପ୍ରାୟ ୨ ଶହରୁ ଅଧିକ ରଥ କାରିଗର ରହିଥିବା ବେଳେ ଏବେ ମାତ୍ର ୪୦ ରୁ ୫୦ ଜଣ କାରିଗର ରଥ ନିର୍ମାଣ ଏବଂ ମରାମତି କରୁଛନ୍ତି। ବାପା, ଦାଦା, ଭାଇଙ୍କ ପରେ ସିଏ ଏବଂ ତାଙ୍କ ପୁଅ ଏହି ରଥ ଗଢ଼ା କାମ କରୁଛନ୍ତି। ଏହି କାମରେ ଦିନକୁ ପାଖାପାଖି କାମ ଏବଂ ଲୋକ ସଂଖ୍ୟା ଅନୁଯାୟୀ ପ୍ରାପ୍ୟ ମିଳିଥାଏ। ବର୍ତ୍ତମାନ ସମୟରେ ଦୁଇ ବେଳା କାମ କରି ତାଙ୍କୁ ହଜାରେ ଟଙ୍କା ମିଳୁଛି। ରଥ ନିର୍ମାଣରେ ପାଖାପାଖି ୨୪ ଦିନ ସମୟ ଲାଗିଥାଏ। କାରିଗରଙ୍କ ସଂଖ୍ୟା କମିବାରୁ କିଛି ସ୍ଥାନରେ ବାହାରୁ କାରିଗରଙ୍କୁ ଅଣାଯାଉଥିବା ଦେଖିବାକୁ ମିଳୁଛି। ରଥ ଗଢା କାମ ବର୍ଷରେ ଥରେ ମିଳିଥାଏ ତେଣୁ ଅନ୍ୟ ସମୟରେ ଅଲଗା କାମ ଖୋଜିବାକୁ ପଡ଼ିଥାଏ। ସେ ମଧ ଅନ୍ୟ ସମୟରେ ଫର୍ଣ୍ଣିଚର ଆଦି ତିଆରି କରି ରୋଜଗାରର ମାଧ୍ୟମ କରିଥାନ୍ତି। ବର୍ତ୍ତମାନର ପିଢି ଏହି କାର୍ଯ୍ୟ ପାଇଁ ସେତେ ଇଚ୍ଛୁକ ନୁହନ୍ତି ତେଣୁ ନୂଆ କାରିଗର ଏହି କ୍ଷେତ୍ରରେ ଆସୁ ନାହାନ୍ତି।



**୩ୟ ଦିନରେ ଡିଆରସିଏସ୍ ଅଫିସ ଆଗରେ ଚାଷୀଙ୍କ ଧାରଣା**

# ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳ ଦେଲେ ପ୍ରତିଶ୍ରୁତି





**ଏସ୍‌ପିଙ୍କ ସହ ଚାଷୀ ସଂଗଠନର ଆଲୋଚନା**

ବରଗଡ଼,୨୯।୬(ସମିସ): ଟୋକନ ଦାବିରେ ତୃତୀୟ ଦିନ ଜିଲ୍ଲା ଉପନିବନ୍ଧକ ଅଫିସ ସମ୍ମୁଖରେ ସଂଯୁକ୍ତ କୃଷକ ସଂଗଠନର ଧାରଣା ଚାଲିଛି। ବରଗଡ଼ ଜିଲ୍ଲାରେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଟୋକନ ପାଇବାରୁ ବର୍ତ୍ତମାନ ସୁଦ୍ଧା ବଞ୍ଚିତ ଅଛନ୍ତି। ସରକାରଙ୍କ ଧାନ ସଂଗ୍ରହ ନୀତି ଅନୁଯାଇ ଆସନ୍ତା କାଲି ଠାରୁ ଧାନ କିଣା ବନ୍ଦ ହେବ ତାହାହେଲେ ବଞ୍ଚିତ ଥିବା କୃଷକମାନେ କେମିତି ଧାନ ବିକ୍ରି କରିବେ ଏବଂ ଅଧିକାଂଶ ଚାଷୀଙ୍କ ଜମି ତୁଳନାରେ କମ ଟୋକନ ଆସିଛି। ପ୍ରତ୍ୟେକ ଦିନ ଶହଶହ ଚାଷୀ ଅଫିସ ଦୌଡୁଛନ୍ତି ଟୋକନ ଆଶାରେ ହେଲେ କୌଣସି ଫଳ ନାହିଁ। ସକାଳ ୧୦ରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ସଂଯୁକ୍ତ କୃଷକ ସଂଗଠନ ତରଫରୁ ଟୋକନ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଜିଦ୍‌ରେ ବସିଛନ୍ତି। ତୃତୀୟ ଦିନରେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ଆଲୋଚନା ପାଇଁ ନ ଆସିବାରୁ ସଂଗଠନର ନିଷ୍ପତ୍ତି କ୍ରମେ ସନ୍ଧ୍ୟାରେ ଏସ୍‌ପି ରବିନାରାୟଣ ଶତପଥୀଙ୍କୁ ଭେଟି ଜିଲ୍ଲାର ଚାଷୀଙ୍କ ଟୋକନ ସମସ୍ୟା ଓ ଧାନ ବିକ୍ରି ପ୍ରସଙ୍ଗରେ ଅବଗତ କରିଛନ୍ତି। ଏସ୍‌ପି ରବିନାରାୟଣ ଶତପଥୀ, ଅତିରିକ୍ତ ଏସ୍‌ପି ଡୋଲମଣୀ ଭୋଇ, ଅତିରିକ୍ତ ଏସ୍‌ପି ଶିବ ପ୍ରସାଦ ବିଶ୍ୱାଳ ଏବଂ ଚାଷୀ ପ୍ରତିନିଧି ରମେଶ ମହାପାତ୍ର, ସୁରେଶ ନିକେଣ୍ଟି, କରନ ସାହୁ, ଭିଜନ ପାଢ଼ୀ, ଧର୍ମେନ୍ଦ୍ର ଦେହୁରୀ, ନିରଞ୍ଜନ ପଧାନ, ସୁଦାମ ପାତ୍ର ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏସ୍‌ପି ମଙ୍ଗଳବାର ଦିନ ଆପଣମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ଅନ୍ୟପଟେ ଆନ୍ଦୋଳନରତ ଚାଷୀମାନେ ସନ୍ଧ୍ୟାରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଭେଟି ବ୍ୟକ୍ତିଗତ ଭାବରେ ଅଭିଯୋଗ କରିବାରୁ ପୁଣି ଥରେ ଜିଲ୍ଲାରେ ବଞ୍ଚିତ ଥିବା ଚାଷୀଙ୍କ ଟୋକନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ସ୍ନାନ ପରେ ହାତୀ ବେଶରେ ଚତୁର୍ଦ୍ଧା ମୂର୍ତ୍ତି



ଭଟଲି,୨୯।୬(ସମିସ): ପଶ୍ଚିମ ଓଡିଶାର ଶ୍ରୀକ୍ଷେତ୍ର ଭାବେ ପରିଚିତ ଭଟଲି ପୀଠାଧିଶ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି। ସ୍ନାନ ପରେ ଭକ୍ତମାନଙ୍କୁ ହାତୀବେଶରେ ଦର୍ଶନ ଦେଇଥିଲେ ଠାକୁର। ସୋମବାର ଦୈନିକ ପୂଜାନୀତି ପରେ ପ୍ରଭୁ ଶ୍ରୀ ଦଧିବାମନ ରତ୍ନ ସିଂହାସନ ଛାଡ଼ି ସ୍ନାନ ମଣ୍ଡପକୁ ବିଜେ କରିଥିଲେ। ସୁବାସିତ ୧୦୮ ଗଡୁ ଜଳରେ ସ୍ନାନ ପରେ ମହାପ୍ରଭୁଙ୍କୁ ଦକ୍ଷିଣ ଦିଗକୁ ମୁଖାରବିନ୍ଦ କରି ବିଭୀଷଣ ବନ୍ଦାପନା କରାଯାଇଥିଲା। ଏହି ଅବସରରେ ପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଙ୍କୁ ହାତୀ ବେଶରେ ସଜା ଯାଇଥିଲା। ପରେ ପ୍ରଭୁ ଶ୍ରୀ ଦଧିବାମନ ଅଣସର ପିଣ୍ଡିରେ ବିଜେ କରିଥିଲେ।

### ନୃସିଂହନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା



**ପାଇକମାଲ:** ନୃସିଂହନାଥ ମନ୍ଦିରରେ ତିନି ଠାକୁରଙ୍କୁ ପହଣ୍ଡିରେ ସ୍ନାନ ମଣ୍ଡପକୁ ଅଣାଯାଇ ୧୦୮ କଳସ ପାଣି ଏକ ପିତଳ ହଣ୍ଡାରେ ଭର୍ତ୍ତି କରି ହଳଦୀ, ଅଗୁରୁ, ଚନ୍ଦନ, ଇତ୍ୟାଦି ସୁବାସିତ ଦ୍ରବ୍ୟ ମିଶାଇ ସ୍ନାନ କରାଯାଇଥିଲା। ମନ୍ଦିର କାର୍ଯ୍ୟନିର୍ବାହି ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଏହି ଉତ୍ସବକୁ ପରିଚାଳନା କରିଥିଲେ। ପ୍ରଥମେ ମନ୍ଦିର କର୍ମଚାରୀମାନେ ଓ ଉପସ୍ଥିତ ଭକ୍ତମାନେ ସ୍ନାନ କରାଇଥିଲେ। କର୍ତ୍ତା ଭାବେ ଆଜାଦ ମାଝି ଦାୟିତ୍ୱ ତୁଲାଇଥିଲେ। ନୃସିଂହନାଥ ବ୍ରାହ୍ମଣ ସମାଜ ସଭାପତି ଗିରିଶ ଚନ୍ଦ୍ର ନାୟକ, ମାତୃପ୍ରସାଦ ରଥ, ମନ୍ଦିର ସେବାୟତ ସୁବୋଧ ପଣ୍ଡା, ଶଙ୍କର ଦାସ, ଜେକି ସରାଫ ପ୍ରମୁଖ ଯୋଗଦାନ କରି ତନି ଠାକୁରଙ୍କୁ ସ୍ନାନ କରାଇଥିଲେ।

### ଖଜୁରଟିକ୍ରା ଜଗନ୍ନାଥ ମନ୍ଦିର



**ବରଗଡ଼:** ଖଜୁରଟିକ୍ରା ସ୍ଥିତ ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ନାନ ପରେ ପ୍ରଭୁଙ୍କୁ ଚନ୍ଦନ ଲାଗି ସହ ପୁଷ୍ପାଭିଷେକ କରାଯାଇଥିଲା। ପରେ ଗଜାନନ ବେଶରେ ପ୍ରଭୁଙ୍କୁ ସୁସଜ୍ଜିତ କରାଯାଇ ମଙ୍ଗଳ ଆଳତି କରାଯାଇଥିଲା। ଏହି ସମୟରେ ମନ୍ଦିର ପୂଜକ ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ ସୁରେଶ ଗନ୍ତାୟତ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ପବିତ୍ର ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଓ ଧର୍ମପତ୍ନୀ କଳ୍ପନା ଷଡଙ୍ଗୀ ଉପସ୍ଥିତ ରହି ପ୍ରଭୁଙ୍କୁ ସ୍ନାନ କରାଇଥିଲେ।

## ଅତୁଲ୍ୟ ଶିକ୍ଷା କେନ୍ଦ୍ର ଆନୁକୂଲ୍ୟରେ ମେଧା ପରୀକ୍ଷା



ଭଟଲି,୨୯।୬(ସମିସ): ଭଟଲି ରୋଡ଼ ସ୍ଥିତ ଅତୁଲ୍ୟ ଶିକ୍ଷା କେନ୍ଦ୍ର ଆନୁକୁଲ୍ୟରେ ସ୍ଥାନୀୟ ରାଣା ପ୍ରତାପ ସ୍କୁଲରେ ଛାତ୍ରଛାତ୍ରୀଙ୍କ ମେଧା ପରୀକ୍ଷା ଅନୁଷ୍ଠିତ ହୋଇ ଯାଇଛି। ଶିକ୍ଷକ ସତ୍ୟେନ୍ଦ୍ରିୟ ଦେବତା, ଶିକ୍ଷୟିତ୍ରୀ ଅନନ୍ୟା ଅନିଶା ଦେବତା, ରିମା ସାହୁ ପ୍ରମୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଧା ପରୀକ୍ଷାରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୭୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସାଲିନୀ ସା, ସାଇ ସ୍ୱରୂପ, ସୋହନ ପ୍ରକାଶ ସାହୁ, କ୍ରିଷ୍ଟିନା ମେହେର, ରୁଚି ମାଝୀ ପ୍ରମୁଖ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ, ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ୍, ଶିକ୍ଷୟିତ୍ରୀ ଜ୍ୟୋସ୍ନା ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

● **ଆଇଏମ୍ଏ ବରଗଡ଼ ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚିତ**

## ଡାକ୍ତର ସୁବଳ କିଶୋର ସଭାପତି




ବରଗଡ଼,୨୯।୬(ସମିସ): ବରଗଡ଼ ସହରସ୍ଥିତ ହୋଟେଲ ଗଣପତି ଠାରେ ଇଣ୍ଡିଆନ୍ ମେଡିକାଲ ଆସୋସିଏସନ୍ ବରଗଡ଼ ଶାଖାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ରବିବାର ଆୟୋଜିତ ଏହି ସଭାରେ ସଂଗଠନର ନୂତନ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ନୂତନ ସଭାପତି ଭାବେ ଡାକ୍ତର ସୁବଳ କିଶୋର କର, ଉପ ସଭାପତି ଡାକ୍ଟର ଦିବ୍ୟ କିଶୋର ପତି, ସମ୍ପାଦକ ଡାକ୍ତର କୃଷ୍ଣ ବଲ୍ଲଭ ମହାନ୍ତି, ସହ ସମ୍ପାଦକ ଭାବେ ଡାକ୍ତର ସଞ୍ଜୀବ ଦାଶ, କୋଷାଧ୍ୟକ୍ଷ ଭାବେ ଡାକ୍ତର ପ୍ରବୀଣ ଅଗ୍ରୱାଲ ନିର୍ବାଚିତ ହୋଇଛନ୍ତି। ନିର୍ବାଚିତ ପରେ ଡାକ୍ତର କର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇବା ସହ ନୂତନ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ବରଗଡ଼ର ବହୁ ବରିଷ୍ଠ ଚିକିତ୍ସକ ଓ ଆଇଏମଏ ସଦସ୍ୟ ଉପସ୍ଥିତ ରହି ନୂତନ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ଅସୁସ୍ଥ ପଦ୍ମଶ୍ରୀ ଭାଗବତ ପ୍ରଧାନଙ୍କୁ ଭେଟିଲା ମହିଳା ସମିତି



ବରଗଡ,୨୯।୬(ସମିସ): ବରପାଲି ବ୍ଲକ କୁମ୍ଭାରୀ ଗ୍ରାମରେ ବିଶିଷ୍ଟ ଲୋକକଳାକାର ତଥା ଶବ୍ଦନୃତ୍ୟ ଗୁରୁ ପଦ୍ମଶ୍ରୀ ଭାଗବତ ପ୍ରଧାନ ଅସୁସ୍ଥ ଥିବା ଖବର ପାଇ ବରଗଡ଼ ମହିଳା ସମିତିର ଏକ ପ୍ରତିନିଧି ଦଳ ତାଙ୍କ ବାସଭବନକୁ ଯାଇ ଭେଟିଥିଲେ। ସମିତି ପକ୍ଷରୁ ତାଙ୍କ ଶୀଘ୍ର ଆରୋଗ୍ୟ ଏବଂ ଦୀର୍ଘ ଜୀବନ କାମନା କରାଯାଇଥିଲା। ଏହି ଅବସରରେ ତାଙ୍କୁ ଉପଢୌକନ ଓ ଲେମ୍ବୁ ଗଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିନିଧି ଦଳରେ ସମିତିର ସଭାପତି ମନ୍ଦାକିନୀ ପତି, ସମ୍ପାଦିକା ରିନୁ ପତି ଏବଂ ବରିଷ୍ଠ ସଦସ୍ୟା ଅଞ୍ଜନା ଦାସ ଓ ମମତା ମିଶ୍ର ସାମିଲ ଥିଲେ।

## ଲିଟିଲ୍ ଏଞ୍ଜେଲ୍ସ ପବ୍ଲିକ ସ୍କୁଲର ଅଭିଷେକୋତ୍ସବ



ବରପାଲି,୨୯।୬(ସମିସ): ବରପାଲି ଲିଟିଲ୍ ଏଞ୍ଜେଲସ ପବ୍ଲିକ ସ୍କୁଲରେ ଛାତ୍ର ପରିଷଦ ଅଭିଷେକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ପ୍ରଦୀପ ପ୍ରଜ୍ୱଳନ ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସିନିୟର ସେକେଣ୍ଡରୀ ଅଧ୍ୟକ୍ଷ ଦିଲ୍ଲିପ କୁମାର ମିଶ୍ର, ପ୍ରାଇମେରୀ ଓ ମିଡିଲ ବିଭାଗର ଅଧ୍ୟକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧ୍ୟକ୍ଷ ସୁଶୀଲ କୁମାର ରଥ, ପ୍ରଶାସନିକ ଅଧିକାରୀ ମିନତୀ ପ୍ରଧାନ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଗଜାଲା ଅଞ୍ଜୁମଙ୍କ ସ୍ୱାଗତ ସମ୍ଭାଷଣ ପରେ ମିନତୀ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଛାତ୍ରୀମାନଙ୍କଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ ନବଗଠିତ ଛାତ୍ର ପରିଷଦର ସଭ୍ୟମାନଙ୍କ ପରିଚୟ ପ୍ରଦାନ କରାଗଲା। ବିଦ୍ୟାଳୟ ପ୍ରିଫେଟ୍ ଅଦିତି ଅପର୍ଣ୍ଣା ସିଂହ, କମାଣ୍ଡର ଶ୍ରଦ୍ଧା ମେହେର ସହ ରକ୍ ଦଳର ଅଧିନାୟକ ଝାନ୍‌ସି ବନ୍‌ଛୋର ଓ ଉପ ଅଧିନାୟକ ସ୍ୱୟନ୍ ସିଦ୍ଧା ପଧାନ, ସାମ୍ ଦଳର ଅଧିନାୟକ ସମୀକ୍ଷା ସାହୁ ଓ ଉପ ଅଧିନାୟକ ରାଜଶ୍ରୀ ଭୋଇ, ଯଜୁଃ ଦଳର ଅଧିନାୟକ ସ୍ମାଇଲ ବଡପଣ୍ଡା ଓ ଉପ ଅଧିନାୟକ ନିମେଶ ଅଗ୍ରହାରୀ, ଅଥର୍ବ ଦଳର ଅଧିନାୟକ ଡଲି ସୁନା ଓ ଉପ ଅଧିନାୟକ ଜାଗୃତି ମୁଣ୍ଡ ନବଗଠିତ ସଭ୍ୟଗଣଙ୍କ ସହ ଦଳ ଗୁଡ଼ିକର ଇନଚାର୍ଜ ସାବିତ୍ରୀ ମିଶ୍ର, ମନୋଜ ଗହୀର, ରୂପେଲିନୀ ସାହୁ ଓ ଦେବାନନ୍ଦ ସାହୁଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶିକା ନବଗଠିତ ସଭ୍ୟଙ୍କ ଶପଥ ପାଠ କରାଇଥିଲେ।

## ଭାରତ ବିକାଶ ପଦ୍ମପୁରର ପ୍ରତିଷ୍ଠାତା ସୁରଜ ପ୍ରକାଶଙ୍କ ଜୟନ୍ତୀ




ପଦ୍ମପୁର,୨୯।୬(ସମିସ): ସ୍ଥାନୀୟ ଶିଶୁ ମନ୍ଦିର ଠାରେ ସଭାପତି ଜୟନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଭାରତ ବିକାଶ ପରିଷଦର ପ୍ରତିଷ୍ଠାତା ଡକ୍ଟର ସୁରଜ ପ୍ରକାଶ ଜୟନ୍ତୀ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କମଳାକାନ୍ତ ପାଣିଗ୍ରାହୀ ମୁଖ୍ୟବକ୍ତା ଏବଂ ସମାଜସେବୀ ଶାନ୍ତନୁ ପାଣିଗ୍ରାହୀ ଯୋଗଦାନ କରିଥିଲେ। ଡକ୍ଟର ବାଞ୍ଛାନିଧି ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ପୃଥ୍ୱୀରାଜ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅଧାପକ ଦିବ୍ୟ କିଶୋର ପଣ୍ଡା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜୟଦେବ ବେହେରା, ସଦାନନ୍ଦ ପୁରୋହିତ, ଡକ୍ଟର ଜୟକୃଷ୍ଣ ପଟେଲ, ଚନ୍ଦ୍ରଶେଖର ପୁରୋହିତ, ଚୌବନ ସ୍ୱାଇଁ, ସ୍ୱରୂପ ପୁରୋହିତ, ହିମାଂଶୁ ତ୍ରିପାଠୀ, ଶିବପ୍ରସାଦ ସା ପ୍ରମୁଖ ସହଯୋଗ କରିଥିଲେ।

## ଭାରତ ମାତା ମନ୍ଦିର ପାଇଁ ଭୂମି ପୂଜନ




ଅତାବିରା,୨୯।୬(ସମିସ): ମାତା ମନ୍ଦିର ପାଇଁ ଭୂମି ପୂଜନ ଉତ୍ସବ ସମ୍ପନ୍ନ ହୋଇଯାଇଛି। ବରଗଡ଼ ଓ ସମ୍ବଲପୁର ଜିଲ୍ଲାର ୧୨୭ଟି ସାମାଜିକ, ରାଷ୍ଟ୍ରୀୟ ତଥା ଆଧ୍ୟାତ୍ମିକ ସଂଗଠନ ଅଂଶଗ୍ରହଣ କରିଥିଲେ। କବି ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ଭାଗବତ ପଧାନ, ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ, ଅମର ସହିଦ ମାଧୋ ସିଂହଙ୍କ ଦାୟାଦ ତାରକେଶ୍ୱର ସିଂହ ବରିହା, ପାହାଡ଼ଶ୍ରୀଗିଡା ଜମିଦାର ଜନାର୍ଦ୍ଦନ ସିଂହଙ୍କ ଦାୟଦ ହରଜିତ୍ ସିଂହ, ଆର୍‌ଏସ୍‌ଏସ୍ ପ୍ରାନ୍ତ ସଂଘଚାଳକ ଡ. ସନାତନ ପ୍ରଧାନ, ପାନମୁରା ସ୍ୱାଧୀନତା ସଂଗ୍ରାମୀ ସଂଗଠନର ବରିଷ୍ଠ ପ୍ରମୁଖ ଗଣ, ତଥା ଅତାବିରା ବିଧାୟକ ନିହାର ମହାନନ୍ଦ ଉପସ୍ଥିତ ରହି ଉତ୍ସବର ଗାରିମା ବଢ଼ାଇଥିଲେ। ନ୍ୟାସ ତରଫରୁ ସୂଚନା ଦିଆଯାଇଛି ଯେ, ଯୋଗଦେଇଥିବା ସମସ୍ତ ସଂଗଠନର ନାମ ମନ୍ଦିର ପ୍ରାଙ୍ଗଣରେ ଏକ ଗୌରବ ସ୍ମାରକୀ ଫଳକରେ ଲିପିବଦ୍ଧ କରାଯିବ। କାର୍ଯ୍ୟକ୍ରମ ପରେ ଆସନ୍ତା ଜୁଲାଇ ମାସରୁ ପ୍ରତିଟି ତୀର୍ଥକ୍ଷେତ୍ର ଓ ଗ୍ରାମରୁ ମାଟି ସଂଗ୍ରହ ଅଭିଯାନ ଆରମ୍ଭ ହୋଇ ଅକ୍ଟୋବରରେ ଶିଳାନ୍ୟାସ ସହ ୧୦୮ ଫୁଟ ଉଚ୍ଚ ଭଗୱା ଧ୍ୱଜା ସ୍ଥାପନ କରାଯିବ।

## ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର



ଗାଇସିଲେଟ,୨୯।୬(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମେତ ଉପଜିଲ୍ଲାପାଳ ହେମସାଗର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ ଏବଂ ବ୍ଲକ ଅଧ୍ୟକ୍ଷ ପ୍ରଣୟ କୁମାର ସାହୁ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୋଟ ୧୧୦ ଗୋଟି ଅଭିଯୋଗ ମଧ୍ୟରୁ ୭୮ଟି ବ୍ୟକ୍ତିଗତ ଏବଂ ୩୨ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଥିଲା। ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବାଲି ବୋଝେଇ ୨ ଟ୍ରାକ୍ଟର ଜବତ; ଦୁଇ କୋର୍ଟ ଚାଲାଣ

ଝାରବନ୍ଧ,୨୯।୬(ସମିସ): ଝାରବନ୍ଧ ପୁଲିସ ବେଆଇନ ଭାବେ ବାଲି ପରିବହନ କରାଯାଉଥିବା ଦୁଇଟି ଟ୍ରାକ୍ଟରକୁ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଛତିଶଗଡ଼ ରାଜ୍ୟର ମହାସମୁନ୍ଦ ଜିଲ୍ଲା ତେନ୍ଦୁକୋନା ଥାନା ଅନ୍ତର୍ଗତ ଶିକାରିପାଲି ଗ୍ରାମର ଗିରିଧାରୀ ଯାଦବ(୨୭) ଓ ବିଷ୍ଣୁ କୁମାର ସାହୁ(୩୩)। ସୂଚନା ଅନୁସାରେ, ଝାରବନ୍ଧ ଥାନା ଅଧୀନ ବଲାଙ୍ଗୀର ବାଲିଘାଟରୁ ବେଆଇନ ଭାବେ ବାଲି ଉଠାଇ ଛତିଶଗଡ଼କୁ ଚାଲାଣ କରାଯାଉଥିବା ସୂଚନା ପାଇ ଝାରବନ୍ଧ ପୁଲିସ ଚଢ଼ଉ କରି ୨ଟି ଟ୍ରାକ୍ଟର ଜବତ କରିଥିଲା। ଯାଞ୍ଚ ପରେ ଆବଶ୍ୟକ କାଗଜପତ୍ର ନଥିବାରୁ ପୁଲିସ ଦୁଇଟି ଟ୍ରାକ୍ଟରକୁ ଜବତ କରିଥିଲା। ଏ ନେଇ ଝାରବନ୍ଧ ଥାନାରେ ମାମଲା ରୁଜୁ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ଅଦାଲତକୁ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ। ଫଳକରେ ଲିପିବଦ୍ଧ କରାଯିବ। କାର୍ଯ୍ୟକ୍ରମ ପରେ ଆସନ୍ତା ଜୁଲାଇ ମାସରୁ ପ୍ରତିଟି ତୀର୍ଥକ୍ଷେତ୍ର ଓ ଗ୍ରାମରୁ ମାଟି ସଂଗ୍ରହ ଅଭିଯାନ ଆରମ୍ଭ ହୋଇ ଅକ୍ଟୋବରରେ ଶିଳାନ୍ୟାସ ସହ ୧୦୮ ଫୁଟ ଉଚ୍ଚ ଭଗୱା ଧ୍ୱଜା ସ୍ଥାପନ କରାଯିବ।

**ପ୍ରତିଶ୍ରୁତି ଦେଇ ଭୁଲିଗଲେ ସରକାର**

# ସେମିତି ପଡ଼ିଛି ସତୀଭଟା ଏୟାରଷ୍ଟ୍ରିପ୍






ପଦ୍ମପୁର,୨୯।୬ (ସମିସ): ଅଗମ୍ୟ ଅପହଞ୍ଚ ସ୍ଥାନକୁ ଆକାଶମାର୍ଗରେ ସଂଯୋଗ ତଥା ବ୍ୟବସାୟ ବାଣିଜ୍ୟରେ ଉନ୍ନତି ତଥା ପର୍ଯ୍ୟଟନ ବୃଦ୍ଧି ସହିତ ସାଧାରଣ ଲୋକଙ୍କୁ ସୁଲଭ ମୂଲ୍ୟ ଦରରେ ବିମାନ ସେବା ଯୋଗାଇଦେବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଉଡାନ (ଉଡେ ଦେଶ କି ଆମ୍ ନାଗରିକ) ଯୋଜନା। ସମସ୍ତ ଭିତ୍ତିଭୂମି ଓ ସରକାରଙ୍କ କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଏହି ଯୋଜନାରେ ସାମିଲ ହେବା ପାଇଁ ପଦ୍ମପୁରବାସୀ ଅପେକ୍ଷାରେ ରହିଛନ୍ତି। କେନ୍ଦ୍ର ସରକାରଙ୍କ ଏହି ଉଡାନ ଯୋଜନାରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ଏଆରଷ୍ଟ୍ରିପଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରିଛି; ମାତ୍ର ପଦ୍ମପୁର ସତିଭଟାର ଏହି ଏୟାରଷ୍ଟ୍ରିପ ଆଜି ମଧ୍ୟ ସେମିତି ପଡି ରହିଛି। ଏହାକୁ ଉଡାନ ଯୋଜନାରେ ସାମିଲ କରିବା ପାଇଁ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଗତ ୨୦୨୫ ଅପ୍ରେଲ ୨, ଜୁଲାଇରେ ଲାଗି ଲାଗ ୨ ଥର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମ ମୋହନ ନାଇଡୁଙ୍କୁ ଭେଟି ଲିଖିତ ଦାବି ଜଣାଇ ପ୍ରତିଶ୍ରୁତି ପାଇଥିଲେ। ଏ ପର୍ଯ୍ୟନ୍ତ କିନ୍ତୁ ଏହା କାର୍ଯ୍ୟକାରୀ ହୋଇପାରିନି। ୮୦ ଦଶକରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏହି ଏୟାରଷ୍ଟ୍ରିପରେ ଅବତରଣ କରିଥିଲେ। ଖାଲି ସେତିକି ନୁହେଁ; ବ୍ରିଟିଶ ସମୟରୁ ମଧ୍ୟ ଏଠାରୁ ବିମାନ ଅବତରଣ ଓ ଟେକଅପ୍ କରୁଥିଲା। ୩୪ ଏକର ସ୍ଥାନରେ ନିର୍ମାଣ ହୋଇଥିବା ଏହି ଏୟାର ଷ୍ଟ୍ରିପ୍‌ରେ ୧୭ଶହ ମିଟର ଲମ୍ବର ରନ୍‌ୱେ ବ୍ୟବସ୍ଥା କରାଯାଇଛି। ଏଠାରୁ ରାୟପୁର ଓ ଭୁବନେଶ୍ୱର ବିମାନବନ୍ଦର ଆକାଶମାର୍ଗରେ ଯଥାକ୍ରମେ ୭୩ ଏବଂ ୧୬୫ ନଟିକାଲ୍ ମାଇଲ ରହିଛି।

**୩ ଥର କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବରଗଡ଼ ସାଂସଦ**

# ଦୁଲ୍‌ହପାଲିକୁ ପକ୍କା ରାସ୍ତା ସ୍ୱପ୍ନ



ଅମ୍ବାଭୋନା, ୨୯।୬(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଭୁକ୍ତା ପଞ୍ଚାୟତର ଦୁଲ୍‌ହପାଲି ଗ୍ରାମବାସୀଙ୍କ ପାଇଁ ପକ୍କା ରାସ୍ତା ଆଜି ବି ସ୍ୱପ୍ନ ହୋଇ ରହିଛି। ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଛି; ହେଲେ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଉନ୍ନତି ହୋଇପାରିନାହିଁ। ଏହା ଗ୍ରାମବାସୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ବର୍ଷା ଋତୁ ଆସିଲେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼େ। କାଦୁଅ ଓ ପାଣି ଜମି ରହିବା ଫଳରେ ଯାତାୟାତ ପ୍ରାୟ ଅସମ୍ଭବ ହୋଇଯାଏ। ବିଶେଷକରି ସ୍କୁଲ ଓ କଲେଜ ଯାଉଥିବା ଛାତ୍ରଛାତ୍ରୀ, ରୋଗୀ, ଗର୍ଭବତୀ ମହିଳା ଏବଂ ବୃଦ୍ଧବୃଦ୍ଧା ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ପାଇଁ ମଧ୍ୟ ଏହି ରାସ୍ତା ଏକ ବଡ଼ ବାଧକ ସାଜିଥାଏ। ଅମ୍ବାଭୋନା ବ୍ଲକ୍ ମୁଖ୍ୟାଳୟରୁ ଅଳ୍ପ ଦୂରତାରେ ଅବସ୍ଥିତ ହୋଇଥିଲେ ମଧ୍ୟ ଦୁଲ୍‌ହପାଲି ଗ୍ରାମ ଉନ୍ନୟନ କ୍ଷେତ୍ରରେ ଅବହେଳିତ ହୋଇ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରତିଦିନ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ କଲେଜ, ସାଧାରଣ ଲୋକମାନେ ବଜାର, ହସ୍ପିଟାଲ ଏବଂ ବିଭିନ୍ନ ବାଣିଜ୍ୟକ କାର୍ଯ୍ୟ ପାଇଁ ଯାତାୟାତ କରୁଛନ୍ତି। ଏହା ଗ୍ରାମର ଏକମାତ୍ର ପ୍ରବେଶ ପଥ ଓ ମୁଖ୍ୟ ସଂଯୋଗ ରାସ୍ତା। ଗ୍ରାମବାସୀ ଏହି ସମସ୍ୟା ସମ୍ପର୍କରେ ଭୁକ୍ତା ପଞ୍ଚାୟତ, ବ୍ଲକ୍ ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗକୁ ଏକାଧିକ ଥର ଅବଗତ କରାଇଛନ୍ତି। ଏହାସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ସମସ୍ୟା ଆହୁରି ଗୁରୁତର ହେବାର ଆଶଙ୍କା ଦେଖାଦେଇଛି। ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ ମଧ୍ୟ ବିପଦପୂର୍ଣ୍ଣ ହୋଇପଡ଼ିଛି। ସରକାର ଗ୍ରାମାଞ୍ଚଳର ବିକାଶ ଓ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଦୁଲ୍‌ହପାଲି ଭଳି ଗ୍ରାମ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ରହିବା ପ୍ରଶାସନିକ ଉଦାସୀନତାକୁ ପଦାରେ ପକାଉଛି। ବିକାଶର ଧାରାରେ ସମସ୍ତ ଗ୍ରାମକୁ ସାମିଲ କରିବା ନେଇ ସରକାର ବାରମ୍ବାର ଘୋଷଣା କରଛନ୍ତି; ହେଲେ ଦୁଲ୍‌ହପାଲିର ଏହି ସମସ୍ୟା ଏବେ ବି ଅମୀମାଂସିତ ରହିଯିବା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ଯଦି ଶୀଘ୍ର ରାସ୍ତା ନିର୍ମାଣ ଆରମ୍ଭ ନ ହୁଏ ତେବେ ଆନ୍ଦୋଳନର ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ପ୍ରସଙ୍ଗରେ ବରଗଡ଼ ଜିଲ୍ଲାପାଳ, ଜିଲ୍ଲା ପ୍ରଶାସନ ଏବଂ ସମ୍ପୃକ୍ତ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ପୂରଣ କରିବାକୁ ଦାବି ଜୋର୍ ଧରିଛି। ଗ୍ରାମବାସୀ ଆଶା ବ୍ୟକ୍ତ କରିଛନ୍ତି ଯେ ଏଥର ପ୍ରଶାସନ ସେମାନଙ୍କ ସମସ୍ୟାକୁ ଗୁରୁତର ସହ ନେଇ ଶୀଘ୍ର ସମାଧାନ ଲାଗି ପଦକ୍ଷେପ ଗ୍ରହଣ କରିବ।

# ସ୍ନାନବେଦୀରେ ଚତୁର୍ଦ୍ଧାମୂର୍ତ୍ତି
# ଗଜାନନ ବେଶରେ ଭକ୍ତଙ୍କୁ ଦେଲେ ଦର୍ଶନ

ସମ୍ବଲପୁର, ୨୯।୬ (ସମିସ)

ସମ୍ବଲପୁରରେ ଜ୍ୟେଷ୍ଠ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ମହାପ୍ରଭୁ ଜଗନ୍ନାଥଙ୍କ ସ୍ନାନଯାତ୍ରା ଆଜି ରାତିନୀତି ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହାପରେ ଚତୁର୍ଦ୍ଧା ମୂର୍ତ୍ତି ଗଜାନନ ବେଶରେ ସ୍ନାନବେଦୀରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଆଜି ସକାଳେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ତଥା ବିଧି ଓ ପରମ୍ପରା ଅନୁଯାୟୀ ଦେବସ୍ନାନ ନୀତି କରାଯାଇଥିଲା। ସନ୍ଧ୍ୟା ଆଳତୀ ପରେ ବିଗ୍ରହମାନଙ୍କୁ ଅଣସର ଘରକୁ ନିଆଯାଇଥିଲା। ସ୍ନାନବେଦୀରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ସମ୍ବଲପୁରର ସର୍ବପୁରାତନ ବ୍ରହ୍ମପୁରା ମନ୍ଦିରରେ ଆଜି ଭୋର୍ ପ୍ରାୟ ୪ଟାରେ ମଙ୍ଗଳ ଆଳତୀ ପରେ ବରୁଣଙ୍କୁ ଆବାହନ କରି ଗଙ୍ଗାଜଳ ଦେଇ ୧୦୮ ଗରିଆ ଜଳ ଆଶିଷ ସୂପକାରଙ୍କ ଘର କୂପରୁ ସେବାୟତମାନେ ଆଣିଥିଲେ। ଏହି କୂପ ବର୍ଷତମାମ ବନ୍ଦ ରହିଥାଏ। ଏହି ପରମ୍ପରା ବର୍ଷ ବର୍ଷ ଧରି ରହିଆସିଛି। ପାଣି ଆଣିବାପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଆଦି ନୀତିକାନ୍ତି କରାଯାଇ ଆଳତୀ କରାଗଲା। ଏହାପରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ସେନାପଟା ଲାଗି କରାଯାଇଥିଲା। ପରେ ପ୍ରାୟ ୮ଟାରେ ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତି ସ୍ନାନମଣ୍ଡପକୁ ବିଜେ କରିଥିଲେ। ପରେ ସ୍ନାନ ପୂଜାର ଆରମ୍ଭ ହୋଇଥିଲା। ପରମ୍ପରା ଅନୁଯାୟୀ, ୧୦୮ ଗରିଆ ଜଳରେ ଅଗୁରୁ, ସର୍ବୌଷଧି, ଚନ୍ଦନ, କର୍ପୁର ଗୋଲାପ ଜଳ, ସୁଗନ୍ଧିତ ଫୁଲ ମିଶ୍ରଣ କରାଯାଇ ଉକ୍ତ ପବିତ୍ର ସୁବାସିତ ଜଳରେ ବିଗ୍ରହମାନଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଗଜାନନ ବେଶ କରାଯାଇ ମହାଆଳତୀ କରାଯାଇଥିଲା। ରାତି ପର୍ଯ୍ୟନ୍ତ ଚତୁର୍ଦ୍ଧାମୂର୍ତ୍ତି ଗଜାନନ ବେଶରେ ଦର୍ଶନ ଦେଇଥିଲେ। ପରେ ରାତି ୯ଟାରେ ଅଣସର ଘରକୁ ବିଜେ କରିଥିଲେ। ପଣ୍ଡିତ ସନ୍ତୋଷ ପଣ୍ଡା ପୂଜାର୍ଚ୍ଚନା କରିଥିବାବେଳେ ଦଇତାପତି, ପହଣ୍ଡି ସେବାୟତଙ୍କ ସହ ବ୍ରହ୍ମପୁରା ମନ୍ଦିର କମିଟି କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।



ଝାଡ଼ୁଆପଡ଼ାର ଶ୍ରୀ ବ୍ରହ୍ମପୁରାଙ୍କ ସହିତ ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା, ହାଟପଡ଼ାର ସତ୍ୟବାଦୀ, ଦଲେଇପଡ଼ାର ମଦନମୋହନ ଓ ଲିଆଖାଇ, ନନ୍ଦପଡ଼ାର ଯଜ୍ଞବରାହ, ଗୁରୁପଡ଼ାର ଟିମିନି, ବାଲିବନ୍ଧାର କୋଠା ମହାପ୍ରଭୁ, ମୁଦିପଡ଼ାର ଜଗନ୍ନାଥ, ମଠପାଲିର ରାନିମଠ, ଭତରାର ରାମଜୀ ମଠ, ଧନୁପାଲି ଓ କମଲିବଜାରର ଗୋପାଲଜୀମଠର ଜଗନ୍ନାଥଙ୍କ ସହ ବୁଢ଼ାରଜା, ଧନକଉଡ଼ା, ଗୋଲବଜାର, କ୍ଷେତରାଜପୁର, ବଡ଼ବଜାର, ବାଲିବନ୍ଧାର ରଘୁନାଥଜୀଉ ମନ୍ଦିର, ସାକ୍ଷୀପଡ଼ାର ରାଧାମଦନ ଗୋପାଳ ମନ୍ଦିର ଆଦି ସମସ୍ତ ଜଗନ୍ନାଥ ମନ୍ଦିର ମାନଙ୍କରେ ଆଜି ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ମନ୍ଦିର କମିଟି ପକ୍ଷରୁ ସ୍ନାନପୂର୍ଣ୍ଣିମାରେ ଶ୍ରଦ୍ଧାଳୁଙ୍କ ଦର୍ଶନ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା।

# ଏମ୍‌ସିଏଲ୍ ପକ୍ଷରୁ ମହିଳାମାନଙ୍କ ପାଇଁ ଡ୍ରାଇଭିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ସମ୍ବଲପୁର, ୨୯।୬ (ସମିସ) :** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ମହିଳା ସଶକ୍ତିକରଣ ଏବଂ ଦକ୍ଷତା ବିକାଶ ଦିଗରେ ନିଜର ନିରନ୍ତର ପ୍ରୟାସ ଜାରି ରଖି ଏହାର ସମ୍ବଲପୁରସ୍ଥିତ ମୁଖ୍ୟାଳୟଠାରେ 'ୱିମେନ୍ ଇନ୍ ପବ୍ଲିକ୍ ସେକ୍ଟର' (ଡବ୍ଲୁଆଇପିଏସ୍) ର 'ସ୍ୱୟଂସିଦ୍ଧା' ପଦକ୍ଷେପ ଅଧୀନରେ ମହିଳା କର୍ମଚାରୀମାନଙ୍କ ପାଇଁ ଏକ ଡ୍ରାଇଭିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏମସିଏଲ୍‌ର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ଏବଂ ଜାଗୃତି ମହିଳା ମଣ୍ଡଳର ସଭାନେତ୍ରୀ ସୁବର୍ଣ୍ଣା କାଓଲେ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, ନିର୍ଦ୍ଦେଶକ (ଅର୍ଥ) ଏ.କେ. ବେହୁରା, ନିର୍ଦ୍ଦେଶକ (ବୈଷୟିକ) ଏସ୍.କେ. ଝାଙ୍କ ସମେତ ଜାଗୃତି ମହିଳା ମଣ୍ଡଳର ଉପସଭାନେତ୍ରୀଗଣ, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ, ୩୦ ଜଣ ମହିଳା କର୍ମଚାରୀଙ୍କୁ ସିମ୍ୟୁଲେଟର୍ ଆଧାରିତ ଏବଂ ଅନ୍-ରୋଡ୍ ଡ୍ରାଇଭିଂର ଏକ ସୁଚିନ୍ତିତ ମଡ୍ୟୁଲ୍ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ମହିଳା କର୍ମଚାରୀମାନଙ୍କୁ ଆବଶ୍ୟକୀୟ ଡ୍ରାଇଭିଂ ଦକ୍ଷତାରେ ନିପୁଣ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ। ଏହି ଅବସରରେ ଜାଗୃତି ମହିଳା ମଣ୍ଡଳର ଉପସଭାନେତ୍ରୀ ଅଞ୍ଜନା ଶୁକ୍ଳା ରାଓ ଡ୍ରାଇଭିଂକୁ ଏକ ଗୁରୁତ୍ୱପୂର୍ଣ୍ଣ ଜୀବନ କୌଶଳ ଭାବରେ ଅଭିହିତ କରି କହିଛନ୍ତି ଯେ, ଏହା ମହିଳାମାନଙ୍କ ଆତ୍ମନିର୍ଭରଶୀଳତାକୁ ବଢ଼ାଇବା ସହ ସାମାଜିକ ଓ ବୃତ୍ତିଗତ କ୍ଷେତ୍ରରେ ସେମାନଙ୍କୁ ଅଧିକ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସକ୍ଷମ କରିବ।




# ହୀରାକୁଦ ଏକ୍ସପ୍ରେସ୍ ୧୦ ଘଣ୍ଟା ବିଳମ୍ବ; ଯାତ୍ରୀ ହନ୍ତସନ୍ତ

**ସମ୍ବଲପୁର, ୨୯।୬ (ସମିସ) :** ସମ୍ବଲପୁରରୁ ନୂଆଦିଲ୍ଲୀ ପଟକୁ ଯାଉଥିବା ୨୦୮୦୭ ହୀରାକୁଦ ଏକ୍ସପ୍ରେସ୍ ଜୁନ୍ ୨୮ ତାରିଖରେ ୧୦ ଘଣ୍ଟାରୁ ଅଧିକ ବିଳମ୍ବରେ ପହଞ୍ଚିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏନେଇ ଆଇନଜୀବୀ ପ୍ରଶାନ୍ତ ପାଢ଼ୀ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳବୋର୍ଡ ଅଧ୍ୟକ୍ଷ ଏବଂ ଜିଏମ୍ ଇଷ୍ଟକୋଷ୍ଟ ରେଲୱେଙ୍କୁ ଚିଠି ଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଜୁନ୍ ୨୭ରେ ଏହି ଟ୍ରେନ୍ ସମ୍ବଲପୁରରୁ ଯାଇ ୨୮ ତାରିଖ ଅପରାହ୍ଣ ୨:୩୦ରେ ନୂଆଦିଲ୍ଲୀ ପହଞ୍ଚିବାର ଥିଲା, କିନ୍ତୁ ରାତି ପ୍ରାୟ ୧୦ଟାରେ ପହଞ୍ଚିଥିଲା। ଫଳରେ ଯାତ୍ରୀଙ୍କୁ ପ୍ରାୟ ୪୦ ଘଣ୍ଟା ଯାତ୍ରା କରିବାକୁ ପଡ଼ିଥିଲା। ଶ୍ରୀ ପାଢ଼ୀ ଅଭିଯୋଗ କରିଛନ୍ତି ଯେ, ୧୦ ଘଣ୍ଟାରୁ ଅଧିକ ବିଳମ୍ବ ଯୋଗୁଁ ଯାତ୍ରୀ ମାନଙ୍କୁ ମାନସିକ ଓ ଶାରୀରିକ ଯନ୍ତ୍ରଣା ଭୋଗିବାକୁ ପଡ଼ିଛି। ଏହାବ୍ୟତୀତ ହୀରାକୁଦ ଏକ୍ସପ୍ରେସ ନିୟମିତ ଭାବେ ୬ରୁ ୧୦ ଘଣ୍ଟା ବିଳମ୍ବରେ ଚାଲୁଛି, ତଥାପି ରେଳବିଭାଗ କୌଣସି ପଦକ୍ଷେପ ନେଉନାହିଁ। ଏନେଇ ବିଭାଗୀୟ ସହାୟତା ନାହିଁ, କୌଣସି ସୂଚନା, ଖାଦ୍ୟ ବ୍ୟବସ୍ଥା ବା ନୂଆଦିଲ୍ଲୀ ଷ୍ଟେସନରେ ରାତ୍ରି ସହାୟତା କେନ୍ଦ୍ର ନଥିଲା। ରାତି ୧୦ଟାରେ ଆଗକୁ ଯିବା ପାଇଁ ଗାଡ଼ି ପାଇବା ଯାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହୋଇଥିଲା। ରେଳମଦଦ୍‌ରେ ଅଭିଯୋଗ ପଞ୍ଜିକରଣ ପରେ ମଧ୍ୟ କୌଣସି ପ୍ରଭାବଶାଳୀ ସହାୟତା ମିଳିନଥିଲା। ଶ୍ରୀ ପାଢ଼ୀ ତାଙ୍କ ଚିଠିରେ ଦାବି କରିଛନ୍ତି ଯେ, ହୀରାକୁଦ ଏକ୍ସପ୍ରେସର ନିୟମିତ ବିଳମ୍ବ ପାଇଁ ଦାୟିତ୍ୱ ନିର୍ଦ୍ଧାରଣ କରାଯାଉ, ବିଳମ୍ବିତ ଟ୍ରେନଗୁଡ଼ିକରେ ପାଣି, ଖାଦ୍ୟ ଓ ଚିକିତ୍ସା ସୁବିଧା ସୁନିଶ୍ଚିତ କରାଯାଉ ଏବଂ ବଡ଼ ଷ୍ଟେସନଗୁଡ଼ିକରେ ରାତ୍ରି ସହାୟତା କେନ୍ଦ୍ର ଖୋଲାଯାଉ।

# ଅତିରିକ୍ତ ଭିଡ଼କୁ ଦୃଷ୍ଟିରେ ରଖି ଟ୍ରେନ୍‌ରେ ଅତିରିକ୍ତ କୋଚ୍ ସଂଯୋଗ

**ସମ୍ବଲପୁର, ୨୯।୬ (ସମିସ) :** ଆଗାମୀ ମାସରେ ବଢ଼ୁଥିବା ଯାତ୍ରୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ଏକ୍ସପ୍ରେସ ଟ୍ରେନ୍‌ରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୂଚନା ଅନୁଯାୟୀ, ଟ୍ରେନ ନଂ. ୧୮୩୦୧ ସମ୍ବଲପୁର-ରାୟଗଡ଼ା ଏକ୍ସପ୍ରେସ ଏବଂ ଟ୍ରେନ ନଂ ୧୮୩୦୨ ରାୟଗଡ଼ା-ସମ୍ବଲପୁର ଏକ୍ସପ୍ରେସରେ ଜୁଲାଇ ୧ ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ଚେୟାର କାର କୋଚ୍ ବୃଦ୍ଧି କରାଯିବ। ଟ୍ରେନ ନଂ ୨୦୮୩୨ ସମ୍ବଲପୁର-ଶାଳିମାର ଏକ୍ସପ୍ରେସରେ ଜୁଲାଇ ୨ ରୁ ୩୦ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନଂ ୨୦୮୩୧ ଶାଳିମାର-ସମ୍ବଲପୁର ଏକ୍ସପ୍ରେସରେ ଜୁଲାଇ ୩ ରୁ ୩୧ ତାରିଖ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଦିନଗୁଡ଼ିକରେ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ୍ କୋଚ୍ ସହିତ ଚାଲିବ। ଟ୍ରେନ ନଂ ୧୨୮୯୩ ଭୁବନେଶ୍ୱର-ପୁରୁଣାକଟକ ସୁପରଫାଷ୍ଟ ଏକ୍ସପ୍ରେସରେ ଜୁଲାଇ ୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ ନଂ ୧୨୮୯୪ ପୁରୁଣା କଟକ-ଭୁବନେଶ୍ୱର ସୁପରଫାଷ୍ଟ ଇଣ୍ଟରସିଟି ଏକ୍ସପ୍ରେସରେ ଜୁଲାଇ ୨ ରୁ ଅଗଷ୍ଟ ୧ ତାରିଖ ପର୍ଯ୍ୟନ୍ତ ଦୈନିକ ଭିତ୍ତିରେ ଦୁଇଟି ଅତିରିକ୍ତ ସାଧାରଣ ଦ୍ୱିତୀୟ ଶ୍ରେଣୀ କୋଚ୍ ସହିତ ଚାଲିବ। ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଯାତ୍ରୀମାନଙ୍କୁ ଅଧିକ ବର୍ଥ ସୁବିଧା ଯୋଗାଇବ ଏବଂ ଏହି ସମୟ ମଧ୍ୟରେ ବଢ଼ୁଥିବା ଯାତ୍ରୀଙ୍କ ଚାପକୁ ସମ୍ଭାଳିବାରେ ସହାୟକ ହେବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।

# ଭାରତ ବିକାଶ ପରିଷଦର କର୍ମଶାଳା

**ସମ୍ବଲପୁର, ୨୯।୬ (ସମିସ):** ପାନ୍ଥନିବାସଠାରେ ଭାରତ ବିକାଶ ପରିଷଦ, ସମ୍ବଲପୁର ଶାଖା ପକ୍ଷରୁ ଏକ ଶାଖାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କ୍ଷେତ୍ରୀୟ ସଂଗଠନ ସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, କ୍ଷେତ୍ରୀୟ ଯୁଗ୍ମ ମହାସଚିବ ପ୍ରକାଶ କୁମାର ପଟ୍ଟନାୟକ, କ୍ଷେତ୍ରୀୟ ସଂସ୍କାର ସଂଯୋଜକ ଡ. କଲ୍ୟାଣୀ ମିଶ୍ର, କ୍ଷେତ୍ରୀୟ ସମ୍ପର୍କ ସଂଯୋଜକ ଶ୍ୟାମସୁନ୍ଦର ଶର୍ମା, ପ୍ରାନ୍ତୀୟ ମହାସଚିବ ଦୁର୍ଯ୍ୟୋଧନ ସାହୁ, ପ୍ରାନ୍ତୀୟ ସଂଗଠନ ସଚିବ ସନ୍ତୋଷ ପଣ୍ଡାଙ୍କ ସମେତ ଅନ୍ୟ ପ୍ରାନ୍ତୀୟ ପଦାଧିକାରୀମାନେ ଯୋଗଦେଇ ପରିଷଦର ଇତିହାସ, ଲକ୍ଷ୍ୟ, ଦୃଷ୍ଟିକୋଣ, ପଞ୍ଚସୂତ୍ରୀ କାର୍ଯ୍ୟପଦ୍ଧତି ଏବଂ ସଂଗଠନ ସୁଦୃଢ଼ୀକରଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ମା' ଭାରତୀ ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଶାଖା ସଚିବ ସରୋଜ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶାଖା ସଭାପତି ହେମନ୍ତ କୁମାର ପ୍ରଧାନ ସ୍ୱାଗତଭାଷଣ ଦେଇଥିଲେ। ଭାରତ ବିକାଶ ପରିଷଦରେ ନୂତନ ଭାବରେ ଯୋଗଦେଇଥିବା ୯ ଜଣ ସଦସ୍ୟଙ୍କୁ କ୍ଷେତ୍ରୀୟ ଯୁଗ୍ମ ମହାସଚିବ ପ୍ରକାଶ କୁମାର ପଟ୍ଟନାୟକ ଶପଥ ପାଠ କରାଇଥିଲେ।

# ସମ୍ବଲପୁରୀ ନୃତ୍ୟ ଉପରେ ଦିନିକିଆ କର୍ମଶାଳା



**ସମ୍ବଲପୁର, ୨୯।୬ (ସମିସ) :** ବଡ଼ବଜାରସ୍ଥିତ ଦୁତିକା ସାହୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଗ୍ରଣୀ ଅନୁଷ୍ଠାନ 'ଲହରୀ' ପକ୍ଷରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଲୋକ ନୃତ୍ୟ, ଲୋକ ଗୀତ, ଲୋକ ସଙ୍ଗୀତ ଓ ଲୋକ କଳାର ସଂରକ୍ଷଣ ପାଇଁ ତଥା ଆଜିର ଯୁବପିଢ଼ି ମଧ୍ୟରେ ନିଜ ସଂସ୍କୃତିକୁ ଜାଣିବା ଏବଂ ଏହାର ସଂରକ୍ଷଣ ଦିଗରେ ସଜାଗ ରହିବା ପାଇଁ ଏକ କର୍ମଶାଳା ଓ ସେମିନାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାକୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତନୟ ପ୍ରଧାନ, ଶିକ୍ଷୟିତ୍ରୀ ସୁନିତା ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ 'ଲହରୀ' ଅନୁଷ୍ଠାନର ପ୍ରତିଷ୍ଠାତା ନୃତ୍ୟଗୁରୁ ଡ. ମୋହିତ କୁମାର ସ୍ୱାଇଁ ଏବଂ ଲୋକଗାୟିକା ପଦ୍ମିନୀ ଦୋରା ତଥା ଲହରୀ ସାଂସ୍କୃତିକ ଅନୁଷ୍ଠାନର ଛାତ୍ରଛାତ୍ରୀ ସଙ୍ଗୀତା ଭୋଇ, ଅଙ୍କିତା ବହିଦାର, କିରନ ସାହୁ, ଅଜୟ ସୁନା ପ୍ରମୁଖ ଲୋକ ସଂସ୍କୃତି ଉପରେ ଆଲୋଚନା କରିବାସହ ଡାଲଖାଇ ନୃତ୍ୟର ଅନେକ ଅଙ୍ଗଭଙ୍ଗୀ ଓ ପାଦଚାଳନା ଶିକ୍ଷା ଦେଇଥିଲେ। ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ସ୍କୁଲ ଓ କଲେଜ ମାନଙ୍କରେ ଅନୁଷ୍ଠାନ ପକ୍ଷରୁ ଏଭଳି କର୍ମଶାଳା ଆୟୋଜନ କରାଯିବ ବୋଲି ନୃତ୍ୟ ନିର୍ଦ୍ଦେଶକ ଡ. ସ୍ୱାଇଁ ସୂଚନା ଦେଇଛନ୍ତି।



ସ୍ନାନବେଦୀରେ ମୁଦିପଡ଼ା ଜଗନ୍ନାଥ ମହାପ୍ରଭୁ



କ୍ଷେତରାଜପୁର ଶ୍ରୀ ଜଗନ୍ନାଥ ମନ୍ଦିର

# ଜୁଲାଇରେ ମିଳିତ ଜନଅଭିଯୋଗ ଶୁଣାଣି

**ସମ୍ବଲପୁର, ୨୯।୬ (ସମିସ) :** ସମ୍ବଲପୁର ଜିଲ୍ଲାରେ ସମ୍ବଲପୁର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରା ମିଳିତ ଭାବେ ଆସନ୍ତା ଜୁଲାଇ ମାସରେ ବିଭିନ୍ନ ବ୍ଲକରେ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଏହି ଶୁଣାଣି ଜୁଲାଇ ୬ ତାରିଖରେ ଧନକଉଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୧୩ ତାରିଖରେ ଜମନକିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୨୦ ତାରିଖରେ ଯୁଯୋମୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ୨୭ ତାରିଖରେ ରେଢ଼ାଖୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ ଜଣାଇଛନ୍ତି। ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ନିଜର ଅଭିଯୋଗ ସହିତ ଉପସ୍ଥିତ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

# ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା ଏବଂ ଗଜାନନ ବେଶ



**ରେଢ଼ାଖୋଲ, ୨୯।୬(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ସୋମବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ଦେବସ୍ନାନ ପୂର୍ଣ୍ଣିମା ଏବଂ ଗଜାନନ ବେଶ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ରେଢ଼ାଖୋଲ ବ୍ରହ୍ମ ସମାଜ ଓ ଦେବୋତ୍ତର ବୋର୍ଡ଼ ମିଳିତ ଆନୁକୂଲ୍ୟରେ ଦେବସ୍ନାନ ପୂର୍ଣ୍ଣିମା ଏବଂ ଗଜାନନ ବେଶ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଶ୍ରୀଜୀଉ ମାନଙ୍କ ମଙ୍ଗଳ ଆଳତି, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜାପରେ ସେବାୟତମାନେ ମନ୍ଦିରର ରତ୍ନସିଂହାସନରୁ ତିନି ଠାକୁର ଓ ଦଧିବାମନଙ୍କୁ ପହଣ୍ଡି କରି ସ୍ନାନମଣ୍ଡପରେ ବିରାଜମାନ କରାଇଥିଲେ। ପରେ ସେଠାରେ ରୀତିନୀତି ଅନୁଯାୟୀ ସୁବାସିତ ଜଳରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସ୍ନାନ କରାଯିବାପରେ ଠାକୁରଙ୍କୁ ସୁସଜ୍ଜିତ ସୁନ୍ଦରମୟ ଗଜାନନ ବେଶ କରାଯାଇଥିଲା। ଶ୍ରୀଜୀଉଙ୍କୁ ସନ୍ଧ୍ୟା ଆଳତି ପରେ ଅଣସର ପିଣ୍ଡିକୁ ବିଜେ କରି ଗୁପ୍ତନୀତି କରାଯାଇଥିଲା।

# ପାରିବାରିକ କଳହରୁ ସ୍ତ୍ରୀଙ୍କୁ ହତ୍ୟା, ସ୍ୱାମୀ ଗିରଫ

**ସମ୍ବଲପୁର, ୨୯।୬(ସମିସ):** ପାରିବାରିକ କଳହରୁ ସ୍ତ୍ରୀକୁ ହତ୍ୟା କରିଥିବା ଅଭିଯୋଗରେ ସ୍ୱାମୀ ଗିରଫ। ସଦର ପୁଲିସ ପଦ୍ମୀହନ୍ତା ରଙ୍ଗିଆଟିକିର ସୁଡୁଙ୍ଗାର ଦିଲୁ ମୁଣ୍ଡ(୩୨)କୁ ଗିରଫ କରିଛି। ସୂଚନା ଅନୁସାରେ, ରବିବାର ରାତିରେ ପତ୍ନୀ ଅନିତା ଓରାମ(୩୦)ଙ୍କ ସହ ଦିଲୁର ଝଗଡ଼ା ହୋଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଦିଲୁ କାଠ ଫାଳିଆରେ ଅନିତାଙ୍କୁ ଆକ୍ରମଣ କରିଥିଲା। ମାତ୍ରାଧିକ ରକ୍ତସ୍ରାବ ହେବାରୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଅନିତାଙ୍କ ମୃତ୍ୟୁ ହୋଇଥିଲା। ଅଭିଯୋଗ ଅନୁସାରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ସମ୍ବଲପୁର ରେଳମଣ୍ଡଳର ପିଏନ୍‌ଏମ୍ ବୈଠକ

**ସମ୍ବଲପୁର, ୨୯।୬(ସମିସ):** ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସ ସମ୍ବଲପୁର ମଣ୍ଡଳ ଏବଂ ମଣ୍ଡଳ ରେଳ ପ୍ରଶାସନ ମଧ୍ୟରେ ଦୁଇ ଦିନିଆ ପିଏନ୍‌ଏମ୍ ବୈଠକ ଶେଷ ହୋଇଛି। ଡିଆରଏମ୍ ଅଫିସ୍ ସମ୍ମିଳନୀ କକ୍ଷରେ ଗତ ଜୁନ୍ ୨୪ ଏବଂ ୨୫ ତାରିଖରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ରେଳ କର୍ମଚାରୀଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଉପସ୍ଥାପିତ ୪୨ଟି ପ୍ରସ୍ତାବ ମଧ୍ୟରୁ ୩୩ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସକାରାତ୍ମକ ନିଷ୍ପତ୍ତି ନିଆଯାଇଛି। ଶ୍ରମିକ କଂଗ୍ରେସର ସମ୍ବଲପୁର ମଣ୍ଡଳ ସମନ୍ୱୟକାରୀ ମହମ୍ମଦ ରଫି, ସଂଗଠନର ସାଧାରଣ ସମ୍ପାଦକ ଆର. ସି. ସାହୁ ଏହି ଦାବି ଜଣାଇଥିଲେ। ଲାଇନ୍ କଡ଼ରେ ଥିବା ଛୋଟ ରେଳଷ୍ଟେସନ ଗୁଡ଼ିକରେ କାର୍ଯ୍ୟରତ ଏସଏଣ୍ଡଟି ଏବଂ ଇଞ୍ଜିନିୟରିଂ କର୍ମଚାରୀମାନଙ୍କ ପାଇଁ ରେଳବାଇ କ୍ୱାର୍ଟର ଯୋଗାଇ ଦେବାକୁ ପ୍ରଶାସନ ନୀତିଗତ ଭାବେ ସମ୍ମତି ପ୍ରକାଶ କରିଛି। କାର୍ଯ୍ୟରତ କର୍ମଚାରୀଙ୍କ କାର୍ଯ୍ୟଭାର ହ୍ରାସ କରିବା ଏବଂ ସୁରକ୍ଷିତ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିବା ପାଇଁ ନୂତନ ପଦ ସୃଷ୍ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ବାକି ରହିଥିବା ଓଭରଟାଇମ୍ ଭତ୍ତାକୁ ତୁରନ୍ତ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ମିଳିଛି। ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ରହୁଥିବା ରେଳ କର୍ମଚାରୀଙ୍କ ପାଇଁ ଘରଭଡ଼ା ଭତ୍ତା ବୃଦ୍ଧି କରିବାକୁ ଥିବା ଦାବିକୁ ଗ୍ରହଣ କରାଯାଇଛି।



# ରେଳବାଇ କର୍ମଚାରୀ ପୁରସ୍କୃତ



**ସମ୍ବଲପୁର, ୨୯।୬ (ସମିସ) :** କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ସୁବାସ ଚନ୍ଦ୍ର ଚୌଧରୀ ଦୁଇ ଜଣ ସଜାଗ ରେଳବାଇ କର୍ମଚାରୀଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି। ସେମାନେ ହେଲେ ଟେକ୍ନିସିଆନ୍-ଓଓ/ଟିଆରଡି, କଣ୍ଟାବାଞ୍ଜି ପଙ୍କଜ କୁମାର ମୀନା ଏବଂ ଲୋକୋ ପାଇଲଟ୍, ଟିଟିଲାଗଡ଼ ଶ୍ରୀ ପଙ୍କଜ କୁମାର। ଏହି ଅବସରରେ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ(ଟିଆରଡି), ପାର୍ଥସାରଥୀ ତ୍ରିପାଠୀ, ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଓପି), ଧୀରେନ୍ଦ୍ର ସିଂହ ଏବଂ ମଣ୍ଡଳ ନିରାପତ୍ତା ଅଧିକାରୀ, ଲିଙ୍ଗରାଜ ଗଡ଼ତିଆ ପ୍ରମୁଖ ଉପସ୍ଥିତ ଥିଲେ।

# ବରଗଡ଼ରୁ ବିମାନବନ୍ଦରକୁ ଦ୍ରୁତ ପରିବହନ ବ୍ୟବସ୍ଥା ଦାବିକଲେ ପୂର୍ବତନ ସାଂସଦ

**ସମ୍ବଲପୁର, ୨୯।୬ (ସମିସ) :** ପୂର୍ବତନ ସମ୍ବଲପୁର ସାଂସଦ ଭବାନୀ ଶଙ୍କର ହୋତା ବରଗଡ଼ରୁ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରକୁ ଦ୍ରୁତ ପରିବହନ ବ୍ୟବସ୍ଥା (ଇଲେଭେଟେଡ୍ ରାପିଡ୍ ଟ୍ରାନ୍ସପୋର୍ଟ ସିଷ୍ଟମ) ସକାଶେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପତ୍ର ଲେଖିଛନ୍ତି। ଏହାହେଲେ ରାଜ୍ୟର ପ୍ରଥମ ଏଭଳି ପରିବହନ ବ୍ୟବସ୍ଥା ହେବ। ଏନେଇ ଗତ ଏପ୍ରିଲରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଆସିବାପରେ ଏଭଳି ବ୍ୟବସ୍ଥାର ସମ୍ଭାବ୍ୟତା ଓ କାର୍ଯ୍ୟକାରୀ କରିବାକୁ ନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଫେବୃଆରୀ ୭ ତାରିଖରେ ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପତ୍ର ଜରିଆରେ ବରଗଡ଼ରୁ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର, ଝାରସୁଗୁଡ଼ାକୁ ଗୋଶାଳା, ଜ୍ୟୋତି ବିହାର (ସମ୍ବଲପୁର ବିଶ୍ୱବିଦ୍ୟାଳୟ), ଭିମସାର ବୁର୍ଲା, ଭିସୁଟ ବୁର୍ଲା, ସମ୍ବଲପୁର, ଜମାଦାରପାଲି ଏୟାରଷ୍ଟ୍ରିପ୍, ରେଙ୍ଗାଲି ଦେଇ ଇଲେଭେଟେଡ୍ କରିଡର୍‌ରେ ଏକ ଦ୍ରୁତ ପରିବହନ ବ୍ୟବସ୍ଥା ସକାଶେ ପ୍ରସ୍ତାବ ଦେଇଥିଲେ। ବରଗଡ଼ରୁ ବାହାରି ଉପରୋକ୍ତ ପଥ ଦେଇ ଏହା ଝାରସୁଗୁଡ଼ା ବିମାନ ବନ୍ଦରରେ ପହଞ୍ଚି ପୁଣି ବରଗଡ଼କୁ ଫେରିବ। ଏହି ରୁଟ୍‌ରେ ପ୍ରତିଦିନ ବହୁସଂଖ୍ୟକ ଯାତ୍ରୀ ଯାତାୟତ କରନ୍ତି ଯେଉଁଥିରେ ଛାତ୍ରଛାତ୍ରୀମାନେ ସାମିଲ ଅଛନ୍ତି। ଗୋଶାଳା ଏବଂ ଏହାର ଆଖପାଖରେ ପ୍ରତିଷ୍ଠିତ ଅନେକ ପ୍ରତିଷ୍ଠାନକୁ ଯାତାୟତ କରନ୍ତି। ତନ୍ମଧ୍ୟରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ସମ୍ବଲପୁର, ସିଆର୍‌ପିଏଫ୍, ପୋଲିସ ଟ୍ରେନିଂ ସେଣ୍ଟର, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଜବାହାର ନବୋଦୟ ବିଦ୍ୟାଳୟ, ଓୟୁଏଟି କୃଷି ମହାବିଦ୍ୟାଳୟ, ଉଦ୍ୟାନ କୃଷି ମହାବିଦ୍ୟାଳୟ ଆଦି ରହିଛି। ପୁଣି କୃଷି ମହାବିଦ୍ୟାଳୟକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟରେ ପରିଣତ କରିବାର ସମ୍ଭାବନା ଅଛି। ଏହାବ୍ୟତୀତ, ପ୍ରସ୍ତାବିତ ଇଲେଭେଟେଡ୍ କରିଡର ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଭିମସାର ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ଭିସୁଟ୍ ଦେଇ ଯିବ। ଝାରସୁଗୁଡ଼ା ବିମାନବନ୍ଦରରୁ ପ୍ରସ୍ତାବିତ ଏଲିଭେଟେଡ୍ କରିଡର ଅଧ୍ୟାପକ, ପ୍ରଖ୍ୟାତ ପ୍ରଫେସରଙ୍କ ଯାତାୟତକୁ ସୁବିଧାଜନକ କରିବ। ଓଡ଼ିଶା ବାହାରୁ ଭିସୁଟ୍‌କୁ ଛାତ୍ରଛାତ୍ରୀ, ଭିମସାର୍‌କୁ ପ୍ରଖ୍ୟାତ ଡାକ୍ତର, ସୁପର ସ୍ପେଶାଲିଷ୍ଟ ଏବଂ ଛାତ୍ର ଏବଂ ଶିକ୍ଷକ; ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ସାରା ଭାରତରୁ ପ୍ରଖ୍ୟାତ ପ୍ରଫେସର ଏବଂ ପରୀକ୍ଷକ, ବିଶେଷଜ୍ଞ, ଗବେଷକ, ପିଏଚଡି ଗାଇଡ୍ ଦେଶବିଦେଶରୁ ଆସିପାରିବେ। ଏହାବ୍ୟତୀତ ବରଗଡ଼, ଅତାବିରା, ସମ୍ବଲପୁର ଏବଂ ଅନ୍ୟାନ୍ୟ ନିକଟବର୍ତ୍ତୀ ସ୍ଥାନର ଲୋକମାନେ ଏବଂ ବିଭିନ୍ନ ପ୍ରତିଷ୍ଠାନର କର୍ମଚାରୀମାନେ ଝାରସୁଗୁଡ଼ା ବିମାନବନ୍ଦର ଏବଂ ଫେରିବା ପାଇଁ ଦ୍ରୁତ ଏବଂ ମିତବ୍ୟୟୀ ପରିବହନର ଲାଭ ପାଇବେ। ଅଞ୍ଚଳରେ ଶିକ୍ଷାର ହବ୍, ପ୍ରତିଷ୍ଠାନ ଗୁଡ଼ିକର ଅଧିକ ବିକାଶ ଏବଂ ଜନସାଧାରଣଙ୍କ ଏକ ବଡ଼ ବର୍ଗକୁ ଲାଭ ଦେବା ପାଇଁ ଉପରୋକ୍ତ ପ୍ରସ୍ତାବ ଉପରେ ବିଚାର କରିବାକୁ ପୂର୍ବ ସାଂସଦ (ଲୋକସଭା), ସମ୍ବାଇପୁର ଶ୍ରୀ ହୋତା ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

# ତଥ୍ୟ କେବଳ ସଂଗ୍ରହ ନୁହେଁ; ବିଶ୍ଳେଷଣ ଦ୍ୱାରା ହିଁ ସମସ୍ୟା ସମାଧାନ ସମ୍ଭବ

ସମ୍ବଲପୁର, ୨୯।୬ (ସମିସ)

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ, ସମ୍ବଲପୁର ଆନୁକୂଲ୍ୟରେ ପରିସଂଖ୍ୟାନ ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷର ମୂଳ ଆଭିମୁଖ୍ୟ

## ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ

'ପ୍ରଶାସନିକ ତଥ୍ୟର ସାମର୍ଥ୍ୟର ଉନ୍ମୋଚନ' (ଅନ୍‌ଲକିଂ ଦ' ପୋଟେନ୍‌ସିଆଲ୍ ଅଫ୍ ଆଡମିନିଷ୍ଟ୍ରେଟିଭ୍ ଡାଟା) ଶୀର୍ଷକ ଉପରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ ଯୋଗଦେଇଥିବାବେଳେ, ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ରାହୁଲ ପଟେଲ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରିସଂଖ୍ୟାନ ବିଭାଗର ମୁଖ୍ୟ ପ୍ରଫେସର ମୋନାଲିଶା ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ପ୍ରଶାସନିକ ସେବା ଏବଂ ଜନକଲ୍ୟାଣ ଯୋଜନାର ସଫଳ ରୂପାୟନରେ ତଥ୍ୟ ବା ଡାଟାର ସଠିକ୍ ବିଶ୍ଳେଷଣ ଉପରେ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ସେ କହିଥିଲେ ଯେ, 'ତଥ୍ୟ କେବେ ମିଛ କହେ ନାହିଁ'। ସରକାରଙ୍କ ପ୍ରତ୍ୟେକ ବିଭାଗ ଯେପରିକି ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଓ ଜନମଙ୍ଗଳ ବିଭାଗ ପାଖରେ ବହୁ ପରିମାଣର ପ୍ରଶାସନିକ ତଥ୍ୟ ରହିଛି। ମାତ୍ର ଏହି ତଥ୍ୟଗୁଡ଼ିକର କେବଳ ସଂଗ୍ରହ ନୁହେଁ, ବରଂ ଏହାର ଗଭୀର ଓ ସଠିକ୍ ବିଶ୍ଳେଷଣ ଦ୍ୱାରା ହିଁ ପ୍ରକୃତ ସମସ୍ୟାର ସମାଧାନ କରାଯାଇପାରିବ। ଏହି ଅବସରରେ ମହାନଦୀ ଅବବାହିକାର ମୁଣ୍ଡଳୀ ଅଞ୍ଚଳରେ ବନ୍ୟା ଏବଂ ବୃଷ୍ଟିପାତର ପୂର୍ବାନୁମାନ ପାଇଁ ପ୍ରସ୍ତୁତ କରାଯାଇଥିବା ଏକ ଅତ୍ୟାଧୁନିକ ଗବେଷଣା ମଡେଲ, ୧୦୦ ପ୍ରତିଶତ ସଠିକତା ସହ ବୃଷ୍ଟିପାତ ଓ ଜଳ ପ୍ରବାହର ଆକଳନ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରବନ୍ଧ ଏବଂ କୁଇଜ୍ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହିତ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା କାର୍ଯ୍ୟାଳୟ, ସମ୍ବଲପୁରର ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ସମ୍ମାନିତ କରାଯାଇଥିଲା। ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଉପନିର୍ଦ୍ଦେଶକ ପ୍ରକାଶ କୁମାର ଦେଓ ସ୍ୱାଗତ ଭାଷଣ ଏବଂ ସହକାରୀ ନିର୍ଦ୍ଦେଶକ (ପରିସଂଖ୍ୟାନ) ପ୍ରଦ୍ୟୁମ୍ନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



**ବିଭିନ୍ନ ସ୍ଥାନରେ ଦେବସ୍ନାନ ପୂର୍ଣ୍ଣିମା**

# ଗଜାନନ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୂର୍ତ୍ତି







**ରାଉରକେଲା, ୨୯।୬(ସମିସ)**

ସ୍ଥାନୀୟ ସେକ୍ଟର-୩ ସ୍ଥିତ ଅହିରାବନ୍ଧ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଗଜାନନ ବେଶର ଦର୍ଶନ ସହସ୍ରାଧିକ ଭକ୍ତ ଦର୍ଶନ କରିଥିଲେ। ସେକ୍ଟର ୩ ଥାନା ପକ୍ଷରୁ ଆଇନ ଶୃଙ୍ଖଳା ଓ ଟ୍ରାଫିକ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଥିଲା। ଗତକାଲି ରାତିରେ ପହଡ଼ ପରେ ପୁନର୍ବାର ପହଡ଼ ଖୋଲି ଚକାଛାଡ ନୀତି କରାଯାଇ ମହାପ୍ରଭୁ ରତ୍ନବେଦୀ ରୁ ଓହ୍ଲାଇ ନାଟମଣ୍ଡପ କୁ ଆସିଥିଲେ। ଆଜି ଦେବସ୍ନାନ ନୀତି ନିର୍ଘଣ୍ଟ ଅନୁସାରେ ପାଳନ ହୋଇଥିଲା। ସକାଳ ୬.୧୫ ମିନିଟ୍ ରେ ପହଣ୍ଡି ବିଜେ ଆରମ୍ଭ ହୋଇ ସକାଳ ୧୦ ଟା ରେ ସମାପ୍ତ ହୋଇଥିଲା।ପରେ ମଙ୍ଗଳ ଆଳତି, ଦ୍ୱାରାପାଳ ପୂଜା, ସୂର୍ଯ୍ୟ ପୂଜା ବଡ଼ପଣ୍ଡାଙ୍କ ଦ୍ୱାରା ସମାପନ ହୋଇଥିଲା। ବଡ଼ପଣ୍ଡାଙ୍କ ସମେତ ଚାରିବାଡର ଦଇତାପତିମାନେ ଶ୍ରୀ ବୈଦ୍ୟନାଥ ମହାପ୍ରଭୁ ମନ୍ଦିରର କୂପରୁ ଜଳ ଆଣି ଜଳଲାଗି କରିଥିଲେ। ଜଳଲାଗି ହେବା ପରେ ସେବାୟତ ମାନେ ୧୦୮ କଳସ ବିଧି ଅନୁସାରେ ସ୍ଥାପନା କରିଥିଲେ। ମହାପ୍ରଭୁଙ୍କୁ ସମସ୍ତ ପଣ୍ଡା ଓ ସେବାୟତମାନେ ସ୍ନାନ କରାଇଥିଲେ। ଏହି ସ୍ନାନ ପୂର୍ବାହ୍ନ ୧୧ଟାରେ ସମାପନ ହେବାପରେ ମନ୍ଦିରର ଠାକୁର ରାଜା ତଥା ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମା ମନ୍ଦିରରେ ପହଞ୍ଚି ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଆଳତି, ପୁଷ୍ପାଞ୍ଜଳି ଆଦି ପ୍ରଦାନ କରି ଛେରାପହଁରା କର୍ଯ୍ୟ ସମ୍ପାଦନ କରିଥିଲେ। ଛେରାପହଁରା ନୀତି ସମାପନ ପରେ ମହାପ୍ରଭୁଙ୍କ ନିକଟରେ ଭୋଗଲାଗି ହେବା ସହ ପହଡ ପଡ଼ିଥିଲା। ଅପରାହ୍ନ ୪ଟାରେ ମହାପ୍ରଭୁଙ୍କ ଗଜାନନ ବେଶରେ ସୁସଜ୍ଜିତ କରାଯାଇ ସନ୍ଧ୍ୟା ୫ ଟାରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ସାହାଣମେଲା ସନ୍ଧ୍ୟା ୭ଟାରୁ ରାତ୍ର ସାଢେ ନଅଟା, ହାତୀବେଶ ମଇଲମ୍ ରାତ୍ରି ୧୦ ଘଟିକା, ପୁଷ୍ପାଞ୍ଜଳି ଓ ଡୋରଲାଗି ରାତ୍ରି ସାଢେ ଦଶଟା ଓ ବାହୁଡା ପହଣ୍ଡି ରାତ୍ରି ୧୧ଟା ପରେ ଅନୁଷ୍ଠିତ ହୋଇଥିଲା। ଆଜି ଜଗନ୍ନାଥ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତିରେ ବଡ଼ପଣ୍ଡା ତ୍ରିନାଥ ପାଢ଼ୀ, ସେବାୟତ ନିୟୋଗ ସଭାପତି ପ୍ରକାଶ ଚନ୍ଦ୍ର ଦାସ, ସାଧାରଣ ସମ୍ପାଦକ କିଶୋର ନାୟକ ଓ ଅନ୍ୟାନ୍ୟ ସେବାୟତ ସେବା ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମର ସୁପରିଚାଳନାରେ ଶ୍ରୀଜଗନ୍ନାଥ ବୈଦ୍ୟନାଥ ମହାପ୍ରଭୁ ମନ୍ଦିର ଟ୍ରଷ୍ଟର ସଭାପତି ଗିରିଜା ଶଙ୍କର ଦ୍ୱିବେଦୀ, ଅନ୍ୟତମ ଟ୍ରଷ୍ଟି ସୁଶାନ୍ତ ତ୍ରିପାଠୀ, ସୁଧିର ସୁନ୍ଦର ରାୟ, ବିଜୟ ପତ୍ରୀ ଓ ଷ୍ଟିଅରିଂ କମିଟି ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ। ସାଂସ୍କୃତିକ ସମ୍ପାଦକ ଜ୍ୟୋର୍ତିମୟ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଉଭୟ ସକାଳେ ଓ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେଇଥିଲା ଯେଉଁଥିରେ ରାଉରକେଲାର ଭଜନ ଗାୟକମାନେ ଭଜନ ପରିବେଷଣ କରିଥିଲେ।

**ବଣାଇଁ:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପୂର୍ବରୁ ଦେବ ସ୍ନାନ ପୂର୍ଣ୍ଣିମାରେ ଠାକୁରଙ୍କ ଏକ ବିଶେଷ ନୀତି ଅନୁଷ୍ଠିତ ହୋଇଥାଏ। ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ସ୍ନାନ ମଣ୍ଡପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପାରମ୍ପାରିକ ରୀତିରେ ଦେବଧ୍ୱନୀ ପୂର୍ବକ ୧୦୮ କଳସ ସୁବାସିତ ଜଳରେ ସ୍ନାନ କରାଯାଏ। ପ୍ରତିବର୍ଷ ଏହି ଦିନ ତିନି ଠାକୁର ରତ୍ନ ସିଂହାସନରୁ ଓହ୍ଲାଇ ସ୍ନାନ ମଣ୍ଡପକୁ ବିଜେ କରିଥାନ୍ତି। ଏହି ଅବସରରେ ବଣାଇଁ ରାଜ ନଅର ସମ୍ମୁଖରେ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ମଧ ସକାଳ ୭ଟା ସମୟରୁ ଦେବ ନିତିକାନ୍ତି ଅନୁସାରେ ବଣାଇଁ ର ସମସ୍ତ ପୂଜକ ସେବାୟତ, ରାଜା ବୀରକେଶରୀ ଇନ୍ଦ୍ରଦେଓ ଦେବ ଓ ଶ୍ରଦ୍ଧାଳୁମାନେ ପହଣ୍ଡି କରି ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ସ୍ନାନ ମଣ୍ଡପକୁ ଆଣିଥିଲେ। ରାଜ ନଅରରେ ଥିବା ସୁନାକୂଅରୁ ୧୦୮ ଗରାରେ ପବିତ୍ର ଓ ସୁବାସିତ ଜଳ ଆଣି ରୀତିନୀତି ଅନୁଯାୟୀ ତିନି ଠାକୁରଙ୍କ ସ୍ନାନ ସମାପନ କରାଯାଇଥିଲା। ସ୍ନାନ ସମାରୋହ ପରେ ଚତୁର୍ଦ୍ଧା ମୂର୍ତ୍ତି ହାତୀବେଶ ଧାରଣ କରି ସାହାଣମେଲା ଦର୍ଶନ ଦେଇଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ମୃଦଙ୍ଗ, ଘଣ୍ଟ, ଝାଞ୍ଜ, ବାଦ୍ୟରେ ସମ୍ପୂର୍ଣ୍ଣ ମନ୍ଦିର ପରିବେଶ ପ୍ରକମ୍ପିତ ହୋଇଥିଲା।

**ରାଉରକେଲା :** ଇସ୍ପାତ ସହରସ୍ଥିତ ସେକ୍ଟର-୬ଠାରେ ଶ୍ରୀ ପତିତପାବନଜୀଉଙ୍କ ଦେବସ୍ନାନ ପୂର୍ଣିମା ଉତ୍ସବ ପାଳିତ ହୋଇଯାଇଅଛି। ଏଥିରେ ପ୍ରଧାନ ସେବକ ପ୍ରଦୀପ କୁମାର ଧଳ ଠାକୁର ରାଜା ଭୂମିକାରେ ମନ୍ଦିରର ରୀତିନୀତି, ହୋମ ଆଦି ଓ ଠାକୁରଙ୍କ ପହଣ୍ଡି ନିମନ୍ତେ ଛେରା ପହଁରା କାର୍ଯ୍ୟ କରିଥିଲେ। ଏହି ସ୍ନାନଯାତ୍ରାରେ ଏକ ମଞ୍ଚ ନିର୍ମାଣ କରାଯାଇ ତହିଁ ଉପରେ ଶ୍ରୀ ବିଗ୍ରହଙ୍କୁ ଧାଡି ପହଁଣ୍ଡିରେ ଅଧିଷ୍ଠିତ ପୂର୍ବକ ସ୍ଥାପିତ କରି କୂପ ଜଳରେ ଚୁଆ, ଚନ୍ଦନ ଓ କର୍ପୁର ମିଶ୍ରିତ ସୁଗନ୍ଧିତ ଜଳରେ ସମୁଦ୍ରଜେଷ୍ଠା ମନ୍ତ୍ରରେ ଅଭିଷେକ କରାଯାଇଥିଲା। ପୂଜା ପଣ୍ଡା ମାନେ ୧୦୮ ଜଳକୁ ଚାରି ଭାଗରେ ବିଭକ୍ତକରି ମହାପ୍ରଭୁଙ୍କୁ ସ୍ନାନ କରାଇଥିଲେ। ଭବାନୀ ଶଙ୍କର ପଣ୍ଡା, ଭାସ୍କର ଚଇନି, ପ୍ରମୋଦ ପଣ୍ଡା, ନେପାଳ ଚନ୍ଦ୍ର ଶତପଥୀ ପୂଜକ ମାନେ ମଙ୍ଗଳ ଆଳତି, ମଇଲମ ନୀତି, ଅଧର ପୋଛା, ଟେରା ଲାଗି, ଅବକାଶ ନୀତି, ସୂର୍ଯ୍ୟପୂଜା, ଷୋଡ଼ଶ ଉପଚାରରେ ହୋମ ଆଦି ପୂଜାର ସମ୍ପନ୍ନ କରାଯାଇଥିଲା। ଏଥିରେ ଅଶୋକ ସ୍ୱାଇଁ, ଦିଲ୍ଲୀପ କୁମାର ଦାସ, ସୁବାସ ପାତ୍ର, ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ରାମ ମୋହନ ନାୟକ, ପ୍ରଶାନ୍ତ କୁମାର ବାରିକ, ଉତ୍ତମ ସାହୁ, ସରୋଜ କୁମାର ନାୟକ, ପ୍ରସନ୍ନ କୁମାର ରଥ, ମନରଞ୍ଜନ ସାମଲ, ରମାକାନ୍ତ ବେହେରା, ଚିରଞ୍ଜିବୀ ଡୋରା, ମନୋଜ ମିରକାପ, ଦେବଦତ୍ତ ଜେନା, ଲୋକେଶ ରାଉତ, ରବିନାରାୟଣ ରାଉତ, ଶ୍ରୀଦାନ ମଲ୍ଲିକ, ବିଭୁତି ପରିଡ଼ା, ଜଗନ୍ନାଥ ଦାଶ, ସନ୍ୟାସୀ ନନ୍ଦ, ସୁରେଶ ପାତ୍ର, ହୃଷୀକେଶ ପ୍ରଧାନ ପ୍ରମୁଖ ଠାକୁର ପହଣ୍ଡି କରି ଅଣସର ଘରେ ପ୍ରବେଶ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତ୍ରିନାଥ ପ୍ରଧାନ, ସଞ୍ଜୟ ପରିଡ଼ା, ପ୍ରତାପ ଦେଓ, ଜଗଦୀଶ ମୁନ୍ନା, ସୁବାସ ବେହେରା, ରଞ୍ଜିତ ପଢ଼ିହାରୀ, ଶରତ ଜେନା, ଡୁଲା ମହାନନ୍ଦ, ଅନହଳି ନାୟକ ପ୍ରମୁଖ କୀର୍ତ୍ତନ ମଣ୍ଡଳୀ ନେତୃତ୍ୱ ନେଇଥିଲେ।



ସେକ୍ଟର - ୩ ଐରାବନ୍ଧ ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା ପହଣ୍ଡିବେଳେ ଛେରା ପହଁରା କରୁଛନ୍ତି।

■ **ଏକ ତରଫା ପ୍ରେମ ପ୍ରତ୍ୟାଖ୍ୟାନର ପ୍ରତିଶୋଧ ଘଟଣା**

## ଯୁବତୀଙ୍କୁ ଜାଳିଦେବା ଘଟଣାରେ ଅଭିଯୁକ୍ତ ଗିରଫ

**ରାଉରକେଲା, ୨୯।୬(ସମିସ):** ଏକ ତରଫା ପ୍ରେମରେ ବିଫଳ ହେବାପରେ ପ୍ରତିଶୋଧ ପରାୟଣ ହୋଇ ରାଉରକେଲା ବିଶ୍ରା ଥାନା ଅଧୀନ ସନ୍ତୋଷପୁର ଅଞ୍ଚଳର ଜଣେ ଯୁବତୀଙ୍କ ଉପରେ ପେଟ୍ରୋଲ ଢାଳି ଜୀବନ୍ତ ଜାଳିଦେବା ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରେମ ପ୍ରସ୍ତାବରେ ପ୍ରତ୍ୟାଖ୍ୟତ ହେବା ପରେ ପ୍ରତିଶୋଧପରାୟଣ ହୋଇ ଅଭିଯୁକ୍ତ ଏହି ଜଘନ୍ୟ କାଣ୍ଡ ଘଟାଇଥିବା ନେଇ ପୁଲିସ ସୂଚନା ଦେଇଛି। ଗିରଫ ଅଭିଯୁକ୍ତ ହେଉଛି ରାଜତ କିରୋ। ସୂଚନାଯୋଗ୍ୟ ଯେ, ରାଉରକେଲା ପୁଲିସ ଜିଲ୍ଲା ବିଶ୍ରା ଥାନା ଅଧୀନ ସନ୍ତୋଷପୁର ଗ୍ରାମର ଜଣେ ଯୁବତୀଙ୍କୁ ରଜତ କିରୋ ଏକ ତରଫା ପ୍ରେମ ନିବେଦନ କରିଆସୁଥିଲା। ହେଲେ ଯୁବତୀ ଜଣଙ୍କ ତାଙ୍କୁ ବାରମ୍ବାର ମନା କରି ଆସୁଥିଲେ। ବାରମ୍ବାର ପ୍ରେମ ନିବେଦନ କରି ବିଫଳ ହେବା ପରେ ନିରାଶ ହୋଇ ରଜତ ଶେଷରେ ପ୍ରତିଶୋଧପରାୟଣ ହୋଇ ପଡ଼ିଥିଲା। ଗତ ୨୬ ରାତି ପ୍ରାୟ ସାଢେ ୧୧ଟା ବେଳେ ଯୁବତୀ ଜଣଙ୍କ ଶୋଇଥିବା ଘରର ଝରକା ବାଟେ ଅଭିଯୁକ୍ତ ଯୁବକ ରଜତ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାରେ ଯୁବତୀ ଗୁରୁତର ଭାବେ ପୋଡିଯିବା ସହ ସମ୍ପୂର୍ଣ୍ଣ ସେ ଶୋଇଥିବା ଘରଟି ମଧ୍ୟ ଅଗ୍ନିକାଣ୍ଡରେ ପୋଡ଼ି ପାଉଁଶ ହୋଇ ଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ରାଉରକେଲା ସରକାରୀ ହସ୍ପିଟାଲକୁ ନିଆଯାଇଥିଲା। ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲାକୁ ରେଫର କରାଯାଇଥିଲା। କିନ୍ତୁ ସେଠାରେ ଶଯ୍ୟା ଉପଲବ୍ଧ ନଥିବାରୁ ତାଙ୍କୁ ପୁଣି ଫେରାଇ ଦିଆଯାଇଥିଲା। ସେଠାରୁ ତାଙ୍କୁ ଡାକ୍ତର ରାଉରକେଲାର ଏକ ଘରୋଇ ଡାକ୍ତରଖାନାକୁ ରେଫର କରାଯାଇଥିଲା। ପ୍ରାୟ ୧୧ ଘଣ୍ଟା ଧରି ଏପଟ ସେପଟ ହେବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ପୁଣି ରାଉରକେଲା ଅଣାଯାଇ ଉକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଯୁବତୀଙ୍କ ଅବସ୍ଥା ଏବେ ମଧ୍ୟ ସଙ୍କଟାପନ୍ନ ରହିଥିବା ସୂଚନା ମିଳିଛି। ସେପଟେ ଏହି ଘଟଣାପରେ ଯୁବତୀଙ୍କ ପିତା ବିଶ୍ରା ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ବିଶ୍ରା ଥାନା ଅଧିକାରୀ ମନୋରଞ୍ଜନ କୁମ୍ଭାର ଗୁରୁତର ଭାବେ ଗ୍ରହଣ କରି ତଦନ୍ତ ଆରମ୍ଭ କରିଥିଲେ। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ବିଭିନ୍ନ ଆଡେ ଚଢ଼ଉ ପରେ ଲାଠିକଟା ଅଞ୍ଚଳରୁ ଅଭିଯୁକ୍ତ ରଜତ କିରୋଙ୍କୁ ଠାବକରି ଗିରଫ କରାଯାଇଥିଲା। ତଦନ୍ତ ସମୟରେ ପୁଲିସ ଜାଣିବାକୁ ପାଇଛି ଯେ, ଅଭିଯୁକ୍ତ ରାଉରକେଲା ଓ ବିଶ୍ରା ଅଞ୍ଚଳରୁ ଆବଶ୍ୟକ ପରିମାଣରେ ପେଟ୍ରୋଲ ନ ପାଇବାରୁ ପ୍ରାୟ ୧୦୦ କିଲୋମିଟର ଦୂର ସୁନ୍ଦରଗଡ଼ରୁ ପ୍ରାୟ ୩୦ ଲିଟର ପେଟ୍ରୋଲ ସଂଗ୍ରହ କରିଥିଲେ। ସେ ଏହାକୁ ଏକ ପ୍ଲାଷ୍ଟିକ ଜାର୍‌ରେ ଆଣି ଏହି ଜଘନ୍ୟ କାଣ୍ଡ ଘଟାଇବା ପାଇଁ ଯୋଜନା କରିଥିଲା ବୋଲି ପୁଲିସ ସୂଚନା ଦେଇଛି। ପରିବାର ଲୋକେ ଏହି ଘଟଣାରେ ଅଭିଯୁକ୍ତ କିପରି ଏତେ ପରିମାଣର ପେଟ୍ରୋଲ ଏକ ପାତ୍ରରେ ସଂଗ୍ରହ କରି ନେଇପାରିଲେ, ଯେତେବେଳେ ନିୟମ ଅନୁଯାୟୀ ଅନୁମତି ବିନା ଜାର୍ କିମ୍ବା କ୍ୟାନ୍‌ରେ ପେଟ୍ରୋଲ ଦିଆଯାଏ ନାହିଁ, ସେ ଦିଗକୁ ମଧ୍ୟ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଆର୍‌ଏସ୍‌ପି ଭିଜିଲାନ୍ସ ବିଭାଗ ପକ୍ଷରୁ 'ଚେତନା'



**ରାଉରକେଲା, ୨୯।୬(ସମିସ):** ପ୍ରତିଷେଧକ ସତର୍କତା ପଦକ୍ଷେପର ଏକ ଅଂଶସ୍ୱରୂପ ରାଉରକେଲା ଇସ୍ପାତ କାରଖାନାର ସତର୍କତା ବିଭାଗ ପକ୍ଷରୁ ୱାର୍କସ ଅଞ୍ଚଳର ପ୍ଲାନିଂ ଅଫିସରମାନଙ୍କ ପାଇଁ 'ଚେତନା' (ସଚେତନତାରୁ ଜାଗ୍ରତି ଆଡ଼କୁ) ଶୀର୍ଷକ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅଧିବେଶନରେ ନିର୍ବାହୀ ନିର୍ଦ୍ଦେଶକ (ୱାର୍କସ) ବି.ଆର୍. ପଲାଇ ଏବଂ ଆରଏସ୍‌ପିର ମହାପ୍ରବନ୍ଧକ (ସତର୍କତା) ଓ ଏସିଭିଓ ରଞ୍ଜନ ଭାରତୀ ଅଧକ୍ଷତା କରିଥିଲେ। ଏଥିରେ ବିଭିନ୍ନ ବିଭାଗର ପ୍ରାୟ ୬୦ ଜଣ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ପଲାଇ ସ୍ପଷ୍ଟ ଏବଂ ସନ୍ଦେହମୁକ୍ତ ଚୁକ୍ତିନାମା ନିର୍ଦ୍ଦିଷ୍ଟତା ଏବଂ ସୁନିଶ୍ଚିତ କାର୍ଯ୍ୟ ପରିସର ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆଇନଗତ ଭାବେ ଲାଗୁ କରାଯାଇ ପାରୁଥିବା ଜରିମାନା ଧାରା, ପରସ୍ପର ବିରୋଧୀ ନିୟମାବଳୀକୁ ଏଡାଇବା ଏବଂ ଚୁକ୍ତିଭିତ୍ତିକ ସର୍ତ୍ତାବଳୀ ଯେପରି ବ୍ୟବହାରିକ ଏବଂ କାର୍ଯ୍ୟକାରୀ ହୋଇପାରିବ ତାହା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ରଞ୍ଜନ ଭାରତୀ ସରକାରୀ ପାଣ୍ଠିର ସଦୁପଯୋଗ କ୍ଷେତ୍ରରେ ଆବଶ୍ୟକୀୟ ସତର୍କତା ଏବଂ ନିଷ୍ପାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅଧିବେଶନରେ ସତର୍କତା ବିଭାଗର ସହ ମହାପ୍ରବନ୍ଧକ ଅବନୀ କୁମାର ବିଶ୍ୱାଳ ପ୍ରତିଷେଧକ ସତର୍କତା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ।

## ମହିଳାଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ



**ରାଉରକେଲା, ୨୯।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା ବିରମିତ୍ରପୁର ଥାନା ଅଞ୍ଚଳରେ ଥିବା ଏକ ରାଇସ୍ ମିଲ୍ ପରିସରରୁ ଜଣେ ମହିଳାଙ୍କ ମୃତଦେହ ସନ୍ଦେହଜନକ ପରିସ୍ଥିତିରେ ଉଦ୍ଧାର ହେବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ମୃତ ମହିଳା ବନ୍ଧନୀ ଲାକୁଆ (୪୦) ବୋଲି ଜଣାପଡ଼ିଛି। ସୂଚନା ପାଇବା ପରେ ବିରମିତ୍ରପୁର ଥାନା ପୁଲିସ ଓ ଅଗ୍ନିଶମ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବନ୍ଧନୀ ଗତ ଶନିବାର କାମ କରିବା ପାଇଁ ଘରୁ ବାହାରିଥିଲେ। କିନ୍ତୁ ସେ ଘରକୁ ଫେରି ନ ଆସିବାରୁ ପରିବାର ଲୋକେ ଚିନ୍ତାରେ ପଡ଼ିଥିଲେ। ସେ ରାଉରକେଲାର ବେଦବ୍ୟାସ ଅଞ୍ଚଳରେ ଅନ୍ୟ କିଛି ମହିଳାଙ୍କ ସହ ମିଶି ପୁରୁଣା ଜୁଟ୍ ବସ୍ତା ଓ ଅନ୍ୟାନ୍ୟ ପୁନଃ ବ୍ୟବହାରେଯାଗ୍ୟ ବର୍ଜ୍ୟବସ୍ତୁ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିଲେ। ରବିବାର ସକାଳେ କୁମଝରିଆ ପଞ୍ଚାୟତ ଅଧୀନ ରାମପାଲ ଅଞ୍ଚଳର ଏକ ରାଇସ୍ ମିଲ୍ ଭିତରେ ଧାନ କୁଣ୍ଡା ଗଦା ଉପରେ ତାଙ୍କ ମୃତଦେହ ପଡ଼ିଥିବା ଅବସ୍ଥାରେ ଦେଖିବାକୁ ମିଳିଥିଲା। ମୃତ୍ୟୁର ପରିସ୍ଥିତିକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବନ୍ଧନୀଙ୍କୁ ହତ୍ୟା କରାଯାଇଥିବା ନେଇ ମୃତକଙ୍କ ସହ କାମ କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ତେବେ ପୁଲିସ ପକ୍ଷରୁ ଏପର୍ଯ୍ୟନ୍ତ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ କରାଯାଇନାହିଁ। ସମସ୍ତ ସମ୍ଭାବ୍ୟ ଦିଗକୁ ନେଇ ତଦନ୍ତ ଚାଲିଥିବା ବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟହେବ ବୋଲି ସୂଚନା ମିଳିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଛି।

## ଅବସରପ୍ରାପ୍ତ ଏଏସ୍‌ଆଇ ପ୍ରଭାକର ପଣ୍ଡା ଓ ତାଙ୍କ ପତ୍ନୀ ଆୟବହିର୍ଭୂତ ସମ୍ପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ

**ରାଉରକେଲା, ୨୯।୬(ସମିସ):** ଆୟବହିର୍ଭୂତ ସମ୍ପତ୍ତି (ଡିଏ) ମାମଲାରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଚାର୍ଜସିଟ୍ ଦାଖଲ ହୋଇଥିବା ବଣାଇଁ ଥାନାର ଅବସରପ୍ରାପ୍ତ ଏଏସ୍‌ଆଇ ପ୍ରଭାକର ପଣ୍ଡା ଏବଂ ତାଙ୍କ ପତ୍ନୀ ତଥା ଝିରପାଣି ସରକାରୀ ଉଚ୍ଚ ବିଦ୍ୟାଳୟ, ରାଉରକେଲାର ଅବସରପ୍ରାପ୍ତ ସହକାରୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାତ୍ରଙ୍କୁ ଆଜି ସୁନ୍ଦରଗଡ଼ ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହ ପଠିତ ଧାରା ୧୩(୧)(ଇ) ଅନୁଯାୟୀ ଆୟବହିର୍ଭୂତ ସମ୍ପତ୍ତି ରଖିବା ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ମାନ୍ୟବର ଅଦାଲତ ଉଭୟ ଦୋଷୀଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡ ସହ ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଏହାସହ ଉଭୟଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିରୁ ଆୟବହିର୍ଭୂତ ସମ୍ପତ୍ତିର ମୂଲ୍ୟ ଆଦାୟ କରିବା ପାଇଁ ରାଜ୍ୟ ସରକାରଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ ଅବସରପ୍ରାପ୍ତ ଏଏସ୍‌ଆଇ ପ୍ରଭାକର ପଣ୍ଡା ଓ ତାଙ୍କ ପତ୍ନୀ ଗୀତାଞ୍ଜଳି ପାତ୍ରଙ୍କ ପେନ୍‌ସନ୍ ବନ୍ଦ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ସକ୍ଷମ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରାଯିବ ବୋଲି ସୂଚନା ମିଳିଛି।

## ବିଦ୍ୟୁତ ସଂଯୋଗ ନ ଥାଇ ଆସିଛି ବିଲ୍

**ବଣାଇଁ, ୨୯।୬(ସମିସ):** ବଣାଇଁ ବ୍ଲକ ଅଧୀନ ଜକେଇକଳା ପଞ୍ଚାୟତର ଜମକେଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରକୁ ବିଦ୍ୟୁତ ସଂଯୋଗ ହୋଇ ନ ଥିବା ସତ୍ତ୍ୱେ ୬ ବର୍ଷ ପରେ ୫ ହଜାର ଟଙ୍କାର ବିଦ୍ୟୁତ ବିଲ୍ ନୋଟିସ୍ ଆସିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ୨୦୧୯ରେ ସୌଭାଗ୍ୟ ଯୋଜନାରେ ଜମକେଇ ଗ୍ରାମର ସୌଭାଗ୍ୟ ବେହେରାଙ୍କୁ ବିଦ୍ୟୁତ ସଂଯୋଗ ପାଇଁ ଆବଶ୍ୟକ ବିଦ୍ୟୁତ ଉପକରଣ ଯୋଗାଇ ଦିଆଯାଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କ ଘରକୁ ବିଦ୍ୟୁତ ଲାଇନ୍ ସଂଯୋଗ କରାଯାଇ ନ ଥିବାରୁ ସେହି ଉପକରଣଗୁଡ଼ିକ ବସ୍ତାରେ ପ୍ୟାକ୍ ଅବସ୍ଥାରେ ପଡ଼ି ରହିଛି। ଶ୍ରୀ ବେହେରାଙ୍କ କହିବାନୁସାରେ, ଗତ ଜୁନ୍ ୨୩ ତାରିଖରେ ତାଙ୍କ ନାମରେ ୫ ହଜାର ଟଙ୍କାର ବିଦ୍ୟୁତ ବିଲ୍ ନୋଟିସ୍ ଆସିଥିଲା। ଏହାପରେ ସେ ବଣାଇଁଗଡ଼ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବିଭାଗର ଦୁଇ ଜଣ କର୍ମଚାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିବା ବେଳେ ଘରକୁ ବିଦ୍ୟୁତ ଲାଇନ୍ ସଂଯୋଗ ହୋଇନଥିବା ସ୍ପଷ୍ଟ ହୋଇଥିବା ସେ କହିଛନ୍ତି। ତଥାପି ସଂଯୋଗ ନ ଥାଇ କିପରି ତାଙ୍କ ନାମରେ ବିଦ୍ୟୁତ ବିଲ୍ ଜାରି ହେଲା, ସେନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଯଦି ଏହି ସମସ୍ୟାର ଶୀଘ୍ର ସମାଧାନ ନ ହୁଏ, ତେବେ ସେ ବାଧ୍ୟ ହୋଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନ୍ୟାୟ ଦାବିରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଘଟଣା ବିଦ୍ୟୁତ ବିଭାଗର କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ, ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଦାବି କରିଛନ୍ତି।

## ଗୁରୁଣ୍ଡିଆରେ ଜିଲ୍ଲା ପ୍ରଶାସନର ଯୁଗ୍ମ ଜନଶୁଣାଣି

**ବଣାଇଁ, ୨୯।୬(ସମିସ):** ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟରେ ଆଜି ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଜନଶୁଣାଣି କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ୍ ୮୯ଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭାବେ ୨୭ଟି ଅଭିଯୋଗ ଆସିଥିବାବେଳେ ଦଳଗତ ଭାବେ ମୋଟ ୬୨ଟି ଅଭିଯୋଗ ଆସିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଜଣକୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ବିଶେଷ କରି ରାସ୍ତା, ବିଦ୍ୟୁତ୍, ନେଟୱାର୍କ ସମସ୍ୟାକୁ ନେଇ ଅଭିଯୋଗ ଆସିଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୂରଞ୍ଜନ କୁମାର ସାହୁ, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଅତିରିକ୍ତ ଆରକ୍ଷୀଅଧୀକ୍ଷକ ରାଉରକେଲା, ସହକାରୀ ବନ ସଂରକ୍ଷକ ଦୁର୍ଯ୍ୟୋଧନ ଜେରେଇ, ଡେପୁଟି କଲେକ୍ଟର ସ୍ୱାଗତିକା ଦଳପତିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

# ବିଭିନ୍ନ ଦାବିନେଇ ଆର୍‌ଏଲ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ରାଉରକେଲା, ୨୯।୬(ସମିସ)**




ବିଭିନ୍ନ ଦାବିନେଇ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ସେକ୍ଟର-୫ସ୍ଥିତ ଆର୍‌ଏଲ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଆଜି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଶ୍ରମିକସଂଘ ପକ୍ଷରୁ ଆୟୋଜିତ ଏହି ଗଣବିକ୍ଷୋଭରେ ଶତାଧିକ ସଂଖ୍ୟାରେ କର୍ମଚାରୀ ଯୋଗଦାନ କରିଥିଲେ। ଆର୍‌ଏଲ୍‌ସିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ଅଗଣତାନ୍ତ୍ରିକ ଓ ଏକପାଖିଆ ଭାବେ କର୍ମଚାରୀମାନଙ୍କୁ ବଦଳି ବିରୋଧରେ ଏହି ଗଣବିକ୍ଷୋଭ ଆୟୋଜିତ ହୋଇଥିଲା। ଗୋଟିଏ ଏଲଓପିରୁ ଅନ୍ୟ ଗୋଟିଏ ଏଲଓପିକୁ ବଦଳି କରିବାର କୌଣସି ନିୟମ ନଥିବା ସତ୍ତ୍ୱେ, ୨୦୨୫ ମସିହା ସେପ୍ଟେମ୍ବର ୨୪ ତାରିଖରେ କର୍ତ୍ତୃପକ୍ଷ ବିଭିନ୍ନ ବିଭାଗରୁ ୧୮ ଜଣ କର୍ମଚାରୀଙ୍କୁ ଏସ୍‌ଏମ୍‌ଏସ୍-୨ ବିଭାଗକୁ ବଦଳି କରିଥିଲେ। ଏହାର ପ୍ରତିବାଦରେ ଗତ ୨୦୨୫ ସେପ୍ଟେମ୍ବର ୨୫ ତାରିଖରେ ରାଉରକେଲା ଶ୍ରମିକ ସଂଘ ଔଦ୍ୟୋଗିକ ବିବାଦ ଆଇନ ଅନୁଯାୟୀ ଆର୍‌ଏଲ୍‌ସିଙ୍କ ନିକଟରେ ଏକ ମାମଲା ଦାଖଲ କରିଥିଲା। ଉକ୍ତ ମାମଲାର କନସିଲିଏସନ୍ ପ୍ରକ୍ରିୟା ଚାଲିଥିବା ସମୟରେ, ୨୦୨୬ ମେ' ୯ ତାରିଖରେ କର୍ତ୍ତୃପକ୍ଷ ପୁଣିଥରେ ୩୫ ଜଣ କର୍ମଚାରୀଙ୍କୁ ଟାଉନ୍‌ସିପରୁ ପ୍ଲାଣ୍ଟ ଏବଂ ପ୍ଲାଣ୍ଟରୁ ଟାଉନ୍‌ସିପ୍‌କୁ ବଦଳି କରିଥିଲେ। ଏହି ବିଷୟରେ ସଂଘ ଆରଏଲସିଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ, ଆରଏଲସି ୨୦୨୬ ମେ' ୧୨ ତାରିଖରେ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କୁ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଥାପି, ୨୦୨୬ ଜୁନ ୨ ତାରିଖରେ ପୁଣି ୩୦ ଜଣ କର୍ମଚାରୀଙ୍କୁ ପ୍ଲାଣ୍ଟକୁ ଏବଂ ୩୦ ଜଣ କର୍ମଚାରୀଙ୍କୁ ଟାଉନ୍‌ସିପ୍‌କୁ ବଦଳି କରାଯାଇଥିଲା। ଆରଏଲସିଙ୍କୁ ଏହି ବିଷୟରେ ସଂଘ ଅବଗତ କରାଇବା ପରେ, ଆରଏଲସି ଉଭୟ ପକ୍ଷଙ୍କୁ ୨୦୨୬ ଜୁନ ୮ ତାରିଖରେ କନସିଲିଏସନ୍ ପାଇଁ ଡାକିଥିଲେ। ଏହି ବୈଠକରେ ମ୍ୟାନେଜମେଣ୍ଟ ପକ୍ଷରୁ ମହାପ୍ରବନ୍ଧକ (ମାନବ ସମ୍ବଳ) ଏବଂ ସଂଘ ପକ୍ଷରୁ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଦସ୍ତଖତ କରି ସ୍ଥିତାବସ୍ଥା ବଜାୟ ରଖିବାକୁ ସହମତି ପ୍ରକାଶ କରିଥିଲେ। ପରବର୍ତ୍ତୀ କନସିଲିଏସନ୍ ବୈଠକ ଆଜି ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା। କିନ୍ତୁ, ଏହା ପୂର୍ବରୁ ହିଁ ଗତ ୧୦ ତାରିଖରେ କର୍ତ୍ତୃପକ୍ଷ ପୂର୍ବରୁ ସ୍ଥଗିତ ରଖାଯାଇଥିବା ସମସ୍ତ ବଦଳି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିଦେଇଥିଲେ। ରାଉରକେଲା ଶ୍ରମିକ ସଂଘ ଏହାକୁ ଏକ ଅନୈତିକ, ଅଗଣତାନ୍ତ୍ରିକ ଏବଂ ଏକଛତ୍ରବାଦୀ ପଦକ୍ଷେପ ବୋଲି ବର୍ଣ୍ଣନା କରିଛି। ସଂଘର ସାଧାରଣ ସମ୍ପାଦକ ଶ୍ରୀ ବେହେରା କହିଛନ୍ତି ଯେ, ଏହିପରି ମନମୁଖୀ କାର୍ଯ୍ୟକଳାପ ଆଗାମୀ ଦିନରେ ଯେକୌଣସି ଅପ୍ରିତିକର ପରିସ୍ଥିତି ସୃଷ୍ଟି କରିପାରେ ଏବଂ ସେଥିପାଇଁ ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଭାବେ ଦାୟୀ ରହିବେ। ସଂଘର ଉପସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର, ଚକ୍ରଧର ପ୍ରଧାନ, ଉପସଭାପତି ଆର୍ କେ ପଣ୍ଡା, ଅକ୍ଷୟ ଜେନା, ସୁଦାନ ଚୌଧୁରୀ, ନିହାର ଦାସ, ସତ୍ୟ ସାହୁ, ସୁରେଶ ପାଣିଗ୍ରାହୀ, ସୁରେଶ କିଶାନ, ମନୋଜ କିଶାନ, ଦୁଃଶାସନ ନାୟକ, ବିକାଶ ବେହୁରିଆ, ସୌମ୍ୟ ଧଳ, ପଦ୍ମାଳୟା ଧର, ରଘୁନାଥ ପ୍ରଧାନ, ପ୍ରଫୁଲ୍ଲ ଦାସ, ସରୋଜ ଦାସ, ସରୋଜ ମିଶ୍ର, ବିଶ୍ୱ ମୋହନ ପୁହାଣ, ସୁଜିତ ନାୟକ, ବିନୋଦ ତନ୍ତୀ, ମନମୋହନ ବେହେରା, ଅଖିଳ ପୃଷ୍ଟି, ପିକେ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏଲ୍‌ଏଡି କ୍ଷେତ୍ରରେ ଟିଆଣ୍ଡ ଆର୍‌ଏମ୍ ବିଭାଗ ଶ୍ରେଷ୍ଠ ବିବେଚିତ

**ରାଉରକେଲା, ୨୯।୬ (ସମିସ):** ରାଉରକେଲା ଇସ୍ପାତ କାରଖାନାର ଟି.ଆଣ୍ଡ ଆରଏମ୍ ବିଭାଗକୁ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସମସ୍ତ ସେଲ୍‌ଫ ୟୁନିଟ୍ ମଧ୍ୟରେ ଲର୍ଣ୍ଣିଂ ଆଣ୍ଡ ଡେଭଲପ୍‌ମେଣ୍ଟ କ୍ଷେତ୍ରରେ ଶ୍ରେଷ୍ଠବିଭାଗ ଭାବେ ବିବେଚିତ କରାଯାଇଛି। ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରିୟରଞ୍ଜନ ଗତ ୨୫ ତାରିଖରେ ରାଞ୍ଚିର ମ୍ୟାନେଜମେଣ୍ଟ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ଦଳକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଆର୍‌ଏସ୍‌ପି ପକ୍ଷରୁ ମୁଖ୍ୟ ମହାପ୍ରବନ୍ଧକ (ଏଲ୍‌ଆଣ୍ଡଡି) ପି. କେ. ସାହୁ ଏବଂ ମହାପ୍ରବନ୍ଧକ (ଟି ଆଣ୍ଡ ଆରଏମ୍) ମନୋଜ କୁମାର ଏହି ପୁରସ୍କାର ଗ୍ରହଣ କରିଥିଲେ। ନେତୃତ୍ୱ ଶିକ୍ଷା, ବ୍ୟବସାୟିକ ମୂଲ୍ୟାଙ୍କନ କାର୍ଯ୍ୟକ୍ରମ, ମୂଲ୍ୟ ସଦୁପଯୋଗ, କଷ୍ଟମାଇଜ୍ଡ ଏମଓୟୁ, ସାଇବର ସୁରକ୍ଷା ସଚେତନତା, ଶକ୍ତି ସଂରକ୍ଷଣ, ପର୍ଯ୍ୟବେକ୍ଷଣ କ୍ଷମତା ବିକାଶ, ପରିବେଶ ପରିଚାଳନା ବ୍ୟବସ୍ଥାର କାର୍ଯ୍ୟକାରିତା, ଅଗ୍ନି ନିୟନ୍ତ୍ରଣ ପରିଚାଳନା, 'ଲର୍ଣ୍ଣ ଟୁ ଲିଡ୍ ଇନ୍ ଅଲ୍ ସିଚୁଏସ୍‌ନସ' କାର୍ଯ୍ୟକ୍ରମ ଏବଂ ସାମଗ୍ରୀ ପରିଚାଳନା ପଦ୍ଧତିରେ ନିରନ୍ତର ସୁଧାର ମାଧ୍ୟମରେ ସାଂଗଠନିକ ଉତ୍କର୍ଷତା ପ୍ରତି ଏହାର ନିରନ୍ତର ପ୍ରତିବଦ୍ଧତା ପାଇଁ ଟି ଆଣ୍ଡ ଆରଏମ୍ ବିଭାଗକୁ ଏହି ସ୍ୱୀକୃତି ମିଳିଛି। ଏହି ବିଭାଗ ସଣ୍ଟିଂ ଅପରେଟର ଏବଂ ଲୋକୋମୋଟିଭ୍ ଅପରେଟରମାନଙ୍କ ପାଇଁ କଷ୍ଟମାଇଜ୍ଡ ସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ପରିଚାଳନା କରିଥିଲା, ଯାହା ସେମାନଙ୍କର କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବା ସହ ସୁରକ୍ଷିତ କାର୍ଯ୍ୟ ପଦ୍ଧତିକୁ ସୁଦୃଢ଼ କରିଥିଲା। ଏହି ପୁରସ୍କାର ଶିଳ୍ପ ସୁରକ୍ଷା ଏବଂ କାର୍ଯ୍ୟ ଉତ୍କର୍ଷତା କ୍ଷେତ୍ରରେ ଦକ୍ଷତା ବିକାଶ ପାଇଁ ଆର୍‌ଏସ୍‌ପିର ଅଦମ୍ୟ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ବ୍ୟାପକ ଶିକ୍ଷା ଏବଂ ବିକାଶମୂଳକ ପଦକ୍ଷେପ ମାଧ୍ୟମରେ ଟି.ଆଣ୍ଡ ଆରଏମ୍ ବିଭାଗ ସମଗ୍ର କାରଖାନାରେ ସୁରକ୍ଷା, ଉତ୍କର୍ଷ ଏବଂ ପ୍ରସ୍ତୁତିରେ ଏକ ଦୃଢ଼ ସଂସ୍କୃତି ଗଢ଼ି ତୋଳିଛି।



## ଗୁଡ୍‌ଭେଲା ବ୍ଲକ ସମ୍ମୁଖରେ ଏଆଇଡିଏସ୍‌ଓର ବିକ୍ଷୋଭ

# ନିର୍ଭୁଲ୍ ପାଠ୍ୟପୁସ୍ତକ ପ୍ରସ୍ତୁତ ଯାଏଁ ଗତବର୍ଷ ବହିରେ ଶିକ୍ଷାଦାନ ଦାବି

ବଲାଙ୍ଗିର,୨୯।୬(ସମିସ)



ବିଜ୍ଞାନ ସମ୍ମତ ପାଠ୍ୟକ୍ରମ ଭିତ୍ତିକ ନିର୍ଭୁଲ ପାଠ୍ୟପୁସ୍ତକ ପ୍ରସ୍ତୁତ ନ ହେବା ଯାଏଁ ଗତ ବର୍ଷ ବହିରେ ଶିକ୍ଷାଦାନ ପାଇଁ ନୋଟିସ୍ ଜାରି କରିବା, ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପ୍ରସ୍ତୁତ ଅବୈଜ୍ଞାନିକ ପାଠ୍ୟକ୍ରମ ଓ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା, ଗଣଶିକ୍ଷା ମନ୍ତ୍ରୀଙ୍କ ସମେତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ଇଂରାଜୀ ଭାଷାକୁ ଇଚ୍ଛାଧିନ ନୁହେଁ ବାଧ୍ୟତାମୂଳକ କରିବା, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ଦାବିରେ ସୋମବାର ଏଆଇଡିଏସ୍‌ଓ ଗୁଡଭେଲା ୟୁନିଟ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଏକ ରାଲିରେ ଆସି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଡ଼ିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ସୂଚନା ଅନୁସାରେ, ଚଳିତ ବର୍ଷ ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପାଯାଇଥିବା ସମସ୍ତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ରହିଛି। ଯାହାକୁ ନେଇ ରାଜ୍ୟବ୍ୟାପୀ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅତ୍ୟନ୍ତ ବେପରୁଆ ଭାବେ ଏହି ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଛି। ଯେଉଁ ୨୬୦୦ରୁ ଅଧିକ ଭୁଲ ବାହାରିଛି ସେଗୁଡ଼ିକ ମୁଖ୍ୟତଃ ତଥ୍ୟ ଭିତ୍ତିକ। ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀକୁ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ କେବଳ ତଥ୍ୟଗତ ଭାବେ ଭୁଲ ଶିକ୍ଷା ପାଇବେ ନାହିଁ ସେମାନଙ୍କର ଚିନ୍ତା କରିବାର କ୍ଷମତା ମଧ୍ୟ ଭୟଙ୍କର ଭାବେ ବାଧାପ୍ରାପ୍ତ ହେବ। ଅସଲରେ ଏହି ପାଠ୍ୟ ପୁସ୍ତକ ପରିବର୍ତ୍ତନ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବାକୁ ଏକ ସୁଦୂରପ୍ରସାରୀ ଷଡ଼ଯନ୍ତ୍ର ଏବଂ ବିଜ୍ଞାନ ସମ୍ମତ ଶିକ୍ଷାଠାରୁ ଭବିଷ୍ୟତ ପିଢ଼ିକୁ ଦୂରେଇ ରଖିବାକୁ ଏକ ହୀନ ଚକ୍ରାନ୍ତ ବୋଲି ଏଆଇଡିଏସ୍‌ଓ ପକ୍ଷରୁ ଅଭିଯୋଗ କରାଯାଇଛି।

ସରକାର ଅବିଳମ୍ବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ଛାତ୍ରଛାତ୍ରୀମାନଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ ନ କଲେ ଆଗାମୀ ଦିନରେ ଦୃଢ଼ ଛାତ୍ର ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଏଆଇଡିଏସଓ ପକ୍ଷରୁ ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ସଂଗଠନର ଜିଲ୍ଲା ସଭାପତି ମଧୁସୂଦନ ବାଗ, ରାଜ୍ୟ ଉପ ସଭାପତି ସୁନୀଲ କୁମାର ଭୋଇ, ଜିଲ୍ଲା ସମ୍ପାଦକ ଗୌରୀ ରାଉତ, ,ମନୋଜ ଛତ୍ରିଆ,ଲିଜା କୁମ୍ଭାର, ବବିତା ପାତ୍ର, ଭାଗ୍ୟବତୀ ନନ୍ଦ, ପ୍ରିୟା ନନ୍ଦ, ଅଭିଭାବକ ବୃନ୍ଦାବତୀ ଧରୁଆ, ନନ୍ଦୀ ଛତ୍ରିଆ, ଋଷିକେଶ ବୁଡ଼େକ, କ୍ଷିତିସୂତା ପାତ୍ର, ସୁବାସ ନାଗ, ଗିରିଜା ଭୋଇଙ୍କ ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଅଭିଭାବକ ସାମିଲ ଥିଲେ।

### ଶିକ୍ଷାମନ୍ତ୍ରୀଙ୍କ ସହ ବହି ପ୍ରସ୍ତୁତରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

## ରାସ୍ତା କଡ଼ରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ତୁରେକେଲା,୨୯।୬(ସମିସ): ବଲାଙ୍ଗୀର ଜିଲ୍ଲା ତୁରେକେଲା ଥାନା ଅଞ୍ଚଳରେ ଏକ ଦୁଃଖଦାୟକ ଘଟଣା ଦେଖିବାକୁ ମିଳିଛି। ସାଇକଲରେ ଯାଉଥିବା ଜଣେ ବୃଦ୍ଧଙ୍କ ମୃତଦେହ ରାସ୍ତା କଡ଼ରୁ ସନ୍ଦେହଜନକ ଭାବେ ଉଦ୍ଧାର ହୋଇଛି। ମୃତକ ହେଲେ ବେଲପଡ଼ା ବାସିନ୍ଦା ନରହରି କୁମାର (୬୮)। ସୂଚନା ଅନୁସାରେ, ନରହରି ତୁରେକେଲା ଥାନା ଅଞ୍ଚଳ ଗୁର୍ଜିଭଟା ଗାଁରେ ତାଙ୍କ ଝିଅ ଘର ଥିବାରୁ ସେଠାରେ ରହୁଥିଲେ। ସାଇକଲରେ ସେ ଗୁର୍ଜିଭଟାରୁ ବରିଆଲି ଗାଁକୁ ଯାଇ ରବିବାର ରାତିରେ ଫେରୁଥିଲେ। ମାତ୍ର ପ୍ରାୟ ୯ଟାରେ ରାସ୍ତା କଡ଼ରେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ଲୋକେ ଦେଖି ତାଙ୍କ ଝିଅ ଘରକୁ ଖବର ଦେବା ପରେ ସେମାନେ ତାଙ୍କୁ ଉଦ୍ଧାର କରି ତୁରେକେଲା ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରେକେଲା ପୁଲିସ ପହଞ୍ଚି ମୃତଦେହ ଜବତ କରି ସୋମବାର କଣ୍ଟାବାଞ୍ଜି ଡାକ୍ତରଖାନାରେ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଛି। ତୁରେକେଲା ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ରାସ୍ତା କଡ଼ରେ ବୃଦ୍ଧଙ୍କ ମୃତ୍ୟୁ ହେଲା କେମିତି ତାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି। ତେବେ ପୁଲିସ ତଦନ୍ତ ପରେ ଏହା ପଛର ରହସ୍ୟ କଣ ସାମ୍ନାକୁ ଆସିବ ବୋଲି ଅନୁମାନ କରାଯାଉଛି।

### ■ ତୁରେକେଲା-କଣ୍ଟାବାଞ୍ଜି ରାସ୍ତାରେ ଦୁର୍ଘଟଣା

## ଗଛରେ ପିଟିହେଲା ବାଇକ୍; ଜଣେ ମୃତ, ଜଣେ ଗୁରୁତର

କଣ୍ଟାବାଞ୍ଜି,୨୯।୬(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା-କଣ୍ଟାବାଞ୍ଜି ରାସ୍ତା ନୂଆପଡ଼ା ଗାଁ ବୁଲାଣୀଠାରେ ସଡ଼କ ଦୁର୍ଘଟଣା ଘଟି ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଦେବ ଛତ୍ରିଆ।



ସୂଚନା ଅନୁସାରେ, କଣ୍ଟାବାଞ୍ଜି ସହରର ଦେବ ଛତ୍ରିଆ ଓ ଆଦି ଭୋଇ ୨ ଜଣ ନାବାଳକ କୌଣସି କାମରେ ବାଇକ୍ ଯୋଗେ ତୁରେକେଲା ଯାଇ ଘରକୁ ଫେରୁଥିଲେ। ସେହି ସମୟରେ ତାଙ୍କର ବାଇକ୍ ଭାରସାମ୍ୟ ହରାଇ ଗୋଟିଏ ଗଛରେ ପିଟି ହୋଇଥିଲା। ଉଭୟ ରାସ୍ତାରେ ପଡ଼ିଥିବା ବେଳେ ଯାତାୟାତ କରୁଥିବା ଲୋକେ ସେମାନଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନାକୁ ଆମ୍ବୁଲାନ୍ସରେ ଚିକିତ୍ସା ଲାଗି ଆଣିଥିଲେ। ହେଲେ ଡାକ୍ତର ଦେବ ଛତ୍ରିଆଙ୍କୁ ସେଠାରେ ମୃତ ଘୋଷଣା କରିଥିବା ବେଳେ ଆଦି ଭୋଇଙ୍କ ଅବସ୍ଥା ଗୁରୁତର ଥିବାରୁ ବଲାଙ୍ଗୀର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେପଟେ ମୃତ ଦେବଙ୍କ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ତୁରେକେଲା ପୁଲିସ।

## ଯୁଗ୍ମ ଅଭିଯୋଗ ଶୁଣାଣି



ବଲାଙ୍ଗିର,୨୯।୬(ସମିସ): ଗୁଡଭେଲା ପଞ୍ଚାୟତ ସମିତି ବୈଠକ ଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର ଓ ଏସ୍‌ପି ଅଭିଲାଷ ଜୀ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ମୋଟ ୪୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିରୁ ବ୍ୟକ୍ତିଗତ ୩୬ ଓ ୭ଟି ସାମୂହିକ ରହିଥିଲା। ୧୧ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଶିବିରରେ ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଗୁଡଭେଲା ଚିକିତ୍ସାଳୟ ଗସ୍ତ କରି ସ୍ୱାସ୍ଥ୍ୟ କେନ୍ଦ୍ରର ବହିର୍ବିଭାଗ ଓ ଅନ୍ତର୍ବିଭାଗ ପରିଦର୍ଶନ ପୂର୍ବକ ରୋଗୀଙ୍କ ସ୍ୱାସ୍ଥ୍ୟସେବା, ମାଗଣା ଔଷଧ ଯୋଗାଣ ବ୍ୟବସ୍ଥା ଓ ପରିସରର ସ୍ୱଚ୍ଛତାର ସମୀକ୍ଷା କରିଥିଲେ। ତେନ୍ତୁଲିଖୁଣ୍ଟି ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରି ଶ୍ରେଣୀଗୃହରେ ଛାତ୍ରଛାତ୍ରୀଙ୍କ ସହ ଶୈକ୍ଷିକ ଆଲୋଚନା କରିଥିଲେ। ସେ ସ୍କୁଲର ଭିତ୍ତିଭୂମି, ସ୍ମାର୍ଟ କ୍ଲାସରୁମ୍, ବିଜ୍ଞାନଗାର, ପାଠାଗାର, ଛାତ୍ରବାସ ଓ ଛାତ୍ରୀବାସ ଗୁଡିକ ବୁଲି ନିରୀକ୍ଷଣ କରି ଯଥାଶୀଘ୍ର କାମ ସମ୍ପୂର୍ଣ୍ଣ କରି କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

## ବଲାଙ୍ଗୀର ଜିଲ୍ଲା ଓଜେସି ସଭାପତି ହେଲେ ରୂପେଶ




କଣ୍ଟାବାଞ୍ଜି,୨୯।୬(ସମିସ): ଓଡ଼ିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ସଂଗଠନକୁ ତୃଣମୂଳ ସ୍ତରରେ ଅଧିକ ମଜଭୂତ ଓ ସୁଦୃଢ଼ କରିବାକୁ ଏକ ବଡ଼ ସାଂଗଠନିକ ଅଦଳବଦଳ କରାଯାଇଛି। ଦଳର ସଭାପତି ଇଂ. ମହମ୍ମଦ ମୋସିମଙ୍କ ଅନୁମୋଦନ କ୍ରମେ ବିଭିନ୍ନ ଜିଲ୍ଲା ପାଇଁ ନୂତନ ସଭାପତିମାନଙ୍କ ନାମ ଘୋଷଣା କରାଯାଇଛି। ବଲାଙ୍ଗୀର ଜିଲ୍ଲାର ଦାୟିତ୍ୱ ଯୁବ ନେତା ରୂପେଶ କୁମାର ବେହେରାଙ୍କୁ ପ୍ରଦାନ କରାଯାଇଛି।

## ମଦ ଦୋକାନର ବିହାରୀ କର୍ମଚାରୀଙ୍କ ମାଡ଼ରେ ଗ୍ରାହକ ଗୁରୁତର

କଣ୍ଟାବାଞ୍ଜି,୨୯।୬(ସମିସ): କଣ୍ଟାବାଞ୍ଜି ସହର ଇନ୍ଦ୍ରଚ୍ଛକ ନିକଟରେ ଥିବା ଏକ ଲାଇସେନ୍ସଧାରୀ ମଦ ଦୋକାନରେ ଜଣେ ଗ୍ରାହକଙ୍କୁ ମାଡ଼ ମାରି ସେଠାରେ କାମ କରୁଥିବା ବିହାରୀ କର୍ମଚାରୀ ଲହୁଲୁହାଣ କରିଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ସହ ମିଶି ଘଟଣା ଚପାଇ ଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି। ଗୁରୁତର ଅବସ୍ଥାରେ ଯୁବକଙ୍କ ଚିକିତ୍ସା ଚାଲିଥିବାବେଳେ ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତକୁ କାହିଁକି ଗିରଫ କରୁନାହିଁ ପ୍ରଶ୍ନବାଚୀ ସୃଷ୍ଟି କରିଛି। କଣ୍ଟାବାଞ୍ଜି ସହର ନୂଆପଡ଼ା ବାସିନ୍ଦା ପୁରୁନ ହାତୀ ମଦ ଦୋକାନକୁ ଯାଇଥିବାବେଳେ ସମ୍ପୃକ୍ତ ବିହାରୀ କର୍ମଚାରୀ ଏକ ମଦ ବୋତଲ ଦେଇଥିଲେ। ଉକ୍ତ ମଦଟି ୨୦୨୨ର ବୋଲି ଜାଣିବା ପରେ ସେ ପ୍ରତିବାଦ କରିଥିଲେ। ମାତ୍ର ଦୋକାନର ମ୍ୟାନେଜର ଓ ବିହାରୀ କର୍ମଚାରୀ ମିଶି ତାଙ୍କୁ ନିର୍ଘୃମ ପିଟିଥିଲେ। ଏନେଇ ସେ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମାତ୍ର ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ତାଙ୍କ ସହ ମିଶି ମାମଲା ଚପାଇ ଦେବାକୁ ଟଙ୍କା ପ୍ରଲୋଭନ ଦେଖାଯାଉଛି। ଯୁବକ ଜଣକ ଏବେ ଗୁରୁତର ଅବସ୍ଥାରେ ମେଡିକାଲରେ ଚିକିତ୍ସାଧୀନ। ପୁଲିସ ଆଇପିସିର ସଂଗୀନ ଧାରାରେ ମାମଲା ରୁଜୁ କରିଥିଲେ ମଧ୍ୟ କାହିଁକି ଅଭିଯୁକ୍ତକୁ ଗିରଫ କରୁନାହିଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବଲାଙ୍ଗୀର ଏସ୍‌ପି ଘଟଣାରେ ହସ୍ତକ୍ଷେପ କରିବାକୁ ଦାବି ହେଉଛି।

### ଟଙ୍କା ଦେଇ ଘଟଣା ଚପାଇ ଦେବାକୁ ଉଦ୍ୟମ

### ମାମଲା ରୁଜୁ ସତ୍ତ୍ୱେ ଗିରଫ କରୁନି ପୁଲିସ



## ନର୍ସିଂ କଲେଜରେ ଅଗ୍ନିଶମ ବିଭାଗର ଚଢ଼ଉ

# ବିନା ଅଗ୍ନି ନିରାପତ୍ତା ପ୍ରମାଣପତ୍ରରେ ଚାଲିଥିଲା ଶିକ୍ଷାନୁଷ୍ଠାନ

କଣ୍ଟାବାଞ୍ଜି,୨୯।୬(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହରର ଆଦୋପଡାଠାରେ ଥିବା ଶ୍ରୀ ଜଗନ୍ନାଥ ନର୍ସିଂ କଲେଜରେ ସୋମବାର କଣ୍ଟାବାଞ୍ଜି ଅଗ୍ନିଶମ ବିଭାଗ ଚଢ଼ଉ କରି ଅଗ୍ନି ନିରାପତ୍ତା ବ୍ୟବସ୍ଥା ରହିଛି କି ନାହିଁ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଏହି ଶିକ୍ଷାନୁଷ୍ଠାନ ବିନା ଅଗ୍ନି ନିରାପତ୍ତା ପ୍ରମାଣପତ୍ରରେ ଚାଲିଥିବାବେଳେ ଅନେକ ନିୟମ ଉଲ୍ଲଂଘନ କରି ଛାତ୍ରଛାତ୍ରୀମାନଙ୍କୁ ବିପଦସଂକୁଳ ଅବସ୍ଥାରେ ପଢ଼ାଯାଉଥିବା ଅଗ୍ନିଶମ ଅଧିକାରୀ ଶକ୍ତି ପ୍ରସାଦ ନାୟକ ତଦନ୍ତରେ ଜାଣିବାକୁ ପାଇଥିଲେ। ଉତ୍ତରପ୍ରଦେଶ ଓ ଦିଲ୍ଲୀରେ ଶିକ୍ଷାନୁଷ୍ଠାନରେ ଅଗ୍ନିକାଣ୍ଡ ଘଟି ଧନଜୀବନ ହାନୀ ପରେ ସବୁ ରାଜ୍ୟରେ ଚଢ଼ଉ ଜୋରଦାର ଚାଲିଛି। କଣ୍ଟାବାଞ୍ଜି ରେ ଥିବା ଏହି ଶ୍ରୀ ଜଗନ୍ନାଥ ନର୍ସିଂ କଲେଜ କର୍ତ୍ତୃପକ୍ଷ ଅନେକ ଦିନ ହେଲା ନିୟମ ଉଲ୍ଲଂଘନ କରି ଆସୁଛନ୍ତି ତେଣୁ ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅଗ୍ନିଶମ ଅଧିକାରୀ ଶ୍ରୀ ନାୟକ କହିଛନ୍ତି।

## ଶ୍ରୀଜୀଉଙ୍କ ସ୍ନାନଯାତ୍ରା ଓ ହାତୀ ବେଶ

ବଲାଙ୍ଗୀର,୨୯।୬(ସମିସ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଦୀପ .ନ୍ଦଙ୍କ ପୁତ୍ର ଆଲୋକ .ନ୍ଦ ଅବସରରେ ସ୍ଥାନୀୟ ଟିକ୍ରାପଡା ସ୍ଥିତ ଶ୍ରୀକ୍ଷେତ୍ର .ନ୍ଦ ଓ ତାଙ୍କ ସହଧର୍ମିଣୀ ଦୀପ୍ତିମୟୀ .ନ୍ଦ ଶ୍ରୀ ଜୀଉମାନଙ୍କୁ ମନ୍ଦିରରେ ଶ୍ରୀ ଜୀଉମାନଙ୍କର ସ୍ନାନଯାତ୍ରା ଓ ଗଜାନନ ୧୦୮ କଳସ ସୁବାସିତ ଜଳ ଢାଳି ସ୍ନାନ ବେଶ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ଭାବରେ .ନ୍ଦ ମନ୍ଦିର କରାଇଥିଲେ। ସନ୍ଧ୍ୟା ୫ଟାରୁ ଶ୍ରୀ ଜୀଉମାନଙ୍କ



ହାତୀ ବେଶ ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କୁ ହାତୀ ବେଶରେ ସଜାଇ ଥିଲେ ନିମାଇଁ ଚରଣ ହାତୀ, ଦ୍ୱିଜରାମ ମିଶ୍ର, ସତ୍ୟନାରାୟଣ ଶତପଥି। ବିଳମ୍ବିତରାତି ଯାଏ ହାତୀବେଶ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା।

## ଅଭିନବ ଶ୍ରୀକ୍ଷେତ୍ରରେ ସ୍ନାନଯାତ୍ରା

ଦେଓଗାଁ,୨୯।୬(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ଅଭିନବ ଶ୍ରୀକ୍ଷେତ୍ର ସ୍ୱର୍ଣ୍ଣଗଡ ମୁରସିଂହଠାରେ ଶ୍ରୀ ଜଗନ୍ନାଥ ମହାପ୍ରଭୂଙ୍କ ସମେତ ତିନି ବିଗ୍ରହଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଆନୁକୁଲ୍ୟରେ ଅନୁଷ୍ଠିତ ଏହି ଉତ୍ସବ ପ୍ରାରମ୍ଭରେ ଦିନ ୧୧ଟା ସମୟରେ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ରୀତିନୀତି ଅନୁସାରେ ପହଣ୍ଡି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଦିନ ୧ଟାରେ ସ୍ନାନ ଓ ଦିନ ୨ଟା ସମୟରେ ଛେରା ପହଁରା କରାଯାଇଥିଲା। ମୁଖ୍ୟ ଆକର୍ଷକ ଭାବେ ବ୍ରଜତମ ଗୁରୁ ଯୋଗଦେଇ ଛେରାପହଁରା କରିଥିଲେ। ତାଙ୍କ ସହ ଆନନ୍ଦ ପ୍ରଧାନ ଓ ଡା. ସରୋଜ କୁମାର ସାହୁ ଯୋଗଦେଇଥିଲେ। ଅପରାହ୍ନ ୪ଟାଟାରେ ଶ୍ରୀ ଜଗନ୍ନାଥ ମହାପ୍ରଭୂ ହାତୀବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପରେ ରାତି ୧୦ଟାରେ ତିନି ବିଗ୍ରହଙ୍କ ଗମ୍ଭୀରା ବିଜେ ଅନୁଷ୍ଠିତ ହେବାସହ ସ୍ନାନଯାତ୍ରା ସମ୍ପନ୍ନ ହୋଇଥିଲା। ମୁଖ୍ୟ ସେବକ ଭାବେ ବିଜୟ କୁମାର ମହାନ୍ତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



### ● ଶୃଙ୍ଖଳିତ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

## ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଦାୟିତ୍ୱ ସମ୍ପାଦନ ନିର୍ଦ୍ଦେଶ

ବଲାଙ୍ଗିର,୨୯।୬(ସମିସ): ବଲାଙ୍ଗିରରେ ପବିତ୍ର ରଥଯାତ୍ରା ଓ ବାହୁଡ଼ାଯାତ୍ରା ସୁରୁଖୁରୁ ଏବଂ ଶୃଙ୍ଖଳିତ ପରିଚାଳନା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ



ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉପଜିଲ୍ଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହିମାଂଶୁ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ରଥଯାତ୍ରା ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

ବୈଠକରେ ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ଆଦି ସମସ୍ତ ନୀତିକାନ୍ତି ଯେପରି ସମୟାନୁବର୍ତ୍ତୀ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ସମସ୍ୟାର ସମାଧାନ ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ, ପ୍ରବଳ ଗ୍ରୀଷ୍ମ ଓ ଗହଳିକୁ ଦୃଷ୍ଟିରେ ରଖି ପାନୀୟ ଜଳର ବ୍ୟବସ୍ଥା, ରଥ ଟଣା ହେବାକୁ ଥିବା ମୁଖ୍ୟ ରାସ୍ତାର ମରାମତି, ରାସ୍ତାଗୁଡ଼ିକରେ ବାଧା ସୃଷ୍ଟି କରୁଥିବା ବିଜୁଳି ତାର, ଟେଲିଫୋନ ତାର ଓ କେବୁଲ ଅପସାରଣ ଏବଂ ସହରର ସମସ୍ତ ଗଳିକନ୍ଦିରେ ଉପଯୁକ୍ତ ଆଲୋକୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ପ୍ରସ୍ତୁତି କାର୍ଯ୍ୟ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉପଜିଲ୍ଲାପାଳ ଶ୍ରୀ ପଟେଲ ସମସ୍ତ ବିଭାଗ ପରସ୍ପର ସମନ୍ୱୟ ରକ୍ଷା କରି ଦାୟିତ୍ୱ ସମ୍ପାଦନ କରିବାକୁ କହିଥିଲେ।

## ବଲାଙ୍ଗିର ନାଗରିକ କମିଟିର ବୈଠକ

ବଲାଙ୍ଗିର,୨୯।୬(ସମିସ): ବଲାଙ୍ଗିର ନାଗରିକ କମିଟିର କାର୍ଯ୍ୟକାରୀ ବୈଠକ ଆଦର୍ଶପଡାସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ସଭା ଆରମ୍ଭ ହୋଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ଭୀମଭୋଇ ମେଡିକାଲ କଲେଜରେ ଏକ ହୃଦରୋଗ ବିଶେଷଜ୍ଞ ନିଯୁକ୍ତି ସହ ଏମ୍‌ଆର୍‌ଆଇ ଓ ସିଟି ସ୍କାନ ଆଦି ସୁବିଧା ଯୋଗାଇଦେବାକୁ ସରକାରଙ୍କୁ ଦାବିପତ୍ର ଦିଆଯାଇଥିବା ସମ୍ପାଦକ ମଧୁସୂଦନ ନାୟକ ଜଣାଇଥିଲେ। ଡାକ୍ତରଖାନା ଯିବାକୁ ଦୂରଦୂରାନ୍ତରୁ ଆସୁଥିବା ରୋଗୀ ଓ ସମ୍ପର୍କୀୟ ସରକାରୀ ବସ୍‌ଷ୍ଟାଣ୍ଡରୁ ତଥା ରେଳ ଷ୍ଟେସନରୁ ଟାଉନ ବସ୍‌ର ସୁବିଧା କରି ଭୀମଭୋଇ ମେଡିକାଲ କଲେଜ, ଜିଲ୍ଲା ହସପିଟାଲ ଆଦି ସ୍ଥାନକୁ ଯିବା ଆସିବା ବ୍ୟବସ୍ଥା କରିବାକୁ ପରିବହନ ବିଭାଗକୁ ଅନୁରୋଧ କରାଯାଇଛି। ଜୁଲାଇ ପ୍ରଥମ ସପ୍ତାହରେ ବିଭିନ୍ନ ଯାଗାରେ



ବନମହୋତ୍ସବ ପାଳନ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ସଭାରେ ନିତ୍ୟାନନ୍ଦ ମିଶ୍ର, ତ୍ରିନାଥ ସାହୁ, ଶରତ ମହାକୁର, ତରୁଣ ମିଶ୍ର, ପ୍ରକାଶ ନେପାକ, ଡା. ପ୍ରମୋଦ ମିଶ୍ର, ଗୋପବନ୍ଧୁ ପୁରୋହିତ, ବିନୋଦ ପାଣିଗ୍ରାହୀ, ପ୍ରଫୁଲ୍ଲ ମିଶ୍ର, ଚନ୍ଦ୍ରମଣୀ ଭାଟି ଆଦି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହ-ସଂପାଦକ ସୁନିଲ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଙ୍ଗନବାଡ଼ିରେ ଅନୁସୂଚିତ ଜାତିର ପାଚିକାଙ୍କୁ ବିରୋଧ ଘଟଣା

# ହରିପାଲଙ୍କ ସମର୍ଥନରେ ବାହାରିଲା ଲକ୍ଷେଘର ଗଣ୍ଡା ସମାଜ

କଣ୍ଟାବାଞ୍ଜି/ମୁରିବାହାଲ,୨୯।୬(ସମିସ)



ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଅନ୍ତର୍ଗତ ଘୁଷୁରାମୁଣ୍ଡା ଗାଁରେ ଦଳିତ ଜାତିର ମହିଳା ପାଚିକାଙ୍କୁ ବିରୋଧ ପରେ ପାଚିକାଙ୍କ ସମର୍ଥନରେ ଗାଁରେ ପହଞ୍ଚିଛି ଲକ୍ଷେଘର ଗଣ୍ଡା ସମାଜ। ଗାଁର ଜଣେ ଉଚ୍ଚ ଶିକ୍ଷିତ ଦଳିତ ଜାତିର ମହିଳା ପୂଣ୍ୟ ହରିପାଲ ଘୁଷୁରାମୁଣ୍ଡା ଗ୍ରାମ ୬ ନମ୍ବର ୱାର୍ଡ ଅଙ୍ଗନବାଡ଼ି କେନ୍ଦ୍ରରେ ପାଚିକା ନିଯୁକ୍ତିକୁ ନେଇ ଦେଖାଦେଇଥିଲା ଉତ୍ତେଜନା। ନୂତନ ନିଯୁକ୍ତ ଦଳିତ ପାଚିକାଙ୍କୁ ବିରୋଧ କରି ଗ୍ରାମବାସୀ ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇ ଦେଇଥିବାରୁ ଅଙ୍ଗନବାଡ଼ିର ସମସ୍ତ କାର୍ଯ୍ୟକ୍ରମ ବନ୍ଦ ରହିଛି। ଗାଁରେ ଜଣେ ଦଳିତ ମହିଳାଙ୍କୁ ଅସମ୍ମାନ ଘଟଣା ଦେଖି ସମର୍ଥନରେ ଗାଁରେ ପହଞ୍ଚିଥିଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଲକ୍ଷେଘର ଗଣ୍ଡା ସମାଜ। ସଭାପତି ଗୋବିନ୍ଦ ତାଣ୍ଡିଙ୍କ ନେତୃତ୍ୱରେ ଉପ ସଭାପତି ଅନିଲ୍ ବିଭାର, ତୁଳସୀ ରାମ ଜବତ, ବିଦ୍ୟା ତାଣ୍ଡିଙ୍କ ସମେତ ବିଭିନ୍ନ ବ୍ଲକରୁ ଶହ ଶହ ଯୁବକ ଘୁଷୁରାମୁଣ୍ଡା ଗାଁରେ ପହଁଚି ପାଚିକା ପୂଣ୍ୟ ହରିପାଲଙ୍କୁ ସାକ୍ଷାତ କରି ଘଟଣା ସମ୍ପର୍କରେ ପଚାରି ଗଣ୍ଡା ସମାଜ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ଯଦି ଜଣେ ଉଚ୍ଚ ଶିକ୍ଷିତ ମହିଳା ଆଜି ଜାତି ପାଇଁ ହଟାହଟା ହେଉଛି ତେବେ ଜାତିର ସାଧାରଣ ଲୋକଙ୍କ ଅବସ୍ଥା କ'ଣ ହେଉଥିବ ଅନୁମେୟ। ଯଦି ଜାତି ପାଇଁ ଲୋକଙ୍କୁ ଏତେ ଅସୁବିଧା ହେଉଛି ତେବେ ସରକାର ସ୍ୱତନ୍ତ୍ର ରାଜ୍ୟ ଦିଅନ୍ତୁ ବୋଲି ସଭାପତି ଗୋବିନ୍ଦ ତାଣ୍ଡି ଦାବି କରିବା ସହ ପାଚିକା ପୂଣ୍ୟ ହରିପାଲଙ୍କୁ ପ୍ରଶାସନ ଶୀଘ୍ର ନ୍ୟାୟପ୍ରଦାନ କରନ୍ତୁ ନଚେତ୍ ଲକ୍ଷେଘର ଗଣ୍ଡା ସମାଜ ଆଇନ୍ ଅମାନ୍ୟ ଆନ୍ଦୋଳନ କରିବ ବୋଲି ଖୋଲା ଚେତାବନୀ ଦେଇଛନ୍ତି।

# ଦିବ୍ୟ ସମାଗମରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ଉତ୍ସବ







ବାଲେଶ୍ୱର, ୨୯।୬(ସମିସ)

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରାର ପ୍ରଥମ ପର୍ବ ହେଉଛି ସ୍ନାନ ଉତ୍ସବ। ପବିତ୍ର ସ୍ନାନ ପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କ ଏହି ଅନନ୍ୟ ଉତ୍ସବରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ପୁରୀ ଶ୍ରୀକ୍ଷେତ୍ରକୁ ଚଳଚଂଚଳ କରିଛି। ଅନୁରୂପ ଭାବେ ବାଲେଶ୍ୱରରେ ମଧ୍ୟ ଶ୍ରୀ ଜଗନ୍ନାଥ ମନ୍ଦିରମାନଙ୍କରେ ବେଶ ଶ୍ରଦ୍ଧା ଓ ଭକ୍ତିର ସହ ଶ୍ରୀଜୀଉଙ୍କ ସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ବାଲେଶ୍ୱର ସହରର ମଣ୍ଡଳବଜାର ଶ୍ରୀ ଜଗନ୍ନାଥ ମନ୍ଦିର, ମୋତିଗଞ୍ଜ ବଜାର ବାଣ୍ଡିଆ ଜଗନ୍ନାଥ ମନ୍ଦିର, ବାଲିଘାଟ ଜଗନ୍ନାଥ ମନ୍ଦିର, ପୁଲିସ ଲାଇନ ଜଗନ୍ନାଥ ମନ୍ଦିର, ଆଜିମାବାଦ ଜଗନ୍ନାଥ ମନ୍ଦିର ସମେତ ବାଲିଆ,ଶାସଙ୍ଗ ପ୍ରଭୃତି ସ୍ଥାନରେ







ଆଜି ବିଶେଷ ନୀତିରେ ଶ୍ରୀଜୀଉମାନଙ୍କର ସ୍ନାନ ଉତ୍ସବ ସମ୍ପନ୍ନ ହୋଇଛି। ପ୍ରାତଃ କାଳରେ ଦୈନିକ ରୀତିପୂଜା ପରେ ତିନି ଠାକୁରଙ୍କ ସମେତ ଚକ୍ରରାଜ ସୁଦର୍ଶନଙ୍କୁ ଭକ୍ତମାନେ ଧାଡ଼ି ପହଣ୍ଡିରେ ସ୍ନାନବେଦୀ ବା ସ୍ନାନମଣ୍ଡପକୁ ନିଆଯାଇଥିଲା। ଘଂଟଘଂଟା, ଶଙ୍ଖ ହୁଳହୁଳି, ଭଜନ କୀର୍ତ୍ତନ ସହିତ ହରିବଲ ଓ ଜୟ ଜଗନ୍ନାଥ ଧ୍ୱନିରେ ବିଗ୍ରହମାନଙ୍କୁ ଧାଡ଼ି ବା ଗୋଟି ପହଣ୍ଡିରେ ଆଣୁଥିବା ଦୃଶ୍ୟ ଅତ୍ୟନ୍ତ ଆକର୍ଷଣୀୟ ଥିଲା। ସ୍ନାନବେଦୀରେ ବିଗ୍ରହମାନଙ୍କୁ ୧୦୮ ପବିତ୍ର ତଥା ସୁବାସିତ ଜଳରେ ସ୍ନାନ କରାଯିବା ଦୃଶ୍ୟ ମଧ୍ୟ ଭକ୍ତଙ୍କୁ ବିମୋହିତ କରିଥିଲା। ସ୍ନାନପରେ ଭକ୍ତମାନଙ୍କ ଦର୍ଶନ ନିମନ୍ତେ ଶ୍ରୀଜୀଉମାନେ ଗଜାନନ ବେଶରେ ପ୍ରକଟ ହୋଇଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତିରେ ମହାପ୍ରଭୁଙ୍କର ବିଭନ୍ନ ଯାତ୍ରା ମଧ୍ୟରୁ ଜ୍ୟେଷ୍ଠ ମାସ ପୂର୍ଣ୍ଣିମାରେ ହେଉଥିବା ସ୍ନାନ ଯାତ୍ରା ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଅଂଶବିଶେଷ ଅଟେ।

**ନୀଳଗିରି:** ଆଜି ଜ୍ୟେଷ୍ଠ ମାସ ପୂର୍ଣ୍ଣିମା ତିଥି ଏହି ଦିନରେ ଦେବସ୍ନାନ ପୂର୍ଣ୍ଣିମା ବା ସ୍ନାନଯାତ୍ରା ପାଳନ କରାଯାଏ। ନୀଳଗିରି ତୃତୀୟ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାରମ୍ପରିକ ରୀତିନୀତି ଅନୁସାରେ ସୋମବାର ସକାଳେ ସେନାପଟା ଲାଗି, ରାଜନୀତି-ବନ୍ଦାପନା, ପୁଷ୍ପାଞ୍ଜଳି, ଡୋରଲାଗି ହୋଇଥିଲା।







ଆଦିସେବକ ରାଜା ଜୟନ୍ତ ମର୍ଦ୍ଦରାଜ ହରିଚନ୍ଦନଙ୍କ ପ୍ରତିନିଧି ଯୁବରାଜ ଜନ୍ମଞ୍ଜୟଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଛେରା ପହଁରା ନୀତି ସମ୍ପାଦନ ପରେ ପ୍ରଥମେ ସ୍ନାନ ବେଦିକୁ ଚକ୍ରରାଜ ସୁଦର୍ଶନ ପଛେ ପଛେ ବଳଭଦ୍ର ଓ ଦେବୀ ସୁଭଦ୍ରା ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଆସିଥିଲେ। ମଙ୍ଗଳ ଆଳତି, ଅବକାଶ ପରେ ପାରମ୍ପରିକ ରୀତିରେ ୧୦୮ କଳସ ସୁଭାସିତ ଜଳରେ ସ୍ନାନ ସମାପନ ହୋଇଥିଲା। ବର୍ଷରେ ଥରୁଟିଏ ଶ୍ରୀ ଜଗନ୍ନାଥ ଭାଇ ଭଉଣୀଙ୍କ ସହିତ ପ୍ରତ୍ୟକ୍ଷ ଜଳସ୍ନାନ କରନ୍ତି, ଅନ୍ୟ ସମୟରେ ତାଙ୍କୁ ଦର୍ପଣ ସ୍ନାନ କରାଯାଏ। ପରେ ରୋଷ ହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ସରିବା ପରେ ଆରମ୍ଭ ହୋଇଥିଲା ସକାଳ ଧୂପ, ଗଜାନନ ବେଶ, ସନ୍ଧ୍ୟାରେ ଆଳତୀ, ଦକ୍ଷିଣ ଆଳତୀ ପରେ ବିଳମ୍ବିତ ରାତ୍ରୀରେ ଗୋଟି ପହଣ୍ଡିରେ ତିନିଠାକୁର ଅଣସର ଗୃହକୁ ଯାଇଛନ୍ତି। ବ୍ରହ୍ମା ସରୋଜ କୁମାର ନନ୍ଦ, ଦେବେନ୍ଦ୍ର କୁମାର ନନ୍ଦ, ପୁଣ୍ୟଶ୍ଲୋକ ନନ୍ଦ, ମନୋଜ କୁମାର ନନ୍ଦ, ରାଜଗୁରୁ ରବିନ୍ଦ୍ର ମହାପାତ୍ର, ପ୍ରହରାଜ ହରନାରାୟଣ ନନ୍ଦ, ଲମ୍ବୋଧର ଆଚାର୍ଯ୍ୟ, ଦେବାଶିଷ ଦାସ, ବିରେଶ ଶତପଥି, ମୃତ୍ୟୁଞ୍ଜୟ କର, ପୂଜକ ହରିବନ୍ଧୁ କର, ପ୍ରିୟବ୍ରତ୍ତ କରଙ୍କ ସହିତ ଠାକୁର ମହଲ କର୍ମଚାରି ରମେଶ ଦାସ ଓ ନିରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ଉପ-ଜିଲ୍ଲାପାଳ ଶୁଭଶ୍ରୀ ରଥ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ପୁର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ଏହି ନୀତିକାନ୍ତ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

**ଇମାମି ଜଗନ୍ନାଥ ମନ୍ଦିର:** ବାଲେଶ୍ୱର ଜିଲ୍ଲାର ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମି ନଗର ଶ୍ରୀଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ପବିତ୍ର ମହାସ୍ନାନ ଯାତ୍ରା ସୋମବାରଦିନ ଅତ୍ୟନ୍ତ ଭକ୍ତିମୟ, ଆଧ୍ୟାତ୍ମିକ ଓ ଦିବ୍ୟ ସମାଗମରେ ଭବ୍ୟ ଭାବେ ପାଳିତ ହୋଇଯାଇଛି। ସକାଳୁ ଆରମ୍ଭ ହୋଇଥିବା ଏହି ପାରମ୍ପରିକ ଅନୁଷ୍ଠାନ ଦିନ ଭରି ଭକ୍ତ ମାନଙ୍କ ଅତୁଟ ଶ୍ରଦ୍ଧା, ଆସ୍ଥା ଓ ଭକ୍ତିରେ ପରିପୂର୍ଣ୍ଣ ହୋଇଥିଲା, ଯାହା ସମଗ୍ର ପରିବେଶକୁ ଏକ ଦିବ୍ୟ ଧାମର ଅନୁଭୂତି ଦେଇଥିଲା। ପୁରୀ ଶ୍ରୀକ୍ଷେତ୍ରର ପାରମ୍ପରିକ ପଦ୍ଧତି ନୀତିକାନ୍ତି ଅନୁଯାୟୀ ପ୍ରାତଃକାଳରେ ମଙ୍ଗଳାର୍ପଣ, ଆଜ୍ଞାମାଳ, ଧାଡି ପହଣ୍ଡି, ମଙ୍ଗଳ ଆରତି, ବଲ୍ଲଭ ଭୋଗ, ସୁବର୍ଣ୍ଣକୂପ ପୂଜା, କଳସ ଅଧିବାସ ଭଳି ନିଷ୍ଠାର ସହିତ ସମ୍ପାଦନ କରାଯାଇଥିଲା।ମନ୍ତ୍ରଉଚ୍ଚାରଣ, ଗମ୍ଭୀର ଧ୍ୱନି, ଘଣ୍ଟା, ଶଙ୍ଖର ନାଦ ଏହି ଅବସରକୁ ଅତ୍ୟନ୍ତ ଦିବ୍ୟ ଓ ଆବିକ ଆନନ୍ଦରେ ଭରିଦେଇଥିଲା। ଏହାପରେ ୧୦୮ ଟି ପବିତ୍ର କଳସରେ ସଂଗ୍ରହିତ ସୁଗନ୍ଧିତ ଓ ମନ୍ତ୍ରସିଦ୍ଧ ଜଳ ଦ୍ୱାରା ଚତୁର୍ଦ୍ଧା ମୂର୍ତ୍ତିଙ୍କର ମହାସ୍ନାନ ସମ୍ପର୍ଣ୍ଣ ହୋଇଥିଲା। ସ୍ନାନ ପରେ ଚତୁର୍ଦ୍ଧା ମୂର୍ତ୍ତି ଗଜାନନ ବେଶରେ ଭକ୍ତ ମାନଙ୍କୁ ଦର୍ଶନ ଦେଇଥିଲେ। ଶ୍ରୀ ଜଗନ୍ନାଥ ମନ୍ଦିରଟି ଇମାମି ଗ୍ରୁପର ପ୍ରତିଷ୍ଠାତା ଶ୍ରୀ ରାଧେଶ୍ୟାମ ଅଗ୍ରୱାଲଙ୍କ ଧାର୍ମିକ ଚେତନା ଫଳସ୍ୱରୂପ ସ୍ଥାପିତ ହୋଇଛି। ଇମାମି ଗ୍ରୁପର ଯୁଗ୍ମ ଅଧକ୍ଷ ଶ୍ରୀ ରାଧେଶ୍ୟାମ ଗୋଏଙ୍କା ପାରମ୍ପରିକ ଛେରା ପହଁରା ନୀତି ପାଳନ କରିଥିଲେ। ମହାପ୍ରଭୁଙ୍କୁ ଛପନ ଭୋଗ ଅର୍ପଣ କରାଯାଇଥିଲା ସନ୍ଧ୍ୟା ଆରତି ପରେ ଶ୍ରୀଜୀଉମାନେ ସ୍ନାନ ବେଦୀରୁ ଅଣସର ଘରକୁ ବିଜେ କରିଥିଲେ। ଇମାମି ଗ୍ରୁପର ଅନ୍ୟତମ ନିର୍ଦ୍ଦେଶକ ସୁଶୀଲ କୁମାର ଗୋଏଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁଶୀଲ କୁମାର ଖେତାନ, ଇମାମି ପେପର ମିଲ୍ସର ବରିଷ୍ଠ ସଭାପତି ଆଶୀଷ ଅବିନାଶଗୁପ୍ତା, ଇମାମି ଲେଡିସ କ୍ଲବ ସଦସ୍ୟାଗଣ ଓ ସମସ୍ତ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଅତ୍ୟନ୍ତ ଶୃଙ୍ଖଳାବଦ୍ଧ ଓ ସଫଳ ଭାବେ ପାଳିତ ହୋଇଥିଲା। ଏହି ଅବସରରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁରବିକାଶ, ଉପଜିଲ୍ଲାପାଳ ଶିବ ମାଲଭିୟ, ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ବିଜେଡି ନାରୀ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ବିଜେଡି ଯୁବନେତା ଶୁଭେନ୍ଦୁ ମଙ୍ଗରାଜ ପ୍ରମୁଖ ଯୋଗ ଦେଇଥିଲେ। ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତ ମାନଙ୍କ ଭିଡ ଲାଗିଥିଲା। ଇମାମି ପେପର ମିଲ୍ସ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଓ ପ୍ରସାଦ ବଣ୍ଟନ କରାଯାଇଥିଲା, ଭକ୍ତ ମାନେ ଅତ୍ୟନ୍ତ ଶ୍ରଦ୍ଧା ଓ ଆନନ୍ଦର ସହିତ ଗ୍ରହଣ କରିଥିଲେ। ଏହି ଦିବ୍ୟ ମହାସ୍ନାନ ଯାତ୍ରାକୁ ସଫଳ ଓ ସ୍ମରଣୀୟ କରିବାରେ ଯେଉଁ ସମସ୍ତ କର୍ମକର୍ତ୍ତା, ସମବାୟ, ମନ୍ଦିର ପ୍ରଶାସନ ଓ ଭକ୍ତ ମାନେ ନିଷ୍ଠାର ସହିତ ସହଯୋଗ କରିଥିଲେ ସେମାନଙ୍କୁ ଇମାମି ପେପର ମିଲ୍ସର ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଥିଲେ।

**କାଳିପଦା/ବାଲିଆପାଳ :** ବାଲିଆପାଳରେ ଖଗଡା ପାଳ ସ୍ଥିତ ପ୍ରସିଦ୍ଧ ଶ୍ରଦ୍ଧା ଓ ମାନ୍ଧାତା ବଜାରସ୍ଥିତ ଭକ୍ତି କ୍ଷେତ୍ରରେ ସୋମବାର ପବିତ୍ର ଦେବ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଯାଇଛି। ଏଥି ପାଇଁ ପ୍ରାତଃରୁ ଶ୍ରୀ ଜୀଉମାନଙ୍କର ମଙ୍ଗଳ ଆଳତୀ, ସୂର୍ଯ୍ୟପୂଜା, ଦ୍ୱାର ପୂଜା, ଅବକାଶ ନୀତି ଆଦି ସମ୍ପନ୍ନ ହୋଇଥିଲା। ପରେ ଉଭୟେ କ୍ଷେତ୍ରର ସେବାୟତମାନେ ତିନି ଠାକୁରଙ୍କୁ ଗୋଟିପହଣ୍ଡିରେ ସ୍ନାନ ମଣ୍ଡପକୁ ନେଇଥିଲେ। ମନ୍ଦିରର ବଡ଼ ପଣ୍ଡା ବିଷ୍ଣୁ ଦାସ ପାଠୀ ଛେରାପହଁରା କରିଥିଲେ। ସ୍ନାନ ବେଦୀରେ ପୂଜା ଅର୍ଚ୍ଚନା ପରେ ୧୦୮ ଗରା ସୁବାସିତ ଜଳରେ ଶ୍ରୀ ବିଗ୍ରହମାନଙ୍କୁ ସ୍ନାନ କରାଯାଇଥିଲା। ମଣ୍ଡପରେ ଷୋଡ଼ଶ ପୂଜା ଏବଂ ହୋମ ପରେ ଚତୁର୍ଦ୍ଧାମୂର୍ତ୍ତି ଗଜାନନ ବେଶ ଧାରଣା କରିଥିଲେ। ପୂଜା ନୀତି ପରେ ରାତି ୮ ଟା ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ଘରେ ବିଜେ କରାଯାଇ ଥିଲା। ଶ୍ରଦ୍ଧା କ୍ଷେତ୍ରରେ ସେବାୟତ ରବି ନାରାୟଣ ପାଠୀ, ବଳଦେବ ପଣ୍ଡା, ସୋମନାଥ ପାଣିଗ୍ରାହୀ, ପ୍ରଭୁ ଲୋକନାଥ ପାଠୀ ପ୍ରମୁଖ ପୂଜା ଅର୍ଚ୍ଚନା କରିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡର ସମ୍ପାଦକ ବ୍ରଜକିଶୋର ଭୂୟାଁ, ପୂର୍ବତନ ସରପଞ୍ଚ ମୁରଲୀ ମୋହନ ସାହୁ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ପ୍ରଫୁଲ୍ଲ କୁମାର ସାହୁ, ଦିବ୍ୟକାମ ମହାନ୍ତି, ସଞ୍ଜୟ କୁମାର ଦେ ଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ଏହି ଉତ୍ସବକୁ ପରିଚାଳନା କରିଥିଲେ। ଶ୍ରୀଜୀଉମାନଙ୍କ ଦର୍ଶନ ପାଇଁ ଶହଶହ ଶ୍ରଦ୍ଧାଳୁଙ୍କର ଭିଡ ହୋଇଥିଲା ସେହିପରି ମାନ୍ଧାତା ବଜାରସ୍ଥିତ ଭକ୍ତି କ୍ଷେତ୍ରରେ ଶ୍ରୀ ଜଗନ୍ନାଥ ଜୀଉ ନିଯୋଗର ସଭାପତି ଗୋପାଳ କୃଷ୍ଣ ପାତ୍ର, ସମ୍ପାଦକ ସନାତନ ପାତ୍ର, ସରୋଜ ତୋଳା, ରାଜେନ୍ଦ୍ର ଧଳ, ସୁଦର୍ଶନ ଦଳାଇ, କଟି ଛୁଆ ଦଳାଇ, ଅଜୟ କୁମାର ପାତ୍ର, କୃଷ୍ଣାନନ୍ଦ ପାତ୍ର, ମନୋରଞ୍ଜନ ସାମଲ, ମନୋରଞ୍ଜନ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**ଫକୀରମୋହନ ବିଶ୍ୱବିଦ୍ୟାଳୟ :** ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସସ୍ଥିତ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରରେ ପବିତ୍ର ସ୍ନାନଯାତ୍ରା ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ସେବକ ଭାବେ ଉପସ୍ଥିତ ରହି ଅତ୍ୟନ୍ତ ନିଷ୍ଠା ଓ ଭକ୍ତିଭାବର ସହିତ ସ୍ୱହସ୍ତରେ ସ୍ନାନଯାତ୍ରାର ସମସ୍ତ ନୀତିକାନ୍ତି ସମ୍ପନ୍ନ କରିଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଆଖପାଖ ଅଞ୍ଚଳର ଭକ୍ତ ମହାପ୍ରଭୁଙ୍କ ଦେବସ୍ନାନ ଦର୍ଶନ କରି ଆତ୍ମିକ ଶାନ୍ତି ଓ ଦିବ୍ୟ ଅନୁଭୂତି ଲାଭ କରିଥିଲେ। ପାରମ୍ପରିକ ବିଧି ଅନୁଯାୟୀ ଶ୍ରୀଜୀଉମାନଙ୍କୁ ୧୦୮ ପିଣ୍ଡି ସୁବାସିତ ଜଳରେ ଶ୍ରୀଙ୍ଗାର ମଣ୍ଡପରେ ମହାସ୍ନାନ କରାଯାଇଥିଲା। ପରେ ବିଶେଷ ଅଙ୍ଗଲାଗି ସେବା ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କୁ ଆକର୍ଷଣୀୟ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ସମଗ୍ର ଉତ୍ସବ ସୁନିୟୋଜିତ ଓ ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିଲା। ପ୍ରକାଶ ଥାଉ କି, କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ପ୍ରତିବର୍ଷ ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି ବିଧିବଦ୍ଧ ଭାବେ ପାଳନ କରାଯାଉଛି।

**ଅନନ୍ତପୁର ଜଗନ୍ନାଥ ମନ୍ଦିର :** ସୋର ବ୍ଲକ ଅନନ୍ତପୁର ଶ୍ରୀ ଜଗନ୍ନାଥ ମନ୍ଦିର ରେ ତିନି ଦିଅଁଙ୍କ ପବିତ୍ର ସ୍ନାନଯାତ୍ରା ମହା ସମାରୋହରେ ପାଳିତ ହୋଇ ଯାଇଛି। ଭୋରରୁ ଦିଅଁ ମାନଙ୍କ ମଙ୍ଗଳା ଆଳତୀ, ମଇଲମ, ଅବକାଶ ନୀତି ପରେ ଚତୁର୍ଦ୍ଧା ମୂର୍ତ୍ତି ଙ୍କୁ ଗୋଟି ପହଣ୍ଡି ରେ ଶହ ଶହ ଶ୍ରଦ୍ଧାଳୁଙ୍କ ଶଙ୍ଖ, ଘଣ୍ଟା ହୁଳହୁଳି ଜୟ ଜଗନ୍ନାଥ ଧ୍ୱନି ସଂକୀର୍ତନ ମଧ୍ୟରେ ସ୍ନାନ ମଣ୍ଡପକୁ ନିଆଯାଇ ଥିଲା। ସେବାୟତ ମାନେ ଶ୍ରୀ ସୁଦର୍ଶନ,ପ୍ରଭୁ ବଳଭଦ୍ର, ମା ସୁଭଦ୍ରା, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କୁ ସ୍ନାନ ମଣ୍ଡପ ରେ ବିଜେ କରାଯାଇ ସମସ୍ତ ନୀତିକାନ୍ତି ପରେ ୧୦୮ ସୁବାସିତ ଜଳ,ଓ କ୍ଷୀର ରେ ଜୀଉ ମାନଙ୍କୁ ସ୍ନାନ କରା ଯାଇଥିଲା। ସ୍ନାନ ସମୟ ରେ ହୁଳହୁଳି, ଶଙ୍ଖ, ଘଣ୍ଟ ଘଣ୍ଟା,ଜୟ ଜଗନ୍ନାଥ ଧ୍ୱନି, ସଂକୀର୍ତ୍ତନରେ ପରିବେଶ ପ୍ରକମ୍ପିତ ହୋଇ ଥିଲା।ପରେ ଦିଅଁ ମାନଙ୍କୁ ସ୍ୱତନ୍ତ୍ର ବେଶରେ ସଜ୍ଜିତ କରିବା ପରେ ସ୍ନାନ ମଣ୍ଡପ ରେ ଭକ୍ତ ମାନେ ଦର୍ଶନ କରି ଦିବ୍ୟ ଆନନ୍ଦ ଲାଭ କରିଥିଲେ। ଅପରାହ୍ନ ୪ ଟା ରେ ତିନି ଠାକୁରଙ୍କୁ ଗୋଟି ପହଣ୍ଡି ରେ ଅଣସର ବେଦି କୁ ନିଆଯାଇଥିଲା। ଏହି ଅବସରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ଅନନ୍ତପୁର ଶାଖା ତରଫରୁ ଭକ୍ତ ମାନେ ବିଶୁଦ୍ଧ ଜଳ ପିଇବା ପାଇଁ ଗୋଟିଏ ଆକ୍ୱାଗାର୍ଡ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ବସା ଯାଇ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟ ରେ ଲୋକାର୍ପଣ କରା ଯାଇଥିଲା। ଲୋକାର୍ପଣ ଉତ୍ସବରେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଅଭିଜିତ ଦେହୁରୀ, ଅନନ୍ତପୁର ଥାନା ଏଏସଆଇ ଜୟପ୍ରକାଶ ବେହେରା ଓ ମନ୍ଦିର ପରିଚାଳନା କମିଟି ର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।


**ମୁମ୍ବାଇ ଅନୁଶକ୍ତିନଗର:** ମୁମ୍ବାଇ ଅନୁଶକ୍ତିନଗର ଅନୁଶକ୍ତିନଗର ଓଡ଼ିଆ ସମାଜ ପକ୍ଷରୁ ପବିତ୍ର ଶ୍ରୀଜଗନ୍ନାଥ ସ୍ନାନକ୍ଷ ପୂର୍ଣ୍ଣିମା ଓ ହାତୀ ବେଶ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଇଥିଲା। ଶତାଧିକ ଭକ୍ତଙ୍କ ଉପସ୍ଥିତିରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ପାରମ୍ପରିକ ସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ସକାଳୁ ମଙ୍ଗଳ ଆରତି ପରେ ବେଦମନ୍ତ୍ର, ହରିନାମ ସଂକୀର୍ତ୍ତନ ଓ ଭକ୍ତିମୟ ପରିବେଶ ମଧ୍ୟରେ ପବିତ୍ର ଜଳରେ ମହାପ୍ରଭୁଙ୍କ ସ୍ନାନ ଅନୁଷ୍ଠିତ ହୋଇଥିଲା। ସ୍ନାନ ପରେ ପ୍ରଭୁଙ୍କୁ ପାରମ୍ପରିକ ହାତୀ ବେଶରେ ସୁସଜ୍ଜିତ କରାଯାଇଥିଲା, ଯାହାର ଦର୍ଶନ ପାଇଁ ଭକ୍ତମାନଙ୍କ ମଧ୍ୟରେ ଅପାର ଉତ୍ସାହ ଦେଖାଯାଇଥିଲା। ଚଳିତ ବର୍ଷ ଅନୁଶକ୍ତିନଗରରେ ଶ୍ରୀଜଗନ୍ନାଥଙ୍କ ପାଇଁ ଏକ ନୂତନ କାଠର ରଥ ନିର୍ମାଣ କରାଯାଉଛି। ଏହି ନୂତନ ରଥରେ ଚଳିତ ବର୍ଷର ଶ୍ରୀଜଗନ୍ନାଥ ରଥଯାତ୍ରା ଆହୁରି ଭବ୍ୟ ଓ ଆକର୍ଷଣୀୟ ଭାବେ ପାଳନ କରାଯିବ, ଯାହାକୁ ନେଇ ସମଗ୍ର ଅନୁଶକ୍ତିନଗରରେ ଉତ୍ସାହ ଓ ଭକ୍ତିର ପରିବେଶ ସୃଷ୍ଟି ହୋଇଛି। ଅନୁଶକ୍ତିନଗର ଓଡ଼ିଆ ସମାଜ ହେଉଛି ମୁମ୍ବାଇସ୍ଥିତ ଭାବା ପରମାଣୁ ଗବେଷଣା କେନ୍ଦ୍ରର ବୈଜ୍ଞାନିକ, ଅଧିକାରୀ ଓ କର୍ମଚାରୀମାନଙ୍କର ଏକ ପ୍ରମୁଖ ସାଂସ୍କୃତିକ ସଂଗଠନ। ପ୍ରତିବର୍ଷ ଆୟୋଜିତ ହେଉଥିବା ଶ୍ରୀଜଗନ୍ନାଥ ରଥଯାତ୍ରାରେ କେବଳ ଓଡ଼ିଆ ସମ୍ପ୍ରଦାୟ ନୁହେଁ, ବରଂ ବିଭିନ୍ନ ରାଜ୍ୟର ଅଣଓଡ଼ିଆ ଭକ୍ତମାନେ ମଧ୍ୟ ବହୁ ସଂଖ୍ୟାରେ ଅଂଶଗ୍ରହଣ କରି ଭକ୍ତି, ସାମ୍ପ୍ରଦାୟିକ ସଦ୍ଭାବ ଓ ଜାତୀୟ ଏକତାର ଏକ ଅନନ୍ୟ ନିଦର୍ଶନ ସୃଷ୍ଟି କରିଥାନ୍ତି। ଏହି ଅବସରରେ ଭକ୍ତମାନଙ୍କ ପାଇଁ ମହାପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲାସ୍ୱେଚ୍ଛାସେବକମାନଙ୍କ ନିଷ୍ଠାପୂର୍ଣ୍ଣ ସେବା ଏବଂ ମହିଳା, ଯୁବବର୍ଗ ଓ ଶିଶୁମାନଙ୍କର ସକ୍ରିୟ ସହଯୋଗ ଅନୁଷ୍ଠାନକୁ ସଫଳ ଓ ସ୍ମରଣୀୟ କରିଥିଲା। ଏହି ସମଗ୍ର କାର୍ଯ୍ୟକ୍ରମର ପରିଚାଳନା ଓ ସମନ୍ୱୟରେ ରତିକାନ୍ତ ମିଶ୍ର, ରାଜକିଶୋର ଲେଙ୍କା, ସବ୍ୟସାଚୀ ରାଉତ, ଗୌରୀଶଙ୍କର ସାହୁ, ଶ୍ରୀକାନ୍ତ ସାହୁ, ବିଶ୍ୱଭୂଷଣ ସାହୁ, ଶ୍ରୀଧର ସାହୁ ଏବଂ ପବିତ୍ର ବାରଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ସମଗ୍ର ଅନୁଷ୍ଠାନକୁ ସୁଚାରୁ ଓ ସଫଳ ଭାବେ ସମ୍ପନ୍ନ କରିଥିଲେ।

**କୃପାକ୍ଷେତ୍ର ରସିଦପୁର:** ଭୋଗରାଇ ବ୍ଲକ ଅନ୍ତର୍ଗତ କୃପାକ୍ଷେତ୍ର ରସିଦପୁର ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା ବିନା ଭକ୍ତରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ୫ ଟାରେ ମହାପ୍ରଭୁଙ୍କ ଆରତୀ ଓ ସୂର୍ଯ୍ୟପୂଜା ଯଥାରୀତି ସମ୍ପନ୍ନ ହୋଇଥିଲା। ପରେ ସେବାୟତମାନେ ନିକଟସ୍ଥ ସୁବର୍ଣ୍ଣରେଖା ନଦୀରୁ କଳସିରେ ପାଣି ଆଣିଥିଲେ। ବଡପଣ୍ଡା ପତିତପାବନ ପାଣି ବିଧି ମୁତାବକ ତିନି ଠାକୁରଙ୍କ ଅଭିଷେକ କରାଇଥିଲେ। ପୂର୍ବାହ୍ନ ୧୧ଟାରେ ତିନି ଠାକୁରଙ୍କ ପବିତ୍ର ସ୍ନାନ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୨ ଟାରେ ମହାପ୍ରଭୁଙ୍କ ଗଜାନନ ବେଶ ସମ୍ପନ୍ନ ହୋଇଥିଲା। ଟ୍ରଷ୍ଟ ବୋର୍ଡର ସଭାପତି ଶ୍ରୀକୃଷ୍ଣ ଦାସ, ସମ୍ପାଦକ ନଟରଞ୍ଜନ ଘରାଇ,ମୁଖ୍ୟ ସେବାୟତ ଅରବିନ୍ଦ କର, ରବୀନ୍ଦ୍ର କର,ସୁବ୍ରତ ଘରାଇ, ଗୌରହରି ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଗିରି, ଗୌରହରି ପାଳ, ଘଡାଇ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ଟ୍ରଷ୍ଟ ବୋର୍ଡର ସମସ୍ତ ସଦସ୍ୟ ଓ ୩୦ ଜଣ ସେବାୟତଙ୍କ ଦ୍ୱାରା ମହାପ୍ରଭୁଙ୍କ ଏହି ସ୍ନାନଯାତ୍ରା ସମ୍ପନ୍ନ ହୋଇଥିଲା।

**ଚନ୍ଦନେଶ୍ୱର:** ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ପୂର୍ବ ଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ମନ୍ଦିର ପରିସର ଆଜି ଭକ୍ତି, ଆଧ୍ୟାତ୍ମିକତା ଓ ପାରମ୍ପରିକ ରୀତିନୀତିରେ ମୁଖରିତ ହୋଇଉଠିଥିଲା। ମନ୍ଦିର ପରିସରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ବିରାଜମାନ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନଙ୍କ ଦେବସ୍ନାନ ନୀତି ସୋମବାର ପ୍ରଭାତରେ ଶାସ୍ତ୍ରୋକ୍ତ ବିଧିବିଧାନ ଓ ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ମହା ସମାରୋହରେ ସମ୍ପନ୍ନ ହୋଇଯାଇଛି। ପ୍ରାତଃକାଳରୁ ମନ୍ଦିର ପରିସରରେ ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତମାନଙ୍କ "ଜୟ ଜଗନ୍ନାଥ' ଓ "ହରିବୋଲ' ଧ୍ୱନି, ଶଙ୍ଖନାଦ, ଘଣ୍ଟ, ଝାଲି ଏବଂ ହୁଳହୁଳିରେ ସମଗ୍ର ପରିବେଶ ଆଧ୍ୟାତ୍ମିକ ଆନନ୍ଦରେ ଭରିଯାଇଥିଲା। ଏହି ପବିତ୍ର ଉତ୍ସବକୁ ପ୍ରତ୍ୟକ୍ଷ କରିବା ପାଇଁ ଓଡ଼ିଶା ସମେତ ପଡ଼ୋଶୀ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରୁ ମଧ୍ୟ ଅସଂଖ୍ୟ ଶ୍ରଦ୍ଧାଳୁ ଆସିଥିଲେ। ପରମ୍ପରା ଅନୁଯାୟୀ ପ୍ରଥମେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ମନ୍ଦିରରୁ ସୁସଜ୍ଜିତ ପହଣ୍ଡିରେ ବାହାର କରାଯାଇ ମନ୍ଦିର ପରିସରସ୍ଥିତ ତୁଳସୀ ଚଉରା ନିକଟରେ ଥିବା ସ୍ନାନ ମଣ୍ଡପକୁ ଅଣାଯାଇଥିଲା। ପହଣ୍ଡି ସମୟରେ ଭକ୍ତମାନଙ୍କ ଭକ୍ତିଭାବ, ଶଙ୍ଖଧ୍ୱନି ଓ ହୁଳହୁଳିରେ ସମଗ୍ର ପରିବେଶ ମୁଖରିତ ହୋଇଉଠିଥିଲା। ସ୍ନାନ ମଣ୍ଡପରେ ସେବାୟତ ତପନ କୁମାର ପଣ୍ଡା, ମୁଖ୍ୟ ପୂଜକ ସୁଶୀଲ ପଣ୍ଡା, ବୁଦ୍ଧଦେବ ପଣ୍ଡା, ଗଣେଶଲାଲ ପଣ୍ଡା, ବିବେକ ପଣ୍ଡା, ନିମାଇଁ ପଣ୍ଡା, ମୃତ୍ୟୁଞ୍ଜୟ ପଣ୍ଡା ପ୍ରମୁଖଙ୍କ ଦ୍ୱାରା ବୈଦିକ ମନ୍ତ୍ରୋଚ୍ଚାରଣ ସହ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ସୁଗନ୍ଧିତ ତେଲ, ଗୁଲାବଜଳ, ଚନ୍ଦନ ଓ ଅନ୍ୟାନ୍ୟ ପବିତ୍ର ଦ୍ରବ୍ୟରେ ପ୍ରଭୁ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା, ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସୁଦର୍ଶନଙ୍କୁ ସ୍ନାନ କରାଯାଇଥିଲା। ସ୍ନାନ ନୀତି ସମୟରେ ଉପସ୍ଥିତ ଭକ୍ତମାନେ ଫୁଲ, କ୍ଷୀର, ପଇଡ଼, ବିଭିନ୍ନ ଫଳ ଓ ଅନ୍ୟାନ୍ୟ ଉପଚାର ଅର୍ପଣ କରି ମହାପ୍ରଭୁଙ୍କ କୃପାଲାଭ କରିଥିଲେ।

# ଗୋପାଳପୁର ବେଳାଭୂମି ଉନ୍ନତିକରଣ ପ୍ରକଳ୍ପକୁ 'ସିଆର୍‌ଜେଡ୍' ଅନୁମୋଦନ

ବ୍ରହ୍ମପୁର,୨୯।୬(ସମିସ)



● ପର୍ଯ୍ୟଟନ ବିଭାଗ ପକ୍ଷରୁ ଦ୍ୱିତୀୟ ବେଳାଭୂମିର ଭିତ୍ତିଭୂମି ପାଇଁ ୩୨କୋଟିର ବ୍ୟୟଅଟକଳ

● ଇକୋ ରିଟ୍ରେଟ ଠାରୁ ହରିପୁର ଜେଟି ପର୍ଯ୍ୟନ୍ତ ୨.୩ କିଲୋମିଟର ପର୍ଯ୍ୟନ୍ତ ହେବ ଚଲାପଥ ଓ ସାଇକେଲ ଟ୍ରାକ

● 'ସିଆରଜେଡ' ଅନୁମୋଦନ ସହିତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ, ୯ମାସରେ ଶେଷ ହେବ ପ୍ରକଳ୍ପ

ଗୋପାଳପୁର ବେଳାଭୂମିର ଉନ୍ନତିକରଣ ପ୍ରକଳ୍ପକୁ ଇତି ମଧ୍ୟରେ ମିଳିଛି ପରିବେଶ ସୁରକ୍ଷା ଆଇନ ୧୯୮୬ ଅନୁଯାୟୀ 'ସିଆରଜେଡ' ବା କୋଷ୍ଟାଲ ରେଗୁଲେସନ ଜୋନ ଅନୁମୋଦନ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ପ୍ରସ୍ତାବିତ ଏହି ପ୍ରକଳ୍ପକୁ ପୂର୍ବରୁ ଅର୍ଥାତ୍ ପୂର୍ବ ସରକାର ଅମଳରେ ୨୦୨୩ମସିହାରେ ପ୍ରଶାସନିକ ଅନୁମୋଦନ ସହିତ ୮କୋଟି ଟଙ୍କାର ଅର୍ଥ ମଞ୍ଜୁର ହୋଇଥିଲା। ତେବେ ବିଭିନ୍ନ କାରଣରୁ ତାହା ବିନିଯୋ ନହୋଇ ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ରହିଥିଲା। ବର୍ତ୍ତମାନ ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଦୁଇଟି ପ୍ରକଳ୍ପ ପାଇଁ ଅତିରିକ୍ତ ୨୪କୋଟି ଟଙ୍କାର ଆର୍ଥିକ ଅନୁମୋଦନ ଦେବା ପରେ ପ୍ରକଳ୍ପରେ ମୋଟ ୩୨କୋଟି ବିନିଯୋଗ କରାଯିବ। ତେବେ ଏଥିରେ ସିଆରଜେଡ ଅନୁମୋଦନର ଆବଶ୍ୟକତା ଥିଲା। ଯାହା ବର୍ତ୍ତମାନ ଅର୍ଥାତ୍ ଗତ ଏପ୍ରିଲ ୩୦ତାରିଖରେ ଗୋପାଳପୁର ବେଳାଭୂମି ଉନ୍ନତିକରଣ ପ୍ରକଳ୍ପ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଯାହାକୁ ଗତ କମିଟି ଅନୁମୋଦନ ପ୍ରଦାନ କରିଥିବା ନେଇ ଓଡିଶା କୋଷ୍ଟାଲ ଜୋନ ମ୍ୟାନେଜମେଣ୍ଟ ଅଥରିଟି ପକ୍ଷରୁ ଗତ ୨୨ତାରିଖରେ ବିଇଡିଏକୁ ଆସିଥିବା ଚିଠିରୁ ସ୍ପଷ୍ଟ ହୋଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗର ଏହି ପ୍ରକଳ୍ପକୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ବା ବିଇଡିଏ ପକ୍ଷରୁ କରାଯିବାକୁ ଥିବା ବେଳେ ଏନେଇ ଟେଣ୍ଡର ହୋଇସାରିଛି। ବ୍ରହ୍ମପୁରର ଏକ ଘରୋଇ ସଂସ୍ଥା ଟେଣ୍ଡର ନେଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି। ଗୋପାଳପୁର ବେଳାଭୂମିର ଶାନ୍ତ ପରିବେଶ ସାଧାରଣତଃ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏହାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣକୁ ବୃଦ୍ଧି କରି ପର୍ଯ୍ୟଟକଙ୍କୁ ଆକର୍ଷଣ କରିବାକୁ ତତ୍‌କାଳୀନ ନବୀନ ପଟ୍ଟନାୟକ ସରକାର ଲକ୍ଷ୍ୟ ରଖିଥିଲେ। ପ୍ରସ୍ତାବିତ ଦୁଇଟି ପ୍ରକଳ୍ପ ମଧ୍ୟରୁ ପ୍ରଥମରେ ବେଳାଭୂମିର ସମ୍ମୁଖ ଭାଗରେ ଦୁଇଟି ପ୍ରବେଶ ଫାଟକ ଓ ସୁରକ୍ଷା ସେଡ, ପାର୍କିଂ ସ୍ଥଳୀ, ଶିଶୁ ଉଦ୍ୟାନ, ଦୁଇଟି ୱାଚ ଟାୱାର, ପର୍ଯ୍ୟଟକଙ୍କ ପାଇଁ ଖୋଲାରେ ବସିବା ପାଇଁ ଚୌକିର ବ୍ୟବସ୍ଥା, ଡଷ୍ଟବିନ, ଶୌଚାଳୟ, ଭୂତଳ ପାଣିଟାଙ୍କି, ସୂଚନାଫଳକ, ବିଦ୍ୟୁତ୍ ଟ୍ରାନ୍ସଫର୍ମର ସୁଦୃଢୀକରଣ ସହିତ ସୁରକ୍ଷା ଦୃଷ୍ଟିକୋଣରୁ ପର୍ଯ୍ୟାପ୍ତ ସିସିଟିଭି କ୍ୟାମେରା ଆଦିର ବ୍ୟବସ୍ଥା ଯୋଜନା ରହିଛି। ଏଥିପାଇଁ ମୋଟ ୮କୋଟି ୯ଲକ୍ଷ ଟଙ୍କାର ବ୍ୟାୟ କରାଯିବ। ସେହିଭଳି ଦ୍ୱିତୀୟ ପ୍ରକଳ୍ପ ପାଇଁ ୨୪କୋଟି ଟଙ୍କାର ଆର୍ଥିକ ମଞ୍ଜୁରୀ ମିଳିଛି। ଏଥିରେ ପାନ୍ଥନିବାସ ପଛଭାଗରେ ଇକୋ ରିଟ୍ରେଟ ଠାରୁ ହରିପୁର ଜେଟି ପର୍ଯ୍ୟନ୍ତ ପ୍ରାୟ ୨.୩କିଲୋମିଟର ଦୂରତା ପର୍ଯ୍ୟନ୍ତ ନୂତନ ବେଳାଭୂମି ବା ପୁରୁଣା ବେଳାଭୂମିକୁ ସମ୍ପ୍ରସାରଣ କରାଯିବ। ଯେଉଁଥିରେ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ସହିତ ସ୍ୱତନ୍ତ୍ର କାର୍ଫିର ବ୍ୟବସ୍ଥା, ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଚେଞ୍ଜିଂ ରୁମ ଓ ଆଶ୍ରୟ ସ୍ଥଳୀ, ବେଳାଭୂମିର ସଫେଇ କାର୍ଯ୍ୟ, ଚଲାରାସ୍ତା ଓ ସାଇକେଲ ଟ୍ରାକ ସହିତ ୧୦୦ଟି ଭ୍ରାମ୍ୟମାଣ ଦୋକାନର ମଧ୍ୟ ବ୍ୟବସ୍ଥା ରହିବ। ଦ୍ୱିତୀୟ ପ୍ରକଳ୍ପରେ ସିଭିଲ କାମ ପାଇଁ ୧୫କୋଟି ୩୦ଲକ୍ଷ ଏବଂ ଇଲେକ୍ଟ୍ରିକ କାର୍ଯ୍ୟ ପାଇଁ ୨କୋଟି ୩୮ଲକ୍ଷ ଏବଂ ପାନୀୟ ଜଳ ଯୋଗାଣ ଓ ପରିମଳ ପାଇଁ ୧କୋଟି ୧୯ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଥିବା ଜଣାପଡିଛି। ଗୋପାଳପୁର ବେଳାଭୂମିର ଉନ୍ନତି ହେଲେ ଏଠାକୁ ଅଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କ ସମାଗମ ହେବ ଏବଂ ସ୍ଥାନୀୟ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ମଧ୍ୟ ଘଟିବ ବୋଲି ଆଶା କରାଯାଉଛି। ଗୋପାଳପୁର ବେଳାଭୂମିର ଉନ୍ନତିକରଣ କାର୍ଯ୍ୟ ବର୍ତ୍ତମାନ ଆରମ୍ଭ ହୋଇଥିବା ବେଳେ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ କରି ୯ମାସ ମଧ୍ୟରେ ଅର୍ଥାତ୍ ୨୦୨୭ମସିହା ମାର୍ଚ୍ଚ ଶେଷ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜଣାପଡିଛି।

# ନାବାଳିକା ଭାଣିଜୀ ହତ୍ୟା ମାମଲାରେ ମାମୁ ଦୋଷୀ ସାବ୍ୟସ୍ତ

■ ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଆଡହକ) ପକ୍ସୋ କୋର୍ଟରେ ବିଚାରଣା ଶେଷ, ରାୟ ସଂରକ୍ଷିତ

ବ୍ରହ୍ମପୁର,୨୯।୬(ସମିସ): ୨୦୨୨ମସିହାର ଏକ ଚର୍ଚ୍ଚିତ ମାମଲାର ବିଚାରଣା ଶେଷ ସହିତ ଉପଯୁକ୍ତ ସାକ୍ଷ୍ୟ ଓ ପ୍ରମାଣ ଭିତ୍ତିରେ କୋର୍ଟ ମୃତ ନାବାଳିକାର ମାମୁଁଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପକ୍ସୋ (ଆଡହକ) କୋର୍ଟର ବିଚାରପତି ରୋହିତ ଲାଲ ପଣ୍ଡା ଏହି ରାୟ ଶୁଣାଇଛନ୍ତି। ତେବେ ଦଣ୍ଡ ବିଧାନ ସଂରକ୍ଷିତ ରହିଥିବା ଜଣାପଡିଛି। ପ୍ରକାଶ ଯୋଗ୍ୟ ଯେ' ଗତ ୨୦୨୨ମସିହା ଏପ୍ରିଲ



୨୫ତାରିଖରେ ସ୍ଥାନୀୟ ଗୋଇଲୁଣ୍ଡି ବିଦ୍ୟାନଗରରେ ଅଗ୍ନିକାଣ୍ଡ ଘଟି ଜଣେ ୧୩ବର୍ଷିୟ ନାବାଳିକା ଗାୟତ୍ରୀ ପାତ୍ରଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣାରେ ପୁଲିସ ତଦନ୍ତ କରି ମୃତ ନାବାଳିକା ଗାୟତ୍ରୀଙ୍କ ମାମୁଁ ଶୁପ୍ରିନ ଦିଗାଲ(୬୨)କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଗିରଫ ମାମୁଁ ଶୁପ୍ରିନ ଦିଗାଲ ଭାଣିଜୀ ଗାୟତ୍ରୀଙ୍କୁ ଖରାପ ନଜରରେ ଦେଖୁଥିଲେ ଏବଂ ସେ କିରୋସିନି ଢାଳି ଗାୟତ୍ରୀଙ୍କୁ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ମାମଲାରେ ମୋଟ ୧୩ଜଣଙ୍କ ସାକ୍ଷ୍ୟ ଗ୍ରହଣ ସହିତ ବୟାନ ରେକର୍ଡ କରାଯାଇଥିଲା। ଆଜି ମାମଲାର ବିଚାରଣା ଶେଷ ହୋଇଥିବା ବେଳେ ବିଚାରପତି ରୋହିତଲାଲ ପଣ୍ଡା ଅଭିଯୁକ୍ତ ମାମୁଁ ଶୁପ୍ରିନ ଦିଗାଲଙ୍କୁ ପକ୍ସୋ ମାମଲାରୁ ଖଲାସ କରିଥିଲେ ହେଁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରିଥିବା ସ୍ୱତନ୍ତ୍ର ପିପି ଡଃ ଶିବ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ତେବେ କୋର୍ଟ ଦୋଷୀଙ୍କ ଦଣ୍ଡବିଧାନକୁ ସଂରକ୍ଷିତ ରଖିଛନ୍ତି। ସୂଚନା ଯୋଗ୍ୟ ଯେ ପୂର୍ବରୁ ଅଭିଯୁକ୍ତ ଶୁପ୍ରିନ ଦିଗାଲ ନିଜ ପତ୍ନୀଙ୍କୁ ହତ୍ୟା ଅଭିଯୋଗରେ ଗିରଫ ହୋଇ ଫୁଲବାଣୀ ଜେଲରେ ଥିଲେ। କୋର୍ଟରୁ ଅନୁମତି କ୍ରମେ ସେ କିଛି ଦିନ ପାଇଁ ପାରୋଲରେ ଆସି ବ୍ରହ୍ମପୁର ସ୍ଥିତ ନିଜ ଭଉଣୀଙ୍କ ଘରକୁ ଆସିଥିଲେ। ଏବଂ ସେଠାରେ ଏହି ଘଟଣା ଘଟିଥିଲା। ମାମଲାରେ ଖୁବ୍‌ଶୀଘ୍ର ଦଣ୍ଡ ବିଧାନ ବା ଚୂଡାନ୍ତ ରାୟ ପ୍ରକାଶ ପାଇବ ବୋଲି ସ୍ୱତନ୍ତ୍ର ପିପି ଡଃ ମିଶ୍ର କହିଛନ୍ତି।

# ୱାଟ୍‌କୋ ଗାଡ଼ି ଧକ୍କାରେ ଏକାଧିକ ଆହତ

ବ୍ରହ୍ମପୁର,୨୯।୬(ସମିସ): ୱାଟକୋର ଏକ ପାଣି ଟାଙ୍କି ବୋଝେଇ ଟ୍ରାକ୍ଟର ସୋମବାର ଗିରି ରୋଡ଼ର ପୃଥକ ପୃଥକ ସ୍ଥାନରେ ଦୁଇଟି ଗାଡ଼ିକୁ ଧକ୍କା ଦେଇଥିଲା। ଏଥିରେ ଗଞ୍ଜାମ ବ୍ଲକର ମାଳିଜଗନ୍ନାଥପୁର ଗ୍ରାମର ହୃଷିକେଶ ସାହୁଙ୍କ ସମେତ ଏକାଧିକ ବ୍ୟକ୍ତି ଆହାତ ହୋଇଛି। ଆହାତ ହୃଷିକେଶ ସାହୁଙ୍କ ଗୋଡରେ ଗଭିର ଆଘାତ ଲାଗିଥିବା ବେଳେ ତାଙ୍କୁ ଚିକିତ୍ସା ନିମନ୍ତେ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ବ୍ରହ୍ମପୁର ଟ୍ରାଫକ ଥାନା ପୁଲିସ ଘଟଣା



ସ୍ଥଳରେ ପହଞ୍ଚି ଟ୍ରାକ୍ଟର ଡ୍ରାଇଭରଙ୍କୁ କାବୁ କରିବା ସହ ଗାଡ଼ିକୁ ଜବତ କରିଛି। ଦୁର୍ଘଟଣାକୁ ନେଇ ଟ୍ରାଫିକ ପୁଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଖବର ପାଇ ୱାଟକୋର ଅତିରିକ୍ତ ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁଙ୍କ ମେଡ଼ିକାଲରେ ପହଞ୍ଚି ଆହାତ ବ୍ୟକ୍ତିଙ୍କୁ ସାକ୍ଷାତ କରି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ବହୁ ପୁରାତନ ହୋଇଥିବା ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ ସମ୍ପୃକ୍ତ ଗାଡ଼ିର ଫିଟନେସ୍ ସାର୍ଟିଫିକେଟ୍‌ର ଅବଧି ଶେଷ ହୋଇଥିବା ଜଣାପଡ଼ିଛି। ତଥାପି ମୋଟର ଯାନ ନିୟମର ଉଲ୍ଲଂଘନ କରି ଗାଡ଼ିଟି କିପରି ସଡ଼କରେ ଚଳାଚଳ କରୁଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ଘଟଣା ପରେ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିବା ସହ ୱାଟକୋ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରିଛନ୍ତି। ଏହି ଘଟଣା ପରେ ସରକାରୀ ଓ ଅର୍ଦ୍ଧସରକାରୀ ସଂସ୍ଥାର ଗାଡ଼ି ଗୁଡ଼ିକର ଫିଟନେସ୍, ବୀମା ଓ ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ରର ଯାଞ୍ଚକୁ କଡ଼ାକଡ଼ି କରିବା ପାଇଁ ସାଧାରଣରେ ଦାବି ଉଠିଛି।

# ଯୁବକଙ୍କୁ ହାଣିବା ଘଟଣାରେ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୯।୬(ସମିସ): ମହମ୍ମଦ ଇମ୍ରାନ ନାମକ ଜଣେ ଯୁବକଙ୍କୁ ହାଣିବା ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି ବଡ଼ବଜାର ଥାନା ପୁଲିସ। ଗିରଫ ଯୁବକ ଭାବିନିପୁର ଗ୍ରାମର କୈଳାସ ସାହୁ (୩୧)। ପୂର୍ବରୁ ଏହି ମାମଲାରେ ତେଲି ମଶାଣି ଆପାର୍ଟମେଣ୍ଟ ନିକଟରେ ରହୁଥିବା କାଳିଆ ସାହୁ, ରଘୁପତି ନଗର ୩ୟ ଲାଇନର ଓଁମ୍ ଦାଶ, ଗ୍ରାମଦେବୀ ସାହିର ରାଜା ନାୟକଙ୍କ ସମେତ ଏକାଧିକ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ଏପ୍ରିଲ ୧୮ ତାରିଖରେ ରାଜା ନାୟକ, କାଳିଆ ସାହୁ, କୈଳାସ ସାହୁ, ନାକ ଓ ଓମ ଫାଷ୍ଟଗେଟ ନିକଟରେ ଥିବା ଏକ ଆପାର୍ଟମେଣ୍ଟରେ ପହଞ୍ଚି ଜନୈକ ମହିଳାଙ୍କୁ କମେଣ୍ଟ ମାରିଥିଲେ। ଯାହାକୁ ସେଠାରେ ଉପସ୍ଥିତ ଥିବା ମହମ୍ମଦ ଇମ୍ରାନ ପ୍ରତିବାଦ କରିଥିଲେ। ପରେ ଇମ୍ରାନ ନିଜ ଘରେ ଥିବାବେଳେ ଉପରୋକ୍ତ ଦୁର୍ବୃତ୍ତମାନେ ତାଙ୍କ ଘରକୁ ଆସି କବାଟ ବାଡ଼େଇଥିଲେ। ଇମ୍ରାନ କବାଟ ଖୋଲିବା ବେଳେ କାଳିଆ ତାଙ୍କୁ ବନ୍ଧୁକ ଦେଖାଇ ବାହାରକୁ ଡ଼ାକିଥିଲା। ଇମ୍ରାନ ବାହାରକୁ ଆସିବା ପରେ ନାକ ଏକ ଖଣ୍ଡାରେ ତାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲା। ଆକ୍ରମଣରେ ଗୁରୁତର ଆହତ ଇମ୍ରାନ ଚିକିତ୍ସିତ ହୋଇ ଫେରିବା ପରେ ଘଟଣାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ପୂର୍ବତନ ରାଷ୍ଟ୍ରପତି ଭି.ଭି ଗିରିଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦାବିକଲା ବିଜେଡି



ବ୍ରହ୍ମପୁର,୨୯।୬(ସମିସ): ଆସନ୍ତା ଅଗଷ୍ଟ ୧୦ତାରିଖ ହେଉଛି ଭାରତ ରତ୍ନ ତଥା ଦେଶର ପୂର୍ବତନ ରାଷ୍ଟ୍ରପତି ଭି.ଭି.ଗିରିଙ୍କ ଜୟନ୍ତୀ। ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କ ମଧ୍ୟରେ ଅନ୍ୟତମ ପୁରୁଖା ମହାପୁରୁଷ ତଥା ବ୍ରହ୍ମପୁରର ମୂଳନିବାସୀ ଭି.ଭି.ଗିରିଙ୍କ ପ୍ରତି ଆଜି ପର୍ଯ୍ୟନ୍ତ ଅବହେଳା କରାଯାଇଛି। ଅନ୍ତତଃ ପକ୍ଷେ ଆସନ୍ତା ଅଗଷ୍ଟ ୧୦ତାରିଖରେ ଭି.ଭି. ଗିରିଙ୍କ ଜୟନ୍ତୀକୁ ପ୍ରଶାସନ ପକ୍ଷରୁ ଆଡମ୍ବର ସହକାରେ ପାଳନ କରିବାକୁ ଦୃଢ ଦାବି କରିଛି ବିଜୁ ଜନତା ଦଳର ଯୁବ ଓ ଛାତ୍ର ସଙ୍ଗଠନ। ଏହି କ୍ରମରେ ମହାପୁରୁଷଙ୍କର ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ସହରର ଯେକୌଣସି ସ୍ଥାନରେ ପ୍ରତିଷ୍ଠା କରିବାକୁ ମଧ୍ୟ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ଏନେଇ ସଙ୍ଗଠନର ନେତୃବୃନ୍ଦଙ୍କ ପକ୍ଷରୁ ବିଏମସି କମିସନର ସୁଶ୍ରୀ ଏ. ସସ୍ୟା ରେଡ୍ଡୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେଳେ ଏହାର ଏକକିତା ନକଲ ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରେରଣ କରାଯାଇଛି। ଏହି ଅବସରରେ ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ଶୋଭନ କୁମାର ନାୟକ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପ ସଭାପତି ନିହାର ଶତପଥି, ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଂଜନ ସାହୁ, ବିଜୁ ଛାତ୍ର ଜନତା ଦଳ ଗଞ୍ଜାମ ଜୋନର ସାଧାରଣ ସମ୍ପାଦକ ଶିର୍ଷକ ପାତ୍ର ଓ ଆଶୁତୋଷ ପାତ୍ର ପ୍ରମୁଖଙ୍କ ସମେତ ବହୁ ଯୁବ ଓ ଛାତ୍ର ନେତା ଉପସ୍ଥିତ ଥିଲେ।

# ଜଗନମୋହନଙ୍କ ଶ୍ରାଦ୍ଧବାର୍ଷିକୀ ଓ ପ୍ରଶାନ୍ତଙ୍କ ଦେହାନ୍ତରେ ଶୋକସଭା



ବ୍ରହ୍ମପୁର,୨୯।୬(ସମିସ): ସ୍ଥାନୀୟ ଗଜପତି ନଗର ଉନ୍ନୟନ କମିଟି ପକ୍ଷରୁ ଏକ ଶୋକସଭାର ଆୟୋଜନ କରାଯାଇଛି। କମିଟିର ପୁରାତନ ତଥା ସକ୍ରିୟ ସଦସ୍ୟ ଫାର୍ମାସିଷ୍ଟ ପ୍ରଶାନ୍ତ ଚୌଧୁରୀଙ୍କର ଆଜି ସକାଳେ ଅକାଳ ମୃତ୍ୟୁ ଘଟିଥିଲା। ଦିର୍ଘଦିନ ଧରି ସେ ଚିକିତ୍ସିତ ହୋଇ ଆସୁଥିଲେ। ଆଜି ପୂର୍ବାହ୍ନରେ ପ୍ରଶାନ୍ତଙ୍କର ଗାନ୍ଧିନଗରସ୍ଥିତ ନିଜ ବାସଭବନରେ ପରଲୋକ ଘଟିଥିଲା। ପ୍ରଶାନ୍ତଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେହିଭଳି ଦୈନିକ 'ସକାଳ' ଖବର କାଗଜର ବ୍ରହ୍ମପୁର ସଂସ୍କରଣର ପୂର୍ବତନ ମୁଖ୍ୟ ତଥା ବରିଷ୍ଠ ସାମ୍ବାଦିକ ଜଗନମୋହନ ମହାପାତ୍ର (ଜିତୁ ଭାଇ)ଙ୍କର ଆଜି ତୃତୀୟ ଶ୍ରାଦ୍ଧବାର୍ଷିକୀ। ଉଭୟ ସ୍ୱର୍ଗୀୟ ଆତ୍ମାର ସଦଗତି କାମନା କରି ଗଜପତିନଗର ଉନ୍ନୟନ କମିଟି ପକ୍ଷରୁ ସ୍ଥାନୀୟ ପୌର ପାଠାଗାରରେ ସ୍ମୃତିସଭା କରାଯାଇଥିଲା। ଯାହାକୁ କମିଟିର ପୂର୍ବତନ ସଭାପତି ରାଜେନ୍ଦ୍ର ପଣ୍ଡା ସଂଯୋଜନା କରିଥିଲେ। ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉଭୟ ଜିତୁ ଭାଇ ଓ ପ୍ରଶାନ୍ତ ଚୌଧୁରୀ ଦକ୍ଷିଣଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଟିମ କ୍ଲିନ ସିଟିର ସଦସ୍ୟ ଥିଲେ। ଗଜପତିନଗର ଉନ୍ନୟନ କମିଟି ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ ଅଞ୍ଚଳବାସୀ ଓ ଟିମ କ୍ଲିନ ସିଟିର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିନୋଦ ମହାପାତ୍ର, କମିଟିର ସାଧାରଣ ସମ୍ପାଦକ ରାଜେଶ କୁମାର ସାହୁ, କର୍ପୋରେଟର ସମୀର ମିଶ୍ର, 'ସକାଳ' ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ, ରାମଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା, ଅଶୋକ ଚାନ୍ଦ ପରିଛା, ଦେବୀ ଶତପଥୀ, ଅମୀୟ ତ୍ରିପାଠୀ, ରାମମୋହନ ପଟ୍ଟନାୟକ, ପ୍ରଦୀପ ପଟ୍ଟନାୟକ, ନିରଞ୍ଜନ ଦାଶ, ରାଜେନ୍ଦ୍ର ସେଠୀ, ଦଣ୍ଡପାଣି ବେହେରା, ସୁଶାନ୍ତ ପାଢୀ, ନିର୍ମଳ ପାଢୀ, ମୁରଲି ପାଢ଼ୀ, ସୂର୍ଯ୍ୟ ଚୌଧୁରୀ, ରଞ୍ଜନ ପଣ୍ଡା, ପ୍ରମୋଦ ଦଳେଇ ଓ ସୀମାଞ୍ଚଳ ଶତପଥୀ ପ୍ରମୁଖ ଉଭୟଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।

### ଅଙ୍ଗନବାଡ଼ି କର୍ମୀଙ୍କୁ କବିସୂର୍ଯ୍ୟନଗର ବିଧାୟକଙ୍କ ଅଶୋଭନୀୟ ଆଚରଣ ପ୍ରସଙ୍ଗ

# କ୍ଷମା ପ୍ରାର୍ଥନା ଦାବିକଲା ସଂଘ

ବ୍ରହ୍ମପୁର,୨୯।୬(ସମିସ): ସରକାରର ଦୁଇବର୍ଷ ପୂର୍ତ୍ତି ଅବସରରେ ପୁରୁଷୋତ୍ତମପୁର ବ୍ଲକଠାରେ ଅନୁଷ୍ଠିତ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବିଧାୟକ ଅଙ୍ଗନୱାଡି କର୍ମୀମାନଙ୍କୁ ଅଶୋଭନୀୟ ଆଚରଣ କରିଥିବା ଭିଡିଓ ଭାଇରାଲ ହୋଇଥିଲା। କର୍ମଚାରୀଙ୍କୁ ନୂତନ ୪ଜି ମୋବାଇଲ୍ ପ୍ରଦାନ କରାଯାଇଥିବା ବେଳେ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘର ପୁରୁଷୋତ୍ତମପୁର ବ୍ଲକ ସଭାପତି ମମତାଜ ଖୁଣ୍ଟିଆ ୫ଜି ମୋବାଲି ପ୍ରଦାନ କରିବାକୁ ଦାବି କରିଥିଲେ। ଏହାକୁ ନେଇ ବିଧାୟକ ଅଙ୍ଗନୱାଡ଼ି କର୍ମୀଙ୍କୁ ଅଶୋଭନୀୟ ଆଚରଣ କରିଥିଲେ। ଏହି ଘଟଣାକୁ ନେଇ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା। ସେହିପରି ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ସଂଘ ତୀବ୍ର ନିନ୍ଦା କରିବା ସହ ସର୍ବସାଧାରଣରେ କ୍ଷମା ମାଗିବାକୁ ଦାବି ହୋଇଛି। ନଚେତ୍ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମରେ ସମ୍ପୃକ୍ତ ବିଧାୟକ ଉପସ୍ଥିତ ରହିଲେ ଅଙ୍ଗନୱାଡି କର୍ମୀମାନେ ବୟକଟ କରିବେ ବୋଲି ପ୍ରେସ୍ ଇସ୍ତାହାରରେ ଜିଲ୍ଲା କମିଟିର ମାଣିକେଶ୍ୱରୀ ପଟ୍ଟନାୟକ, ନର୍ମଦା ନାହାକ ଓ ପ୍ରତିମା ଦାସ ଜଣାଇଛନ୍ତି।

# ନୀତିକାନ୍ତିରେ ପାଳିତ ହେଲା ଦେବସ୍ନାନ ପୂର୍ଣ୍ଣିମା: ସନ୍ଧ୍ୟାରେ ଗଜାନନ ବେଶ ଦର୍ଶନ

ବ୍ରହ୍ମପୁର,୨୯।୬(ସମିସ)

ବ୍ରହ୍ମପୁର ସହରର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ସୋମବାର ଦେବସ୍ନାନ ପୂର୍ଣ୍ଣିମା ମହା ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ନୀତିକାନ୍ତିରେ ପୂଜାର୍ଚ୍ଚନା ସହ ମହାପ୍ରଭୂଙ୍କୁ ସ୍ନାନ କରାଯାଇଛି। ଏନେଇ ଜଗନ୍ନାଥ ମନ୍ଦିର ଗୁଡ଼ିକରେ ଆଧ୍ୟାତ୍ମିକ ପରିବେଶ ଦେଖାଦେଇଥିଲା। ଚଳିତବର୍ଷ ମହାପ୍ରଭୂ ଜଗନ୍ନାଥଙ୍କୁ ଦେଖିବା ଲାଗି ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ସମସ୍ତଙ୍କ ମନରେ ଆନନ୍ଦର ଲହରି ଖେଳି ଯାଇଛି। ଗୋଷାଣୀନୂଆଗାଁ ଉତ୍ତରେଶ୍ୱର ମନ୍ଦିର ପରିସରସ୍ଥ ଜଗନ୍ନାଥ ମନ୍ଦିର ପରିସରରେ ସୋମବାର ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି। ଏଠାରେ ସକାଳ ୬ଟା ସମୟରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ମଙ୍ଗଳ ଆଳତି ହୋଇଥିଲା। ପରେ ପହିଲି ଭୋଗ ମହାପ୍ରଭୂଙ୍କୁ ଲାଗି ହୋଇଥିଲା। ବେଷଭୂଷା ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୂଙ୍କୁ ସ୍ନାନବେଦୀ ଅଭିମୁଖେ ପହଣ୍ଡିରେ ନିଆଯାଇଥିଲା। ଏଠାରେ ବିଭିନ୍ନ ପୂଜାର୍ଚ୍ଚନା ସହ ଆଳତୀ ହୋଇଥିଲା। ପରେ ପରେ ୧୦୮ଗୋରା ସ୍ୱର୍ଣ୍ଣକଳସ ଜଳରେ ଦେବସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏଠାରେ ବଳଭଦ୍ରଙ୍କୁ ୩୩, ଜଗନ୍ନାଥଙ୍କୁ ୩୫, ସୁଭଦ୍ରାଙ୍କୁ ୨୨ ଓ ସୁଦର୍ଶନଙ୍କୁ ୧୮ଗୋରା ପାଣିରେ ସ୍ନାନ କରାଯାଇଥିଲା। ସ୍ନାନ ପରେ ଚନ୍ଦନ ଲେପନ କରାଯାଇ ବିଶ୍ରାମ ଦିଆଯାଇଥିଲା। ସନ୍ଧ୍ୟାରେ ସନ୍ଧ୍ୟା ଆଳତୀ ସମ୍ପନ୍ନ ହେବା ପରେ ବାଳଭୋଗ ଲାଗିଥିଲା। ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ରାତିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସରଗୃହକୁ ନିଆଯାଇଛି। ୧୫ଦିନ ପରେ ମହାପ୍ରଭୂ ଅଣସର ପିଣ୍ଡିରୁ ଆସିବେ। ପରେ ନେତ୍ର ଉତ୍ସବ,



ନବଯୌବନ ଦର୍ଶନ ଏବଂ ରଥଯାତ୍ରା ଅନୁଷ୍ଠିତ ହେବ। ସେହିଭଳି କୋର୍ଟପେଟା ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ମଧ୍ୟ ନୀତିକାନ୍ତିରେ ସ୍ନାନପୂର୍ଣ୍ଣିମା ଆୟୋଜିତ ହୋଇଛି। ସକାଳେ ମଙ୍ଗଳ ଆଳତୀ ଓ ସୂର୍ଯ୍ୟପୂଜା ସମ୍ପନ୍ନ ହୋଇଥିଲା। ପରେ ମହାପ୍ରଭୂଙ୍କୁ ସ୍ନାନବେଦୀକୁ ଅଣାଯିବା ପରେ ୧୦୮ଗୋରାରେ ସ୍ନାନ କରାଯାଇଥିଲା। ଏହି ସମୟରେ ତାଳ, ମୃଦଙ୍ଗ, ଘଣ୍ଟ ଓ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ସମଗ୍ର ଇଲାକା ପ୍ରକମ୍ପିତ ହୋଇଥିଲା। ସ୍ନାନ ପରେ ସୁଦର୍ଶନ ଗଜାନନ ବେଶ ଧାରଣ କରିଥିଲେ। ସନ୍ଧ୍ୟା ଆଳତୀ ସରିବା ପରେ ପରେ ଚତୁର୍ଦ୍ଧାମୂର୍ତ୍ତି ଅଣସର ପିଣ୍ଡିକୁ ଯାଇଥିଲେ। ଅନୁରୂପ ଭାବେ ସହରର ଖାସ୍‌ପା ସାହି ସ୍ଥିତ ବଡ଼ ଜଗନ୍ନାଥ ମନ୍ଦିର, ସାନ ଜଗନ୍ନାଥ ମନ୍ଦିର, ବଡ଼ବଜାର ଜଗନ୍ନାଥ ମନ୍ଦିର, ଗୋଇଲୁଣ୍ଡି ଜଗନ୍ନାଥ ମନ୍ଦିର, ଲାଞ୍ଜିପଲ୍ଲୀ, ବିଜିପୁର ଆଦି ଜଗନ୍ନାଥ ମନ୍ଦିରରେ ନୀତିକାନ୍ତୀରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଥିଲା। ସ୍ନାନ ପରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ରାତିରେ ଚତୁର୍ଦ୍ଧାମୂର୍ତ୍ତି ଅଣସର ଗୃହକୁ ଯାଇଥିଲେ। ସୂଚନାଯୋଗ୍ୟ ଯେ, ପୂର୍ଣ୍ଣମାରେ ସ୍ନାନ ମଣ୍ଡପରେ ୧୦୮ ସ୍ୱର୍ଣ୍ଣକଳସୀ ଜଳରେ ସ୍ନାନ ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅଣସର ପିଣ୍ଡିରେ ବିଜେ କରାଯାଇଥାଏ। ସ୍ନାନନୀତି ପରେ ତିନିଠାକୁର ଭୀଷଣ ଅସୁସ୍ଥ ହୋଇପଡ଼ନ୍ତି। ପ୍ରବଳ ଜ୍ୱରରେ ପ୍ରକମ୍ପିତ ହୋଇ ଅଣସରରେ ଯାଆନ୍ତି। ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ଦିନରୁ, ମହାପ୍ରଭୁ ଜଗନ୍ନାଥ, ଭଉଣୀ ସୁଭଦ୍ରା ଭାଇ ବଳରାମ ୧୪ ଦିନ ଧରି ଜ୍ୱରରେ ପଡ଼ିଥାନ୍ତି। ଦଇତାପତି ମାନଙ୍କ ଦ୍ୱାରା ଅସୁସ୍ଥ ମହାପ୍ରଭୁଙ୍କର ଉପଚାର ନୀତି ଆରମ୍ଭ ହୁଏ। ତାପୂର୍ବରୁ ଗଜାନନ ବେଶରେ ପ୍ରଭୂ ଜଗନ୍ନାଥ ସମସ୍ତଙ୍କୁ ଦର୍ଶନ ଦେଇଥିଲେ।

# ବିବାହର ମିଥ୍ୟା ପ୍ରଲୋଭନ ଦେଇ ଦୁଷ୍କର୍ମ; ଯୁବକ ଗିରଫ

ବ୍ରହ୍ମପୁର,୨୯।୬(ସମିସ): ବିବାହର ମିଥ୍ୟା ପ୍ରଲୋଭନ ଦେଇ ଜଣେ ୨୧ବର୍ଷୀୟା ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଏବଂ ପରବର୍ତ୍ତୀ ସମୟରେ ପ୍ରତାରଣା ଦେବା ଅଭିଯୋଗରେ ଗୋଷାଣିନୂଆଗାଁ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଗୋଷାଣିନୂଆଗାଁ ଥାନା ଅଞ୍ଚଳର କୌତୁକୀନଗର ପ୍ରଥମ ଗଳିରେ ରହୁଥିବା ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଦେଉଳପଲ୍ଲୀ ଗ୍ରାମର ସାରଥି ବେହେରା(୨୬)। ସୂଚନା ପ୍ରକାରେ, ଗୋଷାଣିନୂଆଗାଁ ଅଞ୍ଚଳର ପିଡିତା ଯୁବତୀଙ୍କ ସହ ଅଭିଯୁକ୍ତ ସାରଥିଙ୍କ ୪ମାସ ପୂର୍ବେ ପ୍ରେମସମ୍ପର୍କ ଗଢି ଉଠିଥିଲା। ସମ୍ପର୍କର ପ୍ରାୟ ୧୫ଦିନ ପରେ ଅଭିଯୁକ୍ତ ସାରଥି ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜଣକ ପୀଡ଼ିତାଙ୍କ ଫୋନ୍ ନମ୍ବର ବ୍ଲକ କରିଦେଇ ସମ୍ପର୍କ ଛିନ୍ନ କରିବାକୁ ଚେଷ୍ଟା କରିଥିଲେ। ପ୍ରତାରଣାର ଶିକାର ହୋଇଥିବା ଜାଣି ଯୁବତୀ ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା (୨୫୧/୨୬) ରୁଜୁ କରି ତଦନ୍ତ ଚଳାଇଥିଲା। ପୁଲିସ



ଅଭିଯୁକ୍ତ ସାରଥି ବେହେରାକୁ କାବୁ କରି ଡାକ୍ତରୀ ମାଇନା କରାଇଥିଲା। ଆଜି ସାରଥୀକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

### ମାନବଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଡିଇଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବି

ବ୍ରହ୍ମପୁର,୨୯।୬(ସମିସ)

ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଚଳିତ ବର୍ଷ ସରକାରୀ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ପାଠ୍ୟପୁସ୍ତକରେ ଯେଉଁଭଳି ହଜାର ହଜାର ତ୍ରୁଟି ଉଲ୍ଲେଖ ରହିଛି। ତାହା ସଭ୍ୟ ସମାଜରେ ଆଦୌ ସହଜରେ ଗ୍ରହଣୀୟ ନୁହେଁ। ତେଣୁ ତୁରନ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଓ ବୈଜ୍ଞାନିକ ଶିକ୍ଷାବ୍ୟବସ୍ଥା ପ୍ରଚଳନ କରିବାକୁ ମଞ୍ଚ ଦାବି କରିଛି। ପୁସ୍ତକ ଗୁଡିକରେ ନାନା ପ୍ରକାର ଅବୈଜ୍ଞାନିକ ତଥା ମିଥ୍ୟା ତଥ୍ୟ ଉଲ୍ଲେଖ ସହ ଇତିହାସର ବିକୃତିକରଣ କରାଯାଇଛି। ବିଷୟ ଗୁଡିକରେ ନାନା ଆଯୁକ୍ତିକର କଥା ଲେଖାଯିବା ସହ ଆବଶ୍ୟକ ଥିବା ପାଠ୍ୟକ୍ରମକୁ ଉଚ୍ଛେଦ କରାଯାଇଛି। ଅଷ୍ଟମ ଶ୍ରେଣୀର ସାହିତ୍ୟ ସୁରଭି ପୁସ୍ତକରେ ୭୮ନମ୍ବର ପୃଷ୍ଠାରେ ମହାତ୍ମାଗାନ୍ଧୀ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ନେତାଜୀ ସୁବାଷ ଚନ୍ଦ୍ର ବୋଷ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋ ଚିତ୍ର ସହ ଅନ୍ୟମାନଙ୍କ ଫଟୋ ରହିଛି। ଯେଉଁମାନଙ୍କ ଭାରତର ସ୍ୱାଧୀନତା ସଂଗ୍ରାମରେ ବା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନରେ କୌଣସି ଭୂମିକା ନଥିଲା ବୋଲି ମଞ୍ଚ ଆବାହକ ଆଇନଜୀବି ଅବନୀ ଗୟା ଦାବି କରିଛନ୍ତି। ଶିକ୍ଷକ, ଅଭିଭାବକ ଓ ଶିକ୍ଷାବିତ୍‌ମାନଙ୍କ ବ୍ୟାପକ ଅଭିଯୋଗ ପରେ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ 'ସଂଶୋଧିତ ପୁସ୍ତିକା'ରେ ମଧ୍ୟ ବହୁ ତ୍ରୁଟି ସୁଧୁରି ନାହିଁ, ବରଂ କେତେକ ସ୍ଥାନରେ ନୂଆ ତ୍ରୁଟି ସୃଷ୍ଟି ହୋଇଛି। ତେଣୁ ତ୍ରୁଟିପୂର୍ଣ୍ଣ ପୁସ୍ତକର ତୁରନ୍ତ ପ୍ରତ୍ୟାହାର ଏବଂ ଶିକ୍ଷାରେ ବାଧା ସୃଷ୍ଟି ନକରି ୨୦୨୫-୨୬




ଶିକ୍ଷାବର୍ଷର ପାଠ୍ୟ ପୁସ୍ତକ ଆଧାରରେ ହିଁ ଶିକ୍ଷାଦାନ ଜାରି ରଖାଯିବା, ଏହି ବୃହତ୍ ତ୍ରୁଟି ପାଇଁ ଦାୟୀ ଥିବା ବିଷୟବସ୍ତୁ ଲେଖକ, ଅସତ୍ୟ ଇତିହାସ ସଂଯୋଜନାକାରୀ, ସମୀକ୍ଷକ ଓ ସମ୍ପାଦନା ମଣ୍ଡଳୀର ସମସ୍ତ ସଦସ୍ୟଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ବୈଜ୍ଞାନିକ ଶିକ୍ଷାନୀତି ପ୍ରଣୟନ, ଭବିଷ୍ୟତରେ ଏଭଳି ଅବ୍ୟବସ୍ଥା ନହେବା ପାଇଁ ପାଠ୍ୟପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ କରିବା, ଶିକ୍ଷାବିତ୍, ବିଷୟ ବିଶେଷଜ୍ଞ ଓ ମନସ୍ତତ୍ତ୍ୱବିତଙ୍କୁ ନେଇ ଏକ ସ୍ଥାୟୀ 'ପାଠ୍ୟକ୍ରମ ସମୀକ୍ଷା ପରିଷଦ' ଗଠନ କରି ବୈଜ୍ଞାନିକ ମନୋଭାବ, ସଠିକ୍ ତଥ୍ୟ, ଯୁକ୍ତିଯୁକ୍ତ ଚିନ୍ତାଧାରା ଓ ସାମାଜିକ ସମାନତାର ଚେତନା ଆଧାରରେ ପାଠ୍ୟକ୍ରମ ପ୍ରସ୍ତୁତ କରିବା ଆଦି ୫ଟି ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଏଥିରେ ବରିଷ୍ଠ ସଭ୍ୟ ତଥା ଉପଦେଷ୍ଟା ଆର୍. ସତ୍ୟ ନାରାୟଣ ରାଓ, ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ବିରେନ୍ କୁମାର ବେହେରା, ଆଦିତ୍ୟ ନାରାୟଣ ରଥ, ଏସ୍. ସାମ୍ବଶିବା ରାଓ, ମହେଶ୍ୱର ବାଡତ୍ୟା, କାହ୍ନୁ ଚରଣ ପାତ୍ର, ଗୁଣନିଧି ବେହେରା, ମନୋଜ କୁମାର ତରାଇ ଓ କେଶବ ଲିଙ୍ଗମ୍ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

## ତୁଳସୀକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା

# ହାତୀ ବେଶରେ ଦର୍ଶନଦେଲେ ଚତୁର୍ଦ୍ଧାମୂର୍ତ୍ତି

କେନ୍ଦ୍ରାପଡ଼ା,୨୯।୬(ସମିସ)






ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପୀଠରେ ସୋମବାର ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ପାରମ୍ପରିକ ନୀତିକାନ୍ତି ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତି ରତ୍ନସିଂହାସନରୁ ସ୍ନାନ ମଣ୍ଡପକୁ ବିଜେ କରିବା ପରେ ୧୦୮ କଳସୀ ପବିତ୍ର ଜଳରେ ମହାସ୍ନାନ ସମ୍ପନ୍ନ ହୋଇଥିଲା। ଅପରାହ୍ନରେ ଗଜାନନ ବା ହାତୀ ବେଶରେ ସଜ୍ଜିତ ଶ୍ରୀଜିଉଙ୍କ ଦିବ୍ୟ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭୋରରୁ ମନ୍ଦିର ପରିସର ଭକ୍ତଙ୍କ "ହରିବୋଲ' ଓ ଜୟ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ନିର୍ଘଣ୍ଟ ଅନୁଯାୟୀ ବଳଦେବ, ଜଗନ୍ନାଥ, ସୁଭଦ୍ରା ଓ ସୁଦର୍ଶନଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଯାଇ ଜୟ ମଙ୍ଗଳା ଆଳତୀ, ମହାସ୍ନାନ ଓ ଅନ୍ୟାନ୍ୟ ନୀତି ସମ୍ପନ୍ନ କରାଯାଇଥିଲା। ବଲ୍ଲଭ ମଣୋହି ଓ ମଙ୍ଗଳାର୍ପଣ ପରେ ଗଜ ବେଶରେ ମହାପ୍ରଭୁଙ୍କ ଦିବ୍ୟ ରୂପ ଦର୍ଶନ କରି ଭକ୍ତମାନେ ଭାବବିହ୍ୱଳ ହୋଇଥିଲେ। ରାତିରେ ଦର୍ଶନ ସମାପ୍ତ ପରେ ଚତୁର୍ଦ୍ଧାମୂର୍ତ୍ତି ଅଣସର ଗୃହକୁ ବିଜେ କରିଥିଲେ। ପରମ୍ପରା ଅନୁସାରେ ମହାସ୍ନାନ ପରେ ମହାପ୍ରଭୁ ଅସୁସ୍ଥ ହୋଇଥିବା ବିଶ୍ୱାସ ରହିଥିବାରୁ ଆସନ୍ତା ୧୫ ଦିନ ଅଣସର ଗୃହରେ ସ୍ୱତନ୍ତ୍ର ସେବା ଓ ଭୋଗ ନୀତି ଚାଲିବ। ଏହି ସମୟରେ ରତ୍ନସିଂହାସନରେ ପ୍ରତ୍ୟକ୍ଷ ଦର୍ଶନ ବନ୍ଦ ରହିବ ଓ ଜଗମୋହନରେ ମହାପ୍ରଭୁଙ୍କ ପଟ୍ଟଚିତ୍ର ପୂଜା ପାଇବ। ଆସନ୍ତା ୧୪ ଜୁଲାଇରେ ନେତ୍ରୋତ୍ସବ ଅବସରରେ ମହାପ୍ରଭୁ ପୁଣିଥରେ ଭକ୍ତଙ୍କୁ ଦର୍ଶନ ଦେବେ। ଏହାପରେ ୧୬ ଜୁଲାଇରେ ରଥଯାତ୍ରାରେ ତାଳଧ୍ୱଜ ରଥାରୂଢ଼ ହୋଇ ଜନ୍ମବେଦୀ ଅଭିମୁଖେ ଯାତ୍ରା କରିବେ।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଆଧ୍ୟାତ୍ମିକ ପୀଠ ରାଧାରମଣ ମଠ, ପତିତପାବନ ମନ୍ଦିର, ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିରସ୍ଥ ଜଗନ୍ନାଥ ମନ୍ଦିର, ପୋଖରୀଆପଡା ହରପାର୍ବତୀ ମନ୍ଦିରସ୍ଥ ଜଗନ୍ନାଥ ମନ୍ଦିର, କଷଣ ଅଣ୍ଟା ଲକ୍ଷେଶ୍ୱର ମହାଦେବ ମନ୍ଦିର, ବେଲତଳ ଭୋଳିବାବା ମଠସ୍ଥ ଜଗନ୍ନାଥ ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ଦେବ ସ୍ନାନ ପୂର୍ଣ୍ଣିମା ସମାରୋହ ପାଳିତ ହୋଇଯାଇଛି। ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର, ପ୍ରଭୁ ସୁଦର୍ଶନ ଓ ମା ସୁଭଦ୍ରାଙ୍କୁ ସ୍ନାନ ମଣ୍ଡପକୁ ନିଆଯାଇ ସ୍ନାନ କରାଯାଇଥିଲା। ପରେ ଶ୍ରୀଜିଉଙ୍କୁ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ସେହିପରି ପୋଖରୀଆପଡା ପତିତପାବନ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ପାଳିତ ହୋଇଛି। ଦଇତାପତି ସୁଶୀଲ ପାଠୀଙ୍କ ନେତୃତ୍ୱରେ ଦଇତାପତିମାନେ ସ୍ନାନବେଦୀକୁ ନେଇ ୧୦୮ କଳସ ଜଳରେ ଠାକୁରଙ୍କ ସ୍ନାନ ନୀତି ସମ୍ପନ୍ନ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ପ୍ରକାଶ ଦାଶ, ପୂର୍ଣ୍ଣଚନ୍ଦ୍ର ଦାଶ ଓ ସମ୍ପାଦକ ନରହରି ଲେଙ୍କା, ଇଂ ତ୍ରିଲୋଚନ ସୂତାର, ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର, ଇଂ ତପନ ପାତ୍ର, ବିଜୟ ମହାନ୍ତି, ଇଶ୍ୱର ଲେଙ୍କାଙ୍କ ସମେତ ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ତତ୍ତ୍ୱାବଧାନ ଓ ପୂଜକ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ପ୍ରଭୁ ପତିତପାବନଙ୍କୁ ସ୍ନାନ ମଣ୍ଡପକୁ ନିଆଯାଇ ସ୍ନାନ ପରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ପୋଖରୀଆପଡା ହରପାର୍ବତୀ ମନ୍ଦିରରେ ଥିବା ଜଗନ୍ନାଥ ମନ୍ଦିରରେ ସ୍ନାନପୂର୍ଣ୍ଣିମା ପାଳିତ ହୋଇଥିଲା। ଏହାଛଡା ପଟ୍ଟାମୁଣ୍ଡାଇ ଶ୍ରୀରାମ ମନ୍ଦିରସ୍ଥ ଜଗନ୍ନାଥ ମନ୍ଦିରରେ ଦେବ ସ୍ନାନ ପୂର୍ଣ୍ଣିମା ସମାରୋହରେ ପାଳିତ ହୋଇଯାଇଛି। ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧକ୍ଷ ପର୍ଶୁରାମ ଷଣ୍ଢ, ଉପଦେଷ୍ଟା କିରଣ ଭୂୟାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ପୂଜକ କାର୍ଯ୍ୟ ସମ୍ପାଦନ କରିଥିଲେ। ସେହିପରି କଷଣଅଣ୍ଟା ଲକ୍ଷେଶ୍ୱର ମହାଦେବ ମନ୍ଦିର ଓ ବେଲତଳ ଭୋଳିବାବା ମଠସ୍ଥ ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା ସମ୍ପନ୍ନ ହୋଇଛି।

**ରାଜନଗର:** କେରରାଗଡ଼ସ୍ଥ ପୁରାଣ ପ୍ରସିଦ୍ଧ ଶ୍ରୀଜଗନ୍ନାଥଜୀଉଙ୍କ ପବିତ୍ର ସ୍ନାନ ପୂର୍ଣ୍ଣିମା ସମାପନ ହୋଇଛି। ସକାଳ ସାଢ଼େ ୧୦ଟାରେ ଶ୍ରୀଜୀଉଙ୍କୁ ରତ୍ନ ସିଂହାସନରୁ ବଡ଼ପଣ୍ଡା ପହଣ୍ଡିରେ ସ୍ନାନମଣ୍ଡପକୁ ଆଣିଥିଲେ। ବଡ଼ପଣ୍ଡା ନିତ୍ୟାନନ୍ଦ ଦାସ, ମଦନମୋହନ ରଥ, ସୋମନାଥ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଶ୍ରୀଜୀଉଙ୍କ ରୀତିନୀତି କରାଯାଇଥିଲା। ସ୍ନାନ ମଣ୍ଡପରେ ଶ୍ରୀଜୀଉଙ୍କୁ ଗଜାନନ ବେଶରେ ସୁସଜ୍ଜିତ କରାଯାଇଥିବାବେଳେ ପରେ ଶ୍ରୀଜୀଉଙ୍କୁ ଅଣସର ଘରକୁ ନିଆଯାଇଥିଲା। ସେହିପରି ପେଣ୍ଠସ୍ଥ ଶ୍ରୀବନବିହାରୀଜୀଉ, ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ରିଘଗଡସ୍ଥ ଶ୍ରୀବଳଦେବଜୀଉ ଓ ରାଜନଗରସ୍ଥ ଶ୍ରୀଦଧିବାମନଜୀଉଙ୍କ ସ୍ନାନ ନୀତି ସମ୍ପନ୍ନ ହୋଇଛି। ଏଥିସହ ବ୍ରାହ୍ମଣସାହି ପଞ୍ଚାୟତର ଗଜରଜପୁରସ୍ଥ ଶ୍ରୀନୀଳାଦ୍ରିନାଥ ମନ୍ଦିରରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତଙ୍କ ଉପସ୍ଥିତିରେ ତିନି ଦିଅଁଙ୍କ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହୋଇଛି।

**ଡେରାବିଶ:** ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଶ୍ରୀଦଧିବାମନଜୀଉଙ୍କ ମନ୍ଦିରରେ ଆଜି ସ୍ନାନ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ଦଧିବାମନଜୀଉଙ୍କ ସ୍ନାନ କରାଯିବା ପରେ ଗଜାନନ ବେଶ କରାଯାଇଥିଲା। ଏହି ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଆଜି ପ୍ରାତଃରେ ମଙ୍ଗଳ ଆରତୀ ପରେ ସମସ୍ତ ନୀତିକାନ୍ତି ସମ୍ପନ୍ନ କରାଯାଇଥିଲା। ପରେ ସକାଳ ୮ଟାରେ ଗୋଟି ପହଣ୍ଡିରେ ଶ୍ରୀଜୀଉଙ୍କୁ ସିଂହାସନରୁ ସ୍ନାନ ମଣ୍ଡପ ଯାଏ ଆଣାଯାଇଥିଲା। ପରମ୍ପରା ଅନୁଯାୟୀ ସ୍ନାନ ମଣ୍ଡପରେ ସମସ୍ତ ନୀତିକାନ୍ତି ପରେ ଶ୍ରୀଜୀଉଙ୍କୁ ସ୍ନାନ କରାଯାଇଥିଲା। ମନ୍ଦିର ସେବାୟତ ବିଭୂତିଭୂଷଣ କର, ମାନସ ଚନ୍ଦ୍ର କର, ଦିବାକର ପଣ୍ଡା, ରତ୍ନାକର ପଣ୍ଡା, ଅକ୍ଷୟ ପଣ୍ଡା, ବଂଶୀଧର ପଣ୍ଡା ଓ ରଘୁନାଥ ପଣ୍ଡା ପ୍ରମୁଖ ସମସ୍ତ ନୀତି ସମ୍ପନ୍ନ କରିଥିଲେ। ମନ୍ଦିର ପରିଚାଳନା ମନ୍ଦିର ପରିଚାଳନା କମିଟି ସଦସ୍ୟ ଆଜିର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି କେନ୍ଦ୍ରାପଡା ଓ କଟକ ଜିଲ୍ଲାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଓଳକଣା ମେଳଣ ପଡିଆରେ ଥିବା ଶ୍ରୀଜଗନ୍ନାଥଙ୍କ ମନ୍ଦିର ସମେତ ବ୍ଲକ୍ ଅଞ୍ଚଳର ଅନ୍ୟାନ୍ୟ ମନ୍ଦିରରେ ଦେବସ୍ନାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ଭରତପୁର ପଞ୍ଚାୟତର ଲାହାଖଣ୍ଡ ଭରତପୁରସ୍ଥ ଶ୍ରୀଦଧିବାବନଜୀଉ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି। ଗଜାନନ ବେଶରେ ଶ୍ରୀଜୀଉଙ୍କ ଦୁର୍ଲଭ ଦର୍ଶନ ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତ ମନ୍ଦିରକୁ ଛୁଟି ଆସିଥିଲେ। ପୂର୍ବାହ୍ନରେ ଶ୍ରୀବଳଦେବ, ଶ୍ରୀଜଗନ୍ନାଥ ଓ ମା' ସୁଭଦ୍ରାଙ୍କୁ ପାରମ୍ପରିକ ପହଣ୍ଡିରେ ମନ୍ଦିରରୁ ସ୍ନାନବେଦୀକୁ ବିଜେ କରାଯାଇଥିଲା। ସେଠାରେ ଖିର ଓ ଚନ୍ଦନ ମିଶ୍ରିତ ପବିତ୍ର ଜଳରେ ମହାସ୍ନାନ କରାଯିବା ସହ ଦେବସ୍ନାନ ପୂର୍ଣ୍ଣିମାର ସମସ୍ତ ପାରମ୍ପରିକ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ପରେ ତ୍ରିମୂର୍ତ୍ତିଙ୍କୁ ଆକର୍ଷଣୀୟ ଗଜାନନ ବେଶରେ ସଜ୍ଜିତ କରାଯାଇଥିଲା। ଶ୍ରୀଜୀଉଙ୍କ ଏହି ଦୁର୍ଲଭ ବେଶ ଦର୍ଶନ ପାଇଁ ଭରତପୁର ସମେତ ଆଖପାଖ ଗ୍ରାମରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପରମ୍ପରା ଅନୁଯାୟୀ ଦେବସ୍ନାନ ପୂର୍ଣ୍ଣିମା ପରେ ପ୍ରଭୁ ଶ୍ରୀଦଧିବାବନଜୀଉ ୧୫ ଦିନ ପର୍ଯ୍ୟନ୍ତ ଅଣବସର ଘରେ ବିରାଜମାନ କରିବେ। ଏହାପରେ ନେତ୍ରୋତ୍ସବ ନୀତି ସମ୍ପନ୍ନ ହେବା ସହ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରିବେ ଓ ବାହୁଡ଼ା ଯାତ୍ରା ପରେ ପୁନର୍ବାର ମନ୍ଦିରକୁ ବିଜେ କରିବେ ବୋଲି ପୂଜକ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଦାଶ ସୂଚନା ଦେଇଛନ୍ତି।

## ମୃତ୍ୟୁ ପ୍ରମାଣପତ୍ର ପାଇଁ ଲାଞ୍ଚ ନେଇଥିବା ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ୪ ବର୍ଷ ଜେଲ୍

କେନ୍ଦ୍ରାପଡ଼ା,୨୯।୬(ସମିସ): ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ପାଇଁ ଲାଞ୍ଚ ଦାବି ଓ ଗ୍ରହଣ ମାମଲାରେ ପାଟକୁରା ୟୁଜିପିଏଚସିର ପୂର୍ବତନ ବହୁମୁଖୀ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ (ପୁରୁଷ) ତଥା ଭାଇଟାଲ ଷ୍ଟାଟିଷ୍ଟିକ୍ସ ବିଭାଗ ଦାୟିତ୍ୱରେ ଥିବା ରାସବିହାରୀ ମହାନ୍ତିଙ୍କୁ ସୋମବାର କଟକସ୍ଥ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ତାଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନାରେ ଦଣ୍ଡିତ କରିଥିବାବେଳେ ରାୟ ପରେ ତାଙ୍କୁ ଜେଲକୁ ପଠାଯାଇଛି। ଅଭିଯୁକ୍ତ ରାସବିହାରୀ ମହାନ୍ତି ପାଟକୁରା ୟୁଜିପିଏଚସିରେ କାର୍ଯ୍ୟରତ ଥିବା ସମୟରେ ଜଣେ ଅଭିଯୋଗକାରିଣୀଙ୍କ ମୃତ ପିତାଙ୍କ ମୃତ୍ୟୁ ପ୍ରମାଣପତ୍ର ଜାରି କରିବା ପାଇଁ ଲାଞ୍ଚ ଦାବି କରିଥିଲେ ଓ ଲାଞ୍ଚ ଗ୍ରହଣ କରିଥିଲେ। ଏହି ଘଟଣାରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ସମ୍ପୃକ୍ତ ଧାରାରେ ମାମଲା ରୁଜୁ କରାଯାଇ ତଦନ୍ତ ପରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ମାମଲାର ବିଚାର ଶେଷ ହେବା ପରେ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ସଶ୍ରମ କାରାଦଣ୍ଡ ସହ ଜରିମାନାରେ ଦଣ୍ଡିତ କରିଛନ୍ତି। ଅନ୍ୟପକ୍ଷରେ ଦୋଷୀ ସାବ୍ୟସ୍ତ ହେବା ପରେ ଅବସରପ୍ରାପ୍ତ ଏହି ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପେନ୍ସନ ବନ୍ଦ କରିବା ପାଇଁ ସମ୍ପୃକ୍ତ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଓଡ଼ିଶା ଭିଜିଲାନ୍ସ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି ସୂଚନା ଦେଇଛି।

● ରାସ୍ତା ନେଲା ମହିଳାଙ୍କ ଜୀବନ

## ଆରଡି ବିଭାଗକୁ ଦାୟୀ କରି ଥାନାରେ ସ୍ୱାମୀଙ୍କ ଏତଲା

ରାଜକନିକା, ୨୯।୬(ସମିସ): ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ପାଇଁ ଜଣେ ମହିଳାଙ୍କ ଜୀବନ ଯାଇଛି। ରାସ୍ତା ତିଆରି ବେଳେ କାମର ମାନ ଓ ଯାତାୟାତ ସୁବିଧାକୁ ଅଣଦେଖା କରି ଉଚ୍ଚଖାଲ ଥିବାରୁ ଦୁର୍ଘଟଣା ଘଟି ସ୍ତ୍ରୀର ଜୀବନ ଚାଲିଯିବାରୁ ଆଜି ସ୍ୱାମୀ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ଦେବା ସହ ରାଜକନିକା ଥାନାରେ ଏତଲା ଦେଇଛନ୍ତି। ଆର୍‌ଡି ବିଭାଗର ବାଜପୁରଠାରୁ ପତରପୁର ଯାଏ ଥିବା ରାସ୍ତାକୁ କଂକ୍ରିଟ କରାଯାଇଥିବାବେଳେ ଏକ ଜଏଣ୍ଟ ସ୍ଥାନରେ ନୂଆ ରାସ୍ତା ଓ ପୁରୁଣା ରାସ୍ତାର ସଂଯୋଗ ସ୍ଥଳର ଢଳେଇରେ ପ୍ରାୟ ୮ ଇଞ୍ଚ ଉଚ୍ଚ ଓ ଖାଲ ହୋଇରହିଛି। ଏବେ ସେହି ଜଏଣ୍ଟ ସ୍ଥାନର ଖାଲ ଉଚ୍ଚ ଦେଇଯାଉଥିବା ଯାତ୍ରୀ ଦୈନିକ ଦୁର୍ଘଟଣାର ଶିକାର ହେଉଥିବାବେଳେ ଶନିବାର ଦିନ ସନ୍ଧ୍ୟାରେ ବିଶାବାଟ ଗାଁର ରମେଶ ଚନ୍ଦ୍ର ବେହେରା ତାଙ୍କ ସ୍ତ୍ରୀ ଗୀତାରାଣୀ ବେହେରା (୪୧) ବାଇକ୍‌ରେ ବସାଇ ଘରକୁ ଫେରୁଥିବାବେଳେ ଏହି ସ୍ଥାନରେ ହଠାତ ପିଟି ହୋଇଯାଇଥିଲେ। ଫଳରେ ବାଇକ ପଛରେ ବସିଥିବା ଗୀତାରାଣୀ ଛିଟିକି ପଡି ଗୁରୁତର ହୋଇଯିବାରୁ ତାଙ୍କୁ କଟକ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜକନିକା ବ୍ଲକରେ ଜିଲ୍ଲାପାଳଙ୍କୁ ଜନଶୁଣାଣିରେ ସ୍ତ୍ରୀ ମୃତ୍ୟୁ ପାଇଁ ଆରଡ଼ି ବିଭାଗକୁ ଦାୟୀ କରି ଅଭିଯୋଗ କରିବା ସହ ରାଜକନିକା ଥାନାରେ ଏତଲା ଦେଇ ନ୍ୟାୟ ଭିକ୍ଷା କରିଛନ୍ତି।


## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

ରାଜକନିକା,୨୯।୬(ସମିସ): ଆଜି ରାଜକନିକା ବ୍ଲକ୍ ସଭାଗୃହରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି ଶିବିରରେ ୧୨୧ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା।



ଏଥିରେ ୨୪ଟି ସାମୂହିକ ଓ ୯୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ସେଥିରୁ ୩୪ଟିର ତତ୍କାଳ ସମାଧାନ ହୋଇ ସିଏମଆରଇ ଫଣ୍ଡରୁ ୧୦୦୦୦ ଟଙ୍କା ପ୍ରଦାନ କରାଯାଇଛି। ରାଜକନିକା ମେଡ଼ିକାଲ ବିପର୍ଯ୍ୟସ୍ତ ହୋଇପଡ଼ିବା, ୨୧ ଡାକ୍ତରଙ୍କ ସ୍ଥାନରେ ୪ ଜଣ ଡାକ୍ତର କାମଚଳା ଭାବେ ରହିବା, ପରୀକ୍ଷା ନିରୀକ୍ଷା ପାଇଁ ସମସ୍ତ ମେସିନ ଅଚଳ ଥିବା, ୧୫ଟି ବେଡ଼ ଥିବାବେଳେ ବେଡ଼ ସଂଖ୍ୟା ବଢ଼ାଇବା, ରକ୍ତଭଣ୍ଡାର ଖୋଲି ସ୍ୱେଚ୍ଛାକୃତ ରକ୍ତଦାନକୁ ଉତ୍ସାହିତ କରିବା, ଜଣେ ଅଭିଜ୍ଞ ଡାକ୍ତରଙ୍କୁ ଇନଚାର୍ଜ ଭାବେ ଅବସ୍ଥାପିତ କରିବା ଦାବି ହୋଇଛି। ସେହିପରି ପାରିନୂଆପଡାର ପବିତ୍ର ରାଉତ ଖରସ୍ରୋତା ନଦୀର ଶାଖା ଜୋରରେ ଫୁଟବ୍ରିଜ ନିର୍ମାଣ ପାଇଁ ଦାବି କରିଥିଲେ। ଏଥିସହ ଆହୁରି ଅନେକ ସମସ୍ୟା ନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆଜିର ଜନଶୁଣାଣିରେ ଜିଲ୍ଲା ଓ ବ୍ଲକ ସ୍ତରର ସମସ୍ତ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ଶୁକଦେଇପୁର ଗାଁରୁ ନଳକୂପ ତାଡ଼ିନେଲେ ଦୁର୍ବୃତ୍ତ



ରାଜକନିକା,୨୯।୬(ସମିସ): ରାଜକନିକା ବ୍ଲକ ସୀମାନ୍ତ ଗାଁ ଶୁକଦେଇପୁର ଗାଁ ମୁଣ୍ଡ ଓ ତିନିତର ଘାଟ ନିକଟରେ ଥିବା ଏକମାତ୍ର ପାନୀୟ ଜଳର ଉତ୍ସ ନଳକୂପକୁ ଦୁର୍ବୃତ୍ତ ଭାଙ୍ଗି ଚୋରି କରିନେଇଥିବା ଜଣାପଡିଛି। ରାଜକନିକା ବ୍ଲକ ନହୁଣୀ ପଞ୍ଚାୟତ ଅନ୍ତର୍ଗତ ଏହି ନଳକୂପ ଉପରେ ଆରଡ଼ି ଶୈବ ପୀଠକୁ ଯାତାୟାତ କରୁଥିବା ସମସ୍ତ ଯାତ୍ରୀ, ଚାଷ କରୁଥିବା ଚାଷୀ, ବାଟୋଇ ସମ୍ପୂର୍ଣ୍ଣ ନିର୍ଭର କରୁଥିବାବେଳେ ଏହି ନଳକୂପ ଭଙ୍ଗା ଯାଇ ଚୋରି ହେବା ସମ୍ପର୍କରେ ବିଭାଗ ପାଖରେ କୌଣସି ଖବର ମଧ୍ୟ ନାହିଁ। ଏଭଳି ଏକ ସମ୍ବେଦନ ଘଟଣାରେ କେହି ବି ଏ ବାବଦରେ ଚିନ୍ତିତ ନ ହେବା ପାନୀୟ ଜଳ ସମସ୍ୟାକୁ ବଢ଼ାଇ ଦେଇଛି। ବିଭାଗୀୟ ଅଜ୍ଞତାରେ ଚୋରି ହୋଇଥିବା ଏହି ନଳକୂପର ତୁରନ୍ତ ପୁନଃସ୍ଥାପନ ପାଇଁ ଦାବି ହୋଇଛି।

● ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ

## ଉନ୍ନୟନମୂଳକ ଯୋଜନାରେ ସଠିକ୍ ତଥ୍ୟର ଗୁରୁତ୍ୱ ଉପରେ ଆଲୋକପାତ



କେନ୍ଦ୍ରାପଡ଼ା,୨୯।୬(ସମିସ): ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ସଠିକ୍ ପରିସଂଖ୍ୟାନ ତଥ୍ୟର ଭୂମିକା ଅପରିହାର୍ଯ୍ୟ। କୃଷି, ସ୍ୱାସ୍ଥ୍ୟ, ଜଳସେଚନ, ଶିକ୍ଷା, ଗମନାଗମନ ଓ ଅର୍ଥନୈତିକ ବିକାଶ ଭଳି ପ୍ରତ୍ୟେକ କ୍ଷେତ୍ରରେ ସଠିକ୍ ତଥ୍ୟ ଆଧାରିତ ଯୋଜନା ହିଁ ସୁଶାସନ ଓ ସ୍ଥାୟୀ ବିକାଶର ଚାବିକାଠି ବୋଲି ସୋମବାର କେନ୍ଦ୍ରାପଡ଼ାରେ ୨୦ତମ ଜିଲ୍ଲାସ୍ତରୀୟ ଜାତୀୟ ପରିସଂଖ୍ୟାନ ଦିବସ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଜିଲ୍ଲା ଯୋଜନା ଓ ପର୍ଯ୍ୟାଲୋଚନା ଏକକ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଉପନିର୍ଦ୍ଦେଶିକା ଆରତୀ ନାୟକ ସ୍ୱାଗତ ଭାଷଣ ସହ ଜାତୀୟ ପରିସଂଖ୍ୟାନ ଦିବସ ପାଳନର ଉଦ୍ଦେଶ୍ୟ, ବିକାଶମୂଳକ ଯୋଜନା ପ୍ରସ୍ତୁତିରେ ପରିସଂଖ୍ୟାନର ଆବଶ୍ୟକତା ଓ ସଠିକ୍ ତଥ୍ୟ ସଂଗ୍ରହର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟ ଆଲୋଚକ ଭାବେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପରିସଂଖ୍ୟାନ ବିଭାଗ ପ୍ରାଧ୍ୟାପକ ଅଜୟ ଦାସ, ନାବାର୍ଡର ଡିଡିଏମ୍ ସ୍ମିତା ବଡ଼ଜେନା ଓ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସୁସ୍ମିତା ମହାନ୍ତି ଯୋଗଦେଇ ଦେଶର ଯୋଜନାବଦ୍ଧ ବିକାଶରେ ପରିସଂଖ୍ୟାନର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସହକାରୀ ପରିସଂଖ୍ୟାନ ଅଧିକାରୀ ସୌମ୍ୟରଞ୍ଜନ ଦାସ ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ବିଭିନ୍ନ ପରିସଂଖ୍ୟାନ ତଥ୍ୟର ବ୍ୟବହାରିକ ଉପଯୋଗିତା ଉପସ୍ଥାପନ କରିଥିଲେ। ଏ ଅବସରରେ କେନ୍ଦ୍ରାପଡ଼ାର ପାଞ୍ଚଟି ମହାବିଦ୍ୟାଳୟର ୪୪ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଆୟୋଜିତ କୁଇଜ୍ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ତିନିଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ରାଜନଗର ବ୍ଲକ୍ ବ୍ରାହ୍ମଣ ମହାସଭାର ବୈଠକ



ରାଜନଗର,୨୯।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ରାଜନଗର ବ୍ଲକ ବରଗାଁ ମା' ମାଟିଆ ମଙ୍ଗଳା ପୀଠରେ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ବ୍ରାହ୍ମଣମାନେ ଯୋଗ ଦେଇଥିଲେ। ଜିଲ୍ଲା ବ୍ରାହ୍ମଣ ମହାସଭାର କାର୍ଯ୍ୟକାରିଣୀ ସଦସ୍ୟ ରଜନୀକାନ୍ତ ରଥ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିଲେ। ଶିକ୍ଷାବିତ୍ ମାନସ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଜିଲ୍ଲା ବ୍ରାହ୍ମଣ ମହାସଭା ଉପସଭାପତି ରବୀନ୍ଦ୍ରନାଥ ରଥ ସଭାପତିତ୍ୱ କରିଥିବାବେଳେ ଜିଲ୍ଲା ବ୍ରାହ୍ମଣ ମହାସଭାର ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି, ସଂଗଠନ ସମ୍ପାଦକ ପଣ୍ଡିତ ତପନ ଦାଶ ଓ କୋଷାଧ୍ୟକ୍ଷ ପଣ୍ଡିତ କ୍ଷୀରୋଦ ପଣ୍ଡା ମୁଖ୍ୟଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ପାଦକ ପଣ୍ଡିତ ହରେକୃଷ୍ଣ ପତି ସମ୍ପାଦକ ବିବରଣୀ ଦେଇଥିଲେ। ପଣ୍ଡିତ କ୍ଷୀରୋଦ ପଣ୍ଡା ସମାଜର ଦିଗଦ୍ରଷ୍ଟା ବ୍ରାହ୍ମଣମାନେ ଆଜି ସରକାରୀ ସ୍ତରରେ ଅଣଦେଖା ହେଉଛନ୍ତି। ସଂରକ୍ଷଣ ବ୍ୟବସ୍ଥା ଦ୍ୱାରା ଯୋଗ୍ୟତାକୁ ମାପକାଠି ରୂପେ ବିବେଚନା କରାଯାଉନାହିଁ। ସରକାର ଯୋଗ୍ୟତାକୁ ପ୍ରାଧାନ୍ୟ ଦିଆଯାଉ, ସଂରକ୍ଷଣ ବ୍ୟବସ୍ଥା ନାଁରେ ଯୋଗ୍ୟତରାର ସ୍ଥାନ ନାହିଁ। ବ୍ରାହ୍ମଣ ମାନେ ଆଜି ସବୁ କ୍ଷେତ୍ରରେ ଅବହେଳାର ଶିକାର ହେଉଛନ୍ତି। ପଣ୍ଡିତ ତପନ ଦାଶ ସମଗ୍ର ବ୍ରାହ୍ମଣ ପରିବାର ଆଜି ନିଜର ହକ ପାଇଁ ସଂଗ୍ରାମ କରିବାକୁ ଆହ୍ୱାନ କରିଥିଲେ। ସଭାପତି ରବୀନ୍ଦ୍ର ରଥ ସମାଜରେ ବ୍ରାହ୍ମଣମାନେ ନିଜର ଭୂମିକାକୁ ପ୍ରତିପାଦନ କରିବାକୁ ଏକତ୍ରିତ ହୋଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ବିଭିନ୍ନ ଦିଗରୁ ଆଲୋଚନା କରିଥିଲେ। ବ୍ଲକ୍ ବ୍ରାହ୍ମଣ ମହାସଭାର ପୁନର୍ଗଠନ କରାଯାଇ ସଞ୍ଜୟ ପାଣି ସଭାପତି, ମାନସ ମିଶ୍ର ସମ୍ପାଦକ, ପଣ୍ଡିତ ସନ୍ତୋଷ ଶତପଥି କୋଷାଧ୍ୟକ୍ଷ ଓ ପ୍ରଦୀପ ମିଶ୍ର ସଂଗଠନ ସମ୍ପାଦକ ମନୋନୀତ ହୋଇଥିଲେ। ସନ୍ତୋଷ ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ।

## ଡେରାବିଶ ବ୍ଲକ୍ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ



ଡେରାବିଶ, ୨୯।୬(ସମିସ): ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁରଠାରେ ଡେରାବିଶ ବ୍ଲକ କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଳମ୍ବିତ ରାତିଯାଏ ଚାଲିଥିବା ଏହି ବୈଠକରେ ବ୍ଲକ୍ କଂଗ୍ରେସ ସଭାପତି ରାଜୀବ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପାଟକୁରା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଡଃ ରତିକାନ୍ତ କାନୁନ୍‌ଗୋ ଯୋଗଦେଇ ବ୍ଲକର ସମସ୍ତ ପଞ୍ଚାୟତରେ ଥିବା ୱାର୍ଡରେ କଂଗ୍ରେସ ଦଳକୁ କିପରି ମଜବୁତ୍ କରାଯାଇପାରିବ ସେ ନେଇ ଆଲୋଚନା କରାଯିବା ସହ ଉପସ୍ଥିତ ଥିବା ସମସ୍ତ ପଞ୍ଚାୟତ କଂଗ୍ରେସ ସଭାପତି ଓ ବ୍ଲକ କମିଟିର ସଦସ୍ୟଙ୍କଠାରୁ ମତାମତ ଶ୍ରୀ କାନୁନ୍‌ଗୋ ଲୋଡ଼ିଥିଲେ। ଏହାକୁ କିପରି କାର୍ଯ୍ୟକାରୀ କରାଯାଇପାରିବ, ସେ ବିଷୟରେ ଉପସ୍ଥିତ ଥିବା କର୍ମୀ ନିଜ ମତ ରଖିଥିଲେ। ଏହି ବୈଠକରେ ପୂର୍ବତନ ବ୍ଲକ ସଭାପତି ଉମେଶ ତ୍ରିପାଠୀ, ବରିଷ୍ଠ କଂଗ୍ରେସ ନେତା ସୁଖଦାନନ୍ଦ ପ୍ରଧାନ, ବିଧୁଭୂଷଣ ମହାପାତ୍ର, ଜୟଦେବ ପରିଡ଼ା, ରଶ୍ମିରଞ୍ଜନ ପଣ୍ଡା, ପ୍ରମୋଦ ରାଉତ, ଗୋଲଖ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ଶିକ୍ଷାବିତଙ୍କ ପରଲୋକ



ରାଜନଗର,୨୯।୬(ସମିସ): ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁନ୍ଦୁପୁର ଗ୍ରାମର ଶିକ୍ଷକ ଆଦିକନ୍ଦ ମହାନ୍ତିଙ୍କ ଆଜି ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ଜଣେ ଛାତ୍ରବତ୍ସଳ, ଧର୍ମପ୍ରାଣ, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିଲେ। ସେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ଘନିଷ୍ଠ ଥିଲେ। ତାଙ୍କ ବିୟୋଗରେ ଶିକ୍ଷକ ନେତା ବିଜୟ ଜେନା, ଦାମୋଦର ସ୍ୱାଇଁ, ସରପଞ୍ଚ ଗୋଲକ ବିହାରୀ ସ୍ୱାଇଁ, ଚିତ୍ତରଞ୍ଜନ ସ୍ୱାଇଁ, ରାଜ୍ୟ ସଙ୍ଘ ନେତା ସୁଶାନ୍ତ ପ୍ରଧାନ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ

ରାଜକନିକା,୨୯।୬(ସମିସ): ଆଜି ଅପରାହ୍ନରେ ଭାମଣ୍ଡା ଗ୍ରାମର ଧର୍ମପ୍ରାଣ ମହିଳା ପଦ୍ମାବତୀ ଦାଶଙ୍କ ପରଲୋକ ହୋଇଛି। ସେ କର୍କଟ ରୋଗରେ ପୀଡିତ ଥାଇ ଚିକିତ୍ସିତ ହେଉଥିଲେ। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁତୁରା ପ୍ରକାଶ ଦାଶ ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ରାଧେଶ୍ୟାମ ଦାଶ, ଝିଅ ରୀନାରାଣୀ ଦାଶ, ଜ୍ୱାଇଁ ଦୟାନିଧି ଦାଶ, ନାତି ଶିବନାରାୟଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡି ନେତା ପ୍ରଦ୍ୟୁମ୍ନ ଦାଶଙ୍କ ପରଲୋକ



ଆଳି,୨୯।୬(ସମିସ): ବଡାମ୍ବିଳା ପଞ୍ଚାୟତ ନୂଆଗାଁ ଗ୍ରାମର ପୂର୍ବତନ ସରପଞ୍ଚ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି, ବିଜୁ ଜନତା ଦଳର ଜଣେ ବରିଷ୍ଠ ସଂଗଠକ ପ୍ରଦ୍ୟୁମ୍ନ ଦାଶଙ୍କ ଆଜି ସନ୍ଧ୍ୟାରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ଲିଭରଜନିତ ରୋଗରେ ପୀଡିତ ଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ, ଧର୍ମପରାୟଣ ବ୍ୟକ୍ତି ଓ ମେଳାପୀ ମଣିଷ ଭାବେ ଜଣାଶୁଣା ଥିଲେ। ତାଙ୍କର ଏହି ଅକାଳ ବିୟୋଗରେ ତାଙ୍କୁ ଭଲ ପାଉଥିବା ଶତାଧିକ ଲୋକଙ୍କ ସହ ତାଙ୍କ ସହପାଠୀ, ନମୌଜା ଅଞ୍ଚଳର ଚାଷୀ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ବିଜେପି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, କଂଗ୍ରେସ ଜିଲ୍ଲା ସଭାପତି ଦେବସ୍ମିତା ଶର୍ମାଙ୍କ ସମେତ ଆଳି ନାଗରିକ ମଞ୍ଚ ଓ ଦଳଗତ ନିର୍ବିଶେଷରେ ବହୁ ରାଜନୀତିଜ୍ଞ ଶୋକ ପ୍ରକାଶ କରିଛନ୍ତି।

## ଆଳି ପୁଲିସର ସଫଳତା

# ବାଲକାଟି ଡକାୟତି ଘଟଣାରେ ୭ ଗିରଫ

କେନ୍ଦ୍ରାପଡ଼ା,୨୯।୬(ସମିସ)



ଆଳି ଥାନା ଅନ୍ତର୍ଗତ ବାଲକାଟି ପଞ୍ଚାୟତର ଖଣ୍ଡିଆପାଟଣା ଗ୍ରାମରେ ଘଟିଥିବା ବହୁଚର୍ଚ୍ଚିତ ସଶସ୍ତ୍ର ଡକାୟତି ଘଟଣାର ପର୍ଦ୍ଦାଫାସ କରିଛି ଆଳି ପୁଲିସ। ଏହି ଘଟଣାରେ ସମ୍ପୃକ୍ତ ୮ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୭ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଜଣେ ଏବେବି ଫେରାର ରହିଛି। ଅଭିଯୁକ୍ତଙ୍କ ନିକଟରୁ ଲୁଟ୍ ହୋଇଥିବା ପ୍ରାୟ ୬୦ ଗ୍ରାମ ସୁନା, ୬୦ ଗ୍ରାମ ରୁପା ଅଳଙ୍କାର, ଦୁଇଟି ଚୋରି ମୋବାଇଲ ସମେତ ୧୨ଟି ମୋବାଇଲ, ୩ଟି ବାଇକ ଓ ଡକାୟତିରେ ବ୍ୟବହୃତ ୩ଟି ଖଣ୍ଡା ଜବତ କରାଯାଇଛି।

ଗତ ୫ ତାରିଖ ସନ୍ଧ୍ୟାରେ ଡକାୟତମାନେ ପ୍ରଦୀପ ରାଉତଙ୍କ ଘରେ ପଶି ବନ୍ଧୁକ ଓ ଭୁଜାଲି ଦେଖାଇ ପରିବାର ଲୋକଙ୍କୁ ଭୟଭୀତ କରି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିଲେ। ପରଦିନ ଏ ନେଇ ଆଳି ଥାନାରେ ଏତଲା ହେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ଦୁଇଦିନ ଧରି ତଦନ୍ତକୁ ତ୍ୱରାନ୍ୱିତ କରି ଧାମରା ଅଞ୍ଚଳରେ ଚଢ଼ଉ କରାଯିବା ପରେ ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି ପୁଲିସ। ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରଦୀପ ରାଉତଙ୍କ ବୋହୂ ରାଜକନିକା ଅଞ୍ଚଳରେ ଥିବା ନିଜ ଘରକୁ ଯାଇଥିବାବେଳେ ତାଙ୍କ ପରିଚିତ ବିଘ୍ନେଶ୍ୱର ମଲ୍ଲିକ ଓରଫ ମୁନା ତାଙ୍କ ପାଖରେ ଥିବା ସୁନା ଗହଣା ଦେଖି ଡକାୟତି ଯୋଜନା କରିଥିଲା। ପରେ ଧାମରା ଅଞ୍ଚଳର ଭଜୁ ତରାଇଙ୍କ ସହଯୋଗରେ ଅନ୍ୟ ଯୁବକଙ୍କୁ

### ସୁନାରୁପା ଅଳଙ୍କାର ସହ ମୋବାଇଲ ଜବତ

ସାମିଲ କରି ଡକାୟତିର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଶୁକ୍ରବାରକୁ ଶୁଭ ଦିନ ଭାବି ସେମାନେ ଘଟଣା ଘଟାଇଥିବା ପୁଲିସ କହିଛି। ଅଭିଯୁକ୍ତମାନେ ପ୍ରଥମେ ପ୍ରଦୀପ ରାଉତଙ୍କ ଘର ଚିହ୍ନଟ କରିବା ପରେ ଘରର ପଛପଟ ଦ୍ୱାର ଦେଇ ଭିତରକୁ ପଶି ଅସ୍ତ୍ର ଦେଖାଇ ଲୁଟ୍ କରିଥିଲେ। ମୁଖ୍ୟ ଅଭିଯୁକ୍ତ ମୁନାଙ୍କୁ ଠାବ କରିବା ପରେ ତାଙ୍କ ସୂଚନା ଆଧାରରେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପୁଲିସ ସୂଚନା ଦେଇଛି। ଜବତ ସାମଗ୍ରୀ ମଧ୍ୟରେ ଦୁଇଟି ସୁନା ହାର, ଗୋଟିଏ ଚେନ, ଗୋଟିଏ ମୁଦି, ଗୋଟିଏ ଯୋଡ଼ା କାନଫୁଲ, ଦୁଇ ହଳ ବାହୁଟି, ଗୋଟିଏ ମଙ୍ଗଳସୂତ୍ର, ୬୦ ଗ୍ରାମ ରୁପା ପାଉଁଜି, ଦୁଇଟି ମୋବାଇଲ, ଅଭିଯୁକ୍ତଙ୍କ ୧୦ଟି ମୋବାଇଲ, ୩ଟି ବାଇକ ଓ ୩ଟି ଖଣ୍ଡା ରହିଛି। ଲୁଟ୍ ହୋଇଥିବା ସୁନା ଅଳଙ୍କାର ଭଦ୍ରକ ଜିଲ୍ଲାର ମତୋ ଅଞ୍ଚଳର ଏକ ସୁନା ଦୋକାନରୁ ଜବତ କରାଯାଇଥିବା ଆଳି ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ସମସ୍ତ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଥିବାବେଳେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସର ତଲାସି ଜାରି ରହିଛି।

୨୯/୬/୨୦୨୬ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୧୩,୨୭୦/- ସୁନା: ୦୦.୫୦୦ ଗ୍ରାମ୍ ରୁପା: ୪୫.୭୫୦ ଗ୍ରାମ୍



# ରଥଖଳା ସମ୍ମୁଖରେ ଠେଲାପେଲା

## ଗହଳି ଭିତରେ ପଶିଥିଲା ଶ୍ରୀମନ୍ଦିର ପ୍ରଶାସନର ବ୍ୟାଟେରି ଗାଡ଼ି | ବ୍ୟାରିକେଡ୍ ଖୋଲିଦେବାରୁ ଟଳିଗଲା ବଡ଼ ଧରଣର ଅଘଟଣ

ପୁରୀ,୨୯।୬(ସମିସ)

ସ୍ନାନଯାତ୍ରା ପାଇଁ ସୋମବାର ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ସ୍ନାନମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କ ପ୍ରତ୍ୟକ୍ଷ ସ୍ନାନ ଏବଂ ହାତୀବେଶ ଦର୍ଶନ କରିବା ଲାଗି ସକାଳୁ ବଡ଼ଦାଣ୍ଡରେ ଲାଗିଥିଲା ଗହଳିଚହଳି। ଦିନ ଯେତେ ଗଡୁଥିଲା ଭିଡ଼ ସେତେ ବଢୁଥିଲା। ପ୍ରବଳ ଖରା ଏବଂ ଗୁଳୁଗୁଳି ସତ୍ତ୍ୱେ ଭକ୍ତ ହୋଇଥିଲେ ସିଂହଦ୍ୱାରମୁହାଁ। ତେବେ ଶୃଙ୍ଖଳିତ ଦର୍ଶନ ଲାଗି ପ୍ରଶାସନର ବ୍ୟାପକ ବ୍ୟବସ୍ଥା ସତ୍ତ୍ୱେ ରଥଖଳା ନିକଟରେ ଘଟିଥିଲା ଠେଲାପେଲା। ଏପରିକି ଦଳାଚକଟା ଘଟିବା ପୂର୍ବରୁ ରଥଖଳା ବ୍ୟାରିକେଡ୍ ହଟାଇ ଦିଆଯାଇଥିଲା। ଫଳରେ ଏକ ବଡ଼ଧରଣର ଅଘଟଣ ଟଳିଯାଇଥିଲା। ଏହି ଜାଗା ସଂକୁଚିତ ହୋଇଯାଇଥିବା ବେଳେ ଦିନତମାମ ଭିଡ଼ ରହିଥିଲା। ହେଲେ ଦୁଇଥର ଠେଲାପେଲାରେ ଏକାଧିକ ଶ୍ରଦ୍ଧାଳୁ ଆହତ ହୋଇଥିବାବେଳେ କିଛି ଭକ୍ତ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ।



ଫଟୋ: ଅନିଲ୍

ସକାଳ ପ୍ରାୟ ୮ଟା ୪୫ ସମୟ। ରଥଖଳା ସମ୍ମୁଖ ଭକ୍ତଙ୍କ ଗହଳି ଭିତରେ ଶ୍ରୀମନ୍ଦିର ପ୍ରଶାସନର ଗୋଟିଏ ବ୍ୟାଟେରି ଚାଳିତ ଗାଡ଼ି ପଶିଯାଇଥିଲା। ଏହି ଜାଗାରେ ଗୋଟିଏ ପଟେ ରଥଖଳା, ଅପର ପାଶ୍ୱର୍ରେ ନିର୍ମାଣାଧୀନ ରଥ ରହିଥିବାବେଳେ ମଝିରେ ଭକ୍ତଙ୍କ ଯା'ଆସ ପାଇଁ ବ୍ୟାରିକେଡ୍ ରହିଥିଲା। ରଥଖଳା ପାଶ୍ୱର୍ ଦେଇ ଭକ୍ତ ଯାଉଥିଲେ ଏବଂ ଦର୍ଶନ ସାରି ଶ୍ରଦ୍ଧାଳୁ ସେହି ପାଶ୍ୱର୍ରେ ଫେରୁଥିଲେ। ସଂକୁଚିତ ଏହି ଗହଳି ଭିତରକୁ ବ୍ୟାଟେରି ଚାଳିତ ଗାଡ଼ିଟି ପଶିଯିବାରୁ କିଛି ସମୟ ଧରି ସେ ଆଗକୁ କି ପଛକୁ ଯାଇପାରି ନ ଥିଲା। ଫଳରେ ଭକ୍ତ ସେହି ଜାଗାରେ ଚାପି ହୋଇଯିବାରୁ ଠେଲାପେଲା ଲାଗିଥିଲା। ତା' ଭିତରେ କିଛି ଛୋଟ ପିଲା ବି ଥିଲେ। ରଥଖଳାକୁ ଆବଦ୍ଧ କରିଥିବା ଲୁହା ବ୍ୟାରିକେଡ୍‌ରେ ଲୋକେ ଚାପି ହୋଇଯାଇଥିଲେ। ସେଠାରେ ଉପସ୍ଥିତ ରଥ ନିର୍ମାଣକାରୀ ସେବକ ମହିଳାଙ୍କୁ ଭିଡ଼ି ବାହାର କରିଥିଲେ। ପରେ ସ୍ଥିତି ଅଣାୟତ୍ତ ଆଡ଼କୁ ଯାଉଥିବା ଦେଖି ସେଠାରେ ଥିବା ପୁଲିସ ରଥଖଳା ବ୍ୟାରିକେଡ୍‌କୁ ଖୋଲି ଦେଇଥିଲେ। ଫଳରେ ଭକ୍ତମାନେ ରଥଖଳା ଭିତରକୁ ପଶିଯିବାରୁ ବଡ଼ ଅଘଟଣ ଟଳିଯାଇଥିଲା। ମଧ୍ୟାହ୍ନରେ ବି ସମାନ ସ୍ଥିତି ସେହିଠାରେ ଉପୁଜିଥିଲା। ଜଣେ ବୃଦ୍ଧା ଭିଡ଼ ଭିତରେ ଚାପି ହୋଇ ଅଣନିଃଶ୍ୱାସୀ ହୋଇପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲ ନିଆଯାଇଥିଲା। ପ୍ରବଳ ଖରା ଏବଂ ଗୁଳୁଗୁଳି ଯୋଗୁଁ ଅଚେତ୍ ହୋଇପଡ଼ି ପ୍ରାୟ ୨୦ ଜଣ ଶ୍ରଦ୍ଧାଳୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେହିପରି ସନ୍ଧ୍ୟାରେ ରଥଖଳା ନିକଟକୁ ଏକ କାର୍ ମଧ୍ୟ ପଶିଯାଇଥିଲା। ପରେ ଏତେ ଗହଳି ଭିତରକୁ ସନ୍ଧ୍ୟା ସମୟରେ ଏହି କାର୍‌କୁ କିପରି ଅନୁମତି ମିଳିଲା ବୋଲି ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

## ରଥଖଳାରୁ... ତିନିରଥରେ ବସିଲା ଧୂଳିଦଣ୍ଡା



ପୁରୀ,୨୯।୬(ସମିସ): ରଥଖଳାରେ ନିର୍ମାଣ ଚାଲିଛି ତିନିରଥ। ସୋମବାର ତିନିରଥରେ ପ୍ରଭା ଫିଟିଙ୍ଗ୍ ପାଇଁ ବେଦୀ ପଛ ଭାଗ ଚଉଦ ନାହାକାରେ ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଧୂଳିଦଣ୍ଡାରୁ ଗୋଟିଏ ଲେଖାଏଁ ଫିଟିଙ୍ଗ୍ ସରିଛି। ତିନିରଥର ଗୋଟିଏ ଗୋଟିଏ ନୂତନ ବ୍ରେକ୍ ପୁଲି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମହାରଣା ସେବକମାନେ ବ୍ରେକ୍ ପୁଲିର ଉଭୟ ପାର୍ଶ୍ୱରେ ୭/୩ ସାଇଜ୍ ଧଉରା କାଠ ବଟନ୍ ପଟା ବାଡ଼ିଆ ଶେଷ କରିଛନ୍ତି। ଲୁହା ବଳା ଫିଟିଙ୍ଗ୍ ପରେ ବ୍ରେକ୍ ପୁଲି ତଳ ଭାଗରେ ରବର୍ ମ୍ୟାଟ୍ ଫିଟିଙ୍ଗ୍ କରାଯାଇ ରଙ୍ଗ କାର୍ଯ୍ୟ ସମ୍ପନ୍ନ ହେବ। ସେହିପରି ତିନିରଥର ପ୍ରଭାରେ ରୂପ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶେଷ ହେଉଥିବା ରୂପ ଅଂଶଗୁଡ଼ିକର ପଲିସ୍ କାର୍ଯ୍ୟ ସମାନ୍ତରାଳ ଭାବେ ଜାରି ରହିଛି। ଚିତ୍ରକାର ସେବକମାନେ ତିନିରଥର ୨୪ଟି ନାଟ ଗୋଡ଼ରେ ରଙ୍ଗ କାର୍ଯ୍ୟ ଶେଷ କରି ପାର୍ଶ୍ୱ ଦେବଦେବୀ, ଘୋଡ଼ା, ସାରଥୀରେ ରଙ୍ଗ ଦେଉଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ଧୂଳିଦଣ୍ଡା କଣ୍ଟା ନିର୍ମାଣ ଶେଷ କରି ରଥ ଚାଳିକୁ ଯୋଗାଇ ଦେଇଛନ୍ତି। ଏତଦ୍‌ବ୍ୟତୀତ ପ୍ରଭା ବିଡ଼ିଆ କଣ୍ଟା ସହ ତିନିରଥର ବ୍ରେକ୍ ପୁଲି ପାଇଁ ୬ଟି ଲେଖାଏଁ ଲୁହା ବଳା ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପାହି ମହାରଣାମାନେ ରଥଯାତ୍ରାରେ ସେବା ପୂଜା ଏବଂ ଅଣସର ପାଇଁ କାଠ ବାଉଁଶ ନିର୍ମିତ ସରଞ୍ଜାମ ତିଆରି କରୁଛନ୍ତି।



## ଶ୍ରୀମୁଖରୁ ପୋଛିନେଲେ କଳା

ପୁରୀ,୨୯।୬(ସମିସ)

କାଳିଆକୁ ଶୋଭା ସିନା କଳା ଶ୍ରୀମୁଖ...। ମହାପ୍ରଭୁଙ୍କ ମୁଖମଣ୍ଡଳରେ କଳା ରହିଥିଲେ ସେ ଅତୀବ ଆକର୍ଷଣୀୟ ଦେଖାଯାଇଥା'ନ୍ତି। ଭକ୍ତ ବି କଳା ଠାକୁରଙ୍କୁ ଦେଖି ବିଭୋର ହୋଇଉଠେ। ଖୁସିରେ ଆତ୍ମହରା ହୋଇ କାହା ପାଟିରୁ ବାହାରିଆସେ କଳା ଠାକୁର ମୋ କଳା ଠାକୁର...। ହେଲେ ଜଳଲାଗି ସମୟରେ କେତେଜଣ ସେବାୟତ ଶ୍ରୀମୁଖରୁ ସେହି କଳା ପୋଛି ନେଉଥିବା ଦେଖିବାକୁ ମିଳିଥିଲା। ରୁପା ପିଙ୍ଗଣରେ ଶ୍ରୀମସ୍ତକରେ ଜଳ ଲାଗି ପରେ କପଡ଼ାରେ ମୁଖମଣ୍ଡଳକୁ ପୋଛି ନେଉଥିଲେ। କେବଳ ମହାପ୍ରଭୁ ଶ୍ରୀଜଗନ୍ନାଥ ନୁହନ୍ତି ବଡ଼ଠାକୁର ବଳଭଦ୍ରଙ୍କ ଶ୍ରୀମୁଖରୁ ମଧ୍ୟ ପୋଛି ନେଉଥିଲେ। ଏହାକୁ ଦେଖି କିଛି ଭକ୍ତ ନାପସନ୍ଦ କରିଥିଲେ।

## ମିଠା ପିଠା ବାଣ୍ଟି ମହାପ୍ରଭୁଙ୍କ ଜନ୍ମୋତ୍ସବ ପାଳିଲା ଉତ୍କଳ ବିଦ୍ୱତ୍ ପରିଷଦ



ପୁରୀ,୨୯।୬(ସମିସ): ଜ୍ୟେଷ୍ଠ ପୂର୍ଣ୍ଣିମା ବା ସ୍ନାନ ପୂର୍ଣ୍ଣିମା ଓଡ଼ିଆ ଜାତିର ପ୍ରାଣ ଓ ପରିଚୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶୁଭ ଜନ୍ମଦିନ ଭାବେ ପାଳିତ ହୁଏ। ସ୍କନ୍ଦ ପୁରାଣ, ନୀଳାଦ୍ରିମହୋଦୟ ଆଦି ଗ୍ରନ୍ଥରେ ସ୍ୱୟଂ ମହାପ୍ରଭୁ ନିଜ ଜନ୍ମ ଦିନ ବିଷୟରେ କହିଛନ୍ତି, 'ଜ୍ୟେଷ୍ଠ ମାସ ଅମାବାସ୍ୟା ଦିନ ସ୍ୱୟଂଭୁବ ମନୁ ଏକ ଯଜ୍ଞ ଆରମ୍ଭ କରିଥିଲେ। ଏହି ଯଜ୍ଞ ବେଦୀରେ ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଅବତୀର୍ଣ୍ଣ ହୋଇଥିଲି'। ତେଣୁ ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ହେଉଛି ମୋର ଜନ୍ମ ଦିବସ। ତେଣୁ ସୋମବାର ସିଂହଦ୍ୱାର ସମ୍ମୁଖ ଏମାର ମଠ ଚକଡ଼ାରେ ବିଶ୍ୱବନ୍ଦିତ ମହାପ୍ରଭୁଙ୍କ ଜନ୍ମୋତ୍ସବକୁ ପିଠା ଓ ମିଠା ବଣ୍ଟନ କରି ଭକ୍ତି ଓ ସେବାର ସହ ପାଳନ କରିଛି ଉତ୍କଳ ବିଦ୍ୱତ୍ ପରିଷଦ। ପରିଷଦର ସଭାପତି ମନୋଜ ରଥଙ୍କ ଉପସ୍ଥିତିରେ ପୁରୀ ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ମହିପ୍ରକାଶ ମଠ ମହନ୍ତ ଶୁଭାନନ୍ଦ ପୁରୀ ମହାରାଜ ଏହାକୁ ଉଦ୍‌ଘାଟନ କରିଥିଲେ। ସେବା, ସମର୍ପଣ ଓ ସମ୍ବେଦନା ମାଧ୍ୟମରେ ମହାପ୍ରଭୁଙ୍କ ଜନ୍ମୋତ୍ସବ ପାଳନ କରିବା ସହିତ ନିଜ ନିଜ ଅଞ୍ଚଳରେ ମହାପ୍ରଭୁଙ୍କ ଜନ୍ମଦିନକୁ ମହୋତ୍ସବ ରୂପରେ ପାଳିବା ପାଇଁ ତ୍ରିଭାଷୀ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା। ଶହଶହ ସଂଖ୍ୟାରେ ଆରିସା ପିଠା ବଣ୍ଟନ ଭକ୍ତମାନଙ୍କୁ ଆକୃଷ୍ଟ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିତେନ୍ଦ୍ର ମହାପାତ୍ର, ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ଅଧିବକ୍ତା କୃଷ୍ଣ ଚନ୍ଦ୍ର ଦାସ, ରାଜେଶ ମହାନ୍ତି, ସୁକାନ୍ତ ପଣ୍ଡା, ଶିବ ସୁନ୍ଦର ମିଶ୍ର, ଶ୍ୟାମ ସୁନ୍ଦର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଜୟକୃଷ୍ଣ ବ୍ରହ୍ମା, କମଳାକାନ୍ତ ଆଚାର୍ଯ୍ୟ, ରଞ୍ଜେଶ ସାହୁ, ରାମଚନ୍ଦ୍ର ସାହୁ, ଚନ୍ଦ୍ରକାନ୍ତ ଜେନା, ପ୍ରଦୀପ ସ୍ୱାଇଁ, ନିରଞ୍ଜନ ନାୟକ ଓ ଲକ୍ଷ୍ମୀପ୍ରିୟା ସାହୁ।

## ସ୍ନାନ ଜଳ ପାଇଁ ଭକ୍ତଙ୍କ ଆତୁରତା

ମହାପ୍ରଭୁଙ୍କ ସ୍ନାନ ଜଳ ପ୍ରତି ସମସ୍ତଙ୍କ ଶ୍ରଦ୍ଧା ଓ ବିଶ୍ୱାସ ରହିଛି। ସ୍ନାନ ଜଳ ଟୋପେ ପାଇଲେ କୋଟି ପୁଣ୍ୟ ମିଳିଥାଏ ବୋଲି ଅନେକ ବିଶ୍ୱାସ ରଖିଥା'ନ୍ତି। ପ୍ରତିବର୍ଷ ସ୍ନାନ ଜଳ ପାଇଁ ସ୍ନାନମଣ୍ଡପରେ ଅପ୍ରୀତିକର ପରିସ୍ଥିତି ଉପୁଜିଥାଏ। ଏଥର ପ୍ରାୟ ସେବାୟତ ମହାପ୍ରଭୁଙ୍କ ସ୍ନାନଜଳ ବେଶ୍ ଶୃଙ୍ଖଳିତ ଭାବେ ସଂଗ୍ରହ କରିଛନ୍ତି। କିଏ ଗଡୁରେ ତ ଆଉ କେହି କୁଡୁଆରେ ଜଳ ନେଇ ଯାଉଥିବା ଦେଖିବାକୁ ମିଳିଥିଲା। ସେବାୟତମାନେ ଏହି ସ୍ନାନ ଜଳ ନେଇ ଫେରିବା ସମୟରେ ସିଂହଦ୍ୱାର ସମ୍ମୁଖରେ କାର୍ଯ୍ୟରତ ପୁଲିସ ଏବଂ ଶ୍ରଦ୍ଧାଳୁମାନେ ପାଇବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ସେମାନଙ୍କ ଭିତରେ ଏକପ୍ରକାର ଆତୁରତା ଦେଖିବାକୁ ମିଳିଥିଲା। ସେବାୟତମାନେ ବି ସ୍ନାନ ଜଳ ଟିକେ ଟିକେ ଦେଇଥିଲେ। କିନ୍ତୁ ତୁନରା ସେବକ ଡ. ଶରତ ଚନ୍ଦ୍ର ମହାନ୍ତି ଏକ ଗରାରେ ସ୍ନାନ ଜଳ ଆଣି ସିଂହଦ୍ୱାରରେ ପହଞ୍ଚିଥିବାବେଳେ ତାଙ୍କଠାରୁ ଭକ୍ତ ସ୍ନାନଜଳ ଛଡ଼ାଇ ନେଇଥିଲେ। ଏପରିକି, ସେହି ଗରାରେ ଏକାଥରକେ ୭/୮ ଜଣ ହାତ ଭର୍ତ୍ତି କରିବାକୁ ଚେଷ୍ଟା କରିଥିଲେ। ଫଳରେ ତାଙ୍କ ହାତରେ କ୍ଷତ ସୃଷ୍ଟି ହୋଇଥିଲା।





## ସନ୍ଧ୍ୟାରୁ ଛୁଟିଲା ଭକ୍ତଙ୍କ ସୁଅ

ଦିନତମାମ ପ୍ରବଳ ଖରା ଏବଂ ଗୁଳୁଗୁଳି ସମସ୍ତଙ୍କୁ ଅସ୍ତବ୍ୟସ୍ତ କରି ପକାଇଥିଲା। ତଥାପି ସ୍ନାନମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ବେଶ୍ ଭିଡ଼ ହୋଇଥିଲା। କିନ୍ତୁ ସନ୍ଧ୍ୟା ପ୍ରାୟ ୬ଟାରୁ ସିଂହଦ୍ୱାରକୁ ଛୁଟିଥିଲା ଭକ୍ତଙ୍କ ସୁଅ। ସମଗ୍ର ବଡ଼ଦାଣ୍ଡରେ ଗହଳି ବାରି ହୋଇପଡୁଥିଲା। ସମସ୍ତେ ଏକମୁହାଁ ହୋଇ ଶ୍ରୀମନ୍ଦିର ଆଡ଼କୁ ଅଗ୍ରସର ହେଉଥିଲେ। ମାର୍କେଟ ଛକଠାରୁ ଚାଲି ଚାଲି ଯିବା କଷ୍ଟକର ହୋଇପଡ଼ିଥିଲା। ତଥାପି ଏହି ଗହଳି ଭିତରେ ଶ୍ରଦ୍ଧାଳୁମାନେ ସ୍ନାନବେଦୀରେ ମହାପ୍ରଭୁଙ୍କୁ ହାତୀବେଶରେ ଦର୍ଶନ କରି କୃତାର୍ଥ ହେଉଥିଲେ।

## ଅଚେତ ହେଲେ ଶ୍ରଦ୍ଧାଳୁ

ସ୍ନାନଯାତ୍ରା ଅବସରରେ ଶନିବାର ଏତେଟା ଖରା ନ ଥିଲା। କିନ୍ତୁ ଖରାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ତଥାପି ଗହଳି ଭିତରେ ଅନେକ ସମୟରେ ଭକ୍ତ ଅଚେତ ହୋଇପଡୁଥିଲେ। ସେମାନଙ୍କୁ ସ୍ୱେଚ୍ଛାସେବୀମାନେ ସଙ୍ଗେ ସଙ୍ଗେ ହସ୍ପିଟାଲ ନେଉଥିଲେ। ପ୍ରାୟ ୨୦ରୁ ଅଧିକ ଭକ୍ତ ଅଚେତ ହୋଇପଡ଼ିଥିବା ସୂଚନା ମିଳିଛି। ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଜିଲ୍ଲା ରେଡ୍‌କ୍ରସର ସ୍ୱେଚ୍ଛାସେବୀ ଭିଡ଼ ଭିତରୁ ଅଚେତ ଶ୍ରଦ୍ଧାଳୁଙ୍କୁ ତୁରନ୍ତ ଉଦ୍ଧାର କରି ଆମ୍ବୁଲାନ୍ସରେ ନେଉଥିବା ଦେଖିବାକୁ ମିଳିଥିଲା। ଏହାବ୍ୟତୀତ ଅନେକ ଭକ୍ତଙ୍କୁ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ ତୁରନ୍ତ ସହାୟତା ଯୋଗାଇ ଦିଆଯାଇଥିଲା, ଯେଉଁଠାରେ ଥକ୍କାପଣ ଏବଂ ଗରମରୁ ସାମୟିକ ଆଶ୍ୱସ୍ତି ପାଇଁ ଗ୍ଲୁକୋଜ୍ ଏବଂ ପାନୀୟ ଜଳ ଦିଆଯାଇଥିଲା।

## ■ ଜନ୍ମଦିନ ପାଲଟିଲା ମୃତ୍ୟୁର ଦିନ
## ସ୍ୱିମିଂପୁଲ୍‌ରେ ଚାଲିଗଲା ଯୁବତୀଙ୍କ ଜୀବନ

ପୁରୀ,୨୯।୬(ସମିସ): ସୋମବାର ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଥିଲା ଜନ୍ମଦିନ। ସାଙ୍ଗଙ୍କ ସହ ଜନ୍ମଦିନ ଖୁସି ମନାଇବାକୁ ଯାଇଥିଲେ ଏକ ହୋଟେଲ। ହେଲେ କିଏ ଜାଣିଥିଲା ଜନ୍ମଦିନ ହିଁ ପାଲଟିଯିବ ତାଙ୍କର ମୃତ୍ୟୁର ଦିନ ବୋଲି। ହୋଟେଲ ସ୍ୱିମିଂପୁଲ୍‌ରେ ଗାଧୋଉଥିବା ବେଳେ ହଠାତ୍ ଅଚେତ୍ ହୋଇଗଲେ। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଗଲା। ଡାକ୍ତର ମୃତ ଘୋଷଣା କରିଥିଲେ। ଗୌଡ଼ବାଡ଼ ସାହିର ୨୫ ବର୍ଷୀୟା ମାମା। ଜନ୍ମଦିନ ଥିବାରୁ ତାଙ୍କର ସାଙ୍ଗ (ଏକ ଦମ୍ପତି)ଙ୍କ ସହ ସିଟି ରୋଡ୍‌ର ଏକ ହୋଟେଲକୁ ଯାଇଥିଲେ। ସେହି ହୋଟେଲ ଉପରେ ଥିବା ସ୍ୱିମିଂପୁଲ୍‌କୁ ୩ ଜଣ ଯାକ ଗାଧୋଇବାକୁ ଯାଇଥିଲେ। ମାମା ଗାଧୋଉଥିବା ବେଳେ ହଠାତ୍ ସ୍ୱିମିଂପୁଲ ପାଣିରେ ଅଚେତ୍ ହୋଇଯାଇଥିଲେ। ତାଙ୍କୁ ହୋଟେଲର ସୁରକ୍ଷା କର୍ମୀ ଓ ତାଙ୍କ ସାଙ୍ଗ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ କେହି ସେ ବୁଡ଼ିଯିବାରୁ ମୃତ୍ୟୁ ହେଲା ବୋଲି କହୁଛନ୍ତି। ତେବେ ସମୁଦ୍ରକୂଳ ଥାନା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରଯାଇ ତଦନ୍ତ ଚାଲିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସମୁଦ୍ର କୂଳ ଥାନାଧିକାରୀ ମାନସ ଚକ୍ର କହିଛନ୍ତି।

## ଡ୍ୟୁଟି ବେଳେ ସୁରକ୍ଷା କର୍ମଚାରୀ ଗୁରୁତର

ପୁରୀ,୨୯।୬(ସମିସ): ମହାପ୍ରଭୁଙ୍କ ସ୍ନାନଯାତ୍ରା ଡ୍ୟୁଟିରେ ଥିବା ଜଣେ ସୁରକ୍ଷା କର୍ମୀ ଗୁରୁତର ହୋଇପଡ଼ିଛନ୍ତି। ସିପାହୀ ନମ୍ବର୍ ୬୬୦ ବିନୋଦ ସେରେସ୍ତା ବଡ଼ଦାଣ୍ଡରେ ଗୁରୁତର ହୋଇପଡ଼ିଥିବା ଦେଖିବାକୁ ମିଳିଛି। ରଥ ଖଳା ନିକଟରେ ହଠାତ୍ ତାଙ୍କ ମୁଣ୍ଡ ବୁଲାଇ ଦେଇଥିଲା। କିଛିବାଟ ଯିବା ପରେ ମରିଚୀକୋଟ ଛକ ନିକଟରେ ସେ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ମାଡ଼ ହୋଇ ରକ୍ତ ବାହାରିଥିଲା। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।





## ସେବା ଯୋଗାଇଦେଲେ ସ୍ୱେଚ୍ଛାସେବୀ: ପୁଲିସ ବାଣ୍ଟିଲା ପାଣି

ପୁରୀ,୨୯।୬(ସମିସ)

ସ୍ନାନ ପୂର୍ଣ୍ଣିମାରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ସେହିପରି ପ୍ରବଳ ଖରା ଏବଂ ଗୁଳୁଗୁଳିରେ ଭକ୍ତ ଅସ୍ତବ୍ୟସ୍ତ ହୋଇପଡୁଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଳ ବଣ୍ଟନ କରିଥିବାବେଳେ ଏଥିରେ ସାମିଲ୍ ହୋଇଥିଲା ପୁରୀ ପୁଲିସ। ପୁଲିସ ପକ୍ଷରୁ ମଧ୍ୟ ଜଳବଣ୍ଟନ କରାଯାଉଥିଲା। ଏସ୍‌ପି ପ୍ରତୀକ୍ ସିଂ ନିଜେ ମଧ୍ୟ ଭକ୍ତଙ୍କୁ ଜଳ ବଣ୍ଟନ କରିଥିଲେ। ସେହିପରି ସ୍ନାନଯାତ୍ରାରେ ବିବେକାନନ୍ଦ ଯୁବଶକ୍ତି ସଂଗଠନ, ପୁରୀ ତରଫରୁ ଭକ୍ତମାନଙ୍କୁ ଟଙ୍କତୋରାଣୀ ବଣ୍ଟନ କରାଯାଇଛି। ଡ. ମନୋଜ କୁମାର ସାମନ୍ତରାୟ, ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ପ୍ରାକ୍ତନ ଅଧ୍ୟକ୍ଷ ସୁରତ କୁମାର ସ୍ୱାଇଁ, କୁଳମଣି ଦୋରା, ଅଧ୍ୟାପକ ସୁଶାନ୍ତ କୁମାର ନାୟକ, ସନ୍ତୋଷ କୁମାର ମହାନ୍ତି, ସଂଗଠନର ସମ୍ପାଦକ ପ୍ରାକ୍ତନ ପ୍ରାଧ୍ୟାପକ ବିଶ୍ୱଜିତ୍ ଦାସ, ଡ. ପ୍ରମୋଦ କୁମାର ଦଳାଇ ସେବା ପ୍ରଦାନ କରିଥିଲେ। ଚନ୍ଦନ ବାରିକ, ବ୍ରହ୍ମପୁରରୁ ଆସିଥିବା ରାଜେଶ କୁମାର ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ସଂଗଠନର ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତି ଏହାର ନେତୃତ୍ୱ ନେଇଥିଲେ।



## ଲହଡ଼ି ମାଡ଼ରେ ବୃଦ୍ଧାଙ୍କ ଗୋଡ଼ ଭାଙ୍ଗିଲା

ପୁରୀ,୨୯।୬(ସମିସ): ପୂର୍ଣ୍ଣିମା ଯୋଗୁଁ ପୁରୀ ସମୁଦ୍ରରେ ଉଚ୍ଚ ଜୁଆର ଆସି କୂଳରେ ମାଡ଼ ହେଉଛି। ତେଣୁ ସମୁଦ୍ର ସ୍ନାନ କରୁଥିବା ପର୍ଯ୍ୟଟକମାନେ ବିପଦରେ ପଡୁଛନ୍ତି। କିଏ ଜୁଆର ମାଡ଼ରେ ଆହତ ହେଉଛନ୍ତି ତ ଆଉ କେହି କରେଣ୍ଟରେ ଭାସିଯାଉଛନ୍ତି। ମାତ୍ର ଲାଇଫ୍‌ଗାର୍ଡଙ୍କ ଯୋଗୁଁ ଅନେକ ଜୀବନ ରକ୍ଷା ପାଇଯାଉଛି। ସୋମବାର ସ୍ନାନଯାତ୍ରା ଯୋଗୁଁ ବେଳାଭୂମିରେ ଭକ୍ତ ଓ ପର୍ଯ୍ୟଟକଙ୍କ ପ୍ରବଳ ଗହଳି ଲାଗିଥିଲା। ତେବେ ପଶ୍ଚିମବଙ୍ଗ ଚବିଶ ପ୍ରଗଣାର ଜଣେ ବୃଦ୍ଧା ଲହଡ଼ି ମାଡ଼ରେ ଆହତ ହୋଇଛନ୍ତି। ସେ ହେଉଛନ୍ତି ରେଣୁକା ଘୋଷ (୬୪)।



ସକାଳ ପ୍ରାୟ ୯ଟା ୨୫ରେ ରେଣୁକା ତାଙ୍କ ସମ୍ପର୍କୀୟଙ୍କ ସହ ୧୩ ନଂ. ସେକ୍ଟର ହୋଟେଲ କାମେଲିଆ ସମ୍ମୁଖରେ ସମୁଦ୍ରରେ ଗାଧୋଉଥିଲେ। ଏହି ସମୟରେ ରେଣୁକା ଏକ ଉଚ୍ଚ ଲହଡ଼ି ମାଡ଼ରେ ବୁଡ଼ିଯାଇ ଭିତରକୁ ଟାଣି ହୋଇଯାଉଥିଲେ। ତାଙ୍କୁ ଲାଇଫ୍‌ଗାର୍ଡମାନେ ଉଦ୍ଧାର କରିଥିଲେ। ତେବେ ଲହଡ଼ି ମାଡ଼ରେ ତାଙ୍କ ବାମ ଗୋଡ଼ ଭାଙ୍ଗିଯାଇଥିଲା। ଲାଇଫ୍‌ଗାର୍ଡ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

## ନାହିଁ ନାହିଁରେ ଚାଲିଛି ଆଗରପଡ଼ା ବଜାର

# ମାଟିରେ ମିଶିଗଲାଣି ରାସ୍ତା ଡିଭାଇଡର୍

ବନ୍ତ/ଆଗରପଡ଼ା,୨୯।୬(ସମିସ): ବ୍ୟାବସାୟିକ ଦୃଷ୍ଟିକୋଣରୁ ଆଗରପଡ଼ା ବଜାର ୩ଟି ଜିଲ୍ଲା କେନ୍ଦୁଝର, ବାଲେଶ୍ୱର ଓ ଭଦ୍ରକର ପେଣ୍ଠସ୍ଥଳୀ ହୋଇଥିବାବେଳେ ବଜାର ଅଞ୍ଚଳର ଉନ୍ନତୀକରଣ ହୋଇ ନ ପାରିବା ବଡ଼ ଦୁଃଖ ଓ ଅନୁତାପର ବିଷୟ। ଗତ ସରକାର ଆଗରପଡ଼ାକୁ ଏନ୍ଏସି ଘୋଷଣା କରିଥିଲେ ମଧ୍ୟ ନୂତନ ସରକାର ଏହାକୁ କାର୍ଯ୍ୟକ୍ଷମ କରିପାରି ନ ଥିଲେ। ଆଜି ବି ଏହା ମାନ୍ୟତା ପାଇବାକୁ ଅପେକ୍ଷା କରି ବସିଛି। ଏହିପରି ସ୍ଥଳେ ବଜାର ଅଞ୍ଚଳର ଉନ୍ନତି ହୋଇ ନ ପାରିବା ବିଭାଗୀୟ ଅଧିକାରୀଙ୍କ ସମେତ ରାଜନେତାଙ୍କ ପାରିବାପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଦିନକୁ ଦିନ ବଜାର ଅଞ୍ଚଳର ସମସ୍ୟା ବଢ଼ିବାରେ ଲାଗିଛି। ବଜାର ଅଞ୍ଚଳରେ ଜନସାଧାରଣଙ୍କ ପାଇଁ ନା ଶୌଚାଳୟ ନା ବିଶ୍ରାମାଗାର ନା ବସ୍‌ଷ୍ଟାଣ୍ଡ କିଛିର ସୁବିଧା ଅଛି। ବିଟିପୁର ପଞ୍ଚାୟତ ପକ୍ଷରୁ ନିର୍ମାଣାଧୀନ ଶୌଚାଳୟ କାର୍ଯ୍ୟକ୍ଷମ ଅପେକ୍ଷାରେ ଥିବାବେଳେ ବଜାର ଅଞ୍ଚଳରେ କୌଣସି ବସ୍‌ଷ୍ଟାଣ୍ଡ ନ ଥିବା ଓ ବଜାରଠାରୁ ୨କିମି ଦୂର ଡାଏଟ୍‌ଠାରେ ପୂର୍ବରୁ ନିର୍ମିତ ବସ୍‌ଷ୍ଟାଣ୍ଡ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇପାରି ନ ଥିବାବେଳେ ଜନସାଧାରଣଙ୍କ ନିମନ୍ତେ କୌଣସି ବିଶ୍ରାମାଗାର ଆଜି ପର୍ଯ୍ୟନ୍ତ ନିର୍ମିତ ହୋଇପାରିନାହିଁ।

ସେହିପରି ପ୍ରତି ବ୍ଲକ୍‌ରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବାକୁ ଘୋଷଣା ହେବା ପରେ ଆଗରପଡ଼ାରେ ଏହା ନିର୍ମିତ ହେବାକୁ ସ୍ଥିର ହୋଇଥିଲା। ଇତି ମଧ୍ୟରେ ଶିଳାନ୍ୟାସକୁ ୩ ବର୍ଷ ପୂରିବାକୁ ବସିଥିବାବେଳେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ କେବଳ ବାଲିଗଦା ଭିତରେ ଅଟକି ରହିଛି। ତତ୍କାଳୀନ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ପ୍ରଚେଷ୍ଟାରେ ତାଙ୍କ ନିଜସ୍ୱ

### ବିଭାଗୀୟ ନିଷ୍କ୍ରିୟତାର ଜ୍ୱଳନ୍ତ ଉଦାହରଣ

ପାଣ୍ଠିରୁ ୨୦୨୧-୨୦୨୨ ଆର୍ଥିକ ବର୍ଷରେ ମହତାବ ଛକଠାରୁ କୁପାରୀ ରାସ୍ତା ପର୍ଯ୍ୟନ୍ତ ୬ ଲକ୍ଷ, ସିଟି ସ୍କୁଲଠାରୁ କେସିଭିଏମ୍ ହାଇସ୍କୁଲ ପର୍ଯ୍ୟନ୍ତ ସାଢ଼େ ୬ଲକ୍ଷ ଓ କେସିଭିଏମ୍ ହାଇସ୍କୁଲଠାରୁ କୁପାରୀ ଛକ ପର୍ଯ୍ୟନ୍ତ ସାଢ଼େ ୬ ଲକ୍ଷ ଟଙ୍କା ଏହିପରି ୧୯ ଲକ୍ଷ ଟଙ୍କା ଖର୍ଚ୍ଚରେ ଆଲୋକୀକରଣର ବ୍ୟବସ୍ଥା କରାଯାଇଥିଲା। ୨୦୨୩ ଜାନୁଆରୀ ୧୭ରେ ଏହାର ଶୁଭାରମ୍ଭ ବିଧାୟକଙ୍କ



ଉପସ୍ଥିତିରେ ହୋଇଥିଲା। ଉକ୍ତ ବ୍ୟବସ୍ଥାକୁ ୩ ବର୍ଷରୁ ଅଧିକ ସମୟ ବିତିସାରିଥିଲେ ସୁଦ୍ଧା ବହୁ ସ୍ଥାନରେ ଏହାର ବ୍ୟବସ୍ଥା କରାଯାଇ ନ ଥିବାବେଳେ ଅନେକ ସ୍ଥାନରେ ଲାଗିଥିବା ଆଲୋକସ୍ତମ୍ଭ ଅକାମୀ ହେବାକୁ ବସିଲାଣି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଆଲୋକୀକରଣ ବ୍ୟବସ୍ଥାର ସଫଳ ରୂପାୟଣ ମୁଖ୍ୟତଃ ବଜାର ଅଞ୍ଚଳରେ ହୋଇପାରୁ ନ ଥିବାରୁ ଏହା ମଧ୍ୟ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଆଗରପଡ଼ାଠାରୁ ବାଲେଶ୍ୱର ଯିବାକୁ ବଜାର (କଲେଜ ଛକ ବା କୁପାରୀ ଛକ)ଠାରେ ବିଭାଗ ପକ୍ଷରୁ ନିର୍ମିତ ହୋଇଥିବା ରାସ୍ତାର ଡିଭାଇଡର ମରାମତି ଅଭାବରୁ ମାଟିରେ ମିଶିଗଲାଣି। କର୍ପୂର ଉଡ଼ିଯାଇ କନା ପଡ଼ିଥିବା ରାସ୍ତା ଡିଭାଇଡରଟି ବର୍ତ୍ତମାନ ଛୋଟବଡ଼ ବ୍ୟବସାୟରେ ନିୟୋଜିତ ଅଛି ଓ ଦୁଇ ଚକିଆ ଯାନର ପାର୍କିଂସ୍ଥଳୀ ପାଲଟିଛି। ପୂର୍ତ୍ତବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ହେଉଛି। ବର୍ତ୍ତମାନ ଡ୍ରେନ୍ ନିର୍ମାଣ ଚାଲିଛି କିନ୍ତୁ ଏହାକୁ ମରାମତି କରାଯାଉ ନ ଥିବାରୁ ସଡ଼କ ସୁରକ୍ଷା ନିମନ୍ତେ ପ୍ରଦତ୍ତ ନିୟମର ଖୋଲା ଉଲ୍ଲଙ୍ଘନ ହେଉଛି। କେହି ବି ସରକାରୀ ନିୟମକୁ ମାନୁନାହାନ୍ତି। ସବାସର୍ବଦା ରାସ୍ତା ଜାମ୍ ରହୁଛି। ଅପରପକ୍ଷରେ ବ୍ୟବସାୟୀଙ୍କ ଦ୍ୱାରା ରାସ୍ତା ଅବରୋଧ କରାଯାଇଥିବାରୁ ସଙ୍କୁଚିତ ରାସ୍ତାରେ ଗମନାଗମନର ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ଡିଭାଇଡରଟି ନିଜର ପରିଚୟ ହଜାଇ ବସିଥିବାରୁ ବଡ଼ବଡ଼ ବାଲି ବୋଝେଇ ଟ୍ରକ୍, ବସ୍ ସମେତ ଅନ୍ୟାନ୍ୟ ଯାନବାହନ ନିୟମାନୁସାରେ ରାସ୍ତାରେ ଯିବାଆସିବା କରୁ ନ ଥିବାରୁ ରାସ୍ତା ଜାମ୍ ହେବା ସହ ବେଳେବେଳେ ରୋଗୀ ସେବାରେ ବ୍ୟାଘାତ ସୃଷ୍ଟି ହେଉଛି। କିଛିଦିନ ତଳେ ରାସ୍ତା ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ ବହୁ ସମୟ ଧରି ଅଟକି ରହିଥିବାର ଦେଖାଯାଇଥିଲା। ତେଣୁ ଆଗରପଡ଼ା ପରି ଏକ ବ୍ୟସ୍ତବହୁଳ ଅଞ୍ଚଳର ଜନସାଧାରଣଙ୍କ ଜୀବନର ସୁରକ୍ଷା ନିମନ୍ତେ ନିଜର ପରିଚୟ ହଜାଇବାକୁ ବସିଥିବା ଡିଭାଇଡରର ପୁନଃ ନିର୍ମାଣ ସହ ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ସମସ୍ୟାରେ ସୁଧାର ଆଣିବା ଏବଂ ଜବରଦଖଲ ଉଚ୍ଛେଦକୁ କାର୍ଯ୍ୟକାରୀ କରିବା ସହିତ ରାସ୍ତାର ପ୍ରଶସ୍ତିକରଣ ଆଦି ପାଇଁ ଉକ୍ତ ସମସ୍ୟା ସହିତ ଜଡ଼ିତ ବିଭିନ୍ନ ବିଭାଗର ଅଧିକାରୀମାନେ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବଜ୍ରପାତରେ ଘର ଜଳିଲା

କବାଟବନ୍ଧ,୨୯।୬(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଅଣ୍ଟିଆ ପଞ୍ଚାୟତ ପଛ କୁଣ୍ଡି ଗ୍ରାମରେ ଏକ ଅଗ୍ନିକାଣ୍ଡ ଘଟିଛି। ଗ୍ରାମର ଦୀନବନ୍ଧୁ ପ୍ରଧାନଙ୍କ କଚା ଘରେ ଅଗ୍ନିକାଣ୍ଡ ଘଟିଥିଲେ ମଧ୍ୟ ଏହା ଭୟଙ୍କର ରୂପ ନେବା ଆଗରୁ ନିୟନ୍ତ୍ରଣ ହୋଇଥିଲା। ସୂଚନା ମୁତାବକ ରବିବାର ଅପରାହ୍ନରେ ଧର୍ମଶାଳା ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷା ଏବଂ ବଜ୍ରପାତ ହୋଇଥିଲା। ଏହାର ପ୍ରକୋପ ଏତେ ଅଧିକ ଥିଲା ଯେ ଅନେକ ଲୋକଙ୍କ ଘରେ ବିଦ୍ୟୁତ୍ ଉପକରଣ ମଧ୍ୟ ଖରାପ ହୋଇ ଥିଲା। ବଜ୍ରପାତ କାରଣରୁ ଦୀନବନ୍ଧୁଙ୍କ ୪ ବଖରା ବିଶିଷ୍ଟ ଚାଳ ଘରେ ଅଗ୍ନି ସଂଯୋଗ ହୋଇଥିଲା। ଖବରପାଇ ଚଢ଼େଇଧରା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଘରର ଗୋଟିଏ ବଖରା କ୍ଷତି ହୋଇଥିବା ଜଣାପଡିଛି।

## ବଜ୍ରପାତରେ ବୃଦ୍ଧଙ୍କ ମୃତ୍ୟୁ

ଧର୍ମଶାଳା,୨୯।୬(ସମିସ): ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ସାଲେପୁର ଗ୍ରାମରେ ଗତକାଲି ରାତିରେ ବଜ୍ରପାତ ଘଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ସାଲେପୁର ଗ୍ରାମର ରଙ୍କନିଧି ଜେନା (୭୫) ବୋଲି ଜଣାପଡିଛି। ସୂଚନା ମୁତାବକ ଗତକାଲି ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ସହ ବର୍ଷା ହୋଇଥିଲା। ରାତି ୯ ପର୍ଯ୍ୟନ୍ତ ଝିପଝିପ ବର୍ଷା ଲାଗିରହିବା ସହ ବିଜୁଳି ମାରିଥିଲା। ଏହି ସମୟରେ ରଙ୍କନିଧି ନିଜ ଘର ବାରଣ୍ଡାରେ ବସିଥିବା ବେଳେ ଏକ ବିଜୁଳି ତାଙ୍କ ଉପରେ ପଡିବା ଯୋଗୁଁ ସେ ଗୁରୁତର ହୋଇ ତଳେ ପଡିଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ ଅଭିଯୋଗ ପାଇ ଧର୍ମଶାଳା ପୁଲିସ ୨୯/୨୬ରେ ଏକ ମାମଲା ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ଅଜି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ; ଜଣେ ଗିରଫ



ଦାନଗଦି/ଯଖପୁରା,୨୯।୬(ସମିସ): ଯଖପୁରା ପୁଲିସ ଚୋରାଚାଲାଣ ବେଳେ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ କରିଛି। ସୂଚନା ମୁତାବକ ଯଖପୁରା ଥାନା ଅନ୍ତର୍ଗତ ମନୋହରପୁର ନୂଆସାହି ଗ୍ରାମର ଏକ ଆଜବେଷ୍ଟସ ଘରେ ଚାଲିଥିଲା ଚୋରା ଗଞ୍ଜେଇ କାରବାର। ବାହାର ଜିଲ୍ଲାରୁ ଗଞ୍ଜେଇ ଆଣି ଏଠାରେ ଗଞ୍ଜେଇ ଗଚ୍ଛିତ ରଖି ବିଭିନ୍ନ ଜାଗାକୁ ଚାଲାଣ କରାଯାଉଥିଲା। ଯଖପୁରା ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ କୌଣସି ସୂତ୍ରରୁ ଖବର ପାଇ ଆଜି ହଠାତ ସେଠାରେ ଅଚାନକ ଚଢ଼ଉ କରି ଘଟଣାସ୍ଥଳରୁ ୧ କ୍ୱିଣ୍ଟାଲ ୩ କେଜି ଗଞ୍ଜେଇ ଜବତ କରିବାରେ ସକ୍ଷମ ହୋଇଥିଲେ। ଘଟଣାରେ ବିଶ୍ୱଜିତ୍ ଦଳେଇ (୨୨) ନାମକ ବ୍ୟକ୍ତିକୁ ଗିରଫ କରିବା ସହ ଏକ ବାଜାଜ ପଲସର ଗାଡ଼ି ଯାହାର ନମ୍ବର ଓଡି୩୪ଡବ୍ଲ୍ୟୁ ୯୨୧୧କୁ ଜବତ କରିଥିଲେ। ନିଜ ଶଶୁର ଘରେ ଗଞ୍ଜେଇ ରଖି ଚୋରା ଚାଲାଣ କରୁଥିଲା ଢ୍ୱାଇଁ ବିଭିନ୍ନ ସ୍ଥାନକୁ ଗଞ୍ଜେଇ ପଠେଇବା ପାଇଁ ବ୍ୟାଗ ଆଣିବାକୁ ଯାଇଥିବା ବେଳେ ପୋଲିସ ଚଢାଉ କରିଥିଲା, ଖବର ପାଇ ମୁଖ୍ୟ ଅଭିଯୁକ୍ତ ଢ୍ୱାଇଁ ସହିତ ତିନି ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଯଖପୁରା ପୁଲିସ ୧୧୯/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ନେଇ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି ବୋଲି ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ କହିଛନ୍ତି।

## ଆଙ୍କୁଲାରେ ପ୍ରସ୍ତାବିତ ମଦ ଦୋକାନକୁ ବିରୋଧ

ଯାଜପୁରଟାଉନ,୨୯।୬(ସମିସ): ଯାଜପୁର ବ୍ଲକ ପଣସା ପଞ୍ଚାୟତ ଆଙ୍କୁଲା ମୌଜାରେ ପ୍ରସ୍ତାବିତ ମଦ ଦୋକାନ ଖୋଲାକୁ ପଞ୍ଚାୟତର ବିନ୍ଧାଣ, ପଣସା ଓ ମକେଇପୁର ଅଞ୍ଚଳବାସୀ ବିରୋଧ କରିବା ସହ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପୂର୍ବରୁ ପ୍ରସ୍ତାବିତ ମଦ ଦୋକାନ ଖୋଲାକୁ ବିରୋଧ କରାଯିବାରୁ ଆଙ୍କୁଲା ମୌଜାରେ ମଦ ଦୋକାନ ଖୋଲାଯାଇପାରିନଥିଲା। ଚଳିତ ବର୍ଷ ଲାଇସେନ୍ସ ପାଇଥିବା ଜନୈକ ମହିଳା ଆଙ୍କୁଲା ମୌଜାରେ ବିଦେଶୀ ମଦ ଦୋକାନ ଖୋଲାକୁ ସ୍ଥାନୀୟବାସୀ ବାରମ୍ବାର ବିରୋଧ କରି ଆସୁଛନ୍ତି। ଏ ନେଇ ଅବକାରୀ ଅଧିକ୍ଷକଙ୍କୁ ଦାବିପତ୍ର ଦେବା ସହ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଆଙ୍କୁଲା ମୌଜାରେ ଯଯାତି କେଶରୀ ମେଡିକାଲ କଲେଜ ଥିବା ବେଳେ ଜିଲାପାଳ, ଅତିରିକ୍ତ ଜିଲାପାଳ, ଉପଜିଲ୍ଲାପାଳ, ପ୍ରକଳ୍ପ ନିର୍ଦ୍ଦେଶଙ୍କ ଆବାସିକ ବାସଭବନ ଓ ପ୍ରଦକ୍ଷଣ ଗୃହ ରହିଛି। ଏପରି ସ୍ଥାନରେ ବିଦେଶୀ ମଦ ଦୋକାନ ଖୋଲିବା ଉଚିତ୍ ନୁହେଁ ବୋଲି ଉପରୋକ୍ତ ଅଞ୍ଚଳବାସୀ ବିରୋଧ କରିବା ସହ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଉପରୋକ୍ତ ଅଞ୍ଚଳର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସହାୟତା

ଧର୍ମଶାଳା,୨୯।୬(ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଅସହାୟ, ଗରିବ ଓ ଖଟିଖିଆ ଲୋକମାନଙ୍କ ଅସୁବିଧା ସମୟରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ନିର୍ଦ୍ଦେଶକ୍ରମେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସହାୟତା ଯୋଗଇ ଦିଆଯାଉଛି। ବ୍ରେନଷ୍ଟ୍ରୋକରେ ପୀଡ଼ିତ ଚୋରମୁହାଁ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା, ଡାଇବେଟିସ ରୋଗରେ ପୀଡ଼ିତ ବୃନ୍ଦାଦେଇପୁର ପଞ୍ଚାୟତ ଶାସନ ଗ୍ରାମର ଅଇଁଠୁ ଚରଣ ଭୁତିଆ, ଆଜମା ଓ ପେଟ ରୋଗରେ ପୀଡ଼ିତ ଉତ୍ତରପ୍ରତାପ ପଞ୍ଚାୟତ ଜଳେଶ୍ୱରପୁର ଗ୍ରାମର ଆନନ୍ଦ ଚନ୍ଦ୍ର ସାହୁ, ରକ୍ତଚାପ ଓ ଗ୍ୟାସ ରୋଗରେ ପୀଡ଼ିତ ବିଛାଖଣ୍ଡି ଗ୍ରାମର ଝରଣା ଦାସ, ଅସହାୟ ପରିବାର ଚହଟା ଗ୍ରାମର ସୁଲୋଚନା ମଲିକ, ପାରାଲିସିସରେ ଆକ୍ରାନ୍ତ ଚହଟା ଗ୍ରାମର ବଂଶୀଧର ମହାରଣାଙ୍କୁ ଟ୍ରଷ୍ଟ ପକ୍ଷରୁ ଔଷଧ ଦିଆଯିବା ସହ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



ଯାଜପୁର,୨୯।୬(ସମିସ): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କୋରେଇ ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୦୭ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୯୫ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କିତ ୨ଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋରେଇ ଅବନିକାନ୍ତ ସାହୁ, ଭାରପ୍ରାପ୍ତ ତହସିଲଦାର, ବ୍ୟାସନଗର ପ୍ରଶାନ୍ତ କୁମାର ପୁହାଣ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ପାଣିକୋଇଲିକୁ କେଏନ୍‌ଡିଏରୁ ବାଦ୍ ଦେବାକୁ ଦାବି

ପାଣିକୋଇଲି,୨୯।୬(ସମିସ): ପାଣିକୋଇଲି ଓ ପଥରପଦା ପଞ୍ଚାୟତକୁ କଳିଙ୍ଗ ନଗର ଡେଭଲପମେଣ୍ଟ ଅଥରିଟି (କେଏନ୍‌ଡିଏ)ରେ ସାମିଲ କରାଯାଇଥିଲା। ଡିଏମ୍ଏଫ୍ ହଡ଼ପ କରିବା ମସୁଧାରେ ଏହା କରାଯାଇଥିଲା। କିନ୍ତୁ ବର୍ତ୍ତମାନ କେଏନ୍‌ଡିଏରେ ସାମିଲ ହେବା ପରେ ଜନସାଧାରଣ ନାନାଦି ଅକଥନୀୟ ଅତ୍ୟାଚାରର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ସାଧାରଣ ଜମି ବିକ୍ରି ଓ ଘରବାଡ଼ି ବିକ୍ରୟ ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କେଏନ୍‌ଡିଏ ସହିତ ପାଣିକୋଇଲି ଅଞ୍ଚଳବାସୀଙ୍କ କୌଣସି ସମ୍ପର୍କ ନଥିବା ବେଳେ କାହିଁକି ପାଣିକୋଇଲିକୁ ଏଥିରେ ସାମିଲ କରାଯାଇ ଲୋକଙ୍କୁ ବିନା କାରଣରେ ହନ୍ତସନ୍ତ କରାଯାଉଛି ତାହା ଏବେ ତଦନ୍ତ ସପେକ୍ଷ ହୋଇଛି। ରମେଶ ବାରିକଙ୍କ ନେତୃତ୍ୱରେ ଦୁଇ ପଞ୍ଚାୟତବାସୀ ଏହାର ବିରୋଧ କରିଛନ୍ତି। ଆଜି କୋରେଇ ବ୍ଲକରର ମିଳିତ ଜନଶୁଣାଣୀ ଜିଲ୍ଲାପାଳଙ୍କ କେଏନ୍‌ଡିଓରୁ ଦୁଇପଞ୍ଚାୟକୁ ବାଦଦେବାକୁ ଦାବିହୋଇଛି।

### ହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ପାଇଁ ବିଜେଡିର ଦାବି

## ପରିବାରକୁ ଭେଟିଲେ ଚାନ୍ଦବାଲି ବିଧାୟକ



ଭଦ୍ରକ/ଆରଡ଼ି,୨୯।୬(ସମିସ): ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନ ଷାଠିବାଙ୍କୁଡ଼ା ଗାଁରେ ହାପିଙ୍କ ମୃତ୍ୟୁର ନିରପେକ୍ଷ ତଦନ୍ତ ପାଇଁ ବିଜେଡିର ଏକ ଟିମ୍ ଦାବି କରିବା ସହ ସୋମବାର ଜିଲ୍ଲା ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ହାପିଙ୍କ ପରିବାରକୁ ଭେଟି ଆଲୋଚନା କରିଥିଲେ। ପରେ ହାପିଙ୍କୁ ଓ ତାଙ୍କ ପରିବାରକୁ କିପରି ନ୍ୟାୟ ମିଳିବ ସେଥିପାଇଁ ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ। ତାହାସହ ହାପିଙ୍କ ପରିବାରକୁ ଯଦି ନ୍ୟାୟ ନ ମିଳେ ତା'ହେଲେ ବିଜେଡି ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଜେଡି ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ କହିଥିଲେ। ତାଙ୍କ ସହ ଓଳଗ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ ବେହେରା, ବରିଷ୍ଠ ନେତା ସରୋଜ ଦାସଙ୍କ ସହ ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏପରିକି ଗାଁର ଶହଶହ ମହିଳା ଓ ପୁରୁଷ ବିଧାୟକଙ୍କୁ ଭେଟି ହାପିଙ୍କୁ ଚକ୍ରାନ୍ତ ମୂଳେ ଘରୁ ଡାକି ନେଇ ହତ୍ୟା କରାଯାଇଥିବା କହିଥିଲେ। ଏପରିକି ପୁଲିସ ପ୍ରଥମେ ଏତଲା ନ ରଖିବା ପରେ ଗାଁ ଲୋକଙ୍କ ଦାବି ପରେ ଏତଲା ହେବାର ୫ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଗିରଫ ନ କରି ଦିନ ଗଡ଼ାଉଛି ବୋଲି ଅଭିଯୋଗ କରିଥିଲେ। ଅନ୍ୟପଟେ ଧୂଷୁରୀ ପୁଲିସ ମୁନା ପଲାଇ, ଛୁଆଁ ପଲାଇ ଓ ତାଙ୍କ ସ୍ତ୍ରୀଙ୍କୁ ସର୍ତ୍ତମୂଳରେ ଛାଡ଼ିଥିବାବେଳେ ସ୍ୱୟମ୍ ପଲାଇ ଓ ତାଙ୍କ ଭଉଣୀକୁ ଅଟକ ରଖି ତଦନ୍ତ ଚଳାଇଛି।

## ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ବନ୍ତ/ଆଗରପଡ଼ା,୨୯।୬(ସମିସ): ପ୍ରାୟ ୩୦୦ ବର୍ଷ ପୁରାତନ ତଥା ଜିଲ୍ଲାର ଅନ୍ୟତମ ପ୍ରମୁଖ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଇଁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ସ୍ନାନ ମଣ୍ଡପରେ ଶ୍ରୀଜୀଉମାନଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ଠାକୁର ରାଜା ତଥା ସୁପ୍ରିମକୋର୍ଟ ଆଡ୍‌ଭୋକେଟ ଜଗତମୋହନ ସିଂହ ଓ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ସିଂହ ମୁଖ୍ୟ ପୁରୋଧା ଓ ପଣ୍ଡିତ ସଂଗ୍ରାମ କେଶରୀ ସାମନ୍ତରାୟ, ସୁଧୀର ରଥ, ରଘୁନାଥ ପାଣିଗ୍ରାହୀ, ସର୍ବେଶ୍ୱର ପାଣିଗ୍ରାହୀ, ସୌମ୍ୟ ପ୍ରକାଶ ପଣ୍ଡା, ମାନସ ସାମନ୍ତରାୟ, ମନ୍ମଥ ପାଢ଼ୀ, ଜ୍ଞାନରଞ୍ଜନ ସାମନ୍ତରାୟ, ଶରତ ସାମନ୍ତରାୟ ପ୍ରମୁଖ ଯଥାରୀତି ପୂଜାର୍ଚ୍ଚନା କରିଥିଲେ।

## ବଟକୃଷ୍ଣ ମହାନ୍ତି ମେମୋରିଆଲ ଆୱାର୍ଡ ପ୍ରଦାନ

ବନ୍ତ/ଆଗରପଡ଼ା,୨୯।୬(ସମିସ): ବିଶିଷ୍ଟ ସମାଜସେବୀ ବଟକୃଷ୍ଣ ମହାନ୍ତି ମେମୋରିଆଲ ଆୱାର୍ଡ ଓ ଓଡ଼ିଶାର ପ୍ରଥମ ଚାର୍ଟାର୍ଡ ପ୍ରଫୁଲ୍ଲ ମହାନ୍ତି ଆୱାର୍ଡ ସ୍ଥାନୀୟ କୃଷ୍ଣଚରଣ ବିଦ୍ୟାମନ୍ଦିର ଛାତ୍ର ଆୟୁଷ ନାୟକଙ୍କୁ ପ୍ରଦାନ କରାଯାଇଛି। ଏଥିସହିତ ଏହି ହାଇସ୍କୁଲ ଅନ୍ୟତମ ପ୍ରାକ୍ତନ ଛାତ୍ର ପ୍ରଦ୍ୟୁମ୍ନ ନାୟକଙ୍କୁ ପ୍ରଫୁଲ୍ଲ ମହାନ୍ତି ଆୱାର୍ଡ ମଧ୍ୟ ଦିଆଯାଇଛି। ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ଆୟୁଷ ଇଂରାଜୀ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିଲେ ଓ ପ୍ରାକ୍ତନ ଛାତ୍ର ପ୍ରଦ୍ୟୁମ୍ନ ମଧ୍ୟ ଅନୁରୂପ ସଫଳତା ହାସଲ କରିଥିଲେ। ପ୍ରତିବର୍ଷ




ଏହି ଆୱାର୍ଡ ଦିଆଯାଉଛି। କୃଷ୍ଣଚରଣ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ଏହି ଆୱାର୍ଡ ପ୍ରଦାନ ସମାରୋହରେ ବଟକୃଷ୍ଣଙ୍କ ପୁଅ ଗୋପାଳକୃଷ୍ଣ ଓ କନ୍ୟା ସନ୍ଧ୍ୟାଙ୍କ ସମେତ ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ଶରତ ଜେନା ଏଥିରେ ସଭାପତିତ୍ୱ କରିଥିଲେ।

## ଧୂଷୁରୀରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ପ୍ରତିନିଧି ଦଳକୁ ସମ୍ବର୍ଦ୍ଧନା

ଅସୁରାଳି,୨୯।୬(ସମିସ): ଭଦ୍ରକ ଜିଲ୍ଲାରେ ଉତ୍କଳ ସାମ୍ବାଦିକ ସଂଘର ୩ ଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବୈଠକର ଦ୍ୱିତୀୟ ଦିବସରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୨୦୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ଦର୍ଶନ କରିବା ସହ ପ୍ରସାଦ ସେବନ କରିଥିଲେ। ସେଠାରୁ ଫେରିବା ସମୟରେ ଧୂଷୁରୀ ପ୍ରେସ୍ ୟୁନିଅନ ପକ୍ଷରୁ ସ୍ଥାନୀୟ ହୃଦାନନ୍ଦ ପାଠାଗାରଠାରେ ଏହି ସାମ୍ବାଦିକ ପ୍ରତିନିଧି ଦଳକୁ ଏକ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଧୂଷୁରୀ ପ୍ରେସ୍ ୟୁନିଅନ ସଭାପତି ସନ୍ତୋଷ ଦାସଙ୍କ



ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତିଭୂଷଣ କର ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ରବି ନାରାୟଣ ଖିଲାର, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ନୟାଗଡ଼ ଜିଲ୍ଲା ସଭାପତି ଶ୍ରୀକାନ୍ତ ଖଟେଇ, ସରପଞ୍ଚ ଅଭିମନ୍ୟୁ ଜେନା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସଭାରେ ସାମ୍ବାଦିକମାନଙ୍କ ସୁରକ୍ଷା, ସାମାଜିକ ସ୍ଥିତି ଏବଂ ପେନ୍‌ସନ ବ୍ୟବସ୍ଥା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ରତିକାନ୍ତ ନାୟକ, ଲକ୍ଷ୍ମୀନାରାୟଣ ମିଶ୍ର, ଅନନ୍ତ ସାହୁ, ଲୋକନାଥ ଦଳେଇ, ମାନସ ନାୟକ, ଦୁର୍ଯ୍ୟୋଧନ ଲେଙ୍କା, ବିକାଶ ବେହେରାଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଓ ରାଜ୍ୟସ୍ତରୀୟ ସାମ୍ବାଦିକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଜରାଜୀର୍ଣ୍ଣ ଅବସ୍ଥାରେ ମଙ୍ଗଳପୁର ଯାତ୍ରୀ ବିଶ୍ରାମାଗାର

ଅସୁରାଳି,୨୯।୬(ସମିସ)



ଭଦ୍ରକ-ଆରଡ଼ି ରାସ୍ତାରେ ପଡ଼େ ମଙ୍ଗଳପୁର ଛକ। ସେଠାରେ ଥିବା ଏକ ବିଶ୍ରାମାଗାର ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଦୀର୍ଘଦିନ ହେବ ଏହି ବିଶ୍ରାମାଗାରଟି ମଣିଷ ବଦଳରେ ବିଭିନ୍ନ ଜୀବଜନ୍ତୁଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଏହି ଜାଗାଟି ଅତି ଗୁରୁତ୍ୱପୂର୍ଣ୍ଣ ଜାଗା ହୋଇଥିବାରୁ ପଥଚାରୀ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଧାମନଗରର ପ୍ରାକ୍ତନ ବିଧାୟକ ସ୍ୱର୍ଗତ ମାନସ ରଞ୍ଜନ ମଲ୍ଲିକ ୩୩ ବର୍ଷ ପୂର୍ବେ ତାଙ୍କ ବିଧାୟକ ପାଣ୍ଠିରୁ ବିଶ୍ରାମାଗାର ନିର୍ମାଣ ପାଇଁ ଅନୁଦାନ ପ୍ରଦାନ କରିଥିଲେ। ତେବେ ଦୀର୍ଘବର୍ଷ ପରେ ମଧ୍ୟ ଉକ୍ତ ବିଶ୍ରାମାଗାରର ଉନ୍ନତୀକରଣ ଲାଗି କାହାରି କୌଣସି ଦୃଷ୍ଟି ପଡ଼ିନି। ଏବେ ସେ ବିଶ୍ରାମାଗାର ବିପଦସଙ୍କୁଳ ଅବସ୍ଥାରେ ପଡ଼ିରହିଛି। ଏହାର ପୁନରୁଦ୍ଧାର ଲାଗି ଦାବି ହୋଇଛି। ଏହି ବିଶ୍ରାମାଗାରରେ ବିଭିନ୍ନ ଅଞ୍ଚଳରୁ ଆସୁଥିବା ଯାତ୍ରୀମାନେ ବସ୍ ପାଇଁ ଅପେକ୍ଷା କରନ୍ତି। ଏହା ଉତରରେ ଭଦ୍ରକ ଜିଲ୍ଲା ସହିତ ସଂଯୋଗ କରୁଥିବାବେଳେ ଦକ୍ଷିଣରେ ପୁଣ୍ୟମୟ ଶୈବପୀଠ ଆରଡ଼ିକୁ ସଂଯୋଗ କରୁଛି। ପୂର୍ବରେ ଐତିହାସିକ ସହିଦ୍ ପୀଠ ତଥା ପର୍ଯ୍ୟଟନସ୍ଥଳୀ ସହିଦନଗରକୁ ସଂଯୋଗ କରୁଛି। ତେଣୁ ଏହି ବିଶ୍ରାମାଗାରରେ ପ୍ରତ୍ୟେକ ଦିନ ବହୁ ଯାତ୍ରୀ ଆଶ୍ରା କରି ବସ୍‌କୁ ଅପେକ୍ଷା କରନ୍ତି। ମାତ୍ର ବର୍ତ୍ତମାନ ଅସରାଏ ବର୍ଷାରେ ପାଣି ଗଳୁଛି ଏବଂ ରାସ୍ତାର ସମ୍ପ୍ରସାରଣ ଯୋଗୁଁ ରାସ୍ତା ପାଣି ବିଶ୍ରାମାଗାରରେ ଜମିଯାଉଛି। ସେଥିପାଇଁ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ହାଇମାଷ୍ଟ ଲାଇଟ୍ ଅଚଳ ଯୋଗୁଁ ଚୋରି ଡକାୟତି ଆଦି ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ପୁଣି ଗୁରୁତ୍ୱପୂର୍ଣ୍ଣ ସଡ଼କ ଭାବେ ଏହା ସଦାସର୍ବଦା ଜନବହୁଳ। ତେଣୁ ଦୁର୍ଘଟଣାର ସମ୍ଭାବନା ମଧ୍ୟ ରହୁଛି। କାରଣ ମଙ୍ଗଳପୁରରୁ ଚାରିଆଡ଼କୁ ରାସ୍ତା ସଂଯୋଗ ହୋଇଛି। ଏହି ଦୁରବସ୍ଥା ଦେଖି ସ୍ଥାନୀୟ ଅଞ୍ଚଳର ସମାଜସେବୀ ଅଶୋକ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ବିଶ୍ରାମାଗାରର ପୁନରୁଦ୍ଧାର ଓ ଆଲୋକ ବ୍ୟବସ୍ଥା କରିବା ପାଇଁ ଦାବି ଉଠାଇଛନ୍ତି।